ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁଲାଇ ୨୦୨୩ ସଂଖ୍ୟା



କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।





ପବିତ୍ର ଶ୍ରାବଣ ମାସ ଉପଲକ୍ଷେ ଆହ୍ୱାନ ଓଡିଆ ପରିବାର ଏବଂ ଇ-ପତ୍ରିକାର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା...

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୯ |
| **ଗଳ୍ପ ବିଭାଗ** | | **୨୩** |
| ଅନେକ କଳାଛାଇ - ୪ | ଅଶୋକ ବିଶ୍ୱାଳ | ୨୪ |
| ଭୟ | ସୁନନ୍ଦା ମହାନ୍ତି | ୩୯ |
| ପିତୃ ଦିବସ | ନିତ୍ୟ ରଞ୍ଜନ ନନ୍ଦ | ୪୫ |
| ଶରତ ସନ୍ଧ୍ୟାର ଭେଟି | ଯଶୋଶ୍ରୀ ବେହେରା | ୪୯ |
| ପାଳକ ପୁଅ | ରୁଦ୍ରକାନ୍ତ ରାଉତରାୟ | ୫୬ |
| ସ୍ୱାମୀଭକ୍ତ ଗରୁଡ଼ | ବିଜୟ କୁମାର ସାହୁ | ୬୦ |
| **କବିତା ବିଭାଗ** | | **୬୨** |
| ମୋ ଗାଁର ରଜ ସଜ | ଶିବ ନାରାୟଣ ଦାଶ | ୬୩ |
| କାଳଜୟୀ | ସ୍ୱର୍ଗତ ମାୟାଧର ଦାଶ | ୭୧ |
| ବୋଝ ଉପରେ ଲଳିତା ବିଡ଼ା | ବାସନ୍ତୀ ଲତା ଜେନା | ୭୩ |
| ରଜ ମଉଜ | ନିର୍ମଳ ସାହୁ | ୭୪ |
| ଆସିଛିରେ ବରଷା | ନୀଳମଣି ଚାନ୍ଦ | ୭୬ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଜୟ ଶ୍ରୀରାମ | ସାଗରିକା ଲେଙ୍କା | ୭୭ |
| ବାତ କହିବୁରେ... | ଅଲେଖ ମେହେର | ୭୮ |
| ପାଗଳ ମୁଁ ହୋଇଛି | ଜୟନ୍ତ କୁମାର ମଲ୍ଲିକ | ୭୯ |
| ଆଶା | ଦେବାର୍ଚ୍ଚନ ମେହେର | ୮୦ |
| କବିତାରେ ଯନ୍ତ୍ରଣା ଓ ମଲାଜହ୍ନ | ସୁବ୍ରତ କୁମାର ଜେନା | ୮୧ |
| ଫଳାଫଳ | ନିରଞ୍ଜନ ସାହୁ | ୮୩ |
| ଜୀବନ ହାଟ | ଆଶୁତୋଷ ମେହେର | ୮୪ |
| ଅଭିମାନୀ ମଉସୂମୀ | ବିନୟ ମହାପାତ୍ର | ୮୫ |
| ଆଜିପରା ରଥଯାତ | ଅନନ୍ତ କୁମାର | ୮୬ |
| ପରଜାପତି ତରକା ଅତି | ବିକାଶ କୁମାର ହୋତା | ୮୮ |
| ଜଗାର ରଥଯାତ | ବିକାଶ କୁମାର ମହନ୍ତ | ୮୯ |
| ବଡ଼ ଦାଣ୍ଡରେ ଶ୍ରୀ ଜଗନ୍ନାଥ | ନିକୁଞ୍ଜ କୁମାର ଘୋଷ | ୯୧ |
| ଝରକା | ପ୍ରଗନ କୁମାର ପାତ୍ର | ୯୩ |
| ତୁମେ ଗଲାପରେ | ବର୍ଷାରାଣୀ ମହାମଲ୍ଲିକ | ୯୪ |
| ଲଗ୍ନ ସମ୍ପର୍କ | ଭବାନୀ ଶଙ୍କର ଦାଶ | ୯୫ |
| ସମାଜ ହାତରେ ସଂସାର ରଥ | ପବିତ୍ରା ଧଳ ମଲ୍ଲିକ | ୯୬ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ନାରୀର ପଥେ | ମଧୁସ୍ମିତା ସାହୁ | ୯୮ |
| ସେଇଥିପାଇଁ କ'ଣ ସୁଦାମା ! | ସଞ୍ଜୀବ କୁମାର ଦାସ | ୧୦୦ |
| ମାନଭଞ୍ଜନ | ପଙ୍କଜ କୁମାର ମଙ୍ଗଳ | ୧୦୨ |
| ବାର୍ତ୍ତା | ମନୋରଞ୍ଜନ ସୁରୁଜାଳ | ୧୦୩ |
| ମାଆ | ଲବଦାନ ନାଏକ | ୧୦୫ |
| ବାଜେ୍ୟ କବିତା | ସଞ୍ଜୟ ଖେମୁଣ୍ଡୁ | ୧୦୮ |
| ମୁଁ ମଲା ପରେ | ଶିଶିର କୁମାର ପଣ୍ଡା | ୧୧୧ |
| ମନର ସ୍ଥିରତା | ରୋହିତ ପଟ୍ଟନାୟକ | ୧୧୨ |
| ବିଶ୍ୱ ନିୟନ୍ତା | ଦିବାକର ନାୟକ | ୧୧୩ |
| ପ୍ରେମିକା ଓଠର ହସ | ବାଲାଜୀ ସେଠୀ | ୧୧୫ |
| ତୁମ ସତ୍ତା | ଆଦରମଣି ପ୍ରଧାନ | ୧୧୬ |
| ଅନୁଭୂତିର ଅନ୍ତଃସ୍ୱର | ଦୀନବଂଧୁ ବେଜ | ୧୧୭ |
| ଶ୍ରାବଣ | ରାକେଶ ଷଡ଼ଙ୍ଗୀ | ୧୧୮ |
| ବେଲୁନ୍ | ଗୁପ୍ତେଶ୍ୱର ଚାନ୍ଦ | ୧୨୦ |
| ପ୍ରେମ ପଞ୍ଚାମୃତ | ରାମଚନ୍ଦ୍ର ପ୍ରଧାନ | ୧୨୧ |
| ସେଠି ନଥାଉ | କୀର୍ତ୍ତନ ସାହୁ | ୧୨୨ |


Listen to Odia Podcast on https://anchor.fm/aahwaan

| | | |
|---|---|---|
| କବିତା ଶବ୍ଦର ଲୁଚକାଳି | ଅମୃତନାରାୟଣ ଶତପଥୀ | ୧୨୩ |
| ଆମ ପରିବେଶ ଆମ ଜୀବନ | ସାଇପ୍ରସାଦ ସାହୁ | ୧୨୪ |
| ସହଜ ନୁହେଁ... | ରାଧାମୋହନ ପୂଜାହାରୀ | ୧୨୫ |
| ଜୀବନ ଏକ ରଙ୍ଗମଞ୍ଚ | ସାଗର ନାୟକ | ୧୨୭ |
| ରଥଯାତ୍ରା ଓ ବେଦାନ୍ତୀ ଦର୍ଶନ | ଦଣ୍ଡାସି ପ୍ରଧାନ | ୧୨୮ |
| ହୃଦୟ ବା ରୂପ | ମମତା ଦାଶ ମିଶ୍ର | ୧୩୦ |
| ଜୀବନ | ଡଃ ମନୋରଞ୍ଜନ ବିଷୋୟୀ | ୧୩୧ |
| **ଲୋକଭାଷା ବିଭାଗ** | | **୧୩୨** |
| ଲକ୍ଷ୍ମୀ ପୁରାନ୍ | ସତ୍ୟ ନାରାୟଣ ମିଶ୍ର | ୧୩୩ |
| ମୋର୍ ମାଁ | ବର୍ଷାରାଣୀ ମହାମଲ୍ଲିକ | ୧୩୬ |
| ଶିକ୍ଷା 'ଅ..ଆ..କଥାନୀ ନି' ସେ | ସୁନୀଲ କୁମାର ଅଗସ୍ତି | ୧୩୮ |
| ଅଚିହ୍ନା ବନ୍ଧୁ | ଶୋଭାରାଣୀ ମାଝୀ | ୧୪୧ |
| ଶେଷ୍ ପରବ୍ | ଶୋଭାରାଣୀ ମାଝୀ | ୧୪୩ |
| **ପ୍ରବନ୍ଧ ବିଭାଗ** | | **୧୪୬** |
| ବ୍ୟାସକବି ଫକୀରମୋହନ | ଅସିତ ମହାନ୍ତି | ୧୪୭ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସାହିତ୍ୟ ସାରଥୀ : ଗୌରୀଶଙ୍କର | ଅକ୍ଷୟ କୁମାର ରାଉତ | ୧୫୨ |
| ରେଳ ସୁରକ୍ଷା ପ୍ରାଥମିକତା | ସଞ୍ଜୀବ କୁମାର ଦାସ | ୧୫୮ |
| ଏକ ମୁଣ୍ଡିଆ ରାବଣ | କିରନ୍ ସ୍ୱାଇଁ | ୧୬୫ |
| ନାରୀ | ମୋନାଲିସା ପାଣିଗ୍ରାହୀ | ୧୬୯ |
| ସବୁଜ ରକ୍ଷକ 'ସାଇ ପ୍ରସାଦ' | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୭୧ |
| **ବିଶେଷ ସୂଚନା** | | **୧୭୪** |


ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲ୍ ଆଜି ହିଁ ସବସ୍କ୍ରାଇବ୍ କରନ୍ତୁ । ଏବଂ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ସୁନିର୍ବାଚିତ କଥା କାହାଣୀ ସବୁ ଶୁଣିବାକୁ ପାଆନ୍ତୁ ।

**https://www.youtube.com/@aahwaan**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଜୁଲାଇ ସଂସ୍କରଣ ସହ ଉପସ୍ଥିତ । ଶ୍ରାବଣ ମାସର ଧାରା ଶ୍ରାବଣକୁ ଅପେକ୍ଷା କରି ଆମ ରାଜ୍ୟର ଚାଷୀ ଆକାଶକୁ ଚାହିଁ ରହିଥିଲା ବେଳେ ଉତ୍ତର ଭାରତରେ କିନ୍ତୁ ବର୍ଷା ପ୍ରଳୟ ସୃଷ୍ଟି କରି ସାରିଲାଣି । ଅବସ୍ଥା ଭାରି ଖରାପ ବୋଲି କହି ହେବ । ଦେଶକୁ ଅସ୍ଥିର କରିବା ପାଇଁ ସତେ ଯେମିତି ଗୋଟିଏ ପାକିସ୍ତାନ ଯଥେଷ୍ଟ ନଥିଲା ଏବେ ପ୍ରକୃତି ମଧ୍ୟ ଦେଶକୁ ଧମକାଇଲାଣି । ଦିଲ୍ଲୀବାସୀ ସେମିତିରେ ହିଁ ଅଯଥା କଷ୍ଟରେ ଚଳୁଥିଲେ ଏବେ ସେଠାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ସେମାନଙ୍କ ଜୀବନକୁ ଅଥୟ କରି ଦେଲାଣି । ମୁଖ୍ୟମନ୍ତ୍ରୀ ପ୍ରେସ୍ ମିଟ୍ (ହିଁ) କରି କରି ନୟାନ୍ତ । ଲୋକମାନେ ସହାୟତାର ଅପେକ୍ଷାରେ ବିରକ୍ତ ଆଉ ଗଣମାଧ୍ୟମ ତାଣ୍ଡବ ଦେଖାଇବାରେ ବ୍ୟସ୍ତ । ଏମିତି ଏକ ସମୟରେ ଯେତେବେଳେ ସମଗ୍ର ରାଜ୍ୟରେ ଘନ ଘନ ବର୍ଷା ଆଉ ଘଡ଼ଘଡ଼ି ହେବା କଥା, ଦିନବେଳର ତାପମାତ୍ରା ଚାଳିଶି ରହୁଛି । ବର୍ଷାରେ ଓଦା ହେବା ଲୋକ ଝାଳରେ ଭିଜୁଛନ୍ତି । ପ୍ରକୃତି ବଦଳି ଯାଉଛି । ଏହାକୁ ଗ୍ଲୋବାଲ୍ ୱାର୍ମିଂ ବୋଲି କୁହାଯାଉ ନାହିଁ ତ ? ତେଣେ ଋଷ ଆଉ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଶେଷ ହେବାର ନାଁ ନେଉ ନାହିଁ, ୟୁରୋପରେ ଇନ୍ଧନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭାବରେ ଲୋକମାନେ କାଠ କୋଇଲା ଜାଳେଣୀ ଭାବରେ ବ୍ୟବହାର କଲେଣି । ଯେଉଁ ଦେଶ ସବୁବେଳେ ଭାରତକୁ ପ୍ରଦୁଷଣ ପାଇଁ ଜ୍ଞାନ ଦେଇ ଆସୁଥିଲେ ଏବେ ସେମାନେ ମୁହଁରେ ଚୁଣ୍ଟା ମାରିଦେଇ ନିଜେ କୋଇଲା ଜଳେଇବାରେ ବ୍ୟସ୍ତ । ଆମେରିକାର ଅର୍ଥନୀତି ବାଟବଣା, କେଉଁ ମୁହୂର୍ତ୍ତରେ ଦେଶରେ ଅରାଜକତା ବ୍ୟାପିଯିବ ତାହା କହି ହେବନାହିଁ । ଚାକିରୀ କରୁଥିବା ବ୍ୟକ୍ତିମାନେ ଚିନ୍ତାରେ ରହିଲେଣି । ଭାରତରୁ ଯାଇ ବିଦେଶରେ ଚାକିରୀ କରୁଥିବା ଲୋକ ଏବେ ଛଟେଇ ଭୟରେ ଚଟେଇ ଧରି ଅପେକ୍ଷା କରିଛନ୍ତି । ବିଦେଶରେ ଯାଇ ସୁନେଲି ଭବିଷ୍ୟତର ସ୍ୱପ୍ନ ଦେଖୁଥିବା ଲୋକ ଏବେ ଦ୍ୱିବିଧାରେ ଅଛନ୍ତି । ଅଳ୍ପ ହେଲେ ସୁଦ୍ଧା ନିଜ ଦେଶରେ ସୁରକ୍ଷିତ ଭବିଷ୍ୟତକୁ ଆଡ଼େଇ ଯେଉଁମାନେ ବିଦେଶ ଯାଇଥିଲେ, ସେମାନେ ଏବେ ପୁଣିଥରେ ଚିନ୍ତାରେ ଘାରି ହେଉଛନ୍ତି । ତେଣେ ମଧ୍ୟ ୟୁରୋପ ଆଉ ଅନ୍ୟ ଅଞ୍ଚଳ ମାନଙ୍କରେ ଭିଡ଼ତନ୍ତ୍ର ପ୍ରବଳ ହେଉଛି, ଦେଶ ଦେଶରେ ଗଣ୍ଡଗୋଳ, ଗୃହଯୁଦ୍ଧ ଓ ଆତଙ୍କବାଦ ବୃଦ୍ଧି ପାଇବାରେ ଲାଗିଛି । ପ୍ରବାସୀ ମାନଙ୍କ ଦ୍ୱାରା ଫ୍ରାନ୍‌ସ୍ ଭଳି ଦେଶକୁ ଅସ୍ଥିର କରିବାର ଦୃଶ୍ୟ ପୃଥିବୀ ଉପରେ ଥିବା ବିଶାଳ ବିପଦକୁ ସମସ୍ତଙ୍କୁ ଦେଖାଇ ଦେଉଛି । ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ମନକୁ ଶାନ୍ତ କରିବାପାଇଁ ଆସିଛି ଆହ୍ୱାନ ଇ-ପତ୍ରିକା । ଆଶା କରୁଛି, ମାନସିକ ଦୁଶ୍ଚିନ୍ତା ସୃଷ୍ଟି କରୁଥିବା ଖବର ଦେଖି ଦେଖି ବିରକ୍ତ ହୋଇଥିବା ଆପଣଙ୍କ ମନ ଏହି ପତ୍ରିକାକୁ ପଢ଼ି ନିଶ୍ଚୟ ହାଲୁକା ଅନୁଭବ କରିବ ।

ପତ୍ରିକା ପଢ଼ିବା ପୂର୍ବରୁ ଆସନ୍ତୁ ଜାଣିବା ବିଗତ ଦିନର କିଛି ପ୍ରମୁଖ ଖବର । ଯାହା ଆମ ରାଜ୍ୟ, ଦେଶ ତଥା ଦୁନିଆରେ ଘଟି ଯାଇଛି ।

ଚଳିତ ସମୟର ସବୁଠାରୁ ରୋମାଞ୍ଚକର ଖବର ହେଉଛି, ମୋବାଇଲରେ ଖେଳ ଖେଳୁ ଖେଳୁ ଭାରତୀୟ ଯୁବକର ପ୍ରେମରେ ପଡ଼ିବା ପରେ, ଜଣେ ପାକିସ୍ତାନୀ ମହିଳା ନିଜ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାରିଜଣ ସନ୍ତାନ ସମେତ ଭାରତ ଚାଲି ଆସିବା । ଅବିଶ୍ୱାସ ହେଉଥିଲେ ବି ସତ, ଯେ ଏହି ଖବର ଶହେ ପ୍ରତିଶତ ସତ ।

ଦିଲ୍ଲୀର ଗ୍ରେଟର ନୋଏଡ଼ାର ରଘୁବିହାର ଅଞ୍ଚଳରେ ଗୋଟିଏ ଭଡ଼ା ଘରେ ମହିଳା ଜଣକ ନିଜର ଚାରି ସନ୍ତାନଙ୍କ ସହ ବିଗତ ପଚାଶ ଦିନରୁ ଅଧିକ ସମୟ ରହିବା ସତ୍ତ୍ୱେ କେହି କେମିତି ଜାଣି ପାରିଲେ ନାହିଁ ?

କଣ ଜଣେ ଚାହିଁଲେ, ବିନା କୌଣସି ସରକାରୀ ଦସ୍ତାବେଜରେ ଭାରତରେ ପ୍ରବେଶ କରି ପାରିବ ? ଯଦି ହୋଇପାରେ, ତାହେଲେ ଏହି ମହିଳାଙ୍କ ସ୍ଥାନରେ ଯଦି ଜଣେ ଆତଙ୍କବାଦୀ ଥାଆନ୍ତା ତା ହେଲେ ଅବସ୍ଥା କଣ ହୁଅନ୍ତା ? ଅର୍ଥାତ ମହିଳା ଜଣକ ଭାରତରେ ପ୍ରବେଶ କରିବା ଆମ ଦେଶର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ବିନା ଭିସା ଓ ଦସ୍ତାବେଜରେ କେତେ ସହଜରେ ମହିଳା ଜଣକ କେବଳ ନିଜେ ହିଁ ନୁହଁ, ବରଂ ସାଥିରେ ଚାରି ଜଣ ସନ୍ତାନଙ୍କୁ ନେଇ ଭାରତରେ ପ୍ରବେଶ କରିବା ସହ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ସନ୍ନିକଟ ଅଞ୍ଚଳରେ ବିଗତ ପଚାଶ ଦିନରୁ ଅଧିକ ସମୟ ରହି ଆସୁଛନ୍ତି । ଏହା ଆମ ପାଇଁ ସୁରକ୍ଷାରେ ତ୍ରୁଟି ଏବଂ ଦେଶପାଇଁ ବିପଦ ଭାବରେ ପରିଗଣିତ କରାଯିବା ଉଚିତ ନା ନାହିଁ ?

ଚାଲନ୍ତୁ ଜାଣିବା ସମ୍ପୂର୍ଣ୍ଣ ଖବର କଣ !

କରୋନା ମହାମାରୀ ସମୟରେ ଅଭିଯୁକ୍ତା ସୀମା ହୈଦର ମୋବାଇଲରେ ପବଜି ନାମକ ଖେଳରେ ମାତି ଯାଇଥିଲେ, ଏବଂ ଏହି ସମୟରେ ସେ ଭାରତରେ ରହୁଥିବା ସଚୀନଙ୍କ ସଂସ୍ପର୍ଶରେ ଆସିଲେ ଏବଂ ସେଇଠୁ ସେମାନଙ୍କ ମଧ୍ୟରେ ପ୍ରେମ ଆରମ୍ଭ ହୋଇଥିଲା । ଚଳିତ ବର୍ଷ ଜାନୁଆରୀ ମାସରେ ସୀମା ପାକିସ୍ତାନରୁ ବାହାରି ଦୁବାଇ ଏବଂ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଠାରୁ ନେପାଳ ଆସିଥିଲେ । ସେଇଠି ସେ ସଚୀନଙ୍କ ସହ ସାକ୍ଷାତ କରିବା ପରେ ପ୍ରାୟ ଦଶଦିନ ଗୋଟିଏ ହୋଟେଲରେ ଏକାଠି ରହିଥିଲେ । ଏହା ପରେ ସେ ପାକିସ୍ତାନ ଫେରି ଯାଇଥିଲେ ।

ପରେ ସେ ପାକିସ୍ତାନ ଯାଇ ନିଜ ପିଲାଙ୍କୁ ନେଇ ସେଇ ଏକ ରାସ୍ତାରେ ପ୍ରଥମେ ଦୁବାଇ ଏବଂ ପରେ ନେପାଳରେ ପହଞ୍ଚିଥିଲେ । ତାଙ୍କ ପାଖରେ ଭାରତୀୟ ଭିସା ନଥିଲା, ଏବଂ ସେ କହିଥିବା ସୂଚନା ଅନୁସାରେ ନେପାଳରେ କିଛି ଦଲାଲ ତାଙ୍କୁ ବିନା ଭିସାରେ ଭାରତରେ ପ୍ରବେଶ କରାଇବା ପାଇଁ ଭଲ ଅଫର୍ ଦେଇଥିଲେ । ସେ କହିବା ଅନୁସାରେ ସେ ବସରେ ବସି ନେପାଳରୁ ଭାରତ ଆସିଥିଲେ । ସାଥିରେ ଚାରିଜଣ ପିଲା ଥିବା ହେତୁ କେହି ହୁଏତ ସନ୍ଦେହ ନ କରି ଥାଇ ପାରନ୍ତି । ଏହାପରେ ସେମାନେ ଭାରତରେ ବିଭିନ୍ନ ରାଜ୍ୟରେ ବସ ଦ୍ୱାରା ଯାତ୍ରା କରି ଦିଲ୍ଲୀ ନିକଟସ୍ଥ ଗ୍ରେଟର୍ ନଏଡ଼ାରେ ପହଞ୍ଚିଥିଲେ ।

ସଚୀନଙ୍କ ସହ ବିବାହ ହୋଇନଥିବା ହେତୁ, ସଚୀନ ତାଙ୍କୁ ନେଇ ଗୋଟିଏ ଭଡ଼ାଘରେ ରଖାଇ ଦେଇଥିଲେ । ଘର ମାଲିକଙ୍କୁ କୁହାଯାଇଥିଲା ଯେ ସେମାନେ ଅଦାଲତରେ ବିବାହ କରିଛନ୍ତି । ସେଇ ଘରେ ସୀମା ହୈଦର ପାଖାପାଖି ପଚାଶ ଦିନ ରହିବା ସତ୍ତ୍ୱେ କେହି କେମିତି ଜାଣି ପାରିଲେ ନାହିଁ ?

ଯେତେବେଳେ ସୀମା ଆଉ ସଚୀନ ବିବାହ କରିବା ପାଇଁ ନିଷ୍ପତ୍ତି ନେଲେ ସେମାନେ ସାମାନ୍ୟ ପ୍ରକ୍ରିୟାରେ ବିବାହ କରିବାପାଇଁ ଓକିଲ ପରାମର୍ଶ କରୁଥିବା ସମୟରେ ସୀମା ପାଖରେ କୌଣସି ଭାରତୀୟ ଦସ୍ତାବେଜ ମିଳିନଥିଲା ଏବଂ ସେତେବେଳେ ଘଟଣା ପ୍ରଘଟ ହୋଇଥିଲା ଯେ ସେ ଜଣେ ପାକିସ୍ତାନୀ । ଏହାପରେ ଭାରତର ସୁରକ୍ଷା ପ୍ରଣାଳୀ ଅବଚେତନ ଅବସ୍ଥାରୁ ଉଠି ସାଙ୍ଗେ ସାଙ୍ଗେ ସୀମା ଓ ସଚୀନଙ୍କୁ ଗିରଫ କରି ପ୍ରଶ୍ନୋତ୍ତର କରିବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗିଗଲେ ।

ପୋଲିସ ସୂଚନା ଅନୁସାରେ ସୀମାଙ୍କ ପାଖରୁ ଚାରୋଟି ମୋବାଇଲ୍ ଫୋନ୍, ପାକିସ୍ତାନୀ ନାଗରିକ ପ୍ରମାଣପତ୍ର, ତିନିଟି ଆଧାର କାର୍ଡ଼, ଚାରୋଟି ଜନ୍ମ ପ୍ରମାଣ ପତ୍ର, ନେପାଳୀ ସିମ୍, ସମେତ ଅନେକ ସନ୍ଦିଗ୍ଧ ପଦାର୍ଥ ମିଳିଛି ଏବଂ ସେଇ ସବୁ ଜିନିଷ ଗୁଡ଼ିକର ବୈଜ୍ଞାନିକ ପରୀକ୍ଷଣ ଓ ତଦନ୍ତ କରାଯାଉଛି ।

ନିଜକୁ ଅଳ୍ପ ଶିକ୍ଷିତା ଏବଂ ମାତ୍ର ପାଞ୍ଚ ଶ୍ରେଣୀ ପାଠ ପଢ଼ିଥିବା କହୁଥିବା ସୀମା ସ୍ୱଚ୍ଛନ୍ଦରେ ହିନ୍ଦୀ, ଉର୍ଦ୍ଦୁ ଓ ଇଂରାଜୀ ଭାଷାରେ ବାର୍ତ୍ତାଳାପ କରି ପାରୁଛନ୍ତି । କୁହାଯାଉଛି ଯେ ସୀମାଙ୍କର ଭାଇ ପାକିସ୍ତାନ ଆର୍ମୀରେ କାମ କରୁଛନ୍ତି । ଚାରି ପିଲାଙ୍କୁ ଧରି ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଯିବାଭଳି ସାହାସ ସେ କେମିତି କରି ପାରିଲେ ତାହା ଅନେକ ବିଶ୍ୱାସ କରୁନାହାନ୍ତି । ସେ ନିଜେ ଆସିଛନ୍ତି ନା ତାଙ୍କୁ କେହି ସହାୟତା ଯୋଗାଇଛି ତାହା ଏବେ ତଦନ୍ତର ବିଷୟ ହୋଇଛି । କିଛି ଗଣମାଧ୍ୟମ ସୀମାଙ୍କୁ ଗୁପ୍ତଚର ହେବାର ସନ୍ଦେହ କରୁଥିବା ବେଳେ ଏହା ସତ ବି ହୋଇପାରେ ବୋଲି ମନେ ହୁଏ । ଅବଶ୍ୟ ଗୁପ୍ତଚର ପେଶାରେ କେବେ କେହି ଚାରି ଜଣ ପିଲାଙ୍କୁ ସାଥିରେ ନେଇ ଶତ୍ରୁ ଦେଶରେ ପ୍ରବେଶ କରିବା ଉଦାହରଣ ଦେଖାଯାଇନି, ତେଣୁ କିଛି ବ୍ୟକ୍ତି ସୀମାଙ୍କ ସମର୍ଥନରେ ଆଗେଇ ଆସିଛନ୍ତି ମଧ୍ୟ । ପ୍ରଶ୍ନ ହେଉଛି, ଯଦି ବି ସେ ଗୁପ୍ତଚର ନ ହୋଇଥାନ୍ତି, ତଥାପି ସେ ଭାରତର ସୁରକ୍ଷାକୁ ଠକିବାରେ ସକ୍ଷମ ହୋଇଛନ୍ତି ଏବଂ ଆମ ଦେଶର ନିୟମ ଅନୁସାରେ ସେ ଦୋଷୀ । ଅତୀତରେ ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା । ପାକିସ୍ତାନରୁ ଅନ୍ୟଜଣେ ମହିଳା ଠିକ୍ ଏଇ ଭାବରେ ଭାରତରେ ପ୍ରବେଶ କରିବା ପରେ ନିଜ ପ୍ରେମୀ ସହ ବାଙ୍ଗାଲୋରରେ ଲୁଚି ଥିବା ବେଳେ କର୍ଣ୍ଣାଟକ ପୋଲିସ ସହାୟତାରେ ସେମାନଙ୍କୁ ଗିରଫ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରାଯାଇ ମହିଳାଙ୍କୁ ପାକିସ୍ତାନ ପଠାଇ ଦିଆଯାଇଛି ।

ସୀମାଙ୍କ କ୍ଷେତ୍ରରେ କିଛି ବ୍ୟତିକ୍ରମ ଦେଖିବାକୁ ମିଳିଛି । ଭାରତରେ ପ୍ରବେଶ କରିବା ପରେ ସେ ନିଜକୁ ହିନ୍ଦୁ ବୋଲି ଦର୍ଶାଇ ମଥାରେ ସିନ୍ଦୁର ଲଗାଇ ଜଣେ ସନାତନୀ ହିନ୍ଦୁଙ୍କ ଭଳି ବ୍ୟବହାର କରୁଛନ୍ତି । ଏହା ସେ ହୃଦୟରୁ କରୁଛନ୍ତି ନା ନାଟକ ତାହା ସମୟ ହିଁ କହିବ । କିନ୍ତୁ ସେ ଅତି ମୁଖର ଭାବରେ ପାକିସ୍ତାନରେ ଅଳ୍ପସଂଖ୍ୟକଙ୍କ ଉପରେ ହେଉଥିବା ଅତ୍ୟାଚାର ବିଷୟରେ କହୁଛନ୍ତି । ହିନ୍ଦୁ ମାନଙ୍କ ଅବସ୍ଥା ବିଷୟରେ କ୍ଷୋଭ ପ୍ରକଟ କରୁଛନ୍ତି । ଭାରତର ମୁସଲମାନ ମାନଙ୍କ ବିଷୟରେ କିଭଳି ମିଥ୍ୟା ସୂଚନା ସବୁ ପାକିସ୍ତାନରେ ପ୍ରଚାର କରାଯାଉଛି ତାହା ବି ସେ ଜଣାଉଛନ୍ତି ।

ବିଗତ ଦିନରେ ତାଙ୍କର ସ୍ୱାମୀଙ୍କ ଏକ ବାର୍ତ୍ତା ସୋସିଆଲ୍ ମିଡ଼ିଆରେ ପ୍ରସାରିତ ହୋଇଛି, ଯେଉଁଠି ସେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ନିବେଦନ କରୁଛନ୍ତି ଯେ ତାଙ୍କ ସ୍ତ୍ରୀଙ୍କୁ ପାକିସ୍ତାନ ପଠାଇ ଦିଆଯାଉ । ସେ ବିବାହିତା, ତେଣୁ ସେ ପୁନର୍ବାର ବିବାହ କରି ପାରିବେ ନାହିଁ ବୋଲି କହିଛନ୍ତି । ଆଇନତଃ ସୀମା ବର୍ତ୍ତମାନ ପାକିସ୍ତାନୀ ନାଗରିକ ଏବଂ ସେ ପାକିସ୍ତାନର ସମସ୍ତ ନିତିନିୟମକୁ ମାନିବାକୁ ବାଧ୍ୟ ବୋଲି ମଧ୍ୟ ଜଣାଇଛନ୍ତି । ଗିରଫ କରିବାପରେ କିଛି ଦିନ ପ୍ରଶ୍ନୋତ୍ତର ପରେ ସୀମା ଏବଂ ସଚୀନଙ୍କୁ ଜାମିନ ମିଳିଛି ଏବଂ ସେମାନେ ଏବେ ବି ଗ୍ରେଟର ନଏଡ଼ା ସ୍ଥିତ ରଘୁବିହାର ଅଞ୍ଚଳରେ ରହୁଛନ୍ତି । ତାଙ୍କୁ ଦେଖିବା ଏବଂ ସାକ୍ଷାତକାର ନେବାପାଇଁ ଗଣମାଧ୍ୟମ ସମେତ ସର୍ବସାଧାରଣଙ୍କ ଭିଡ଼ ହେଉଥିବା ଦେଖି ସମୁଦାୟ ଅଞ୍ଚଳରେ ବାରିକେଡ୍ ନିର୍ମାଣ କରାଯାଇ ଗତିବିଧି ନିୟନ୍ତ୍ରିତ କରାଯାଉଛି ।

ସୀମା ହୈଦର କାହିଁକି ଭାରତରେ ପ୍ରବେଶ କରିଛନ୍ତି ସେ ବିଷୟରେ ପୁଙ୍ଖାନୁପୁଙ୍ଖ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଦନ୍ତ ଚାଲିଛି । ଆଶା କରାଯାଉଛି, ଶୀଘ୍ର ଏହି ମାମଲାର କୌଣସି ସମାଧାନ ବାଟ ବାହାର କରାଯିବ । ଅତୀତର ଉଦାହରଣକୁ ଦେଖିଲେ, ସୀମାଙ୍କୁ ପାକିସ୍ତାନ ଯିବାକୁ ବାଧ୍ୟ କରାଯାଇ ପାରେ । ଏବଂ ଏହାହିଁ ସର୍ବଶ୍ରେଷ୍ଠ ପଦକ୍ଷେପ ହେବ ବୋଲି ବୁଦ୍ଧିଜୀବି ମତ ଦେଇଛନ୍ତି ।

ବିଗତ ମାସରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତରେ ଯାଇଥିଲେ ଏବଂ ସେଠାରେ ଏକ ବିଶାଳ ସଭାକୁ ସମ୍ବୋଧନ କରିଥିଲେ । ଏହା ବିଦେଶରେ ରହୁଥିବା ଭାରତୀୟଙ୍କୁ ଭାରତରେ ନିବେଶ କରିବାପାଇଁ ଆୟୋଜିତ କରାଯାଇଥିଲା । ଦେଶ ପ୍ରେମ ଜାଗ୍ରତ କରିବା, ଏବଂ ଦେଶର ପ୍ରଗତିରେ ସହଯୋଗ କରିବା ଭଳି କଥା ଏହି ସଭାରେ କୁହାଯାଇଥିଲା, କିନ୍ତୁ ବିଦେଶୀ ଗଣମାଧ୍ୟମ ଏହି ଯାତ୍ରାକୁ ବିଫଳ କରିବା ପାଇଁ ସବୁପ୍ରକାର ଅପଚେଷ୍ଟା କରିଥିଲେ । ପ୍ରଥମେ ଆମେରିକାର ପ୍ରାକ୍ତନ ରାଷ୍ଟ୍ରପତି ବାରାକ ଓବାମା ଭାରତରେ ରହୁଥିବା ଅଳ୍ପସଂଖ୍ୟକ ମାନଙ୍କ ପ୍ରତି ଭାରତ ସମ୍ବେଦନଶୀଳ ହେଉ ବୋଲି ମନ୍ତବ୍ୟ ଦେଇ ଅଯଥା ଚର୍ଚ୍ଚାକୁ ଜାଗ୍ରତ କରିଥିଲେ ଏବଂ ପ୍ରେସ ମିଟରେ ଭାରତରେ ଅଳ୍ପସଂଖ୍ୟକଙ୍କ ଉପରେ ଅତ୍ୟାଚାର ହେଉଛି ବୋଲି କିଛି ପତ୍ରକାର ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ । ଏହିଭଳି ଘଟଣା ଜାଣିଶୁଣି ବିଦେଶରୁ କରାଯାଉଛି । ଭାରତର କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତା ଏବଂ ବିଶ୍ୱ ଦରବାରରେ ଆଧିପତ୍ୟକୁ କିଛି ବ୍ୟକ୍ତି, ସଂସ୍ଥା ବା ଦେଶ ସହଜରେ ହଜମ କରି ପାରୁନାହାନ୍ତି । ଦେଖୁ ଦେଖୁ ଭାରତ ଯାହା ଏକ ବିକାଶଶୀଳ ଦେଶ ଭାବରେ ପରିଗଣିତ ହେଉଥିଲା, ବିଶ୍ୱର ପଞ୍ଚମ ସର୍ବବୃହତ ଅର୍ଥନୀତିରେ ପରିଣତ ହୋଇଗଲା କେମିତି, ଏହା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି ଏବଂ ସେମାନେ ଭାରତକୁ ହୀନ ଦୃଷ୍ଟିରେ ଦେଖିବା ସହ ସମାନ ଦୃଷ୍ଟିକୋଣ ଗଣମାଧ୍ୟମ ଦ୍ୱାରା ପ୍ରସାର କରିବାର ହୀନ ଚକ୍ରାନ୍ତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରୁଛନ୍ତି ।

ଭାରତ ଏକ ସର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ଏଠାରେ ସାମ୍ପ୍ରତିକ ସରକାର 'ସବକା ସାଥ ସବକା ବିକାଶ' ନ୍ୟାୟରେ କାର୍ଯ୍ୟ କରୁଥିବା ବେଳେ କିଛି କୁତ୍ସାରଟନା କରୁଥିବା ଗୋଷ୍ଠୀ ଅଳ୍ପସଂଖ୍ୟକଙ୍କୁ ଉସୁକାଉଛନ୍ତି । ଅତୀତର ସରକାରମାନେ ତୁଷ୍ଟୀକରଣ ରାଜନୀତି କରି ଦେଶକୁ ଅସ୍ଥିର କରି ଦେଇଛନ୍ତି । ଏଠାରେ ଧାର୍ମିକ ଭାବନାକୁ ନେଇ ଅଗଣିତ ହିଂସାକାଣ୍ଡ ଓ ଦଙ୍ଗା ହୋଇଛି । ସୌଭାଗ୍ୟର ବିଷୟ ବିଗତ ଅନେକ ବର୍ଷ ଏହିଭଳି କୌଣସି ଘଟଣା ଦେଶରେ ଘଟିନାହିଁ ।

ବିଗତ ମାସରେ ଆଉ ଗୋଟିଏ ଖବର ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟରେ ପକାଇ ଦେଇଥିଲା, ତାହା ହେଉଛି ସମାନ ନାଗରିକ ସଂହିତା ବା ୟୁନିଫର୍ମ୍ ସିଭିଲ୍ କୋଡ୍ ପାଇଁ ସରକାରୀ ପ୍ରଚେଷ୍ଟା । ଏହି ନିୟମ ଅଧୀନରେ ଦେଶର ସମସ୍ତ ଧାର୍ମିକ ପନ୍ଥ ଓ ବର୍ଗ ର ଲୋକ ଗୋଟିଏ ନିୟମ ସୂତ୍ରରେ ଚଳିବା ପାଇଁ ବାଧ୍ୟ ହେବେ । ବିଭିନ୍ନ ଧର୍ମରେ ଥିବା କୁପ୍ରଥାକୁ ଏହାଦ୍ୱାରା ନିର୍ମୁଳନ କରାଯାଇ ପାରିବ । ଭାରତର ବିଧି ଆୟୋଗ ଦ୍ୱାରା ଏହି ଏହି ବାବଦରେ ଭାରତର ସର୍ବସାଧାରଣଙ୍କ ମତ ସଂଗ୍ରହ କରିବା ପାଇଁ ନୋଟିସ୍ ଜାରୀ କରାଯାଇଛି । ଅନେକ ବିଶ୍ୱାସ କରୁଛନ୍ତି ଯେ ମୋଦୀଙ୍କ ଶାସନ କାଳରେ ଯେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ଘୋଷଣା ସବୁ ହୋଇଛି, ସେ ସବୁ ଅଗଷ୍ଟ ମାସ ପାଞ୍ଚ ତାରିଖରେ ହୋଇଛି, ଧାରା ୩୭୦ ନିର୍ମୁଳନ ହେଉ ବା ରାମ ମନ୍ଦିର ପ୍ରତିଷ୍ଠାପାଇଁ ଭୁମିପୂଜନ । ଏବେ ଲୋକ କହୁଛନ୍ତି ଯେ ଚଳିତବର୍ଷ ଅଗଷ୍ଟ ପାଞ୍ଚ ତାରିଖରେ ସରକାର ବିଧିବଦ୍ଧ ଭାବରେ ୟୁନିଫର୍ମ ସିଭିଲ କୋଡ଼ ନିୟମ ଦେଶରେ ଲାଗୁ କରିବେ । ଏହାଦ୍ୱାରା ବିଶେଷ କିଛି ପରିବର୍ତ୍ତନ ନ ହେଲେ ସୁଦ୍ଧା, ଅନେକ ଧାର୍ମିକ ଆସ୍ଥାର ଗୋଷ୍ଠୀ ଓ ସଂଗଠନ ମାନଙ୍କୁ ନିରାଶା ନିଶ୍ଚୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେବ । ବହୁପତ୍ନୀ ବିବାହ ହେଉ ବା ସ୍ୱାମୀର ସମ୍ପତ୍ତିରେ ପତ୍ନୀର ଅଧିକାର ଇତ୍ୟାଦି ବିଷୟ, ଯାହାକୁ ଅଳ୍ପସଂଖ୍ୟକମାନେ ନିଜର ଧାର୍ମିକ ପୁସ୍ତକ ଆଧାରରେ ଲାଗୁ କରି ଆସୁଥିଲେ ଏବେ ସେମାନେ ୟୁସିସି ନିୟମ ଅନୁସାରେ ଚଳିବାକୁ ବାଧ୍ୟ ହେବେ ।

ଅବଶ୍ୟ ଏହି ବିଧେୟକ ଆସିବା ପୂର୍ବରୁ ବିରୋଧୀମାନେ ଏହା ବିରୋଧରେ ପ୍ରବଳ ଜନମତ ସୃଷ୍ଟି କରିବାକୁ ଚେଷ୍ଟା କରିଲେଣି । କାରଣ ସମାନ ନାଗରିକ ସଂହିତା ଅନ୍ତର୍ଭୂକ୍ତ କେବଳ ଏକପତ୍ନୀ ଗ୍ରହଣ, ପିତାମାତାଙ୍କ ସମ୍ପତିରେ ପୁଅ ଓ ଝିଅର ସମାନ ଅଧିକାର, ଦାନଧର୍ମ, ଧାର୍ମିକ ନିଷ୍ଠା, ପରିବାର ପ୍ରତିପୋଷଣ, ଏବଂ ସନ୍ତାନଙ୍କ ପାଇଁ ଦାୟିତ୍ୱ ଇତ୍ୟାଦି ବିଷୟ ଜାତି ଧର୍ମ ଲିଙ୍ଗ ବିଭେଦରେ ଆଇନର ସମାନତାକୁ ପ୍ରାଧାନ୍ୟ ଦିଆଯାଇଛି । ଏହି ଆଇନ ଦ୍ୱାରା ହିନ୍ଦୁମାନଙ୍କର କୌଣସି ବିଶାଳ ପରିବର୍ତ୍ତନ ନ ହୋଇପାରେ କାରଣ ଅନେକ ଦଶନ୍ଧୀ ପୂର୍ବରୁ ହିନ୍ଦୁ କୋଡ୍ ବିଲ୍ ମାଧ୍ୟମରେ ଏହି ସବୁ ବିଷୟକୁ ମାନ୍ୟତା ଦିଆ ଯାଇଛି । ଆମେ ଆଶା କରିବା ଯେ, ସରକାରଙ୍କ ମନ୍ତ୍ର 'ଏକ୍ ଦେଶ, ଏକ ସମ୍ବିଧାନ, ଏକ ବିଧାନ' ଶୀଘ୍ର ଲାଗୁ କରାଯାଉ । ଆମ ଦେଶରେ ଥିବା ଅସମାନତାକୁ ଦୂର କରାଯାଉ । ଜାତିପ୍ରଥା ଯାହା କେବଳ ସରକାରୀ ଦସ୍ତାବେଜରେ ହିଁ ସୀମିତ ହୋଇ ରହିଛି ତାହାକୁ ମଧ୍ୟ ଉଚ୍ଛେଦ କରାଯାଉ । ସମସ୍ତଙ୍କୁ ସମାନ ଅଧିକାର ମିଳୁ । ଅଳ୍ପସଂଖ୍ୟକ ନାମରେ ଯେଉଁ ସବୁ ବିଶେଷ ରିହାତି ମୁଷ୍ଟିମେୟଙ୍କୁ ମିଳୁଛି ତାହା ସମସ୍ତଙ୍କ ପାଇଁ ସମାନ ରୂପରେ ମିଳୁ ।

ଆଜି ଆମ ଦେଶପାଇଁ ଏକ ଗର୍ବର ଦିନ । ଆଜି ଭାରତୀୟ ଅନ୍ତରୀକ୍ଷ ଗବେଷଣା ଅନୁଷ୍ଠାନରେ କାର୍ଯ୍ୟରତ ଆମ ଦେଶର ବୈଜ୍ଞାନିକ ମାନଙ୍କ ଦ୍ୱାରା ନିର୍ମିତ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ସମୃଦ୍ଧ ଚନ୍ଦ୍ରଯାନ-୩ ପ୍ରତିକ୍ଷେପଣ କରାଯିବ । ଆଜି ଅପରାହ୍ଣରେ ଏହି କାର୍ଯ୍ୟକ୍ରମ ଆନ୍ଧ୍ରପ୍ରଦେଶର ଶ୍ରୀ ହରିକୋଟା ସ୍ଥିତ ସତିଶ ଧବନ କେନ୍ଦ୍ରରୁ କରାଯିବ । ଏହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାର୍ଯ୍ୟକ୍ରମର ସଫଳତା ଚନ୍ଦ୍ରପୃଷ୍ଠରେ ଭାରତର ଉପସ୍ଥିତିକୁ ସଫଳ କରିବା ସହ ବିଶ୍ୱର ଚତୁର୍ଥ ଦେଶ ହେବ । ଏବଂ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିବାରେ ପ୍ରଥମ ଦେଶ ହେବ । ଆଗରୁ ଚନ୍ଦ୍ରଯାନ ୨ ମଧ୍ୟ ଚନ୍ଦ୍ରପୃଷ୍ଠରୁ ଅନେକ ତଥ୍ୟ ପ୍ରେରଣ କରୁଥିବା ବେଳେ ଏହି ନୂତନ ଯାନ ଆହୁରି ଅଧିକ କାର୍ଯ୍ୟ କରିବାକୁ ସକ୍ଷମ ହେବ । ଏହି କାର୍ଯ୍ୟକ୍ରମ ପୂର୍ବରୁ ବୈଜ୍ଞାନିକ ମାନେ ଆନୁଷ୍ଠାନିକ ଭାବରେ ଯାଇ ତିରୁପତି ମନ୍ଦିରରେ ପ୍ରାର୍ଥନା କରି ଆସିଛନ୍ତି । ଆମେ ଏହି ଚନ୍ଦ୍ରଯାନର ସଫଳ ଉତକ୍ଷେପଣ ପାଇଁ ପ୍ରାର୍ଥନା କରୁଛୁ ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଗସ୍ତରେ ଯାଇ ଫ୍ରାନସରେ ପହଞ୍ଚିଛନ୍ତି । ଫ୍ରାନସର ରାଷ୍ଟ୍ରୀୟ ଦିବସ ପାଳନ ଅବସରରେ ସେ ମୁଖ୍ୟ ଅତିଥି ଭାବରେ ଯୋଗ ଦେବା ସହ ଆମ ଦେଶର ସୈନ୍ୟବାହିନୀ ଓ ଫ୍ରାନସର ସୈନ୍ୟବାହିନୀର ମିଳିତ ପରେଡ଼ ପରିଦର୍ଶନ କରିବେ । ଏହି ସମୟରେ ତାଙ୍କୁ ଫ୍ରାନସର ସର୍ବୋଚ୍ଚ ନାଗରିକ ପୁରସ୍କାର ବି ଦିଆଯାଇଛି ।

ଏହି ଗସ୍ତକାଳରେ ସେଠରେ ବସବାସ କରୁଥିବା ଭାରତୀୟ ମାନଙ୍କୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଥିଲେ ଯେ ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ରୁପେ କ୍ରେଡ଼ିଟ୍ କାର୍ଡ଼ ଖୁବ ଶୀଘ୍ର ଫ୍ରାନସରେ ବି ପ୍ରଚଳନ କରାଯିବ ଏବଂ ଏହା ଆଇଫିଲ୍ ଟାୱାର୍ ଠାରେ ଉଦଘାଟିତ ହେବ । ଯାହା ଫଳରେ ଭାରତୀୟ ବଂଶୋଦ୍ଭବମାନେ ଭାରତୀୟ ମୁଦ୍ରାରେ ଦେଣନେଣ କରି ପାରିବେ । ଭିସା ଓ ମାଷ୍ଟରକାର୍ଡ଼ ଭଳି ଭାରତୀୟ ରୁପେ କାର୍ଡ଼ ଏବେ ବିଶ୍ୱସ୍ତରୀୟ ହୋଇ ପାରିଛି, ଏହା ଆମ ପାଇଁ ଗର୍ବର ବିଷୟ ।

ପ୍ରବଳ ବର୍ଷାରେ ବର୍ତ୍ତମାନ ସମଗ୍ର ଉତ୍ତର ଭାରତ ଉବୁଟୁବୁ ହେଉଛି । ଦିଲ୍ଲୀରେ ଅଧିକାଂଶ ଅଞ୍ଚଳ ଜଳମଗ୍ନ ହେବା ସହ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଇଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକମାନେ ହାହାକାର କରୁଛନ୍ତି । କେନ୍ଦ୍ର ସରକାର ଏହି ଅବସ୍ଥା ଉପରେ ତୀକ୍ଷଣ୍ ଦୃଷ୍ଟି ରଖିଥିବା ବେଳେ ଦିଲ୍ଲୀ ସରକାର... ଛାଡ଼ନ୍ତୁ ଖବରରେ ଦେଖିନେବେ କଣ କରୁଛନ୍ତି । ସବୁବେଳେ ନିନ୍ଦା କରିଲେ ବି ଭଲ ନାହିଁ । ଆପଣ ନିଜେ ଖବର ଦେଖି ଜାଣି ନିଅନ୍ତୁ । ନହେଲେ ଆପଣ କହିବେ ଯେ ଲେଖାଟି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଗଲା । ସେହିଭଳି ହିମାଚଳ ପ୍ରଦେଶ, ଉତ୍ତର ପ୍ରଦେଶ, ଜମ୍ମୁ, କଶ୍ମୀର ଇତ୍ୟାଦି ଅଞ୍ଚଳରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଥିବାର ଦେଖିବାକୁ ମିଳୁଛି । ଯଦି ଆପଣ ଏହି ସମୟରେ ବୁଲାବୁଲି କରିବା ଉଦ୍ଦେଶ୍ୟରେ ଉତ୍ତର ଭାରତ ଯିବା ପାଇଁ ଯୋଜନା କରୁଥାନ୍ତି ତା ହେଲେ କିଛିଦିନ ପାଇଁ ନିଜ ଗସ୍ତକୁ ସ୍ଥଗିତ କରି ଦିଅନ୍ତୁ ।

ଗତ ମାସ ଶେଷ ସପ୍ତାହରେ ଭାରତର ଅନେକ ବିରୋଧୀ ଦଳ ଏକତ୍ରିତ ହୋଇଥିଲେ ବିହାରର ପାଟଣା ଠାରେ ଏବଂ ଏକ ସମ୍ମିଳିତ ରଣନୀତି ତିଆରି କରିବା ଯୋଜନା କରିଥିଲେ । ଭାରତର ଉନ୍ନତି ପାଇଁ ନୁହେଁ, ମୋଦୀ ସରକାରଙ୍କୁ ହରାଇବା ପାଇଁ । ପ୍ରାୟ ଅଧିକାଂଶ ଦଳ ଏଠାରେ ଅଂଶ ଗ୍ରହଣ କରିଥିଲେ ଏବଂ ଲାଗୁଥିଲା ଯେମିତି ୨୦୧୯ରେ ମହା ଗଠବନ୍ଧନ ହୋଇଥିଲା ସେମିତି କିଛି ଏବେ ବି ହେବ, ହେଲେ ସଭା ସମାପନ ହେଉ ହେଉ ଜଣାପଡ଼ିଲା ଯେ ସେମାନଙ୍କ ଅଭ୍ୟନ୍ତରୀଣ କନ୍ଦଳ ସେମାନଙ୍କୁ ଏକତ୍ର କରିବାର ପରିପନ୍ଥୀ କରାଉଛି । ଦେଶର ଅନେକ ରାଜ୍ୟରେ ଏହି ସବୁ ଦଳ ପରସ୍ପରର ବିରୋଧ କରୁଥିବା ବେଳେ ସର୍ବଭାରତୀୟ ସ୍ତରରେ ଏମାନେ ଏକତ୍ରିତ ହେବା ସମ୍ଭବ ଲାଗୁନାହିଁ ।  ଏହି ସଭା ସମାପନ ହେବାର ସ୍ୱଳ୍ପ ସମୟ ପରେ ହିଁ ମହାରାଷ୍ଟ୍ରରେ ଏକ ଅପ୍ରତ୍ୟାଶିତ ପଦକ୍ଷେପରେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିର ସଦସ୍ୟ ଅଜିତ ପାଵାର୍ ଶାସକ ଶିବସେନା ଓ ବିଜେପିକୁ ସମର୍ଥନ ଦେଇ ସାମିଲ ହୋଇଥିଲେ । ଏହାକୁ ନେଇ ଅନେକ କଥାକଟା କଟି ପରେ ଜଣା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଡ଼ିଲା, ବିଜେପି ୨୦୨୪ ପାଇଁ ନିଜ ରଣନୀତିରେ ସଫଳ ହୋଇଛି । ଶରଦ ପାବାର ଏହାର ବିରୋଧ କରୁଥିବା ବେଳେ ଅଜିତ ପାବାର ନିଜକୁ ଏନସିପିର ଅଧ୍ୟକ୍ଷ ବୋଲି ଦାବୀ କରିବା ସହ ସେ ନେଇଥିବା ପଦକ୍ଷେପ ଠିକ୍ ବୋଲି ଦର୍ଶାଇଛନ୍ତି । ଦେଶରେ ଯେଉଁଭଳି ରାଜନୈତିକ ପରିବେଶରେ ତୀବ୍ର ପରିବର୍ତ୍ତନ ଦେଖାଯାଉଛି, ଜଣାପଡୁଛି ୨୦୨୪ରେ ମୋଦୀ ସରକାର ପୁନର୍ବାର ଶାସନକଳ ହାତେଇବେ । ଦେଶରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଚାଲୁ ରହିଛି, ଆଶା କରିବା ସେ ସବୁ କାର୍ଯ୍ୟ ଆହୁରି ଆଗେଇବ । ଭାରତ ବସ୍ତୁତଃ ବିଶ୍ୱଗୁରୁ ବୋଲି ପ୍ରମାଣିତ ହେବ ।

ଗତ ମାସ ଶେଷ ସପ୍ତାହରେ ଫ୍ରାନ୍‌ସରେ ଏକ ଘଟଣାରେ ଜଣେ ଅଳ୍ପବୟସ୍କ ଯୁବକ ବିନା ଡ୍ରାଇଭିଂ ଲାଇସେନସରେ ଗାଡ଼ି ଚଳାଉଥିବା ବେଳେ ଟ୍ରାଫିକ୍ ନିୟମ ଅମାନ୍ୟ କରିବାପରେ ପୋଲିସ ଗୁଳିରେ ନିହତ ହୋଇଥିଲେ । ଏହାପରେ ପରେ ସମଗ୍ର ଦେଶରେ ହିଂସାକାଣ୍ଡ ଓ ଅରାଜକତା ବ୍ୟାପିଗଲା । ମାତ୍ର ଚବିଶି ଘଣ୍ଟା ଭିତରେ ଅନ୍ୟୁନ ଦୁଇହଜାର ଗାଡ଼ି ସମେତ ଫ୍ରାନ୍‌ସର ସର୍ବବୃହତ ଲାଇବ୍ରେରୀକୁ ବି ପୋଡ଼ି ଦିଆଗଲା । ଏହି ସମସ୍ତ ଘଟଣା ଫ୍ରାନସରେ ଶରଣ ନେଇଥିବା ଶରଣାର୍ଥୀ ମାନଙ୍କ ଦ୍ୱାରା ହୋଇଥିଲା । ବିଗତ ଦଶନ୍ଧିରେ ଇରାନ, ସିରିଆ ଆଦି ଦେଶରେ ମୁଣ୍ଡ ଟେକିଥିବା ଆଇଏସ୍ ନାମକ ଦୁର୍ଦ୍ଧର୍ଷ ଗୋଷ୍ଠୀ ଭୟରେ ଯେଉଁମାନେ ନିଜ ଦେଶ ଛାଡ଼ିଦେଇ ବିଦେଶରେ ଶରଣ ନେଇଥିଲେ ସେମାନଙ୍କୁ ଫ୍ରାନ୍‌ସରେ ଅବସ୍ଥାପିତ କରାଯାଇଥିଲା । ସେଇ ଶରଣାର୍ଥୀମାନେ ସମୟ ସମୟରେ ଏହିଭଳି ଅନେକ କାଣ୍ଡ କରିଥିବାର ଉଦାହରଣ ରହିଛି । ବିଗତ ସମୟରେ ଜଣେ ଶିକ୍ଷକଙ୍କୁ ଗଳାକାଟି ହତ୍ୟା କରିବା ପରେ ଫ୍ରାନସରେ ଅରାଜକତା ସୃଷ୍ଟି ହୋଇଥିଲା । ଯେଉଁ ଦେଶ ତୁମକୁ ଶରଣ ଦେଇଛି ସେଇ ଦେଶର ସମ୍ପତ୍ତିକୁ ନଷ୍ଟ କରିବା କେଉଁଭଳି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୁକ୍ତିଯୁକ୍ତ ? ହେଲେ, ଏବେ ବିଶ୍ୱର ଅନେକ ଦେଶ ଏହିଭଳି ଶରଣାର୍ଥୀଙ୍କ ବିରୋଧରେ ଜାଗ୍ରତ ହେବାକୁ ଲାଗିଲେଣି । ଅନେକ ଦେଶ ଯେଉଁଠି ଏହି ଶ୍ରେଣୀର ଶରଣାର୍ଥୀ ଅଛନ୍ତି ସେଇ ସବୁ ଦେଶରେ ହିଂସା, ରାହାଜାନି, ହତ୍ୟାକାଣ୍ଡ, ଧର୍ଷଣ ଆଦି ସାମାନ୍ୟ ଘଟଣା ହୋଇଗଲାଣି । ତେଣୁ ୟୁରୋପରେ ଅନେକ ଦେଶ ଏବେ ତ୍ରାହି ତ୍ରାହି ଡାକିଲେଣି । ଅନେକ ଦେଶ ନିଜ ନିୟମରେ ପରିବର୍ତ୍ତନ କରି ଶରଣାର୍ଥୀମାନଙ୍କୁ ନିୟନ୍ତ୍ରିତ କରିବାକୁ ଚେଷ୍ଟା କରିଲେଣି । ଯେଉଁ ଦେଶ ସବୁ ଶରଣାର୍ଥୀଙ୍କ ପ୍ରବେଶକୁ ନିଷେଧ କରିଥିଲେ, ସେଇ ସବୁ ଦେଶ ଏବ ଶାନ୍ତିରେ ଅଛନ୍ତି । ଭାରତରେ ମଧ୍ୟ ବଙ୍ଗଳାଦେଶୀ ଅନୁପ୍ରବେଶ ହେଉଛି, ଏବଂ ଦିଲ୍ଲୀରେ ହୋଇଥିବା ଦଙ୍ଗାରେ ସେମାନଙ୍କ ପ୍ରଭାବ ଦେଖିବାକୁ ମିଳିଥିଲା । ଏବେ ଅନେକ ସୁଧାର କରିବାକୁ ଅଛି ।

ସେ ଯା ହେଉ, ବିଶ୍ୱରେ ଭାରତର ନାଁ ବର୍ତ୍ତମାନ ଅତି ଶ୍ରଦ୍ଧା ଓ ସମ୍ମାନର ସହ ନିଆଯାଉଛି । ଏହି ପରିବର୍ତ୍ତନ ପାଇଁ ପ୍ରତ୍ୟେକ ନାଗରିକ ଧନ୍ୟବାଦର ପାତ୍ର ।

ଆଶା କରୁଛି, ଚଳିତ ମାସର ସଂସ୍କରଣ ଆପଣଙ୍କୁ ଭଲ ଲାଗିବ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅନେକ କଳାଛାଇ - ୪



ଅଶୋକ ବିଶ୍ୱାଳ

ଚାଥାମ ଦ୍ୱୀପର ଫୁସଫୁସ କରୁଥିବା ଶେଡମାନ

ତା'ପରେ ଅବିନାଶ ନିଜ ଚଲାରାସ୍ତାର ଧାରରେ ଏକ ବଡ଼ ଅଶ୍ୱତଥ୍ ଗଛ ପାଇଲା । ପତ୍ରର ଆକାର ଅପେକ୍ଷାକୃତ ଛୋଟ । ପତ୍ର ଗୁଡାକ ଥରିଥରି ହଲୁଥିଲା ଆଉ ପକ୍ଷୀର କୂଜନ ଭାସିଆସୁଥିଲା । ପତ୍ର ହଲିବା ପ୍ରାୟ ଏକ ଝଣ ଝଣ ଭଳି ଥିଲା ଯେମିତି କିଏ କିଛି ବାଜା ତାଳରେ ବଜାଉଛି ଆଉ ପକ୍ଷୀମାନେ ଗୀତ ଗାଉଛନ୍ତି । ତଳେ ଏକ ସ୍ମାରକୀ, ପଛରେ ଥିଲା କାନ୍ଥ । ସ୍ଥାନକୁ ବେଶ ପରିଷ୍କାର କରାଯାଇଛି, ଫୁଲକୁଣ୍ଡମାନ ରଖାଯାଇଛି । ଅବିନାଶ ପତ୍ର ଗହଳିରୁ ପକ୍ଷୀମାନଙ୍କୁ ଖୋଜିଲା, କିନ୍ତୁ କିଛି ଦେଖାଗଲାନି । ଏମିତିଆ ସୁନ୍ଦର ଜାଗାରେ ସିଧା ଲୋକଟିଏ ଠିଆ ହେବାକଥା ।

ମନକୁ ପାଉଥିବା ସିଧା ଲୋକଟାଏ କେଉଁଠି ଖୋଜିବି ? ସେ ପୁଣି ଅଜଣା ହୋଇଥିବ । ଏମିତି ସେମିତି ଜାଗା, କି ରାସ୍ତା କଡରେ ତ ମିଳିବେନି । ଏମିତି ଭାବି ଭାବି ଅବିନାଶ ଏକ ବଡ଼ ଶେଡକୁ ଗୋଡ ବଢାଇଲା । ଶେଡ ବାହାରେ ଏକ ବୁଲବୁଲ ଚଢେଇଟିଏ ଲୁହା ଖୁଣ୍ଟର କ୍ରସରେ ବସିଥିଲା । ତା'ର କଳା ଥଣ୍ଟ ଉପରକୁ ହୋଇଯାଉଥିଲା । ଧଳା ଛାତିଟା ବେଶ ଫୁଲିଯାଇଥିଲା ଆଉ ପଛରେ ଥିଲା ନୀଳ ଆକାଶ । ଶେଡ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୁହଁରେ ତା'କୁ ଭିତରକୁ ପାଛୋଟି ନେବାପାଇଁ କେହି ଠିଆ ହୋଇନଥିଲେ । ଘରଚଟିଆ ଚଢେଇଟିଏ ଅବଶ୍ୟ ଶେଡର ଆଜବେଷ୍ଟସ ଉପରେ ବସିଥିଲା । ତା'ର ଛୋଟ ମୋଟ ଥଣ୍ଟଟା ଅବିନାଶ ଆଡକୁ ବୁଲିଗଲା । ସେ କଳା କଳା ଆଖିରେ ଅବିନାଶକୁ ଚାହିଁ ମୁଣ୍ଡ ହଲାଇଲା ସତେ ଯେମିତି ତା'ର  ଆସିବାକୁ ସେ ଅନେଇ ରହିଥିଲା  । ଗୋଟାଏ ଲମ୍ବା ବମ୍ବା (ସାଇରନ) ବାଜିଲା, ଆଉ ଏକ ହାରମୋନିକ ୱେଭ ଯେମିତି ଏକ ସୂତାରେ ପ୍ରବାହିତ ହେଉଥିଲା । ଚାଥାମର ଗୋଟିଏ ପରେ ଗୋଟିଏ ହୋଇ ସବୁ ବିଟରୁ ବେଲ ବାଜିବା ଆରମ୍ଭ କଲା । ଏଇଟା ନିୟମ । କିଛି ହାଲୁକା ସେଁ ସେଁ ଶବ୍ଦ ମଧ୍ୟ ଶୁଣାଯାଉଥିଲା ।

ଶିଫଟ ବଦଳିବ । ଏଇକ୍ଷିଣା କେହି ନାହାନ୍ତି । ଖାଲି କିଛି ଧୂଆଁ, ବାମ୍ଫ ଆଉ କାଠଗୁଣ୍ଡ ଅଛି । ନାକୁଆ ସ୍ୱରରେ କିଏ କହୁଥିଲା । ତା'କୁ ଜୋରରେ ଥଣ୍ଡା ହେଲାପରି ଲାଗୁଥିଲା । ହୁଏତ କାନ୍ଦି କାନ୍ଦି ତା' ନାକ ଭିତରେ ପାଣି ଭରିଯାଇଥିବ ବା ଆକାଶରୁ ଜଳୀୟବାଷ୍ପ ଭରା ବଉଦ ନାକର ରନ୍ଧ୍ରକୁ ବନ୍ଦ କରିଦେଇଥିବ ଆଉ ତା' ସ୍ୱର ନାକୁଆ ହୋଇଯାଇଥିବ । ଏମିତି କୁହାଯାଇପାରେ ସମୁଦ୍ରରୁ ପାଣି ସିଧା ଆକାଶକୁ ଆସିଯାଏ । ଆଉ ଚାଥାମରେ ତ ଆଗରୁ ମେସିନମାନ ଷ୍ଟିମ ବା ବାମ୍ଫରେ ଚାଲୁଥିଲା । ସେତେବେଳେ ବିଦ୍ୟୁତ ଶକ୍ତିରେ କିଛି ପରିଚାଳିତ ହେଉନଥିଲା । ସବୁବେଳେ କେଉଁ ଫାଙ୍କରୁ ସୁଁ ସୁଁ ଶବ୍ଦ ଶୁଣାଯିବ, କିଏ ଯେମିତି ନାକ ସୁଁ କରୁଛି ।

ଅବିନାଶ ପଛକୁ ଫେରି ଉପରକୁ ଅନାଇଲା । ବୁଲବୁଲ ଚଢେଇଟି ଖୁଣ୍ଟର କ୍ରସରୁ ଉଡିଆସି ଖୁଣ୍ଟକୁ ଧରିଥିବା ତା'ର  ଉପରେ ବସିଯାଇଛି ଆଉ ଅବିନାଶ ଯାଇଥିବା ଶେଡକୁ ଆନଇ ରହିଛି । ଶେଲର ଖୋଲା ମୁହଁ ଦେଇ ପବନ ଭିତରକୁ ବାଧାନମାନି ବୋହୁଛି । ସେପଟେ ଦେଖାଯାଉନଥିବା ବର୍ଥରେ ଲାଗିବାକୁ ଅପେକ୍ଷା କରୁଥିବା ବା ଛାଡିବା ଛାଡିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉଥିବା ଜାହାଜରୁ ସିଟି ଶୁଣାଯାଉଛି । ଅବିନାଶ କେଉଁଠି ବାମ୍ପ ବା ଧୂଆଁ ଟିକେ ଖୋଜିପାଇଲାନି । ଆସିଲା ବେଳେ ଦେଖିଥିଲା ଆକାଶ ଘନନୀଳ ଆଉ କେଉଁ ଅତଳରେ ସାମାନ୍ୟ ଧଳା ବାଦଲ ଭାସିଯାଉଛି । ମାଟିରୁ ଧୂଆଁ ଯାଇ ଏତେ ଉଚ୍ଚରେ ଧଳା ବାଦଲ ତ ତିଆରି କରିପାରିବନି । ତଥାପି ଯେହେତୁ ଆସିଛି, କିଛି ଦେଖିବ, ତେଣୁ ଭିତରକୁ ଗୋଡ ବଢାଇଲା ଆଉ ଶେଡର ମୁହଁରେ ଅଟକି ସାମାନ୍ୟ ଅନ୍ଧାର ଭିତରକୁ ମୁଣ୍ଡ ଝାଙ୍କି ଅନାଇଲା ସତେ ଯେମିତି ସେ ନିଜ ବାଲକୋନୀରୁ ଝାଙ୍କି ବାହାରେ ଯାଉଥିବା ଲୋକଙ୍କୁ ଅନାଉଛି । କିଏ ନୂଆ ଲୋକ ଦେଖିଲେ ତା'କୁ ଚିହ୍ନନ୍ତା ଆଉ ପୁରୁଣା ଲୋକ ଦେଖିଲେ ତା'କୁ ଡାକି ତା' ସାଙ୍ଗରେ ଦୁଇପଦ କଥା ହୁଅନ୍ତା ।

ସେମାନେ କାମ କରିକରି ଥକି ବିଶ୍ରାମ ନେଉଛନ୍ତି । ଧିରେ ଚାଲ, ମୋଟେ ଧପାଲନି । ଫୁସଫୁସ ଶବ୍ଦମାନ ଶୁଣାଗଲା । ଏମିତିଆ ପୁରୁଣାକାଳିଆ କାଠର ବହୁତ ବଡ଼ ହଲମାନ ଲୋକଙ୍କ ଗହଳଚହଳ ବନ୍ଦ ହେଲାପରେ କେମିତି ଜୀବନ୍ତ ହୋଇଯାଏ । ଲାଗେ କିଏ ଯେମିତି କଥା କହୁଛି ଆଉ ତା'ପରେ ସାରା ହଲରେ ଫୁସ୍ଫୁସ୍ ଶବ୍ଦମାନ ଭରିଯାଏ । ଲାଗେ କିଏ ପାଖରେ ଠିଆହୋଇ ନିଃଶ୍ୱାସ ନେଉଛି । ଆଗରୁ ଷ୍ଟିମ ଚାଳିତ କାରଖାନା ଗୁଡାକରେ ଫୁସ୍ଫୁସ୍ ଶବ୍ଦସବୁ ଭରିଥିଲା । କାରଖାନର ଶ୍ରମିକମାନେ ନିଜକୁ ସବୁବେଳେ କାହା ନା କାହା ଗହଳରେ ପାଉଥିଲେ ।

ଏଠି ବମ୍ବା(ସାଇରେନ) ବାଜିବା ଅର୍ଥ ସକାଳ ଶିଫଟ୍ କାମ ସରିଗଲାଣି, ତେଣୁ ଖାଲି ଖାଲି ଲାଗୁଛି । ଆଜିକାଲି କାମକରୁଥିବା ଲୋକମାନେ ସକାଳୁ ଆସନ୍ତି, ସେମାନଙ୍କ ଆବାଜରେ ଭିତରର ଫୁସଫୁସ ଶବ୍ଦ ଶୁଣାଯାଏନାହିଁ । ଆଗରୁ ଦିନକୁ ଦୁଇ ଶିଫଟ କାମ ହେଉଥିଲା । ସକାଳ ୬ଟା ୩୦ରୁ ଦିନ ୩ଟା ଆଉ ରାତି ୧୦ଟାରୁ ସକାଳ ୬ଟା ୩୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିନିଟ । ଅବିନାଶ ଅପରାହ୍ନରେ ଆସିଛି । ତେଣୁ ମିଲ ବନ୍ଦ ଅଛି । ଏବେ ଅବଶ୍ୟ ଗୋଟିଏ ଶିଫଟ ହେଉଛି । ଚାଥାମ ସ' ମିଲ ଏସିଆର ସବୁଠାରୁ ବଡ଼ ସ' ମିଲ । ଦିନେ ଏହା ଆଣ୍ଡାମାନର ଗର୍ବ ଓ ଐତିହ୍ୟ ଥିଲା । ସାଗର ରତ୍ନ, ସାଗର କୁମାରୀ ଭଳି ବଡ଼ ବଡ ବୋଙ୍ଗା (କାଠଗର) ବୋହିବା ଜାହାଜ ଚାଥାମ ବର୍ଥରେ ଲାଗୁଥିଲା । ଆଣ୍ଡାମାନର ସବୁ ଜାଗାରୁ କାଠଗର ଆସୁଥିଲା । ଆଣ୍ଡାମାନର ଅର୍ଥନୀତି, ଆଣ୍ଡାମାନର ବିକାଶ ଯାତ୍ରାରେ ଚାଥାମ ସ' ମିଲର ସବୁଠାରୁ ବଡ଼ ଯୋଗଦାନ ଥିଲା । ଚାଥାମ ସ' ମିଲରେ କରତ ଧାରରେ ଚିରାହୋଇ ଯାଉଥିଲା ବିରାଟ କାଠ ଗଣ୍ଡିମାନ ଆଉ ଦେଖୁଦେଖୁ ସଫା ହୋଇଯାଇଥିଲା ଶହ ଶହ ଏକରର ଅଭେଦ୍ୟ ଅରଣ୍ୟ । ତା'ପରେ ନୂଆ ଲୋକମାନେ ଆସିଯାଉଥିଲେ, ଘରମାନ ତିଆରି ହେଉଥିଲା ଆଉ ବଗିଚା, କ୍ଷେତମାନ ଠିଆ ହେଉଥିଲା । ଆଗରୁ ଘରମାନଙ୍କର କାନ୍ଥ, ବାରଣ୍ଡା, ଆସବାବପତ୍ର, ସବୁ ତ ତିଆରି ହେଉଥିଲା କାଠରୁ । ଏମିତିଆ ଏକ କାଠ ତିଆରି ଅତି ପୁରୁଣା ଅନୁଷ୍ଠାନ ଭିତରକୁ ଆସିଲେ ଫୁସଫୁସ ଶବ୍ଦ ଶୁଣାଯିବା ସ୍ୱାଭାବିକ କଥା ।

ଅବିନାଶ ଏ ସ୍ୱର ଶୁଣି ଟିକେ ଚମକି ଗଲା । କେହି କୁଆଡେ ନାହାନ୍ତି, କିଏ ଯେ କହୁଛି ? ସେ ଏଣେତେଣେ ଅନାଇଲା । ଅପର୍ଯ୍ୟାପ୍ତ କାଠ ଚିରାହୋଇ ଥାକମାରି ରଖାଯାଇଥିଲା । ଶେଡର ଥିଲା ଏକ ବହୁତ ଉଚ୍ଚ ଛାତ ଆଉ ଛାତକୁ ଟେକି ଧରିବା ପାଇଁ କାଠର ମୋଟା ଖୁଣ୍ଟମାନ ଥିଲା ଆଉ ସେହି କାଠର ମୋଟା ଖୁଣ୍ଟ ଉପରେ କ୍ରେନ ଚାଲିବାପାଇଁ ରେଲିଙ୍ଗର ବନ୍ଦୋବସ୍ତ ଥିଲା । କାଠ ଖୁଣ୍ଟ ସହାୟତାରେ କ୍ରେନ ଚାଲିବା ହୁଏତ ସେ ବିଶ୍ୱାସ କରନ୍ତାନି । ଉପରେ କାଠ ବିମକୁ ସପୋର୍ଟପାଇଁ କ୍ରସମାନ ଦିଅଯାଇଥିଲା । କାଠକୁ ଉପଯୋଗ କରି ସତରେଏଡେ ବଡ଼ କାରଖାନା ତିଆରି କରାଯାଇପାରେ ଆଜି କେହି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶ୍ୱାସ କରି ପାରିବେନି । ମଝିରେ ଏକ ଟ୍ରଲି ଚାଲିବା ପାଇଁ ଲୁହାର ରେଳ ଧାରଣା ଥିଲା ଆଉ ଲୁହା ଧାରଣା ବାହାରକୁ ଚାଲିଯାଇଥିଲା । ଆଲୋକ ସେପଟୁ ଜୋରରେ ଫୋକସ ହୋଇ ଆସୁଥିଲା, ଆଖି ଝଲସାଇ ଦେଉଥିଲା । ଚାଥାମରୁ ତା' ପରେ ସମୁଦ୍ର । ସେଇ ସମୁଦ୍ରରେ ଭାସେ ବୋଙ୍ଗା(କାଠଗର) ଭର୍ତ୍ତି ଜାହାଜ, ଆଣ୍ଡାମାନର ଚଳନ୍ତା ସ୍ୱପ୍ନ । ଆକାଶରେ କମଳା ସୁନେଲୀ ରଙ୍ଗର ବାଦଲ ଭାସେ ।

କାଠରୁ ତାହାହେଲେ ସ୍ୱପ୍ନ ତିଆରି ହୁଏ ।

ଜାହାଜ କ'ଣ ସ୍ୱପ୍ନ ନୁହେଁକି ? ଆଗରୁ ଜାହାଜ, ଡଙ୍ଗା କାଠରୁ ତିଆରି ହୋଇ ସ୍ୱପ୍ନର ଦୁନିଆକୁ ଭାସଯାଉଥିଲା । – ତା' ମନରେ କିଏ କହୁଥିଲା ।

ଶୁଣିଲି, ଏଠି କାନ୍ଥରେ କିଛି କାହାଣୀ ଲେଖାଯାଇଛି । ମଣିଷର ଚିତ୍ର ବି ଅଙ୍କାଯାଇଛି, ତେଣୁ ଏକ ଅଜଣା ମଣିଷ ଖୋଜିବାକୁ ଆସିଛି । ଏଠି କାଳେ ପ୍ରଥମରୁ ବହୁ ଘଟଣା ଘଟିଯାଇଛି । ଅବିନାଶ କାନ୍ଥକୁ ଅନାଇ କହିଲା । ତା'କୁ ଲୋକ କେହି ଦେଖାଯାଉନଥିଲେ । କିନ୍ତୁ ଉତ୍ତର ଦେବା ଦରକାର ।

ଠିକ ଶୁଣିଛ । ବହୁ କିଛି ଘଟିଯାଇଛି । ତୁମେ କାହାକୁ ନଅନାଇ କାହାଣୀମାନଙ୍କ ପାଖ ଦେଇ ଚାଲିଯାଉଛ । କିଏ ଜଣେ କହିଲା ଆଉ ଅବିନାଶକୁ ଲାଗିଲା ଜାଗାଟା ସାମାନ୍ୟ ଧୂଆଁଳିଆ ହୋଇଗଲା । ତା' ମୁଣ୍ଡ ଭିତରେ ଚିନ୍ତାଗୁଡା ଗୋଳେଇ ଘାଣ୍ଟି ହୋଇ ଧିଆଁ ରୂପ ନେଉଛି କେଜାଣି । ସେ ନିଜକୁ ପ୍ରକୃତିସ୍ଥ କରିବା ପାଇଁ ଦୁଆରେ ମୁହଁରେ ପଡିଥିବା କାଠଗର କେତେଟାକୁ ଆନଇଲା । ଭିତରେ ପଡିଥିବା ଚିରା କାଠ ଭଲ ଥିଲା, ବାହାରେ କିନ୍ତୁ ଗର କେତେଟା ବେଶ ସଢିଗଲାଣି, ଏମିତିକି ଘାସ ଉଠିଗଲାଣି । ରେଳ ଧାରଣା ଉପରେ ଜଙ୍ଗ ଲାଗିଗଲାଣି, ଆଉ ବାହାରକୁ ଚାଲିଯାଇଥିବା ରାସ୍ତା ଯାହା ଆଖି ଝଲସାଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଉଛି ।

କିଏ ଏମିତି କହୁଛି ଜାଣିବାକୁ ସେ ମୁଣ୍ଡ ବୁଲାଇ ଅନାଇଲା । ଶେଡଟା ଟିକେ ଅନ୍ଧାରୁଆ । ସେ ଏପଟ ସେପଟ ଅନାଇ ଖୋଜିଲା । ତା'କୁ ଲାଗିଲା ଶେଡର ଏକଦମ ଉପରେ, ଆଜବେଷ୍ଟସ ଛାତ ତଳେ ଏକ ଛାଇ ଆସି ଚାଲିଗଲା । ସେ ଜାଗାଟାକୁ ଭଲକରି ଅନାଇଲା । ଆରେ ପାରାଟାଏ । ସେଇଠି ବୁଲୁଛି ଆଉ ଡେଣା ଫଡଫଡ କରୁଛି । ତା' ଯିବା ଆସିବାରେ ଲାଗୁଛି ଛାତତଳୁ କିଏ ଯେମିତି ଅନାଇ ଲୁଚିଯାଉଛି । ଶେଡ ମୁହଁ ଦେଇ ଭିତରକୁ ଆଲୁଅ ମନକୁ ମନ କମିଯାଉଥିଲା ଆଉ ବଢିଯାଉଥିଲା । ସେଇଟା ଅବଶ୍ୟ ବାହାରେ ଆକାଶରେ ବାଦଲ ଚାଲିଯିବା ପାଇଁ ହେଉଥିବ । କିନ୍ତୁ ସେଇଥିପାଇଁ ଭିତରେ ଆଲୁଅ ତ ହାବୁକାଏ ହାବୁକାଏ ହୋଇ ଆସୁଥିଲା । ଅବିନାଶ ଏଣେତେଣେ ଅନାଇବା ବେଳେ ଆଲୋକ କମ ହୋଇଯାଇଥିଲା । ଅନେକ ଜାଗାରେ ଅଳନ୍ଧୁ ଥିବା ହେତୁ ବେଶି ଅନ୍ଧାରୁଆ ଲାଗୁଥିଲା । ଟିମ୍ବର ହଲରେ କେହି କୁଆଡେ ଦିଶୁନଥିଲେ ।

ଏପଟକୁ ଅନାଅ । ଅବିନାଶକୁ ସେହି ନାକୁଆ ଧିର ସ୍ୱର ଶୁଣାଗଲା । କଥାଟା ତା' କାନ୍ଧ ପଛପଟୁ ଆସୁଥିବା ଭଳି ଲାଗୁଥିଲା । ସେ ବୁଲିପଡି ଅନାଇଲା । ସେପଟେ ଚିରାକାଠ ଥାକ ଦେଇ ଦେହକୁ ଦେହ ବାଜୁଥିବା ଏକ କନ୍ଦି ରାସ୍ତା ବାହାରକୁ ଚାଲିଯାଇଥିଲା । ଆଗକୁ କଡରେ କିଛି କାଠଗର ପ୍ରାୟ ଥାକମାରି ରଖାଯାଇଥିଲା । ସିଧା ସିଧା କାଠଗର । ଆଉ କିଛି କାଠଗର ଏପଟ ସେପଟ ହୋଇ ପଡିଛି । ଥାକମରା ହୋଇଥିବା ପୁରୁଣା କାଠଗର ଉପରେ ଲୋକଟିଏ ବସିଥିବା ଭଳି ଲାଗୁଥିଲା । ଆଉ ବାହରପଟୁ ବେଶି ଆଲୋକ ଆସୁଥିଲା । ତା' ପଛକୁ ଖୋଲାଯାଗା । ସେପଟକୁ ସମୁଦ୍ର ଅଛି ।

ଆପଣ ? ଝଲସି ଯାଇଥିବା ଲୋକଟିକୁ ଅବିନାଶ ପଚାରିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହାଣୀ ଶୁଣି, ଶୁଣାଇ ଏଇଠି ବୁଢା ହୋଇଗଲିଣି । ସେ ଲୋକଟି କହିଲେ ।

ଅବିନାଶ ଲୋକଟିକୁ ଅନାଇଲା । ତାଙ୍କ ମୁହଁ ସ୍ୱଷ୍ଟ ଦିଶୁନଥିଲା । କିନ୍ତୁ ମୁହଁରେ ମେଞ୍ଚାମେଞ୍ଚା ଧଳା ଦାଢୀ ଥିଲା । ତାହା କେଉଁ ସାଧୁ ସନ୍ୟାସୀ ଭଳି ଲମ୍ବ ଦାଢୀ ନଥିଲା । ଅଯତ୍ନରେ ରଖାଯାଇଥିବା ଦାଢୀ । ଏଠୁ ସେଠୁ ମେଞ୍ଚା ହୋଇ ବାହାରି ଆସିଛି । ଲୋକ ଜଣଙ୍କ ଆରାମରେ ଏକ କାଠଗର ଉପରେ ବସିଛନ୍ତି, ଆଉ ଅନ୍ୟ ଏକ କାଠଗରକୁ ଭରା ଦେଇଛନ୍ତି । ମୁଣ୍ଡରେ ଅଡୁଆ ବାଳ ଆଉ ଦେହରେ ଶସ୍ତା ମୋଟା ଖାକି ପୋଷାକ । ଅତି ସାଧାରଣ ଲୋକ ଲାଗୁଥିଲେ । ସ' ମିଲରେ ବୋଧେ କାମ କରୁଛନ୍ତି । ମୁହଁ ସାରା ଧୂଳି ଅଳନ୍ଧୁ ଲାଗିଥିଲା ।

ଅବିନାଶ ଅନାଇବାରୁ ସେ ଏକ ଲୁଚାଲୁଚି ଖେଳୁଥିବା ଛୁଆ ଖୋଜା ହେଲା ପରି ତଳକୁ ଡେଇଁ ପଡିଲେ । ଖୋଜାପରେ ଏକ କୁନିପୁଅ ନିଜ ପରିଚୟ ଦେବାପାଇଁ ବ୍ୟସ୍ତ ହୋଇପଡେ, ଆଉ ଖେଳ ଜଲଦି ହେବା ଦରକାର । ସେମିତି ସେ ବୁଢା ନିଜକୁ ଦେଖାଦେବାପାଇଁ ବ୍ୟସ୍ତ ହୋଇଯାଉଥିଲେ ଆଉ ତା'ପରେ କିଛି କରିବାର ଅଛି । ଅବିନାଶ ଏକ ସାଧାରଣ କାମକରୁଥିବା ଲୋକ ଦେଖି ତାଙ୍କୁ କ'ଣ ପଚାରିବ ବୁଝିପାରୁନଥିଲା । କାମିକା ଲୋକମାନେ ଖାଲି କାମ କଥା, ମେସିନ କଥା ହୁଅନ୍ତି, ଲୋକଙ୍କ କଥା ବା ଜ୍ଞାନଗର୍ଭକ କଥା କମ ହୁଅନ୍ତି । ବୁଢା ଜଣକ ବେଶ ଚଞ୍ଚଳ ଲାଗୁଥିଲେ, ଜଲଦି କିଛି କରିବାକୁ ଯେମିତି ବ୍ୟସ୍ତ ହେଉଥିଲେ । ତାଙ୍କ ଗୋଡ ମୋଟେ ସ୍ଥିର ହେଉନଥିଲା ଆଉ ପେଣ୍ଡୁଲମ ଭଳି ହଲୁଥିଲା । ଏଇମିତି ବ୍ୟବହାର କାରଖାନାରେ ରହିଲେ ଆପେ ହୋଇଯାଏ ।

ସମସ୍ତେ ଏକ ଏକ କାହଣୀ । ଦେଖୁନ ମୋଟେ ହଲୁନାହାନ୍ତି । ଗାଢ଼ ନିଦରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶୋଇଛନ୍ତି । ଗୋଟାଏ କାଠଗରକୁ ଦେଖାଇ ବୁଢା କହିଲେ । ତାଙ୍କ ପଛ ଆଡକୁ ଆଉ କିଛି କାଠଗର ଉପରେ ବେଶ ଧୂଳି ଜମିଥିଲା । ଗଛର ଛେଲି ସବୁ ତାଂଛି ହୋଇ ଝୁଲି ପଡିଥିଲା । ଅବିନାଶକୁ ଏମିତି କାଠଗରରେ କିଛି କାହାଣୀ ଅଛି ବୋଲି ଭାବି ହସ ଲାଗୁଥିଲା । ଏଇ ସାମାନ୍ୟ ଇତିହାସ ଆଉ ଏକ କାରଖାନାର ବୁଢାକୁ ଦେଖିବାକୁ କ'ଣ ସେ ସମୟ ଖର୍ଚ୍ଚ କରି ଆସିଛି ?

ଏଇ ନିର୍ଜ୍ଜୀବ କାଠଗରକୁ ମଣିଷ ଆଉ କାହାଣୀ କହୁଛନ୍ତି ? ଧୂଆଁଧୂଳି ଆଉ କରତଗୁଣ୍ଡର ଗପ ବୋଧହୁଏ । ଅବିନାଶ କହିଲା । ଏମିତି ଗାଉଁଲି ଗପ ଶୁଣିବାକୁ ସେ ଆସିନି । ଏକ ଶ୍ରମିକ ପାଖରେ କ'ଣ ଥିବ ? ଝାଳ, ଧୂଳି, ଦେହର ଆଇଁଷିଣିଆ ଗନ୍ଧ, ମେଞ୍ଚାଏ କାଦୁଅ । ଏଥିରେ କି କାହଣୀ ଗଢିହେବ ଆଉ ତାହା ପୁଣି ଶୁଣିଲା ଭଳି ହେବ, ପରେ କହିହେଲା ଭଳି ହେବ ? ଏହା ଭିତରୁ ସେ କେଉଁ ନୁଆ ମଣିଷଟିଏ ଖୋଜିବ ? ଆଉ ସେ ମଣିଷଟା ତା' ମନପସନ୍ଦ ମଣିଷ ହୋଇଥିବ । ବେକାର ସମୟ ନଷ୍ଟ ହେବ ।

ବାସ୍, କାମ କରି କରି ଆଉ ଗପ ଶୁଣି ଶୁଣି ନିଦରେ ଶୋଇଛନ୍ତି । କାନ୍ଥ ଫାଙ୍କରେ ଅଳନ୍ଧୁ ଆଉ ଧୂଳି । ସେଇଠି ସେମାନଙ୍କ ପାଇଁ ବହୁତ ଜାଗା ଅଛି । ଦେଖୁନ କେତେ ବଢିଆ ସୁଲୁସୁଲିଆ ପବନ ଆସୁଛି । ମୋଟେ ଜୋରରେ ଚାଲନି, ତୁମ ପାଦ ଶବ୍ଦରେ ସେମାନେ ଯେ ଉଠିଯିବେ । ସେଇଟା ମୋଟେ ଠିକ ହେବନି । ବୁଢାଙ୍କର ସ୍ୱର ଥିଲା ନାକୁଆ, ଆଉ ଏକଦମ ଧିର । ଅବିନାଶ ପାଖକୁ ତାଙ୍କ ସ୍ୱର ଏକ ଟେଲିଫୋନରେ ଆସୁଥିବା ସ୍ୱର ପରି ମେକାନିକାଲ ସାଉଣ୍ଡ ଥିଲା ।

ଅବିନାଶ କାନ୍ଥକୁ ଅନାଇଲା । ଇଣ୍ଡଷ୍ଟ୍ରିଆଲ ଶେଡର କାନ୍ଥମାନ ପଟାକୁ ପଟା ଯୋଡାଯାଇ ତିଆରି ହୋଇଛି । କାନ୍ଥ କହିଲେ ତ ଠିକ ହେବନି, ପାର୍ଟିସନ । କେଉଁ ଦିନର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଟା ହୋଇଥିବ, କିନ୍ତୁ ଭଲ କାଠ, ବହୁ ଦିନର ଲାଗୁଛି । କାଠ ଉପରେ ବେଶ ଧୂଳି ଜମିଗଲାଣି । ଅଧିକ ଧୂଳି ଜମିରେ ମନକୁ ମନ ତଳକୁ ଖସି ପଡୁଛି । ଫାଙ୍କ ଦେଇ ଆଲୁଅ ସିରାସିରା ହୋଇ ପଶିଆସୁଛି । ସେ ଭାବୁଥିଲା କାଠକୁ ଟିକେ ପରଖନ୍ତା । ଆଗରୁ ପଟା ସବୁ ମଞ୍ଜ କାଠରେ ହେଉଥିଲା । ସେଥିରେ ମୋଟେ ପୋକ ଲାଗିବନି । ତେଣୁ ସେ ଯାଇ ଏକ ପଟାକୁ ବାଡେଇ ଶବ୍ଦ ଶୁଣିବାକୁ ଚାହୁଁଥିଲା । ତା' ଗୋଡ, କାନ୍ଧ ଆଡକୁ ବୁଲିଯାଉଥିଲା ।

ପଛ କାହାଣୀଗୁଡାକ ଯେ ଇତିହାସ । ପୁରୁଣା ଦିନକୁ ମୋଟେ ଉଠାଅନି । ବଡ଼ ଖୁଜୁରବୁଜୁର ହୁଅନ୍ତି । ବୁଢା ପୁଣି କହିଲେ । ସେ ହାଲୁକା ଚେତାବନୀ ଦେଉଥିଲେ । ତା' ହାତ, ଗୋଡ ସେମିତି ଅଟକିଗଲା ।

ଚିରାକାଠର ପାର୍ଟିସନ, ମୋଟ ଖୁଣ୍ଟ. ଷ୍ଟ୍ରସ ହୋଇଛି, କ୍ରସ ହୋଇଛି । ଅଧିକ ତ କିଛି ନାହିଁ । କେଉଁ କାହାଣୀ ? ପୁରୁଣା ଦିନ ଅର୍ଥାତ ଧଳା ଧୂଆଁର ଇତିହାସ । ସେ ମନେମନେ ହସୁଥିଲା । ଆକାଶରେ ବାଦଲ ପରା ଉଡୁଛି । ସବୁ ଧଳାଧୂଆଁ ସେଇଠି ମିଶିଯାଇଛି । ଏଠାକାର ଇତିହାସ ଉଠିଲେ କ'ଣ ? ଶୋଇଲେ କ'ଣ ? ବହୁତ ଜଲଦି ଏ କାଠଗରଗୁଡା ମାଟିରେ ଖତ ହୋଇଯିବ । ତା'ପରେ ଆଉ ନଥିବ କିଛି ଇତିହାସ, ଆଉ ନଥିବେ କାହାଣୀ ଶୁଣି ଶୁଣେଇବାକୁ ମଣିଷ । ଅବିନାଶର ମୁହଁଟା ଟିକେ ବଙ୍କା ହୋଇଗଲା । ସେ ନିଜ ଜାଗାକୁ ଦୋହଲି ଫେରି ଆସିଲା ।

କାଠଗରର ଇତିହାସ ହେଉଛି ଏଇଠିକାର ମାଟିର, ଜଳର, ପକ୍ଷୀ ଡାକର ଇତିହାସ, ଆଉ ଶେଷରେ ବିରାଟ ବୃକ୍ଷମାନଙ୍କର ସ୍ମୃତି । ଦେଖୁନ ଏଇଠି ଗଛମାନ ଠିଆ ହୋଇଛନ୍ତି । ଆଣ୍ଡାମାନର ପ୍ରକୃତ ଇତିହାସ । ତୁମ ଜୋର ଚାଲିରେ ପୁରୁଣା ଗଛମାନ ହଲିଯିବ, ପବନ ଜୋରରେ ବୋହିବ, ବଡ଼ ଲହଡିମାନ ଭାଙ୍ଗି ପଡ଼ିବ । ପାଦ ଟିପଟିପି ଧିରେ ଚାଲ । ଜାଣିଛ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଣ୍ଠାମାନରେ ପ୍ରବଳ ବତାସ ବୁହେ । ବର୍ଷା ମୂଷଳ ଧାରରେ ହୁଏ । ମୁହଁ ବି ଦେଖାଯାଏନା । ସେଇ ବର୍ଷା ବତାସ ଆଣ୍ଠାମାନରେ ବାରବାର ହେବା ମୋଟେ ଉଚିତ ନୁହେଁ । ବୁଢା ସେଇ ଜୋର ନଚାଲିବା କଥା ପୁଣି କହିଲେ ଆଉ ଅବିନାଶ ପାଖକୁ ଲାଗିଆସିଲେ । ସାଧାରଣ ଉଚ୍ଚତାର ଲୋକ । ଅଣ୍ଟା ଟିକିଏ ବଙ୍କେଇ ଯାଇଥିବା ଭଳି ଲାଗୁଥିଲା । ନିଜ ଯୁବକ ଅବସ୍ଥାରେ ବେଶ ଖଟିଥିବେ ।

ବୁଢାଙ୍କର ଏମିତି ଆବେଗ ଦେଖି ଅବିନାଶ ଟିକେ ଅପ୍ରସ୍ତୁତ ହୋଇଗଲା । ବୁଢା ବୋଧେ ଏ କାଠଗରଗୁଡାକୁ ବହୁତ ଭଲ ପାଉଛନ୍ତି । ଜୀବନସାରା କାଠଗର ସହ ସମୟ କଟାଇଥିବେ । କେଉଁ ବି ପ୍ରାକୃତିକ ଜିନିଷ ସହ ଜୀବନ କଟାଇଦେଲେ ସେଇ ଜିନିଷ ପ୍ରତି ଆପେ ଶ୍ରଦ୍ଧା ଆସିଯାଏ । ମଣିଷ ଶରୀର ଜୈବ ବସ୍ତୁରେ ତିଆରି ତ, ବୋଧହୁଏ ସେଇଥିପାଇଁ ଜୈବିକ ବସ୍ତୁ ପ୍ରତି ସ୍ୱତଃ ଆକର୍ଷଣ ଆସେ । ତାଙ୍କ କଥାକୁ ହେୟ ନକଲେ ଭଲହେବ । ତାଙ୍କୁ କିଛି ଜବାବ ଦେବା ଦରକାର ।

ମୁଁ ଏଇଠି ଗଛ ଆଉ ମଣିଷର କାହାଣୀକୁ ମନ ଖୋଜୁଥିବା ନୂଆ ଲୋକକୁ ଶୁଣାଇବାକୁ ଅଛି । ବୁଢା କହିଲେ ।  ଏଇଟା ଅବିନାଶ ପାଇଁ ପ୍ରଜୁଜ୍ୟ ।

ମାଟି ଓ ଜଳ କହିଲେ ତ ଠିକ ଅଛି, କିନ୍ତୁ ବିରାଟ ବୃକ୍ଷମାନ ? ଚାଥାମ ଆଜି ମାଟିରେ ଏକ ଦ୍ୱୀପର ନାମ ନେଇଛି, ପାଖରେ ସମୁଦ୍ରର ଜଳରାଶି ପ୍ରାୟ ଚାରିଦିଗରେ । ଗଛ କାହିଁ ?- ଅବିନାଶ କହିଲା ।

ତୁମେ ପରା ଭରାଦେଇଛ । ସେଇଥିପାଇଁ ସେମାନେ ଠିଆହୋଇ ପାରୁନାହାନ୍ତି, ଚାଲୁନାହାନ୍ତି ।- ବୁଢା କହିଲେ । ତାଙ୍କର ଶିଥିଳ ମୁହଁରେ ଏକ ଯୋଡା ଚକମକିଆ ଆଖି ଥିଲା ।

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବିନାଶ ଚାରିଆଡକୁ ଅନାଇଲା । ଗଛ କାହିଁ? ଆକାଶଚୁମ୍ବୀ ବୃକ୍ଷ କଥା ଛାଡ ସାମାନ୍ୟ ବୁଦାଟିଏ କେଉଁଠି ଦେଖାଯାଉନି । ସେ ଏକ କାଠର ଖୁଣ୍ଟିକୁ ଆଉଜି ଠିଆ ହୋଇଥିଲା । ମଇଳା ପଡିଯାଇଛି । ବେଶ ଶୁଖିଲା କାଠ । କେଉଠି ପୋକ କାଟିଲା ଭଳି ଜଣାଯାଉନି । କିଛି କିଛି ଜାଗା ବହୁତ ପାଲିସ ଲାଗୁଥିଲା ଯେମିତି କିଏ ହାତରେ ବର୍ଷ ବର୍ଷ ଧରି ସାଉଁଳି ଦେଇଛି । ଦିନେ ଏ କାଠ କେଉଁଠି ମହାବୃକ୍ଷ ହୋଇ ଠିଆହୋଇଥିବ, ଆଜି ନିର୍ଜ୍ଜୀବ । ମଣିଷ ହିସାବରେ ଦେଖିବାକୁ ଗଲେ ଖଣ୍ଡିଏ ହାଡ ମାତ୍ର । ଗଛର ତାହାହେଲେ ଅସ୍ଥି ଅଛି । ଆଉ ମଣିଷ ବୃକ୍ଷର ଅସ୍ଥି ସହ ସବୁବେଳେ ତ ବଞ୍ଚିଛି । କାଠର ସବୁ ଆସବାବପତ୍ର । କିନ୍ତୁ ସେମାନେ କେତେବେଳେ କଥା ଯେ କୁହନ୍ତି ? ଚାଲୁଥିବା ଜୀବ କଥା କୁହେ । କେତେବେଳେ କେଉଁଠି ଗଛ ଚାଲେ ଯେ ? ଗଛ ଚାଲିବା ଆବଶ୍ୟକ ବା କ'ଣ ?

ତୁମେ ମନରେ ଭାବିଲେ ଜାଣିବ ଯେ ଗଛ ଚାଲୁଛି । ବୁଢା କହିଲେ ।

କେବଳ ଭାବିଲେ ଯଦି ଗଛମାନେ ଚାଲନ୍ତେ, ତାହାହେଲେ ସବୁଆଡେ ଚାଲୁଥିବା ଗଛ ଦେଖାଯାଆନ୍ତେ । ଚାଲିଚାଲି ପାହାଡରୁ ଗଛଗୁଡା ଚାଥାମକୁ ଆସିଯାଆନ୍ତା, ନହେଲେ ଏ କାଠଗରଗୁଡା ଆଗଭଳି ଗଛ ହୋଇଯାଆନ୍ତେ । ତା'ପରେ ପକ୍ଷୀମାନେ ଆସନ୍ତେ, ଗୀତ ଗାଆନ୍ତେ । ସେ ଗୀତ କେତେ ମଧୁର ଲାଗନ୍ତା । ସବୁବେଳେ ପକ୍ଷୀର କାକଳୀ ଚାଥାମରୁ ଶୁଣାଯାଆନ୍ତା । ଥକିଯାଇଥିବା ମନ ଉଠି ବସନ୍ତା । ଆଉ ବର୍ଷା ଝରିପଡନ୍ତା । ଅବିନାଶ ମନେମନେ କହୁଥିଲା । କିନ୍ତୁ ବୁଢାଙ୍କ କଥାଟା ଶୁଣିନେବା ଦରକାର । ସେ ଠିଆ ହୋଇଥିବା ଜାଗାରେ ଚାରିଆଡେ କାଠଗରମାନ ପଡିଛି । ଭଳିଭଳି କାଠଗର । କେତେଟା ଏତେ ମୋଟ ଯେ ଚାରିଟା ଲୋକ ମିଶିଲେ କୁଣ୍ଢାଇ ପାରିବେନି । ମହାବୃକ୍ଷ ହୋଇଥିବା କିଛି ଗଛ ଅପେକ୍ଷାକୃତ କମ ମୋଟ କିନ୍ତୁ କେଉଁଟାକୁ ବି ଗୋଟାଏ କ'ଣ ଦୁଇଟା ମଣିଷ ମିଶି କୁଣ୍ଢାଇ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରିବନି । ଗରଗୁଡା ଚିକ୍କଣ କରି କଟାଯାଇଛି । ପ୍ରାୟ ଏକା ଲମ୍ବର ଗରମାନ । ଏ ଗରମାନ ଦିନେ ବିରାଟ ବିରାଟ ଗଛ ଥିବ । ସେମାନେ ଯଦି ଠିଆହେବ, ଡାଳକୁ ଡାଳ ଲାଗିଯିବ, ସବୁଜ ପତ୍ରରେ ଗଛ ଭରିଯିବ, କେତେ କେତେ ରଙ୍ଗର ଫୁଲ ଝଡିପଡ଼ିବ । ସତରେ ସେମାନେ ଯଦି ଚାଲିବେ ? ଏଡେ ଏଡେ ଗଛମାନ ରାସ୍ତାରେ ଚାଲୁଛନ୍ତି, ବିଚିତ୍ର ଦୃଶ୍ୟ ହେବ । ସବୁ ଦିନ ଏକ ଏକ ନୂଆ ଚିତ୍ର ଚାଥାମ ଉପକୂଳର ହୋଇଯିବ । ସବୁଦିନର ନୂଆ ଫଟୋ । ଲୋକମାନେ ଚାଥାମ ବ୍ରିଜ ଆଉ ହାଡୋରେ ଜମା ହୋଇ ଫଟୋ ଉଠାଇ ଚାଲୁଥିବେ ।

ଯଦି ତୁମେ ସତରେ ମନ ସ୍ଥିର କରି ଭାବିବ, ତେବେ ସବୁ କିଛି ମନକୁ ମନ ହୋଇଯିବ । ତୁମକୁ କିନ୍ତୁ ପ୍ରଥମେ ହୃଦୟରେ ଅନୁଭବ କରିବାକୁ ପଡ଼ିବ । ସେ କହୁଥିଲେ । ଅବିନାଶ ଭାବିଲା ବୁଢା କାଠ ମିଲରେ କାମ କରୁଛନ୍ତି ତ, ତାଙ୍କୁ ସବୁ କିଛି ଗଛ ଗଛ ଲାଗୁଛି । ଗଛ ମାନେ ପ୍ରକୃତି, ଆଉ ପ୍ରକୃତିମାନେ ଅନୁଭବ । ହେଉ ଯାହା କହୁଛନ୍ତି କୁହନ୍ତୁ, କଥାରେ କିଛି ସତ ଅଛି ନିଶ୍ଚିତ ।

ଅବିନାଶ ଭାବିଲା ଭାରତୀୟ ଦର୍ଶନ ହିସାବରେ ବହୁକଥାକୁ ଅନୁଭବ କରିବାକୁ ପଡେ, ତା'କୁ କଥାରେ ପ୍ରକାଶ କରାଯାଇ ପାରେନା । ଗୀତାତ ସବୁଠାରୁ ବଡ଼ ଶାସ୍ତ୍ର ଯାହା ଅନୁଭବ ଉପରେ କହୁଛି । ବହୁ ବୌଦ୍ଧ ଶାସ୍ତ୍ର ମଧ୍ୟ ଅନୁଭବ ଉପରେ କହିଛନ୍ତି । ନିଜ ଭାବନାକୁ ବଡ଼ କରି ଅନୁଭବ କରିବାକୁ ପଡ଼ିବ । ସାଧାରଣ ମନୁଷ୍ୟ କ'ଣ ଭାବନାକୁ ଅନୁଭବ କରିପାରିବ ? କିନ୍ତୁ ବେଳେବେଳେ କିଛି ନକରି ବି ଆଶ୍ଚର୍ଯ୍ୟ ଭାବେ କିଛି ଅନୁଭବ କରିହୁଏ, କାହାର ଯେପରି ଉପସ୍ଥିତି ଅଛି । ଏକ ନୂଆ ମ୍ୟାଗନେଟିକ ଫିଲଡ୍ ଭିତରକୁ ମଣିଷ ଆସିଯାଏ ଆଉ ସେଇଟା ଅଜାଣତରେ ଅନୁଭବ କରିହୁଏ । ତେଣୁ ଅବିନାଶ ନିଜକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହଜ ଆଉ ନରମ କରିବାକୁ ଚେଷ୍ଟା କଲା । ଅଯଥା ଯୁକ୍ତି ଭିତରେ ନିଜକୁ ବାନ୍ଧି ଆଉ କିଛି ନଗ୍ରହଣ କରିବାର ଏକ ଥାଳିଆ ଭଳି ଆବଦ୍ଧରୁ ବାହାରି ଆସିଲା । ସିଧା ଠିଆହୋଇଗଲା ଆଉ ମନରେ ଭାବିଲା ଚାଥାମରେ ଗଛ ଭରିଯାଉ ।

ଏବେ ଅବିନାଶକୁ ଲାଗିଲା ଏ କାଠଗରମାନ ଯୋଡି ହୋଇ ଗଛରେ ବଦଳି ଯାଉଛି । ପ୍ରତି ଦଶ-କୋଡିଏ ହାତ ଦୂରରେ ଗୋଟାଏ ପରେ ଗୋଟାଏ ଗଛ ଅଛି ଆଉ ଜାଗାଟା ଗଛରେ ଭରିଯାଇଛି । ପାଡକ, ବ୍ଲାକ ଚୁଗଲମ, ଗର୍ଜ୍ଜନ, ପେମା ଆଦି ଗଛ ପାଖାପାଖି ଚାଥାମରେ ଉଠୁଛି । ଏ କାଠଗରସବୁ ପଡିଥିବା ଜାଗାଟା ବିଶାଳ ଗଛମାନଙ୍କ ସମାହାର ହୋଇଯାଇଛି । ସବୁ ପ୍ରକାରର ଗଛ ପାଖରେ ପାଖରେ । ସମୁଦ୍ର କୂଳକୁ ତ ସି ମହୋଜ୍ଞା ଗଛଟା ରହିବ । ତା' ଗଣ୍ଡିଟା ସବୁଠାରୁ ମୋଟ ଆଉ ଶକ୍ତ । ଏ ଗଛକୁ ସମୁଦ୍ର ପବନ ଭଲଲାଗେ । କୂଳରେ ସମସ୍ତଙ୍କୁ ପଛରେ ପକାଇ ଆକାଶକୁ ଯେମିତି ନିଜର କରିନିଏ ।

ତା'ପରେ ଅବିନାଶ ନିଜ ଚାରିପାଖେ ଗଛ ଦେଇ ବୋହିଆସୁଥିବା ଧିର ପବନର ସ୍ପର୍ଶ ଅନୁଭବ କଲା । ଏ ଅନୁଭବ ଏକଦମ ଅଲଗା ଥିଲା । ଖାଲି ପଡିଆରେ ପବନ ବୋହି ଆସିଲେ ଏକ ଭିନ୍ନ ଅନୁଭୂତି ଦିଏ, କିନ୍ତୁ ଗଛ ଦେଇ ବୋହିଆସୁଥିବା ପବନ ସଂମ୍ପୂର୍ଣ ଅଲଗା ଅନୁଭୂତି ଦିଏ । ତା'ପରେ ମଣିଷ କେମିତି ନରମ ଆଉ ଦରଦୀ ହୋଇଯାଏ । କୁହାଯାଇ ପାରେ କେହି ଯେମିତି ସେ ପବନକୁ ମଣିଷ ପାଇଁ ମଡ୍ୟୁଲେଟ କରିଛି ବା ବଦଳାଇ ଦେଇଛି । ମଣିଷ ଆଉ ବୃକ୍ଷ ଦୁହେଁ ତ ଜୀବନ୍ତ । ତେଣୁ ଗଛ ଦେଇ ବୋହି ଆସୁଥିବା ପବନର ଛୁଆଁ ଅଲଗା, କିନ୍ତୁ ମଧୁର । ସେ ପକ୍ଷୀର ଡାକ ଶୁଣୁଥିଲା । ଉର୍ମିର ସଙ୍ଗୀତ ଶୁଣୁଥିଲା । ତା' ଚାରିପାଖ ଜୀବନ୍ତ ଲାଗୁଥିଲା । କିଛି ସମୟ ସେ ଆଖି ବନ୍ଦ କରିଦେଲା । ତା'କୁ ପବନ ଛଇଁ ଛୁଇଁ ଚାଲିଯାଉଥିଲା । ସମସ୍ତେ ଯେମିତି ତା'କୁ ଆଙ୍ଗୁଳିରେ ଧିରେ ଛୁଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଉଛନ୍ତି । ଏ ଛୁଆଁ ତା'କୁ ମଣିଷର ଛୁଆଁ ଭଳି ଲାଗୁଥିଲା ।

ଜାଣି ଜାଣି ଏକ ଦରଦୀ ଲୋକକୁ ସେମାନେ ଛୁଇଁ ଦିଅନ୍ତି । ନୂଆ ଲୋକଟିଏ ଦେଖିଲେ ସେମାନେ ଖୁସି ହୋଇଯାଆନ୍ତି ନା । ବୁଢ଼ା କହିଲେ । ତାଙ୍କ ସ୍ୱରରେ କେମିତି ନିଜ ଭାବ ଥିଲା ଯାହା ଅବିନାଶକୁ ଛୁଇଁଯାଉଥିଲା । ଅବିନାଶ ତାଙ୍କ କଥାକୁ ନିଜର ଗଭୀର ଭିତରେ ପ୍ରତିଧ୍ୱନିତ ହେବାର ଶୁଣୁଥିଲା । ଅବିନାଶ ଉଭୟ ଗଛ ଆଉ ମଣିଷକୁ ମିଶାଇ ଏକ ଅନିନ୍ଦ୍ୟ ଆନନ୍ଦର ଅନୁଭବ ପାଉଥିଲା ।

ଦିନେ ନୂଆ ଲୋକମାନେ ଚାଲୁଥିବା ଗଛମାନଙ୍କୁ ଦେଖିବାକୁ ଭେଳାରେ ଏଠାକାର ସମୁଦ୍ରକୂଳକୁ ଆସିଥିଲେ । ଆଣ୍ଡାମାନରେ କେବେ ଦେଖାଯାଇ ନଥିବା ଲୋକମାନେ । ତା'ପରେ ସେମାନେ ନିଜ ହିସାବରେ ରହିଲେ ଆଉ ଦୂର ପବନ ଭଳି ନିଜ ମନମୁତାବକ ଏ ଦ୍ୱୀପସମୂହକୁ ଚିରଦିନ ପାଇଁ ବଦଳାଇଦେଲେ । ସେ ଅବିନାଶକୁ କହିଲେ । ତାଙ୍କ ଗୋଡ ଏକ ମୂର୍ତ୍ତୀ ପରି ଆଗକୁ ବଢି କିଛି ସମୟ ପାଇଁ ସ୍ଥିର ହୋଇଯାଇଥିଲା । ନୂଆ ଲୋକମାନଙ୍କ ପାଇଁ ଅନେକ ଜାଗାରେ ମୂର୍ତ୍ତିମାନ ତିଆରି ହୋଇଛି । ସେମାନଙ୍କ ବିଷୟରେ ପର ପିଢ଼ି ଜାଣିବା ଦରକାର । ବୁଢ଼ା ନିଜକୁ ଏକ ନୂଆ ମଣିଷ ଭଳି ଦେଖାଇବାକୁ ଚାହୁଁଥିଲେ ନା କ'ଣ ? ଅବିନାଶର କଡଆଡକୁ ଚାଥାମର ମୁଖ୍ୟ ସ' ମିଲ ଅର୍ଥାତ କରତ ବେସ ତଳେ ବିରାଟ ବିରାଟ କାଠର ଖୁଣ୍ଟମାନ ଲାଗିଛି । ଆଜି ଗଛମାନ ଆଣ୍ଡାମାନର ସବୁଠୁ ବଡ଼ କାରଖାନାରେ ପରିଣତ ହୋଇଯାଇଛନ୍ତି । ନୂଆ ଲୋକମାନେ ତେବେ ଗଛକୁ ମେସିନ କରିଦେଇଛନ୍ତି ।

ଅବିନାଶ ମନେମନେ ଭାବୁଥିଲା ନୂଆ ଲୋକମାନେ କେଉଁ ଏକ ଅଜଣା ଦୁନିଆରୁ ଆସୁଛନ୍ତି । ତା'ପରେ ସେମାନେ ପୁରୁଣା ଜାଗାରେ ନିଜର ନୂଆ ଛାପ ଛାଡୁଛନ୍ତି । ସବୁଠି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୂଆ ଲୋକମାନେ ଆସିଯାଇଛନ୍ତି, ପ୍ରାୟ ଶ୍ୱେତାଙ୍ଗ ଲୋକମାନେ ତା'ପରେ ଆସିଛନ୍ତି । ତା'ପରେ ସେମାନେ ଏକ ନୂଆ ସଭ୍ୟତା ଆରମ୍ଭ କରିଦେଇଛନ୍ତି ଆଉ ଏକ ନୂଆ ଆରମ୍ଭ । ନୂଆ ସଭ୍ୟତା ଏମିତି ଅଷ୍ଟ୍ରେଲିଆ, ଆମେରିକା, ନିଉଜିଲାଣ୍ଡ, ଆର୍ଜେଣ୍ଟିନା, ବ୍ରାଜିଲ ଇତ୍ୟାଦି ସବୁଠି, ଏକ ଏକ ନୂଆ ଦୁନିଆ ସେମାନଙ୍କ ହିସାବରେ ନିଜ ତିଆରି ହୋଇଛି । ଏବେକାର ଅଜଣାରୁ ଧିରେ ଜଣା ହୋଇଯାଇଥିବା ନୂଆ ଦୁନିଆରେ ଶ୍ୱେତାଙ୍ଗ ଲୋକମାନେ ଅନ୍ୟମାନଙ୍କ ଆଗରୁ ନୂଆ ଯାତ୍ରା କରିନେଇଛନ୍ତି । ସେ ସମୟରେ ୟୁରୋପରେ ଯନ୍ତ୍ର ଉଦ୍ଭାବନ ବହୁ ବେଗରେ ହେଉଥିଲା । ଆଉ କଳକାରଖାନା, ଯନ୍ତ୍ରଶକ୍ତି ଉପଯୋଗରେ ରାସ୍ତା ଛୋଟ ହୋଇଯାଉଥିଲା, ସାଧନ ବଢିଯାଉଥିଲା ଆଉ ଅଜଣା ଜାଗା ଜଣା ହୋଇଯାଉଥିଲା । ସେଇଆ ହେବ ଏ କ୍ଷେତ୍ରରେ । ସେମାନେ ଅନ୍ୟ ଜାଗା ଭଳି ଏଠାକୁ ଜାହାଜରେ ଆସିଲେ । ଏକ ଭୂମିରେ ଉପନିବେଶ ଆଉ ସେଇଠାରୁ ବସ୍ତି, ଆହୁରି ବିସ୍ତୃତି ଏମିତି ବସ୍ତିର ସୀମା ବଢି ଚାଲିଲା ।

କ୍ରମଶଃ. . .

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୟ



ସୁନନ୍ଦା ମହାନ୍ତି

ମୁଁ କଳାର ଛାତ୍ରୀ, ନୂଆକରି କଲେଜରେ ପାଦ ଦେଇଥାଏ । ସ୍କୁଲ ସାଙ୍ଗ ଛାଡି ମାମୁଁଘର ପୁରୀ ସହରରେ, ମହିଳା କଲେଜରେ ନାମ ଲେଖାଇ ଥାଏ । ଆଉ ବାପା ମାଆ ଭାଇ ଭଉଣୀଙ୍କୁ ଛାଡି ଆଇଙ୍କ ହେପାଜତରେ ରହିଥାଏ ମାମୁଁଘରେ, ଏକମାତ୍ର ଭଉଣୀର ବଡ଼ଝିଅ ହିସାବରେ । ସେତେବେଳେ ଆଇ.ଏ.ର ପ୍ରଥମ ବର୍ଷ ମୋର । ତିନିମାମୁଁ, ତିନିମାଇଁ ଓ ଛୋଟ ବଡ଼ ଭାଇଭଉଣୀମାନଙ୍କର ସବୁରି ପ୍ରିୟ ମୁଁ ହେଲେ ରଥାସାହିରେ ଥିବା ଲଗାଲଗି ତିନିଗୋଟି ଘର ଭିତରୁ ମୁଁ ଶୁଏ ଆଇଙ୍କ ସହ ଗୋଟିଏ ଘରେ ସେତେବେଳେ । ସହରୀ ଲୋକମାନଙ୍କର ଜମିଦାରୀ ଥାଏ ଗାଁରେ ତ, ମୋ ମାମୁଁଘରର ଜମିଦାରୀ ମଧ୍ୟ ଥାଏ ବ୍ରହ୍ମଗିରି ଅଞ୍ଚଳର ସାତିକପୁର ଠାରେ, ତ ମାମୁଁମାନେ ବିଭିର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଆଇ ହିଁ ଯାଆନ୍ତି ଧାନଅମଳ ସମୟରେ, ପ୍ରଜାଙ୍କ ଘର ପାଖେ ରହି, ଧାନ ସବୁ ବିଲରୁ  କଟା ହୋଇ ଆସି ଖଳାରେ ରୁହେ ତା ପରେ ବସ୍ତା ସବୁ ଶଗଡ଼ରେ ଲଦା ହୋଇ ପୁରୀକୁ ଆସିବା ପର୍ଯ୍ୟନ୍ତ । ଆଉ ସେ ବର୍ଷ ଥାଏ ଉଣେଇଶ ଶହ ଅଶୀ ମସିହା । ଆଇ ବାହାରିଲେ ଧାନ ଅମଳ କରି ଆଣିବାକୁ, ଆଉ ମତେ ଶୋଇବାକୁ ପଡିଲା ଏକା, କାରଣ କୌଣସି ମାମୁଁଙ୍କ ପୁଅ ଝିଅଙ୍କୁ ସେ ଘର ମନା ଥାଏ ତ ଆଇଙ୍କ ଅନୁପସ୍ଥିତିରେ କେହି ରାଜି ହୁଅନ୍ତି ନାହିଁ ସେ ଘରକୁ ଆସି ମୋ ପାଖରେ ଶୋଇବାକୁ, ମୁଁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବି ରାଜିହୁଏନି ମୋ ବହିପତ୍ର, ମୋ ଜିନିଷପତ୍ର ଛାଡି ସେମାନଙ୍କ ପାଖେ ଯାଇ ଅନ୍ୟ ଘରେ ଶୋଇବାକୁ, ତ ମୁଁ ଶୁଏ ଏକା । ମୁଁ ଶୋଉଥିବା ଘର ଆଗରେ ଏକ ବଡ଼ ଚଉତରା ଓ ତା ଆଗକୁ ଧାଡି ଧାଡି ଘର, ଘର ଓ ଚଉତରା ମଝିରେ ବିରାଟ କୂଅଟିଏ । ତା ଉପରେ ନଳକୂପ ଓ ଠିକ ତା ତଳକୁ ମୁନିସିପାଲଟି କଳ । ମୁଁ ଶୋଉଥିବା ରୁମର ଝରକା ଦେଇ ଚାହିଁଲେ ସେସବୁ ଦେଖାଯାଏ ଏବଂ ଚଉତରା ଓ କୂଅ ଟପି ଯାହାର ଘର, ସେ କ୍ଷତିମାଉସୀ, ମରିଯାଇଥାଆନ୍ତି, ଆଇ ଧାନ ଅମଳ କରିଯିବାର ଠିକ ଦୁଇ କି ଚାରି ଦିନ ପୁର୍ବରୁ ।

ସେତେବେଳେ ଧାଡି ଧାଡି ଚାଳଘର ମଝିରେ ମଝିରେ ଛାତଘର, କ୍ଷତିମାଉସୀ, ଯେଉଁ ଘରେ ମରିଥିଲେ ସେଠାରେ କେହି ନଥିଲେ, ତାଙ୍କ ଝିଅ ଅନେକ ଦିନୁ ବାହାହୋଇ ତାଙ୍କ ସଂସାରରେ ଥିଲେ, ପୁଅଟି କୁଆଡେ ଯାତ୍ରୀ କାମରେ ଲାଗିଥାଏ, ମଝିରେ ମଝିରେ ଆସେ । ଶାରୀରିକ ଅସୁସ୍ଥତା ଭିତରେ କ୍ଷତିମାଉସୀଙ୍କ ଯନ୍ତ୍ରଣାରେ ବିଗଳିତ ହୋଇ ମୋ ମାଈଁମାନେ କେତେଥର ମୋ ହାତରେ ତାଙ୍କ ପାଇଁ ଖାଇବା ପଠାନ୍ତି । ମୁଁ ଗଲେ, ସେ ମୋ ବୋଉ ବାପାଙ୍କ କଥା ପଚାରନ୍ତି ଓ ମୁଣ୍ଡ ଆଉଁସି ଦିଅନ୍ତି । କାଳକ୍ରମେ ରୋଗ ଓ କ୍ଷୁଧା ଜନିତ କଷ୍ଟରେ ସେ ମୃତ୍ୟୁ ବରଣ କଲେ ।

କ୍ଷତିମାଉସୀ ମରିବା ପରେ ସାହିପଡିଶା ଓ ମାଈଁମାନେ ବହୁତ ଦୁଃଖ ତ କଲେ କିନ୍ତୁ ତାଙ୍କର ବହୁତ ଅବଶୋଷ ରହିଗଲା ଓ ସେଥିପାଇଁ ପୁଅକୁ ନଦେଖି ମରିଥିବାରୁ ସେ ସ୍ୱଶରୀରରେ ମୃତ୍ୟୁ ପରେ ବି ଧଳାଲୁଗା ପିନ୍ଧି ଠିଆହେଉଛନ୍ତି ଭଳି କଥାବାର୍ତ୍ତା ମୋ କାନରେ ପଡେ, ତାଙ୍କ ପରିବାର ବା ତାଙ୍କ ଇତିହାସ ତ ମୁଁ ଭଲକି ଜାଣିନଥାଏ ହେଲେ ମତେ ଦେଖିଲେ ତାଙ୍କ ବିଷୟରେ କଥାବାର୍ତ୍ତା ବନ୍ଦ କରି ଚୁପ ହେଇଯାନ୍ତି ସମସ୍ତେ ଆଉ ପଛରୁ କହିବାର ମୁଁ ଶୁଣିପାରେ ପିଲାଲୋକ ଡରିବେ, ଏକୁଟିଆ ଶୋଉଛନ୍ତି, ମୁଁ ବି ମନେ ମନେ ହସିକି ଚାଲିଯାଏ କିଛି ନଜାଣିଲା ଭଳିଆ ଆଉ ବସିଯାଏ ମୋ ରୁମର ମୋ ଖଟ ଉପରେ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହାତପାଖ ସେଲ୍ଫରେ ବହି ଥାକ ଥାକ, ପଢା ବହି ସହ ବିଭୁତି ପଟ୍ଟନାୟକ ଓ ପ୍ରତିଭା ରାଏଙ୍କର କିଛି କିଛି ବହି ତଥା ମୋ ହାତଲେଖା କବିତା ଓ ଆଧୁନିକ ଗୀତ ଓ ଶିଶୁଗୀତ ଖାତା, ତା ଭିତରେ କିଛି ଆର୍ଟ ବି ମୁଁ କରେ କେବେ କେବେ, ଖାଇବାବେଳ ହେଲେ ଯାଏ ଆରପଟ ଘରକୁ ଚଉତରା ଟପି ତ, ସେଦିନ ବଡମାଇଁ  କହିଲେ ଝିଅ ମୁଁ ତୁମଘରେ ତୁମ ରୁମରେ ଖାଇବା ଦେଇଆସିବି ତମେ ଆଉ ରାତିରେ ବାହାରକୁ ଚଉତରା ଟପି ଏ ଘରକୁ ଆସନାହିଁ । ତାଙ୍କ ସଙ୍ଗେ ତାଳ ଧରୁଥିଲେ ମଝିଆଁ ଓ ସାନମାଇଁ, କାହିଁକିର ଉତ୍ତର ସିନା ସେମାନେ ଆଡେଇ ଯାଇଥିଲେ ହେଲେ ମୁଁ ଠିକ ଜାଣିଛି ଏବେ କୁଆଡେ ମରିଯାଇଥିବା କ୍ଷତିମାଉସୀ ଆସି ଠିଆ ହେଉଛନ୍ତି ତାଙ୍କ ଘରକୁ ଲାଗି, କେବେ ବି ବସି ରହୁଛନ୍ତି ପୁଣି ଆଣ୍ଠୁମାଡ଼ି ତ ପୁଣି କେବେ ଗୋଡ଼ ଲମ୍ବେଇ, ଏକଥା ମତେ ପ୍ରତ୍ୟକ୍ଷରେ କେହି ନକହିଲେବି ଆଲୋଚନାର ମୁଖ୍ୟାଂଶରୁ ମୁଁ ଜାଣିସାରିଥାଏ ଆଉ ସେଦିନ ସାନ ଦୁଇମାଇଁ ଚଉତରା ଦେଇ ରାସ୍ତା ପାଖ ଘରଯାଏଁ ଛାଡ଼ିଦେଇ ଗଲେ ଆଉ ଝରକା ବନ୍ଦ କରିବାକୁ ତାଗିଦ କରିଗଲେ । କିଛି ନଜାଣିଲା ଭଳି  ମୁଁ, ହଁ ହଁ ମୋର କିଛି ଅସୁବିଧା ନାହିଁ କହି ତାଙ୍କୁ ବିଦାୟ ଦେଲି ସତ ହେଲେ ଝରକା ଦେଇ ଅକ୍ଷୟ ମହାନ୍ତିଙ୍କ "ସ୍ମୃତି ତୁମେ.... "ଓ ଅନେକ ଆଧୁନିକ ଗୀତ ଗୁଣୁଗୁଣେଇବା ସହ ବାପା ମାଆ ଭାଇ ଭଉଣୀଙ୍କୁ ଛାଡି ଆଈଙ୍କ ଅନୁପସ୍ଥିତି ଓ କ୍ଷତିମାଉସୀଙ୍କ ମୃତ୍ୟୁର ଅସାଧାରଣ ଗୁଜବ ସବୁକୁ ନେଇ ବାପାଙ୍କ ପାଖକୁ ଚିଠି ଲେଖି ବସିଲି, ଲେଖିସାରିବା ପରେ ଜହ୍ନମାମୁଁ ପଢୁ ପଢୁ ମୋ ଝରକା ଦେଇ ଚାହିଁଲି କ୍ଷତିମାଉସୀ ଓ ଜଣେ ସାରଙ୍କ ଘର ମଝିରେ ଛୋଟ କହିଲେ ଭୁଲ ହେବ ମଧ୍ୟମ ଧରଣର ପଡ଼ିଆଟିଏ ସେଠି । ସାରଙ୍କ ଘରଲୋକ ପ୍ରାୟ ଦାଣ୍ଡପଟେ ନଥାନ୍ତି ଆଉ କ୍ଷତିମାଉସୀଙ୍କ ଘରେ ତାଲା.ତାପରେ ଯେଉଁ ଘର ସବୁ ମତେ ଦେଖାଯାଏନା । ଆଉ ଏପଟେ ସାରଙ୍କ ଘର ପରେ ପରେ ବୁଲୁମାମୁଁଙ୍କ ଘର, କୋଉଠି ଅଧ୍ୟାପକ ସିଏ । ଢେର ରାତିଯାଏଁ ଲେଖାପଢ଼ା କରନ୍ତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦାଣ୍ଡପଟେ । ଏବେ ସେ ରହୁନାହାନ୍ତି, ତାପରେ ଚତୁର୍ଭୁଜ ପରି ବଙ୍କେଇ ଯାଇଛି ମୋ ଅନ୍ୟ ମାମୁଁ ମାଇଁମାନଙ୍କ ଘର ଯାଏଁ । ପୁଣି ଜଣେ ସାରଙ୍କ ଘର ଛାଡି ମୁଁ ରହୁଥିବା ଘର, ତଳପଟ ଚାବି, ଉପରପଟେ ମୁଁ । ଘରଟା ରାସ୍ତାକୁ ଲାଗିଛି, ଗହଳି ଚହଳି ପ୍ରାୟ ଥାଏ । ଆଇ ଥିଲା ବେଳେ କବାଟ ବି ଦିଆଯାଏନା ଆଉ ଏବେ ମୁଁ ସେତିକି ଜଗେ ନିହାତି, ଆଉ ସେଇ ଖୋଲା ଝରକା ଦେଇ ଭାବେ, କ୍ଷତିମାଉସୀ ଘରକୁ ଚାହେଁ, ସତରେ କଣ ମୃତ୍ୟୁ ପରେ ମାଉସୀଙ୍କ ଆତ୍ମା ଆସୁଛି ? ସେ ମରିଗଲା ପରଠୁ ପୁଅ ଆସିନି, ଝିଅ ଜୋଇଁ  ଯଥାକଥା କ୍ରିୟାକର୍ମ କଲେ, ଏମିତି ସବୁ ମରିଗଲା ପରେ ଯାହା ମନରେ ଯାହାଥାଏ ସେସବୁ ପୂରଣ କରିବାକୁ ମଣିଷ ପ୍ରେତାତ୍ମା ହୋଇ ଘୁରି ବୁଲେ ?  !.

ଏବେ କଲେଜକୁ ଆସିବା ପରେ ମୋ ନୂଆ ସାଙ୍ଗ କିଏ କେମିତି 'ଉଇଜଡ଼ମ 'ନାମରେ ପତ୍ରିକା ଆଣନ୍ତି, ଇଂରାଜି, ବୁଝିବାକୁ କଷ୍ଟ ହେଲେବି କେତେକଥା ଏଇ ପ୍ରେତାତ୍ମାର ଅସ୍ତିତ୍ୱ ବିଷୟରେ ମୁଁ ପଢିଛି, ଯେମିତିକି, "ଥରେ ଗୋଟିଏ ଝିଅ ରିକ୍ସାରୁ ଓହ୍ଲେଇ ରିକ୍ସାବାଲାକୁ ପଇସା ଦେଲାବେଳେ ଦିଖିଛି ରିକ୍ସାବାଲାର ଲମ୍ବିଆସିଥିବା ହାତଟି ଗୋଟିଏ ଲୋମଶ ଓ ନଖ ବଡ଼ବଡ଼ ବଣମଣିଷ ହାତ ଭଳି, ତ ଝିଅଟି ଚମକି ଉଠିଛି ହେଲେ ନିଜର କିଛି ଭୁଲ ଭାବି କଲେଜରେ ଯେତେବେଳେ ଲାଇବ୍ରେରିଆନ ପାଖରୁ ବହି ନେଇଛି ତାଙ୍କ ହାତଟି ସେମିତି ଦିଖିଛି, ଟିକେ ଡରିଯାଇଛି  ଝିଅଟି ତଥାପି ସାହାସ କରି ଆଖିର ଦୋଷ ଭାବି ଅଟୋରେ ଫେରିବାବେଳେ ଅଟୋବାଲାକୁ ପଇସା ଦେବାକୁ ଯାଇ, ତାର ସେମିତି ହାତ ଦିଖିଛି ତ, ଦୌଡିବାକୁ ଲାଗିଛି, ସବୁକଥା ନିଜ ଭିତରେ ଚାପିରଖି ଜେଜେମା ପାଖରେ ଶୋଇ ସବୁକଥା କହିଛି ତ ଯେଜେମା ଆଉଁସି ଦେଉଥିବା ହାତଟି ଠିକ ସେହିପରି ଦେଖି ଦଉଡିଆସି ମାଆ ପାଖେ ସବୁ କହିଛି ତ ମାଆ ସାନ୍ତ୍ୱନା ଦେବା ପାଇଁ ତା ହାତ ଧରିନେଇଛନ୍ତି ତ ମାଆଙ୍କ ହାତଟି ସେମିତି ଦେଖି ଝିଅଟି ହାର୍ଟଫେଲ କରିଯାଇଛି", ଏହି ଗଳ୍ପ ବା କଥାବସ୍ତୁ ସମେସ୍ତେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସତ କଥା କହି ସିରିଏସ ହେଲାବେଳେ, ମୁଁ କିନ୍ତୁ ହସେ କୁହେ ଗପଟିଏ ହୁଏତ ହୋଇଥିବ, ଏମିତି ଏମିତି ଅନେକ କଥା ସେ ବହିରେ ବାହାରେ ।

ଥରେ ଜଣେ ଡାକ୍ତର ରାତିରେ ହସ୍ପିଟାଲରେ କାମ କରୁଥିଲା ବେଳେ ଶବଟି ଶଯ୍ୟା ଉପରୁ ଉଠି ବସିଯିବା କଥା ଓ ଥରେ କେମିତି ଚାରିସାଙ୍ଗ ସମ୍ପର୍କୀୟଙ୍କ ଶବ ଜଗି ତାସ ଖେଳୁଥିଲା ବେଳେ ଶବ ଆଡକୁ ଚାଂହିଥିବା ସାଙ୍ଗ ଦେଖିଛି ଶବ ଉଠିଆସୁଛି ଅଣ୍ଟା ଯାଏଁ ତ କିଛି ନକହି ସେ ବାହାରକୁ ଚାଲିଯାଇଛି ତା ପରେ ପରେ ଦ୍ୱିତୀୟ ଓ ତୃତୀୟ ସାଙ୍ଗ ବି ସେମିତି କିଛି ଦେଖି ବାହାରକୁ ଯିବା ପରେ ଚତୁର୍ଥ ସାଙ୍ଗ ଦିଖିଛି ଶବଟି ବିଛଣାରେ ବସିଛି ତ ସେ ସେଇଠି ହାର୍ଟଫେଲ କରିଯାଇଛି । ଏକଥା ପଢି ସମେସ୍ତେ ଖାଲି ଭୂତ ପ୍ରେତ ବିଷୟରେ କେତେ ନା କେତେ ମନ୍ତବ୍ୟ ଦେବା ଆରମ୍ଭ କରିଛନ୍ତି ତ, ମୁଁ କୁହେ ଆରେ ମରିଯିବା ପରେ ଶିରା ପ୍ରଶିରା ସକ୍ରିୟ ଥାଏ ତ ଏମିତି ସଂକୋଚନ ପ୍ରସାରଣ ହୋଇପାରେ, ଦ୍ୱିତୀୟ କଥା ମରିଯାଇଥିବା ଲୋକ ବଞ୍ଚିଛି ଦେଖି ସତ୍ୟସତ ପରୀକ୍ଷା କରି ଖୁସି ହେବା କଥା, ଡର କାହିଁକି ? ତୃତୀୟରେ ଜଣେ ଅନ୍ୟ ଜଣଙ୍କୁ କହିବା କଥା, ମୋ କଥା ଶୁଣି ସମେସ୍ତେ କହନ୍ତି ସେମିତି କହନା, ତୋ ସଙ୍ଗେ ସେମିତି ହେଲେ ଜାଣିବୁ, ମୁଁ ଚୁପ ରହେ ଆଉ ଦିନକର ଏମିତି ଏକ ଗଳ୍ପ ବା ସତ ଘଟଣା ଆଧାରିତ କଥାରେ ମୁଁ ମୋ ବିଶ୍ୱାସକୁ ବଢ଼େଇ ଦେଇଥିଲି ଦୁଇଗୁଣା, ଯେମିତିକି, ଜଣେ ଡାକ୍ତର ମୋରି ଭଳି ଭୂତ ପ୍ରେତର ବିଶ୍ୱାସୀ ନଥିଲେ, ତ ସାଙ୍ଗମାନେ ତାଙ୍କ ସହ ଯୁକ୍ତି କରିଥିଲେ ଆଉ ବାଜି ରଖିଥିଲେ, ତୁ ଯଦି ରାତି ବାରଟାରେ ଶବଟିଏ ହାତରେ ଯୀଶୁଙ୍କୁ କ୍ରୁଶବିଦ୍ଧ କଲା ଭଳି କଣ୍ଟା ବାଡେଇ ପାରିବୁ ତ ଆମେ ଜାଣିବୁ । ହଁ ପାରିବି କହି ସେଦିନ ରାତି ବାରଟାରେ ବାହାରିଗଲେ ଡାକ୍ତରବାବୁ, ଆଉ ଶବଟିଏ ଠିଆ କରେଇ ଏକା ଏକା ତା ହାତ କାଂଥରେ ରଖି ପିଟିବାକୁ ଲାଗିଲେ କଣ୍ଟା ହେଲେ ଏକୁଟିଆ, ଶବକୁ କାଂଥରେ ଠିଆ କରିରଖିବା, ହାତ ନେଇ କାନ୍ଥରେ ଲାଗାଇ କଣ୍ଟା ପିଟିବାରେ ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭୟ ନୁହେଁ ବରଂ ପରିଶ୍ରମ କରି ଝାଳ ସରସର ହୋଇଯାଇଥିଲେ ବି କରିପାରିଥିଲେ, ହେଲେ ପଛକୁ ବୁଲି ଆସିବା ବେଳକୁ ଦେଖିଲେ କେହି ତାଙ୍କୁ ଭିଡି ଧରୁଛି, ତାଙ୍କ ଚିତ୍କାର ଶୁଣି ସାଙ୍ଗ ମାନେ ଯାଇ ଦେଖିଲା ବେଳକୁ ଡାକ୍ତର ମୃତ । ଆଉ ଶବ ହାତରେ କଣ୍ଟା ସହ ଡାକ୍ତରଙ୍କ ଧୋତିର କିଛି ଅଂଶ ପିଟିହୋଇ ଲାଗିଛି କଣ୍ଟା ସହ । "ସମେସ୍ତେ ଏହା ପରେ କିଛି କିଛି ଏକମତ ହୋଇଥିଲେ ଯେ ପ୍ରକୃତରେ ଭୟ ହିଁ ବଡ ଶତ୍ରୁ, ହେଲେ ଭୂତ ପ୍ରେତର ଅସ୍ତିତ୍ୱ ଯେ ଅଛି ସେମାନେ ଦୃଢ଼ତାର ସହ କୁହନ୍ତି ତ ମୁଁ ହସିଦିଏ ତ ସେମାନେ ପୁଣି କପ ସାହାଯ୍ୟରେ କେମିତି ଆତ୍ମା କୁ ଡକାଯାଏ, ପ୍ରଶ୍ନ ପଚରାଯାଏ, ଏମିତିକି ଦେଶର ବଡ଼ବଡ଼ ଜନନାୟକଙ୍କୁ ବି ଡକାଯାଏ ଓ ସେମାନେ କପ ମାଧ୍ୟମରେ ଆତ୍ମା ପଠେଇ ସବୁ ପ୍ରଶ୍ନର ଉତ୍ତର ସହ ଆଶୁ ସମସ୍ୟାର ସମାଧାନର ପ୍ରଣାଳୀ ସବୁ ବାଖ୍ୟା କରନ୍ତି କେମିତି ଉତ୍ତରରେ, ମୁଁ ନିର୍ଭିକ ଭାବେ କୁହେ ହାତ ଏତେ ସମୟ ଧରି କପ ଉପରେ ରଖିଲେ ନିଶ୍ଚୟ ଖସିବ ଏଣେ ତେଣେ ଆଉ କପ ଯୁଆଡେ ଗଲା ସେଇ ସିମ୍ବଲ ବା ଲେଖାକୁ ପ୍ରତାତ୍ମା କହିଲା ବୋଲି ଧରି ନିଆଯାଏ, ହେଲେ ଆତ୍ମା କହିବା ମୁଁ ମାନିନେଇପାରିବିନି ତ ମୁଁହ ମୋଡ଼ି ସାଙ୍ଗମାନେ ଚାଲିଯାନ୍ତି, ସେହିସବୁ କଥା ମନେପକାଇ ଶୋଇବାକୁ ଚେଷ୍ଟା କଲି ମୁଁ ହେଲେ ଲାଇଟ ଲିଭେଇ ନୁହେଁ ବରଂ ଜଳେଇ ଓ ପ୍ରଥମ ଥର ମୁଁହ ଘୋଡେଇ ଆଉ ହନୁମାନ ଚାଳିଶା ବୋଲି ବୋଲି ।

ସାକ୍ଷୀଗୋପାଳ, ପୁରୀ
୯୦୪୦୯୭୭୩୨୭

ଆହ୍ୱାନ-ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପିତୃ ଦିବସ



ନିତ୍ୟ ରଞ୍ଜନ ନନ୍ଦ

ଉମେଶ ବାବୁଙ୍କ ଆଖିକୁ ଆଉ ଭଲରେ ଦେଖାଯାଉ ନାହିଁ । ହାଟରେ ବିକ୍ରି ହେଉଥିବା ଚାଳିଶିଆ ଚଷମା ଯେତେ ପାଙ୍ୱାରର ଆଣିଲେବି ସେଥିରେ ପଢ଼ିବା କଷ୍ଟ ହେଉଛି । ବହୁଦିନରୁ ଗୋଟେ ବଦ ଅଭ୍ୟାସ ରହିଯାଇଛି, ସକାଳର ଖବରକାଗଜ ନପଢ଼ିଲେ ଖାଇବାଟା ବି ହଜମ ହୁଏନା । ଖବରକାଗଜଟିକୁ ଟିକେ ଦୂରକୁ ଟିକେ ପାଖକୁ ନେଇ କଷ୍ଟମଷ୍ଟେ ପଢି ସାରିଦିଅନ୍ତି । ଆଖିରୁ ପାଣି ବାହାରି ପଡେ ସିନା ହେଲେ ପେପର ପଢ଼ିବା ବନ୍ଦ ହୁଏନା । ସ୍ତ୍ରୀ କେତେଥର କହିଲେଣି ଆଖିକୁ ତ ଦେଖାଯାଉନି କଷ୍ଟକରି କାହିଁକି ପଢୁଛ,କାଲି ଠାରୁ ପେପରଟା ବନ୍ଦ କରିଦେଲେ ତ କାମ ସରିଲା । ଆଜି ସକାଳେ ଖବର କାଗଜ ପଢୁ ପଢୁ ଜାଣିବାକୁ ପାଇଲେ ତାଙ୍କ ପୁଅ ବାବୁ  ସହରର ଗୋଟାଏ ବୃଦ୍ଧାଶ୍ରମ କୁ ଯାଇ ଅନ୍ତେବାସୀଙ୍କ ସହିତ କିଛି ସମୟ ବିତାଇ ଆସିଛି । ସେମାନଙ୍କ ଭଲ ମନ୍ଦ ବୁଝିବା ସହିତ ସ୍ୱାଦିଷ୍ଟ ଖାଇବା ଓ ପୋଷାକ ମଧ୍ୟ ବଣ୍ଟନ କରିଛି । ଦେଖାଯାଉ ନଥିବା କିଛି ଅନ୍ତେ ବାସୀଙ୍କ ପାଇଁ ମାଗଣାରେ ମୋତିଆ ବିନ୍ଦୁ ଅପରେସନ କରିଦେବାର ସୁବନ୍ଦୋବସ୍ତ ମଧ୍ୟ କରି ଦେଇଛି । ଏଥି ପାଇଁ ସମାଜର ବିଭିନ୍ନ ବର୍ଗର ଲୋକମାନେ ତାକୁ ବେଶ୍ ପ୍ରଶଂସା କରିଛନ୍ତି । ଖୁସିରେ ଛାତି କୁଣ୍ଢେ ମୋଟ ହୋଇଯାଉଥିଲା ବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଲକ୍ଷ୍ୟରେ ଆଖିରୁ କେଇଟୋପା ଲୁହ ମଧ୍ୟ ଝରିପଡ଼ିଥିଲା । ଜାଣିପାରୁ ନଥିଲେ ଏ ଆନନ୍ଦର ଅଶ୍ରୁ ନା କୋହଭରା ଅଶ୍ରୁ । ଖୁସିରେ ଡାକ ପକାଉଥିଲେ ସ୍ତ୍ରୀକୁ, କହୁଥିଲେ ଦେଖ ଦେଖ ଆମ ବାବୁ ସହରରେ କେତେ ଭଲକାମ କରୁଛି । ସବୁ କଥା ଜାଣିଲା ପରେ ସ୍ତ୍ରୀ ବେଶ୍ ବୁଝିପାରିଥିଲେ ତାଙ୍କ ମନର ସେହି ଅକୁହା କଥାକୁ ।

ଦୁଇ ବର୍ଷ ତଳର କଥା । ବାବୁ ଗାଆଁକୁ ଆସିଥିଲା । ଗାଆଁରେ ଆଖି କ୍ୟାମ୍ପ ପଡ଼ିଥିବାରୁ ତା ବାପା ଯାଇ ସେଠାରେ ଆଖି ଦେଖାଇ ଆସିଥିଲେ । ଡ଼ାକ୍ତର କହିଥିଲେ ଶୀଘ୍ର ମୋତିଆ ବିନ୍ଦୁ ଅପରେସନ କରାଇନେବାକୁ । ଏ କଥା ବାବୁ ଜାଣିବା ପରେ ତା ବାପାଙ୍କ ଉପରେ ରାଗିକି କହିଥିଲା," ଗାଆଁ ଲୋକ କଣ କହିବେ,ପୁଅ ବୋଧେ ବାପା କଥା ବୁଝୁନି, ନୋହିଲେ ତା ବାପ କଣ ଲମ୍ବା ଲାଇନରେ ଛିଡା ହୋଇ ଆଖି ପରୀକ୍ଷା କରିବାକୁ ଏ କ୍ୟାମ୍ପକୁ ଆସିଥାନ୍ତା । ସେ ଫ୍ରି କ୍ୟାମ୍ପରେ ଅପରେସନ ହେବା ଦରକାର ନାହିଁ । ବୁଝିଲୁ ବୋଉ ଆର ଥରକୁ ଆସିଲେ ବାପାଙ୍କୁ ନେଇ ଭଲ ହସପିଟାଲରେ ଅପରେସନ କରାଇ ଗାଆଁରେ ଆଣି ଛାଡ଼ିଦେଇ ଯିବି" । ଏହାରି ଭିତରେ ବର୍ଷେ ଚାଲିଗଲା,ବାବୁକୁ ସମୟ ହେଲାନି । କଣ ବା ସେ କରିବ,ସହର ଜାଗା , ସବୁ ନିଅଣ୍ଟିଆ, ତା ଉପରେ ପୁଣି ପିଲାଛୁଆଙ୍କ ଚିନ୍ତା,ସମୟ ମିଳିଲେ ତ ଆସିବ,ଆଉ ତୁମେ ବ୍ୟସ୍ତ ହେଲେ କଣ ହେବ ଯେ ଏପରି କହି କାମିନୀ ଦେବୀ ବୁଝାଇ ଚାଲୁଥିଲେ ତାଙ୍କ ସ୍ୱାମୀଙ୍କୁ ।

ପୁଣି ଗାଆଁରେ ଆଖି କ୍ୟାମ୍ପ ପଡିଲା । ଏ ଥର କିନ୍ତୁ କାହା କଥା ନ ଶୁଣି ଉମେଶ ବାବୁ ବାହାରି ପଡିଲେ ମାଗଣା ଅପରେସନ କରିବା ପାଇଁ ଭୁବନେଶ୍ୱର । ଗାଆଁରୁ ସର୍ବମୋଟ କୋଡ଼ିଏ ଜଣ ସିଲେକ୍ସନ ହୋଇଥିଲେ । ସ୍ତ୍ରୀ ତାଙ୍କର ମନା କରୁଥିଲେ,କହୁଥିଲେ ପୁଅ ରାଗିବ ଯାଅନା । ହେଉ ଯଦି ଯାଉଛ ହସ୍ପିଟାଲରେ କାହାକୁ କହି ପୁଅକୁ ଟିକେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜଣାଇଦେବ । ହଁ କହି ବାହାରି ଯାଇଥିଲେ । ହସ୍ପିଟାଲରେ ପହଞ୍ଚି ପୁଅକୁ ସବୁ ଖବର ଜଣାଇଥିଲେ । ପୁଅ ତୁରନ୍ତ ଆସି ପହଁଚିଲା । ହସପିଟାଲ କର୍ମଚାରୀଙ୍କ ସହିତ ଆସି ଯୁକ୍ତି ତର୍କ କଲା । କହିଲା ମୋ ବାପାଙ୍କୁ ଆଣିବାକୁ ତୁମକୁ କିଏ ଅନୁମତି ଦେଲା । ମୁଁ ବଡ ହସପିଟାଲ ରେ ସବୁ ଠିକଠାକ୍ କରିଥିଲି ଅପରେସନ କରିବା ପାଇଁ । ମାଗଣାରେ ମୋ ବାପା କାହିଁକି ଅପରେସନ ହେବେ । ସେତିକିରେ ମନ ବୁଝି ନଥିଲା, ବାପାଙ୍କୁ ମଧ୍ୟ ବହେ କହିଚାଲିଲା । ଗଲାବେଳେ କହିଗଲା ବାପାଙ୍କର ମାଗଣା ଅପରେସନ ହେବନାହିଁ,ତୁମେ ଯେମିତି ଆଣିଥିଲ ସେମିତି ଗାଆଁ ରେ ଛାଡ଼ିଦେଇ ଆସିବ । ଗାଆଁରୁ ଆସିଥିବା ସମସ୍ତଙ୍କ ଅପରେସନ ଭଲରେ ହେଲା କେବଳ ଉମେଶ ବାବୁଙ୍କୁ ଛାଡି । ତାପରଦିନ ଗାଡ଼ିରେ ସମସ୍ତେ ଗାଆଁରେ ପହଞ୍ଚିଲେ । ସମସ୍ତ ଘଟଣା ଶୁଣି କାମିନୀ ଦେବୀ କହୁଥଲେ ସବୁ ମୋର ଭୁଲ । ମୁଁ ତୁମକୁ ଫୋନ କରିବାକୁ କହି ନଥିଲେ ଏତେ ସବୁ ଅଘଟଣ ଘଟି ନଥାନ୍ତା । କଣ ହେଲା କେଜାଣି ସେଇ ଦିନଠାରୁ ବାବୁ ବି ରାଗରେ ଆଉ ଘରକୁ ଆସି ନଥିଲା ।

ଉମେଶ ବାବୁଙ୍କ ଆଖିରେ ଲୁହ ଦେଖି କାମିନୀ ଦେବୀ ଭାଙ୍ଗି ପଡ଼ିଥିଲେ । କହୁଥିଲେ ତୁମେ ଜମା ବ୍ୟସ୍ତ ହୁଅନା, ପୁଅର ହାତକୁ ଚାହିଁ ବସି ଆମର ଆଉ ବଡ ହସ୍ପିଟାଲରେ ଅପରେସନ ହେବା ଦରକାର ନାହିଁ । ଏ ଥର କ୍ୟାମ୍ପ ପଡିଲେ ମୁଁ ତୁମ ସାଙ୍ଗରେ ଯିବି, କାହାକୁ ଜଣାଇବା ଦରକାର ନାହିଁ,ହେଲେ ତୁମେ ଆଉ ମନ ଦୁଃଖ କରନା । ଉମେଶ ବାବୁ କହୁଥିଲେ ମନ ଦୁଃଖ କରିବି କାହିଁକି । ଖବରକାଗଜ ରୁ ଜାଣିଲି ଆଜି ପରା "ପିତୃ ଦିବସ" । ଏହି ଦିବସରେ ପୁଅ ତାଙ୍କର କେତେ କଣ ପୁଣ୍ୟ କାମ କରିଚାଲିଛି ଜାଣି ଭାରି ଖୁସି ଲାଗିଲ । ଗାନ୍ଧୀ ଗୋପବନ୍ଧୁଙ୍କ ଭଳି କେତେ ମହାମନିଷୀ ଏ ଦେଶରେ ଜନ୍ମ ନେଇଛନ୍ତି । ମନେ ପଡେ ବନ୍ୟା ପ୍ରପୀଡ଼ିତ ସମୟରେ ନିଜ ଅସୁସ୍ଥ ପୁଅକୁ ଛାଡ଼ି ଗୋପବନ୍ଧୁ ବାହାରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଢ଼ିଥିଲେ ଅନ୍ୟ ବେସାହାରା ପିଲାମାନଙ୍କୁ ବଞ୍ଚାଇବା ପାଇଁ ।ଆହୁରି ମନେପଡେ ଭାରତ ବିଭାଜନ ପରେ ପରେ କେତେଯେ ଅସହାୟ ନିଷ୍ପେସିତ ହିନ୍ଦୁ ମାନେ ନିଜର ପ୍ରାଣ ବଞ୍ଚାଇବା ପାଇଁ ଅନ୍ଧାର ରାତିରେ ପ୍ରାଣ ବିକଳରେ ପାକିସ୍ତାନରୁ ଲୁଚି ଭାରତ ପଳାଇ ଆସୁଥିଲେ ତାର ହିସାବ ନାହିଁ, ସେମାନଙ୍କ ରହିବା ଓ ସୁରକ୍ଷା ବ୍ୟବସ୍ଥା କଥା ଗାନ୍ଧିଜୀ ଚିନ୍ତା ନକରି ମୁସଲିମ ମାନେ କେମିତି ନିରାପଦରେ ଯାଇ ଆସି ଭାରତରେ ବସବାସ କରିପାରିବେ ତାର ସମସ୍ତ ସୁରକ୍ଷା ବ୍ୟବସ୍ଥା କରିଦେଇଥିଲେ ।

ଆଜି ସମୟର କେତେ ଯେ ପରିବର୍ତ୍ତନ ଆସିଛି । ଦେଖାଯାଉ ନଥିବା ନିଜ ବୁଢ଼ା ବାପର ଆଖି ଅପରେସନକୁ ଭ୍ରୁକ୍ଷେପ ନକରି ବୃଦ୍ଧାଶ୍ରମରେ ରହୁଥିବା କେତେ ଅବହେଳିତ ବାପାମାନଙ୍କ ଆଖି ଅପରେସନର ବନ୍ଦୋବସ୍ତ କରିପାରୁଥିବା ପୁଅମାନଙ୍କ ପାଇଁ "ପିତୃ ଦିବସ" ଆଜି ନିଶ୍ଚୟ ସାର୍ଥକତା ଲାଭ କରିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ ।

ନିତ୍ୟ ରଞ୍ଜନ ନନ୍ଦ
ଡ଼ିଏଲ୍ଏ-୧୨, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ବର
ମୋ - ୯୪୩୭୭୭୮୪୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶରତ ସନ୍ଧ୍ୟାର ଭେଟି



ଯଶୋଶ୍ରୀ ବେହେରା

ବିଜୟା ଦଶମୀର ଏକ ଶାରଦୀୟ ସନ୍ଧ୍ୟା । ଘର ସାରା କୁଣିଆ ଭର୍ତ୍ତି । କିଏ କେଉଁ ଆଡୁ ସବୁ ଆସୁଛନ୍ତି କଟକ ଦଶହରା ଦେଖିବା ପାଇଁ । ଆଉ ଆମର ଯେତେ ସମ୍ପର୍କୀୟ ତାର ହିସାବ କରିବା ବୋଧେ ମୋର ମୂର୍ଖାମୀ ହେବ !

ବୋଉର ଗୋଟାଏ କଥା । ସବୁ ଅତିଥିମାନଙ୍କୁ ଯାଇ ନିଜେ ମୁଁ ଷ୍ଟେସନରୁ ନେଇ ଆସିବି ! ଏଣେ ନିଜେ ପଛେ ପୁରୀ ଛାଣି ଆଉ ଆଳୁକଷା ପାଇଁ ମସଲା ବାଟି ବାଟି ହାତ ବିଣ୍ଡି କରି ସାରୁ,ହେଲେ ମୁଁ ଯିବି ଷ୍ଟେସନ !

ଷ୍ଟେସନ ବି ସେମିତି କିଛି ଦୂରରେ ନଥିଲା ! ଆମ ଘର ଠାରୁ ଅତି ବେଶୀରେ ତିନି କିଲୋମିଟର ! ଅଟୋ ଭଡା କରି ନିଜେ ତ ଆସିଯିବେ ଆରାମରେ । କାରଣ ପ୍ରତି ବର୍ଷ ଆସି ଖାଲି ବାଟ କଣ,ବାଟ ଏମାନଙ୍କୁ ବି ଜାଣି ଯିବଣି । ଟଙ୍କା କୋଡିଏ ଟା ଜଣକା ପିଛା ଖର୍ଚ୍ଚ କରିବେ ନାହିଁ ଯେ ମୁଁ ସେଇ ଅଟୋ ଭଡା କରି ନେଇକି ଯିବି, ତାଙ୍କୁ ନେଇକି ଆସିବି ।

"ବୋଉ,ଏତେ ବଡ଼ ଅଧ୍ୟାପକକୁ ତୁମେମାନେ ଏମିତି କାମରେ ଲଗାଉଛ ଜାଣିଲେ ମୋ ଇଜ୍ଜତ ରହିବଟି ?"

"ବେଲେଣା କାଠିରେ ଦେବି ପାହାରେ, ସବୁ ନବାବୀ ଏଇଠି ଉତୁରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯିବ । ଛୁଆ ଯେତେ ବଡ଼ ପୋଷ୍ଟରେ ରହିଲେ ବି ସବୁବେଳ ପାଇଁ ସମାନ । ବୁଝିଲୁ । ଆଉ ଡେରି କର ନା, ଯାଆ ଝିଲ୍ଲୀ ମାଉସୀ ତିନିଥର ଫୋନ କରି କହି ସାରିଲାଣି ସୁବୁକୁ ଷ୍ଟେସନ ପଠାଓ ପଠାଓ କହିକି । ଆଉ ଯଦି ତୁ ଡେରି କରିବୁ,ସିଏ ନିଜେ ଅଟୋ ଧରିକି ଆସିଯିବ ।"

"ଏ ବୋଉ, ଏଇଟା ସତରେ ହେବ ତ ? ତାହେଲେ ମୁଁ ଶୋଉଛି । ମାଉସୀ ତ ନିଜେ ନିଜେ ଆସିଯିବ, ମୁଁ କାହିଁ ଆଉ କଷ୍ଟ କରିକି ଯିବି ?"

"ଚୁପଚାପ ବାହାରି ଯାଆ, ଭଉଣୀଟା ମୋର ଛୁଆଙ୍କୁ ନେଇ ହନ୍ତସନ୍ତ ହେଉଥିବ ଷ୍ଟେସନରେ ଠିଆ ହେଇ ହେଇ । କାହାକୁ ଜାଣିନାହିଁ ଏଇଠି । ଭଲା ଯାଆ ଟିକେ ଜଲଦି ।"

ବୋଉ ସହ ଯୁକ୍ତି କରିବା ବେକାର । ଚାକିରିଆ ମାଉସୀ ମୋର ସାମାନ୍ୟ ଷ୍ଟେସନରେ ହଜିଯିବେ ? ପୁଣି କଟକ ଝିଅ ହୋଇ ବି କଟକରେ ହଜି ଯିବେ ? ୟା ଠାରୁ ହାସ୍ୟସ୍ପଦ କଥା କିଛି ଥିବ କି ? ମୋ ବୋକୀ ବୋଉକୁ କିଏ ଏ ସବୁ ବୁଝେଇବ ?

ବେଶୀ କଥା ନ ବଢ଼େଇ ଅଟୋ ରୋକି ମୁଁ ଷ୍ଟେସନ ଆଡକୁ ଯିବାକୁ ନିର୍ଦ୍ଦେଶ ଦେଲି । ଗାଡି ବଢ଼ି ଚାଲିଥାଏ ଷ୍ଟେସନ ଆଡକୁ । ଆଉ ପଛ ରେ ରହି ଯାଉଥାନ୍ତି ମୋ ବିରକ୍ତି ଭାବର କଥା ଗୁଡା ।

ଝିଲ୍ଲୀ ମାଉସୀ ମୋତେ ଦେଖି ତାର ଦୁଇଟା ଛୁଆଙ୍କ ହାତ ଧରି ଭିଡିଟାଣି ଆଣୁଥାଏ । ପାଖରେ ପହଂଚି ଯା ଛା ତା କହି ଚାଲିଥାଏ, "ହଇରେ ଟୋକା ? ତୋର କାଣ୍ଡ ଜ୍ଞାନ ଅଛି କି ନାହିଁ ? ଗୁରୁଜନ ଲୋକଟା କେତେବେଳୁ ଅପେକ୍ଷା କରିଛି ? ଖାଲି ତ ସୋଇଥିବୁ ଗଧଙ୍କ ପରି ଅଢେଇ ପହର ଯାଏଁ ।"

ମାଉସୀ ସହ ଅଯଥା ପାଟି ନକରି ମୁଁ ତା ପାଦ ଛୁଇଁ ଆଶୀର୍ବାଦ ନେଲି । ନିଆଁରେ ପାଣି ପଡିଗଲା ପରି ଥମି ଗଲା ସିଏ । ତା ଲଗେଜ ନେଇ ଅଟୋରେ ରଖି ମାଉସୀର ଛୁଆ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଉ ମାଉସୀଙ୍କୁ ବସେଇ ଦେଇ, ତାଙ୍କ ଲଗେଜ ଗାଡିରୁ କାଢିବାକୁ ବାହାରିଲି ମୁଁ । ଜାଣିଥିଲି କେବେହେଲେ ମାଉସୀ ଏ କାମ ଟା ନିଜେ କରିବ ନାହିଁ,ସବୁବେଳେ ମୋତେ ହିଁ କହିବ ।

କେଜାଣି ଏ ଉଦଣ୍ଡୀ ମାଉସୀଙ୍କୁ ମୋର ମଉସା କେମିତି କଥା କହୁଥିବେ ? ବିଚରା !

ଲଗେଜ କାଢୁ କାଢୁ ଅଚାନକ ପାଉଁଜି ଶବ୍ଦ ଶୁଣି ମୋ ଧ୍ୟାନ ତାରି ଆଡକୁ ଚାଲିଗଲା । ଝିଅଟିଏ ମୋ ପଛରେ ଥାଇ ମଧୁର ସ୍ୱରରେ କହିଲା, "ଟିକେ ଶୁଣିବେ, ଏଇ ପ୍ରଥମ ଲଗେଜଟା ମୋର । ପ୍ଲିଜ ସେଇଟାକୁ ଭିତରକୁ ନ ଦେଇ ତଳକୁ କାଢି ଦିଅନ୍ତୁ ।"

ଅନ୍ୟ କେହି ହୋଇଥିଲେ ସାଙ୍ଗେ ସାଙ୍ଗେ ମୁହଁ ବୁଲେଇ ଦେଇଥାନ୍ତି, ହେଲେ କାହିଁ କେଜାଣି ମନ କହୁଥିଲା ତା ସ୍ୱର ଶୁଣିଲା ପରେ ସାହାଯ୍ୟ କରିବା ପାଇଁ ।

ଲଗେଜଟା ରଖୁ ରଖୁ ସବୁଠାରୁ ଆଗ ମୋ ନଜର ତା ଚୁଡି ଉପରେ ପଡିଲା । ମେହେନ୍ଦି ଭରା ଚମ୍ପାଫୁଲ ପରି ହାତରେ ମୁଠାଏ ଚାନ୍ଦି ରଙ୍ଗର ଚୁଡି ! ସତେ ଯେମିତି ଦେବୀ ମାଆଙ୍କ ହାତ ସ୍ୱୟଂ । ଶରତର ମଳୟ ମୋତେ ଭିଜାଇ ଦେଉଥାଏ । ସତେ ଯେମିତି ସେ ଝିଅ ମୋ ପାଇଁ ଶାରଦୀୟ ଉପହାର ଥିଲା ଅବା !

ତା ଚେହେରା ଦେଖିବା ଆଗରୁ ନିଜ ଲଗେଜ ଉଠେଇ ସେ ଭିଡ଼ ଭିତରେ କେଉଁଠି ଗାଏବ ହୋଇଗଲା । ମୁଁ ଖୋଜି ଖୋଜି ନୟାନ୍ତ ହେଲି ପଛେ କେଉଁଠି ପାଇଲି ନାହିଁ ତାକୁ ।

ମାଉସୀର ଲଗେଜ୍ ଆଣି ବହେ ଖଣ୍ଡେ ତା'ଠାରୁ ଗାଳି ଶୁଣି ମୁଁ ଅଟୋର ଡ୍ରାଇଭର ସିଟ ପାଖରେ ବସିଥାଏ । ମାଉସୀର କଥା ମୋତେ ଶୁଣା ଯାଉନଥାଏ । ମୋ ଆଖି ଆଗରେ ତ କେବଳ ସେଇ ହାତ ଦୁଇଟା ଦେଖା ଯାଉଥାଏ । ଆଉ ମନେ ମନେ ଶରତ ସନ୍ଧ୍ୟାର ସେଇ ଅଜଣା ଝିଅ ।

***

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୃଣ୍ମୟୀ ମୂର୍ତ୍ତି ଆଗରେ ଛିଡା ହୋଇ ମୁଁ ଦେବୀ ମାଆଙ୍କୁ ଚାହିଁ କେବଳ ସେଇ ଚୁଡି ବାଲି ଝିଅ ସହ ଥରୁଟିଏ ଦେଖା କରେଇ ଦେବାକୁ ମିନତୀ କରୁଥାଏ । ଈଶ୍ୱରଙ୍କୁ ବିଶ୍ୱାସ କରୁନଥିବା ମନ ମୋର ପାଦ ଦି ତା ଙ୍କୁ ଭିଡି ଆଣି ଆଜି ମନ୍ଦିର ଭିତରେ ପହଞ୍ଚେଇ ଦେଇଥାଏ ।

***

ଦ୍ୱିତୀୟ ବର୍ଷ ଡା ପିଲାଙ୍କ ସହ ପ୍ରଥମ କ୍ଲାସ ମୋର ଥିଲା । କଲେଜ ଦଶହରା ପରେ ପରେ ଖୋଲିଥିବା ହେତୁ ବହୁତ ପିଲା ଏଯାଏଁ ଆସି ନଥିଲେ । ଏମିତି ସବୁ ବର୍ଷ ହୁଏ । ଦୀପାବଳି ପରେ ପରେ ଯାଇ ପିଲାଙ୍କ ଆଗମନ ହୁଏ ଏଇଟା ସଭିଙ୍କୁ ପ୍ରାୟତଃ ଜଣା !

ମୁଁ ପଢାଇବା ଆରମ୍ଭ କରିଥାଏ କି ଅଚାନକ କାହାରି ପାଟି ଶୁଣାଗଲା, "ମୁଁ ଭିତରକୁ ଆସି ପାରିବି କି ସାର ?"

ଏ ସ୍ୱରଟା କାହିଁ ଭାରି ଚିହ୍ନା ଚିହ୍ନା ଲାଗୁଥାଏ । ଏତିକି ବେଳେ କ୍ଲାସରେ ଯେଉଁ ଝିଅଟି ପ୍ରବେଶ କଲା, ସେ କେବଳ ମୋତେ ନୁହେଁ ସାରା ଶ୍ରେଣୀକୁ ବି ଆଶ୍ଚର୍ଯ୍ୟ କରିଦେଲା । ଏ ଝିଅଟି ଆମ କଲେଜର ନୁହେଁ, କାରଣ ଏ ବ୍ୟାଚର ପ୍ରଥମ ବର୍ଷରେ ମୁଁ ତାକୁ ଦେଖି ନଥିଲି ।

ତାର ସେଇ ଶାନ୍ତ ଚେହେରା ଟା ଏବେ ମୋ ମନରେ ଛପି ଯାଇଥାଏ । ତାର ସେଇ ହାତକୁ ଚାହିଁ ମୋ ଭାବନାର ସେଇ ନାୟିକା କି ନୁହେଁ ବୋଲି ନିଶ୍ଚିତ ମଧ୍ୟ ହୋଇ ସାରିଥାଏ । ଯୋଗକୁ ସେଇ ଚାନ୍ଦି ରଙ୍ଗର ଚୁଡି ଏବେ ବି ତା ହାତରେ ଶୋଭା ପାଉଥାଏ ।

ବୁଝୁ ବୁଝୁ ସେ ଏଇ ବର୍ଷ ତା ବାପାଙ୍କ ବଦଳି ପାଇଁ ଆସିଛି । ଏବେ ହଷ୍ଟେଲରେ ରହିବ ଆଉ ତା ପରିବାର ଆସିବାରେ ଡେରି ହେବାରୁ ସେ ନିଜେ ଜଲଦି ଆସି ଯାଇଛି କ୍ଲାସ ମିସ ନ କରିବା ପାଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଦିନ ବିଶେଷ କିଛି ନ ପଢ଼େଇ ତା ପରିଚୟରେ କ୍ଲାସଟା ବିତିଗଲା । ସେଦିନ କାହିଁକି କେଜାଣି ସବୁକିଛି ଖୁବ ନିଆରା ନିଆରା ଲାଗୁଥାଏ । ଦେବୀ ଦୁର୍ଗାଙ୍କ ମୂର୍ତ୍ତି ଆଗରେ କରିଥିବା ଇଚ୍ଛାଟା ଯେମିତି ପୁରା ହୋଇ ଯାଉଥାଏ ।

ହଁ ମୁଖ୍ୟ କଥା ଭୁଲି ଯାଇଛି । ମୋ ନାୟିକାର ନାଁ ଟା ହେଲା ଶ୍ରୀ ।

***

ପରବର୍ଷ ଦଶହରାରେ ଝିଲ୍ଲୀ ମାଉସୀକୁ ଯେବେ ଆଣିବାକୁ ଯାଇଥିଲି, ପୁଣି ଶ୍ରୀ ଦେଖା ହୋଇଗଲା । ହେଲେ ଏବେ ସେ କେଉଁ ଅଜଣା ନଥିଲା । ଛୁଟି ନ ସରୁଣୁ ସେ ହଷ୍ଟେଲ ଆସିଥାଏ । ହଷ୍ଟେଲରେ ଅନ୍ୟ କେହି ପିଲା ନଥିବା ହେତୁ ମୁଁ ତାକୁ ଆମ ଘରକୁ ଦଶହରା ପାଇଁ ନିମନ୍ତ୍ରଣ କରିଲି ।

ଏଇ ବର୍ଷଟିଏ ଭିତରେ ସେ ଖୁବ ସହଜ ହୋଇ ଯାଇଥାଏ ଆମ ପୁରା କଲେଜ ସହିତ । କହିବାକୁ ଗଲେ ମୋ ସହିତ ମଧ୍ୟ ।

ଝିଲ୍ଲୀ ମାଉସୀ ସହ ଘରେ ପହଂଚୁ ପହଂଚୁ ସେ ଆସି ହାଜିର । ମାଉସୀ ତାକୁ ଦେଖି ଚିହ୍ନିଲା ପରି ଡାକ ଦେଇ କହିଲା, "ଏ ଶିରି ଏପଟେ କୁଆଡେ ତୁ ?"

ଶ୍ରୀ ମାଉସୀକୁ ମୁଣ୍ଡିଆ ମାରିଲା । ମୁଁ ଚାହିଁ ରହିଥାଏ କଣ ଚାଲିଛି ବୋଲି । ମାଉସୀ ମୋତେ କହିଲା, "ଇଏ ଶ୍ରୀ । ଆମ ଘର ପାଖ ଦେଢ଼ଶୁରଙ୍କ ଝିଅ ।"

ଓଃ ! ମାଉସୀ କଥା ଶୁଣି ଯେମିତି ମୋ ମନରେ ଲକ୍ଷେ ପ୍ରଜାପତି ଉଡି ବୁଲୁଥାନ୍ତି । ଶ୍ରୀକୁ ସିନା ମନ କଥା କହି ପାରିବିନି, ହେଲେ ମାଉସୀକୁ କୁହେଇ କରି ମୋ ପ୍ରେମ ବିବାହଟାକୁ ପ୍ରସ୍ତାବିତ ତ କରେଇ ପାରିବି ନା ?

ମାଉସୀ ଥିଲା ଅବସ୍ଥାରେ ବୋଉକୁ ଏଇ କଥା ତା ଜଣେଇ ଦେଲି ! ବୋଉ ଆଉ କି

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥୟ ଧରେ ? ମାଉସୀଙ୍କୁ କହି ବୋଲି ପଡିଥାଏ, "ଭାରି ଭଲ ଝିଅଟା । ଆମ ସୁବୁ ପାଇଁ ଠିକ ମେଳ ଖାଇବ । ତୁ ଟିକେ ତା ଘର ଲୋକଙ୍କ ସହ କଥା ହୁଅନ୍ତ ନାହିଁ ?"

ମାଉସୀ ଅଗତ୍ୟା ମୋ କାନ ମୋଡି କହିଲା, "ହେଇରେ ବଦମାସ, ତାକୁ ତୁମ ଘରେ ଦେଖି ମୁଁ ଠିକ ଜାଣିଥିଲି କଣ ଗୋଟେ ଚାଲିଛି ବୋଲି । ହେଲେ ତୁ ଯିଏ ଭିତରେ ମହାନ ଖଣ୍ଡେ ଥିବୁ ମୁଁ ଜାଣି ନଥିଲି ।

ହେଉ ରହ ମୁଁ ଦେଖେ କଣ କରି ହେଉଛି ।"

***

ଶ୍ରୀର ସୁନ୍ଦରତା ପଣେ ତାକୁ କେତେ ସୁନ୍ଦର ଡାକ୍ତର, ଇଞ୍ଜିନିଅର ମିଳିବେ । ଆଉ ମୁଁ ସାମାନ୍ୟ ଅଧ୍ୟାପକଟିଏ ଛାର । ହେଲେ ମୋ ଝିଲ୍ଲୀ ମାଉସୀର କମାଲକୁ ବି ମାନିବାକୁ ହେବ । କି ମନ୍ତ୍ର କେଜାଣି ସେ ଫୁଙ୍କିଲା ଶ୍ରୀ ବୋଉଙ୍କ କାନରେ, ସିଏ ଏକାଥରେ ଲାଗି ପଡିଲେ ଶ୍ରୀ ଆଉ ମୋ ବାହାଘର ପାଇଁ ।

***

ବିଜୟା ଦଶମୀର ପୁଣି ଏକ ସୁନ୍ଦର ସନ୍ଧ୍ୟା । ଏତିକି ବେଳେ ରୋଷେଇ ଘରୁ କାହାରି ପାଟି ଶୁଣାଗଲା, "ଶୁଣୁଛ ? ଯାଅ ମାଉସୀ ଆସିଲେଣି ଷ୍ଟେସନକୁ । ତିନିଥର ଫୋନ କରି ସାରିଲେଣି ତୁମର ଗଲ କି ନାହିଁ ବୋଲି । ଯଲଦି ବାହାରି ଗଲ ତୁମେ ।"

"ଓହୋ ବୋଉ କଣ କମ ଥିଲା ? ଏବେ ତୁମେ ବି ଲାଗି ପଡ଼ିଛ ?"

"ତୁମେ ଭୁଲି ଯାଉଛ ବୋଧେ ମାଉସୀଙ୍କ ପାଇଁ ଆଜି ଏଇଠି ଠିଆ ହୋଇ ଏତେ ଫୁଟାଣି ମାରୁଛ । ଯଦି ମାଉସୀ ଲାଗି ନଥାନ୍ତେ ନା, ଆଜି କୋଉଠି ଦେବଦାସ ହେଇ ମଠରେ ବସିଥାନ୍ତ ବୁଝିଲ !"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"କେତେ କହୁଛ ମୋ ଘରଣୀ ରାଣୀ । ଯାଉଛି ଯାଉଛି । ମାଉସୀ ବା ମୁଖ୍ୟ ଲୋକ । ମାଉସୀ ପାଇଁ ହିଁ ତ ଆମ ଭେଟ ଆଉ ବାହାଘର ହୋଇଛି । ସେଇ ମାଉସୀ ପାଖରେ ମୁଁ ଜୀବନ ସାରା କୃତଜ୍ଞ ରହିବି ।"

"କଥା ପରେ କହିବ, ଯାଅ ଜଲଦି । ବୁଢ଼ୀ ମଣିଷ ଏତେ ସମୟ କେମିତି ରହିବେ ?"

ଶ୍ରୀ କଥା ଶୁଣି ମୁଁ ବାହାରି ଯାଇଥିଲି ଷ୍ଟେସନ । ନା ନା ! ଏଇଥର ଅଟୋରେ ନୁହେଁ ! ଶ୍ରୀ ଘର ଲୋକ ଦେଇଥିବା ଚାରି ଚକିଆରେ । ଅବଶ୍ୟ ନିଜ ଇଚ୍ଛାରେ ଦେଇଥିଲେ, ଆମର କୌଣସି ଡିମାଣ୍ଡ ନଥିଲା ।

ଆଜି ମାଉସୀଙ୍କୁ ଆଣିବାକୁ ଗଲା ବେଳେ କୌଣସି ବିରକ୍ତି ଭାବ ନଥିଲା । କାହିଁକି ନା ଏଇ ମାଉସୀ ପାଇଁ ହିଁ ତ ମୁଁ ଶ୍ରୀକୁ ପାଇଥିଲି । ଆଜି ମାଉସୀ ମୋତେ ଉଦଣ୍ଡୀ ନୁହେଁ ମୋ ବୋଉ ପରି ମନେ ହେଉଥିଲା ।

ଆଉ ସେଇଥିପାଇଁ ତ ଏଇ କାହାଣୀର ସୁଖଦ ଅନ୍ତର ମୁଖ୍ୟ ଶ୍ରେୟ ମୋ ମାଉସୀ ପାଇଁ । ମୁଁ ଧନ୍ୟବାଦ ଜଣାଉଥାଏ ଶରତକୁ । ଏଇ ଶାରଦୀୟ ଅପରାହ୍ନ ହିଁ ତ ମୋତେ ଭେଟି ସ୍ୱରୂପ ଭେଟ ଦେଇଥାଏ ଶ୍ରୀକୁ ।

ଯଶୋଶ୍ରୀ ବେହେରା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାଳକ ପୁଅ



ରୁଦ୍ରକାନ୍ତ ରାଉତରାୟ

ଭୋର୍ ସାଢେ ଚାରିଟାରେ ଟ୍ରେନ୍ ଷ୍ଟେସନ ପାଖରେ ଲାଗିଲା । ଗାଁ ଆଉ ଖଣ୍ଡେ ବାଟ ଆମ ମାଳତୀପୁର । ରାଜନ ବାବୁଙ୍କୁ ଏ ଭୋରଟାରେ କେଉଁଠୁ ରିକ୍ସା କିମ୍ବା ଅଟୋ ମିଳିବ ଯେ, ଗୋଟେ ବ୍ୟାଗ୍ କାନ୍ଧରେ ଓହଳାଇ ଆଉ ଗୋଟାଏ ହାତରେ ଝୁଲାଇ ଚାଲିଲେ ଗାଁ ଆଡକୁ । ଯାଉ ଯାଉ ମଦନା ଦାଦି ଦୋକାନଟି ଖୋଲା ହୋଇସାରିଛି । ଆଞ୍ଚ ଧୂଆଁ ଦେଖି ସକାଳ ଚା' ପାଇଁ ରାଜନ ବାବୁ ଯାଇ ପହଞ୍ଚିଗଲେ ଦୋକାନ ପାଖରେ, ହଁ ଏଇଟା ସତ ଯେ, ମଦନା ଦାଦିର ସେ ପୁରୁଣା ଚାଳ ଛପର ଘର ଆଉ ନାହିଁ । ଏବେ ପକ୍କା କାନ୍ଥର ଆବର, ରାଜନ ବାବୁ କହିଉଠିଲେ ଚା ଟିକେ ମିଳିବ ? ମଦନା ଦି ପୁଅ ବିଶିଆ ରାଜନ ବାବୁଙ୍କୁ ସେମିତି ଚାହିଁଥାଏ । ରାଜନ ବାବୁ ଆଉ କିଛି କହିବା ଆଗରୁ ସେ କହିଲା, ରାଜୁଆ ଭାଇ ! ରାଜନ ବାବୁ ତାଙ୍କ ପିଲାଦିନ ନାଁକୁ ଧରି ଡାକିବାର ଶୁଣି ଆଶ୍ଚର୍ଯ୍ୟ ହେଲେ । କହି ଉଠିଲେ ତୁ ବିଶିଆ ନାଁ ଆମ ମଦନା ଦାଦି ପୁଅ । ଏଡିକି ଟିକେ ହୋଇଥିଲୁ ଯେ, ମୁଁ ଗାଁ ଛାଡିଲି ତୋତେ ଚିହ୍ନିପାରୁନି । ବିଶିଆ ଓ ରାଜନର କଥା ଭିତରେ ସୂର୍ଯ୍ୟଙ୍କର ନାଲି କିରଣ ଦୋକାନ ବାରଣ୍ଡାରେ ପଡିଲାଣି ।

ବିଶିଆ - ଆଉ ଭାଇ କଣ କେମିତି ଗାଁ ଆଡେ, କଉଠି ବଡ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାକିରୀଟାଏ କରିଛ ପରା ।

ରାଜନ- ଚାକିରୀ ନୁହଁରେ ଏଇ କଲିକତାରେ ବେପାର, ବଣିଜ କରୁଛି, କିନ୍ତୁ ଫୁରସତ ନାହିଁ । ବହୁତ କାମ - ଭାବିଲି ଯାଇ ଗାଁରୁ ବୁଲି ଆସେ - ମା' ବାବାଙ୍କୁ ଟିକେ ଦେଖିବି ଆଉ ଗାଁର ଭଲମନ୍ଦ ବୁଝିଶୁଣି ଚାଲିଯିବି, ଟିକେ ଭଲ ଲାଗିବ ।

ବିଶିଆ - ମା ସାନ୍ତାଣୀ ତ .... ? (ବିଶିଆ କହିଚାଲେ ରାଜନ ଶୁଣୁଥାନ୍ତି ହଠାତ୍ ରାଜନ ବାବୁ କେଉଁ ଏକ ଭାବନା ରାଇଜରେ ହଜିଯାନ୍ତି) ।

ଆଜକୁ ଠିକ୍ ଅଠର ବର୍ଷ ତଳେ ଏଇ ରାଜୁଆକୁ ସାଆନ୍ତେ ମାନେ ପର୍ଶୁରାମ ପାଇକ ରାଏ ପୋଷ୍ୟପୁତ୍ର କଲେ । କାରଣ ମା' ସାନ୍ତାଣିଙ୍କର ପିଲାଛୁଆ ନହେବାର କଷ୍ଟ ସାଆନ୍ତଙ୍କୁ ଭାରି ବାଧୁଥିଲା । ମଦନା ଦାଦି ସାଆନ୍ତଙ୍କ ଘରର ଭଲ, ମନ୍ଦ, ହାନିଲାଭ ବୁଝିବା ସହ ରାଜୁଆକୁ ବି ଭାରି ସ୍ନେହ କରନ୍ତି । ବାପା ମା' ଛେଉଣ୍ଡ ରାଜୁଆକୁ ମଦନା ଦାଦି ଆଣି ସାଆନ୍ତଙ୍କ ହାତରେ ଧରେଇ ଦେଇଥିଲେ । ସମୟର ବିଚିତ୍ର ବିଧାନ ଆଗରେ ସମସ୍ତେ ହତବାକ ହୋଇଯାନ୍ତି । ସମୟ କ୍ରମେ ସାନ୍ତାଣିଙ୍କ ଗୋଟେ ପୁଅ ଜନ୍ମ ହେଲା "ବୀରେନ ପାଇକରାଏ" । ବିରେନ ଜନ୍ମ ପରେ ସାନ୍ତାଣିଙ୍କ ରାଜୁଆ ପ୍ରତି ସ୍ନେହ, ପ୍ରେମର ଅଭାବ ସାଆନ୍ତ ଉପଲବ୍ଧି କରୁଥାନ୍ତି । ବୀରେନ ସହରରେ ଭଲ ସ୍କୁଲରେ ପଢିଲେ ଆଉ ରାଜୁଆ ପଢିଲା ଗାଁ ସ୍କୁଲରେ, କିନ୍ତୁ ପାଠରେ ସବୁବେଳେ ଆଗରେ ରାଜୁଆ । ରାଜୁଆର ମାଟ୍ରିକ୍ ସରିବା ପରେ ସାଆନ୍ତେ ତାକୁ କଲେଜ ପଢିବାର ବ୍ୟବସ୍ଥା ଆରମ୍ଭ କରିଦେଲେ । ମାତ୍ର ସାଆନ୍ତାଣିଙ୍କର ନାଲି ଆଖି ତଥା ଅସହ୍ୟ ପଣକୁ ଦେଖି ପ୍ରତ୍ୟହ କଳିର ସୂତ୍ରପାତ ହେଲା ରାଜୁଆ ଏସବୁ ଦେଖି ଦିନେ ରାତିରେ ଘର ଛାଡିଲା । ଷ୍ଟେସନରେ ବସି ଖୁବ୍ କାନ୍ଦିଲା । ମାତ୍ର ଏଇ ମଦନା ଦାଦି ତାଙ୍କୁ ନେଇ ତାଙ୍କ ମୈତ୍ରଙ୍କ ଘରେ ଛାଡି ଦେଇ ଆସିଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଲିକତାରେ । ମଦନା ଦାଦିଙ୍କ ମୈତ୍ର ଆମ ଓଡ଼ିଆ । କିନ୍ତୁ ବେପାର ବଣିଜରେ ସେ କଲିକତାରେ ବହୁତ ନାଁ କମେଇଛନ୍ତି । ପାଠ ସାଠରେ ରାଜୁଆ ବି କମ୍ ନୁହଁ । ସେ ହିସାବ କରିବାରେ ମାହିର, ତାର ସଚ୍ଚୋଟ ପଣିଆ ଦେଖି ମଦନା ଦାଦିଙ୍କ ମୈତ୍ର ପରମାନନ୍ଦ ମିଶ୍ର ତାକୁ ଉଚ୍ଚଶିକ୍ଷା ପାଇଁ ସାହାଯ୍ୟ କଲେ । ରାଜୁଆ ଏମ.ଏ. ପାସ୍ କଲା । ସମୟକ୍ରମେ ପରମାନନ୍ଦ ମିଶ୍ରଙ୍କ ପତ୍ନୀ ଶାରଦା ଦେବୀଙ୍କର ରାଜୁଆ ହୋଇଯାଏ ଅତିପ୍ରିୟରୁ ମଣିଷ । ଯେମିତି ପୁଅ ଭଳି । ହଠାତ୍ ପରମାନନ୍ଦ ବାବୁଙ୍କର ହୃଦଘାତରେ ପରଲୋକ ହେବା ପରେ ବ୍ୟବସାୟ ବୁଝାସୁଝା କରିବା ସହ ଶାରଦାଙ୍କ ଜିଦ୍ରେ ତାଙ୍କ କନ୍ୟାର ପାଣି ମଧ୍ୟ ଗ୍ରହଣ କଲା ରାଜୁଆ । ବାସ୍ ତା'ପରେ ଭିନ୍ନ ଏକ ଦୁନିଆର ମଣିଷ ରାଜୁଆ ଓରଫ ରାଜନ । ହଠାତ୍ କର୍ମବହୁଳ ଜୀବନରୁ ସାମାନ୍ୟ ବିରତି ପାଇବା ପରେ ହଠାତ୍ ଗତକାଲି ରାତିରେ ଏକ ବିଭତ୍ସ ସ୍ୱପ୍ନ ଦେଖିଲେ । ମାଳତୀପୁରର ସେଇ ଜମିଦାର ମହଲ ଆଉ କାନ୍ଦବୋବାଳିରେ ଶବ୍ଦ । ଚିତ୍କାର କରି ଉଠିଲେ । ସ୍ତ୍ରୀଙ୍କ ସାମାନ୍ୟ ଆଶ୍ୱାସନାରେ ଶାନ୍ତ ହେଲେ ମାତ୍ର ସେଇ ରାତିରେ ବାହାରିପଡିଲେ ମାଳତୀପୁର (ଭାବନାର ଅନ୍ତ) । ବିଶିଆ ରଜାନବାବୁଙ୍କ ଦେହରେ ହାତମାରି ରାଜୁଆ ଭାଇ କ'ଣ ଭାବୁଛ ବୋଲି ପଚାରିଲା ।

ରାଜନ - ଭାବୁଛି

ବିଶିଆ - କ'ଣ

ରାଜନ - ବିସ୍ମୃତି ଗର୍ଭରେ ଲୀନ ମୋର ଅଭୁଲା ଅତୀତର କେଇଫର୍ଦ୍ଦ କାଗଜକୁ ପଢୁଥିଲି ।

ବିଶିଆ - ଘରକୁ ଯିବନି ?

ରାଜନ - ହଁ .. ହଁ (ତରତର ହୋଇ ବାହାରି ପଡିଲେ) ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘର ଦୁଆରେ ଗାଁ ସ୍ତ୍ରୀ ଲୋକମାନେ ବସିଥାନ୍ତି । କାହାରି ମନରେ ସରାଗ ନଥାଏ । ସ୍ତ୍ରୀ ଲୋକମାନଙ୍କ କଥାରୁ ଉପଲବ୍ଧି କରିହେଉଥାଏ ଯେ ସାଆନ୍ତଙ୍କ ଆରପାରିକୁ ଯିବାପରେ ସାନ୍ତାଣି ଖୁବ୍ ଏକୁଟିଆ ହୋଇଯାଇଥିଲେ, ଆଉ ବିରେନ୍ ନିଜ ସ୍ତ୍ରୀର କୁମନ୍ତ୍ରଣା ଯୋଗୁଁ ବହୁବାର ଖବର ଦେଲାପରେ ମଧ୍ୟ ମା'ଙ୍କୁ ଟିକେ ଦେଖିବାକୁ ଆସିଲାନି । ଆଜି ସାନ୍ତାଣି ମରଣ ମୁହଁରେ । ପୁରୋହିତ ଭାଗବତ ବୋଲୁଛନ୍ତି । ରଜାନ ବାବୁ ଝପଟି ଯାଇ ମା'ଙ୍କ ଗୋଡଧରି ଭୋ ଭୋ ହୋଇ କାନ୍ଦି ଉଠିଲେ । ସାମାନ୍ୟ ଆଖି ଖୋଲି ଦେଖନ୍ତେ ରାଜନ ବାବୁ ତୁଳସୀ ପାଣି ଟୋପେ ତାଙ୍କ ପାଟିରେ ଦେଲେ । ସାମାନ୍ୟ ସ୍ମିତ ହାସ୍ୟ ସାନ୍ତାଣିଙ୍କ ମୁହଁରେ ଦେଖି ରାଜନ ବାବୁ ମଧ୍ୟ ହସି ଉଠିଲେ । ଆଖି ଖୋଲି ରାଜନ ବାବୁଙ୍କୁ ସାନ୍ତାଣି ଚାହିଁଲେ ଯେ, ଆଉ ସେ ଆଖିର ପଲକ ପଡିନଥିଲା । ସେ ଆଖି ପଲକ ହୀନ ଅବସ୍ଥାରେ ରାଜନ ବାବୁଙ୍କୁ ଚାହିଁଥାଏ । ରାଜନ ବାବୁଙ୍କ ଆଖିରୁ ଦୁଇଟୋପା ଲୁହ ଝରିଆସିଲା । କାନ୍ଧ ଲଗେଇ ମା'ଙ୍କୁ ମଶାଣିକୁ ନେଲେ, କଲିକତାକୁ ଖବର ପଠାଇ ପତ୍ନୀଙ୍କୁ ମଧ୍ୟ ମାଳତୀପୁର ଆଣିବାର ବ୍ୟବସ୍ଥା କରି ଶୁଦ୍ଧିକ୍ରିୟା ସଂପାଦନ କଲେ । ଏବଂ ଆଉ ସମସ୍ତ କାର୍ଯ୍ୟ ସଂପାଦନ ହେଲା ପରେ ପତ୍ନୀଙ୍କୁ ସାଙ୍ଗରେ ଧରି ପୁଣି କଲିକତା ଯିବାପାଇଁ ମାଳତୀପୁର ରେଳଷ୍ଟେସନ ମୁହାଁ ହେଲେ । ମାତ୍ର ସାଆନ୍ତ ଘର କୋଠା ଆଜି ନିରବ, ଶୂନ୍ୟତାର ଏକ ଶକ୍ତ ଆବରଣ ଭିତରେ ବନ୍ଦୀ ସେ ମହଲର ସୁପ୍ତ ଐଶ୍ୱର୍ଯ୍ୟ ।

ଆଡଭୋକେଟ, ଭଦ୍ରକ
ମୋ. ୯୩୪୮୧୮୪୦୫୪
Email- rudrakanta456@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱାମୀଭକ୍ତ ଗରୁଡ଼



ବିଜୟ କୁମାର ସାହୁ

(ଏକ ହିନ୍ଦୀ ପୁସ୍ତକରୁ ଆନୀତ ଏବଂ ଭାବାନୁବାଦ )

କୌଣସି ଏକ ଗ୍ରାମରେ ଜଣେ ବ୍ୟକ୍ତି ବିଶେଷଙ୍କର ଘରେ ଗୋଟିଏ ଗରୁଡ ପକ୍ଷୀ ଥିଲା । ଉକ୍ତ ବ୍ୟକ୍ତିର ନାମ ହେଉଛି ଅଲୀପୂ ଏବଂ ଗରୁଡର ନାମ ଥିଲା ପେଖଲୀବାନ । ଦୁହେଁ ଦୁହିଁଙ୍କର ବଳିଷ୍ଠ ସାଥି । ପ୍ରାୟତଃ ସବୁବେଳେ ସେ ଦୁହେଁ ଅତି ନିବିଡ ଭାବରେ ରହୁଥିଲେ । ପକ୍ଷୀଟି ନିଜ ମାଲିକକୁ ବହୁତ ସ୍ନେହ ଓ ଶ୍ରଦ୍ଧା କରୁଥିଲା । ପରସ୍ପର ନିଜ ଦୁଃଖ ସୁଖରେ ଭାଗୀଦାର ହୋଇ ଚଲୁଥିଲେ । ପ୍ରାୟତଃ ଦେଖାଯାଏ ମାଲିକ ବିଶ୍ରାମ ନେଉଥିବାବେଳେ ଗରୁଡ ତାଙ୍କ ପାଖେ ପାଖେ ଜଗି ରହୁଥିଲା । ମାଲିକ ଗରୁଡକୁ ଉତ୍ତମ ଖାଦ୍ୟ ପାନୀୟ ପ୍ରତିଦିନ ଦେବାରେ ଅବହେଳା କରୁନଥିଲେ । ଦୁହେଁ ଭିନ୍ନ ଶରୀର ଧାରଣ କରିଥିଲେ ବି ଆତ୍ମା ତ ଗୋଟିଏ ଥିଲା ନା ।

ଦିନକର କଥା । ସଂଯୋଗବଶତଃ ମାଲିକ ଜଣକ ଦିନ ସାରା ନିଜ କ୍ଷେତରେ ପରିଶ୍ରମ କରି ନଦୀ ତୀରରେ ଥିବା ଏକ ବୃକ୍ଷ ମୂଳେ ବିଶ୍ରାମ କରୁଥିଲେ । ଗରୁଡ ପକ୍ଷୀଟି ତାଙ୍କ ପାଖରେ ଯାଇ ବସିଲା । କେତେ ବେଳେ ମାଲିକଙ୍କ ଆଖିରେ ନିଦ ଆସିଗଲା । ସେ ନିଘୋଡ ନିଦ୍ରାରେ ଶୋଇପଡିଲେ । ହଠାତ ପକ୍ଷୀଟି ଦେଖିଲା ନିକଟସ୍ଥ କ୍ଷେତରୁ ଗୋଟିଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସର୍ପ ଆସୁଛି, ତାହା ପୁଣି ମାଲିକଙ୍କ ପାଖକୁ । ଭୟଙ୍କର ସର୍ପକୁ ଦେଖି ଗରୁଡ ପକ୍ଷୀଟି ମାଲିକଙ୍କୁ ବଞ୍ଚାଇବାକୁ ଯାଇ ତା ନିଜ ଥଣ୍ଟ ସାହାଯ୍ୟରେ ସର୍ପ ଉପରେ ବାରମ୍ବାର ଆଘାତ କରିବାକୁ ଲାଗିଲା । କ୍ଷତାକ୍ତ ସର୍ପ ମଧ୍ୟ ନିଜକୁ ବଞ୍ଚାଇବା ପାଇଁ ଗରୁଡକୁ ପ୍ରତି ଆକ୍ରମଣ କରୁଥାଏ । ସର୍ପ ଓ ପକ୍ଷୀର ସୁ ସୁ ଗର୍ଜନ ଶୁଣି ମାଲିକଙ୍କର ନିଦ ଭାଙ୍ଗିଗଲା । ସେ ଉଠି ଦେଖିଲେ ନିଜର ଅତି ପ୍ରିୟ ଗରୁଡ ପକ୍ଷୀଟି ସର୍ପ ସହିତ ସଂଗ୍ରାମ କରି ମୃତ୍ୟୁ ବରଣ କଲା ଏବଂ ସର୍ପଟି ଅଧାମରା ଅବସ୍ଥାରେ ସେ ସ୍ଥାନ ପରିତ୍ୟାଗ କରି ଚାଲିଗଲା ।

ଗରୁଡର ବଳିଦାନ ସେ ଅଞ୍ଚଳରେ ଏକ ରକମ ଚର୍ଚ୍ଚାର ବିଷୟ ହୋଇଥିଲା । ପଶୁ ମଧ୍ୟରେ ବି ନିଜ ସ୍ୱାମୀ ବା ମାଲିକ ପ୍ରତି ସଂବେଦନଶୀଳତା ଅଛି ଏହି କଥା ଉକ୍ତ କାହାଣୀରୁ ଶିକ୍ଷା ମିଳେ ।

ଭାବାନୁବାଦ - ବିଜୟ କୁମାର ସାହୁ, ବିଜିଗୋଳ

ଏନ ଟି ପିସି , ଅନୁଗୋଳ -୭୫୯୧୧୭

ମୋ – ୮୭୬୩୧୪୮୭୨୩

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଗାଁର ରଜ ସଜ



ଶିବ ନାରାୟଣ ଦାଶ

(ଭୂମିକା: ଓଡ଼ିଶାର ବିଭିନ୍ନ ପର୍ବ ପର୍ବାଣି ମାନଙ୍କ ଭିତରେ ରଜ ପର୍ବ ଅନ୍ୟତମ ଓ ଅନନ୍ୟ । ଏକାନ୍ତ ଭାବେ ଓଡ଼ିଆର ନିଜସ୍ୱ ପର୍ବ ଭାବେ ପରିଗଣିତ ରଜ ପର୍ବର ବୈଶିଷ୍ଟ୍ୟ ଓ ପାଳନ ବିଧି ଅସାଧାରଣ । ମା ବସୁମତୀଙ୍କୁ ରଜସ୍ୱଳା ନାରୀ ଭାବେ ମାନ୍ୟ କରି ତିନି ଦିନ ବ୍ୟାପି ଏହି ପର୍ବ ପାଳିତ ହୋଇଥାଏ ଏବଂ ଚତୁର୍ଥ ଦିନ ବସୁମତୀ ସ୍ନାନ କରାଇ ଧରିତ୍ରୀ ମାତାର ପୂଜା ଅର୍ଚ୍ଚନା ଦ୍ୱାରା ରଜ ପର୍ବର ପରିସମାପ୍ତି ହୋଇଥାଏ । ଏହା ବିଶେଷ କରି ଝିଅ ବୋହୂମାନଙ୍କର ମୁଖ୍ୟ ପର୍ବ ହୋଇଥିଲେ ମଧ୍ୟ, ବୟସ ନିର୍ବିଶେଷରେ ପିଲା, ବଡ଼ ଓ ବୁଢା-ବୁଢ଼ୀ ଏହାକୁ ମହା ଆଡମ୍ବରରେ ପାଳନ କରିଥାନ୍ତି । ଏକ କୃଷିଭିତ୍ତିକ ପର୍ବ ହିସାବରେ ମଧ୍ୟ ପରିଗଣିତ ଏହି ପର୍ବରେ କୃଷକମାନେ ଆଷାଢର ପ୍ରଥମ ମେଘକୁ ଆହ୍ୱାନ କରିଥାନ୍ତି । ଗାଁ-ଗଣ୍ଡାରେ ଅତି ନିଖୁନ୍ତ ଭାବେ ପାଳିତ ହେଉଥିବା ରଜ ପର୍ବ ଓ ରଜ ସଂକ୍ରାନ୍ତି, ସହର ମାନଙ୍କରେ ମଧ୍ୟ ଘରେ ଘରେ ପରିଦୃଷ୍ଟ ହୁଏ ।

କିନ୍ତୁ ଗାଁ ଭିତରେ ସହରର ଅତ୍ୟାଧୁନିକତାର ପ୍ରବେଶ ଓ ସହରମାନଙ୍କରେ ପାଶ୍ଚତ୍ୟ ଅପସଂସ୍କୃତିର କୁପ୍ରଭାବ ପଡିବା ଫଳରେ ରଜପରି ଏକ ସମୂହ ସାଂସ୍କୃତିକ ପର୍ବ ଧୀରେ ଧୀରେ ନିଶ୍ଚିହ୍ନ ଓ ଅପସୃତ ହେବାରେ ଲାଗିଛି ଏବଂ ଆଗାମୀ ପିଢ଼ିର ପିଲାମାନଙ୍କ ପାଇଁ ଏହା କେବଳ ଏକ ଶ୍ରୁତି ମଧୁର ଶବ୍ଦ ହୋଇ ରହିଯିବା ଅସମ୍ଭବ ନୁହେଁ । ଏହି ପରିପ୍ରେକ୍ଷୀରେ ନିକଟରେ ସରିଯାଇଥିବା ରଜପର୍ବର ସ୍ମରଣରେ "ମୋ ଗାଆଁର ରଜ ସାଜ" କବିତାଟିର ପ୍ରସ୍ତୁତି । କବିତାଟିରେ ମୁଁ ପିଲାବେଳେ ଗାଁରେ କଟାଇଥିବା ରଜପର୍ବର ମଧୁର ସ୍ମୃତିମାନଙ୍କୁ

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତେଜ କରିବାକୁ ଚେଷ୍ଟା କରିଛି । ଉପରନ୍ତୁ କବିତାଟିରେ ସ୍ଥାନେ ସ୍ଥାନେ ଓଡ଼ିଶାରେ ପ୍ରଚଳିତ ରଜ ଗୀତର ପଦ ଗୁଡିକୁ ମଧ୍ୟ ସଂଯୋଜିତ କରାଯାଇଛି ଯାହା ପାଠକ ଭିତରେ ରଜ ପର୍ବର ମଧୁର ରୋମାଞ୍ଚକୁ ଜୀବନ୍ତ କରି ତୋଳିବା ସଂଗେ ସଂଗେ ଭବିଷ୍ୟତରେ ଓଡ଼ିଆର ଏହି ସଂସ୍କୃତିକୁ ଆଗେଇନେବାରେ ପ୍ରୟାସୀ ହେବ ।)

ବନସ୍ତେ ଡାକିଲା ଗଜ,

ବରଷକେ ଥରେ ଆସିଛି ରଜ ଲୋ

ଘେନି ନୂଆ ସଜବାଜ ।

ରଜ ଦୋଳି କଟ-ମଟ,

ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ

ଦିଶୁଥାଏ ଝଟ ଝଟ ।

କୁଆଡେ ଗଲ ଲୋ ମାଳତୀ, ମରୁଆ, କନକ, କୁମୁଦ ଆଜି,

ପହିଲି ରଜ ଯେ ପାହାନ୍ତି ପହରୁ ମୁହଁ କାଢିଲାଣି ଆସି ।

ସତୀ, ନେତୀ, ଚମ୍ପା - କେଣେ ଗଲ ସବୁ ହୋଇବ ନାହିଁ କି ସଜ ?

ବରଷକେ ଥରେ ଆସିଛି ପରା ଲୋ ମଉଛବ ଆମ ରଜ ।

ଦୁଲୁକୁଛି ଗାଆଁ ଦାଣ୍ଡ,

କନିଆରୀ ଝିଅ ସଙ୍ଗାତ ବସନ୍ତି ହେଉଥାନ୍ତି ଲଣ୍ଡ-ଭଣ୍ଡ ।

ଘଷି ମାଜି ହୋଇ ହଳଦୀ ଲଗାଇ ପୋଖରୀ ତୁଠରେ ଆମ,

ଗାଁ ଝିଅ, ବୋହୁ ସିନାନ କରନ୍ତି ଗାଇ ମିଠା ରଜ-ଗୀତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଣିଆବନ୍ଧର ଶାଢ଼ୀ ପିନ୍ଧି ହେବେ ଓଡ଼ିଆଣୀ ଆଜି ସଜ,
ରଜ-ମଉଜର ଖୁସି-ବାସି ପରା ଭୂଇଁରେ ନ ଲାଗେ ପାଦ ।
ଅଭିଆଡୀ ଝିଅ 'ସର',
ବାସନା ତେଲରେ ମୁଣ୍ଡ ବାନ୍ଧି ଖୋସେ ମଲ୍ଲି-ମାଳତୀର ହାର ।

ଉଠିଲା ବାଉଁଶ ଗଜା,
ପରବ ଭିତରେ 'ରଜ' ତ ରଜା ଲୋ
ଆସ ମନେଇବା ମଜା ।

ପହିଲି ରଜରେ ଝିଅ ବୋହୁ ମିଶି ବାଡ଼ି ଅଗଣାରେ ଠୁଳ,
ପାଦରେ ଅଳତା ଲଗାଇ ଖୋସନ୍ତି ଗଭାରେ ଗଜରା-ମାଳ ।
ଚନ୍ଦନର ଟିପା କପାଳେ ଫୁଟାଇ, କପୋଳେ ଛୁଆନ୍ତି ଗାର,
କୁଆଁରୀ ଯେତେକ ଆଖିରେ ଟାଣନ୍ତି ସରୁ କଜ୍ୱଳର ଧାର ।
ଆଜି ରଜ ସାଜ ବୋଲି,
ପୁଚି ଖେଳେ ଝୁମି ଟୋକିଏ ଉଡ଼ାନ୍ତି ଗାଁ ଦାଣ୍ଡ ଧୂଳି-ବାଲି ।

ବୁଢା ଆମ୍ବ ଗଛ ଡାଳରେ ବାନ୍ଧିଛି ବଉ ମହାରଣା ଦୋଳି,
ଝରଣା, ସେବତୀ, ପଚି ଓ ଗଉରୀ କରୁଥାନ୍ତି ଆସି ମେଳି ।
ଲୁଗା କାନି ଭିଡି, ଅଂଟାରେ ଗୁଡ଼ାଇ ରଜଦୋଳି ଗୀତ ଗାଇ,
ଝୁଲା ଝୁଲୁଥାନ୍ତି ପବନକୁ କାଟି ପାଦରେ ଆହୁଲା ମାରି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୋଳି ଯାଏ ଉଡ଼ି ଉଡ଼ି,
ବାଡ଼ି ଗୋହିରିର ବାଉଁଶ ବୁଦାରେ କଅଁଳ ପତର ଛାଡ଼ି ।

ଥିରି ଥିରି ଝୁଲେ ଦୋଳି,
ଓଢଣୀ ଯାଉଛି ପବନେ ଉଡ଼ି ଲୋ
ଗଭା ଫୁଲ ଯାଏ ଝଡ଼ି ।

ଷୋଡ଼ଶୀ 'ରଜନୀ' ମନ ମାରି କହେ - "ଏହି ଶେଷ ରଜ ମୋର,
ଆର ସନ ହେବ ମୋ ବାହାଘର ଲୋ ବାପା ଖୋଜିଲେଣି ବର" ।
ସାବି-ଅପା ବର 'ମଧୁରୀ ମୋହନ' ଭାରି ରସିକିଆ ସତେ,
ଶାଳୀ ଗାଲ ଟିପି କହନ୍ତି, "ରଜରେ ବାହା ହେବୁ କି ଲୋ ମୋତେ" ?
ଗୋଲାପ ଗଛରେ କଣ୍ଟା,
ଭାରି ଭଲ ଲାଗେ ଭିଣେଇ ଥଟ୍ଟା ଲୋ
ହେଉ ପଛେ ହଟହନ୍ତ୍ର ।

ନଣନ୍ଦ-ଭାଉଜ ଲୁଡୁ ପାଲି ଧରି ଖେଳୁଥାନ୍ତି ସାପ-ଶିଡ଼ି,
ଆଉ ଝିଅ-ବୋହୂ ମଉଜ କରନ୍ତି ଗପର ଆସର ଯୋଡି ।
ସୁବାସିତ ଖିଲି ପାନ ଖାଇ ଖାଇ ଗାଁ ବୁଲିଯିବା ବେଳ,
ପହିଲି ରଜରେ କୁଣିଆ, କୁଟୁମ୍ବ ଭିଡ କରୁଥାନ୍ତି ଘର ।
ଫୁଟିଲା କୃଷ୍ଣଚୁଡା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଜରେ ନ ଥାଏ ରନ୍ଧା କି ବଢ଼ା ଲୋ ତିନି ଦିନ ହାଣ୍ଡି ଛଡ଼ା ।

ଛାଡ଼ିଲା ଢେମଣା କାତି,
ପୁରୁଷ ସିନା ତ ଭଅଁର ଜାତି ଲୋ
ନୂଆରେ ରସନ୍ତି ନିତି ।

ପାଚିଲା ପଣସ ଆମ୍ବ,
ରଜରେ କରିଲୁ ପୀରତି, ଭାବ ଲୋ
ଆଉ କିଏ ଦଗ୍ର ଦେବ ।

ମଝି ରଜ ଆସି ଅଗଣା ଛୁଇଁଲା ଆଜି ପରା ସଙ୍କରାନ୍ତି,
ଆରିସା, କାକରା, ମଣ୍ଡା, ପୋଡ଼ପିଠା ଆଉ ପୁଣି ଚନ୍ଦ୍ରକାନ୍ତି ।
ଚିତଉ, ଏଂଡୁରୀ, ପିଠାପଣା ସଂଗେ ମାଲପୁଆ ଖିଆ ମଜା,
ପତଳା ଘିଅର ସରୁ-ଚକୁଳିକୁ ଦୁଧ ଗଇଁଠାର ଖଜା ।
ଉଡ଼ିଗଲେ କଣ୍ଟି ବଗ,
ପୋଡ଼ପିଠା ତୁ ଲୋ ଖୋଇଲୁ ଯାହାକୁ ତା' ସାଙ୍ଗରେ ଭାବ-ନାବ ।

ଗାଁ ଶେଷ ମୁଣ୍ଡ ପଡ଼ିଆରେ ଭିଡ଼, ଚାଲିଛି ବାଗୁଡ଼ି ଖେଳ,
ରତନା, ପଦିଆ, ଚଗୁଲୁ, ଛକଡ଼ି, ଆସି ହୋଇଲେଣି ଠୁଳ ।
ଭେଣ୍ଡିଆ ଯେତେକ ଗଜା-ଟୋକା ସବୁ ଡିଆଁ-ହୁମ୍ପା ମାରି ମାରି,

Listen to Odia Podcast on https://anchor.fm/aahwaan
ଆହ୍ଵାନ ଇ-ପତ୍ରିକା

Magazine Downloaded from www.aahwaan.com

ବାଗୁଡ଼ି ଖେଳରେ ଥରାନ୍ତି ପଡ଼ିଆ, ବୁଢ଼ାଏ ମାରନ୍ତି ତାଳି ।
ଗାଧୁଆ ଖାଇବା ସାରି,
ଦିନ ଦିପହରେ ତାସ ବାଡ଼ାନ୍ତି ବଡବାପା, ଦାଦା, ଖୁଡ଼ୀ ।

ପଶାପାଲି ଧରି କୁହାଟ ଛାଡ଼ନ୍ତି ବଳିଆ, ସୁକୁଟା ଦୁହେଁ,
କାହ୍ନୁ ଅଜା ନାତି ଗାଁଡୁଆଟା ପୁଣି କାଚ ଗୋଟି ଖେଳୁଥାଏ ।
କଦଳୀ ପଟୁଆ, ଗୁଆର ଖୋଳପା, ମାଡି ଚାଲୁଥାନ୍ତି ଦାଣ୍ଡେ,
ଗାଁ ଝିଅ ଯେତେ ମାଣିକ, ଚନ୍ଦ୍ରିରୀ, ଭୂଇଁକୁ ନ ଛୁଇଁ ଖଣ୍ଡେ ।
ପାଦରେ ଅଳତା ନାଲି,
ଯିଏ ଖୋସିଦେଲା ଗଭାରେ ମଲ୍ଲି ଲୋ ତାକୁ ମୁଁ ପାରୁନି ଭୁଲି ।

ରଂଜ ରଂଜ ହେଲା ସଞ୍ଜ,
ରଜ ପରବରେ ନାଚ, ଗୀତ ଟିକେ
ନ କଲେ ହେବ କି ଖଞ୍ଜ ।
ସଞ୍ଜ ହେଲା ଆସି ରଜ-ମଉଜର ବୁଡ଼ିଲାଣି ପରା ବେଳ,
ମନ୍ଦିର ବେଢ଼ାର ମଣ୍ଡପ ଆଗରେ ଆସି ହୋଇଲେଣି ଠୁଳ ।
ଗାଁ ଝିଅ-ବୋହୁ, ଟୋକା ଆଉ ବୁଢା ସଭିଏଁ ଅଛନ୍ତି ଚାହିଁ,
ଗଂଜାମ ଭବାନୀ ଶଙ୍କର ନେଉଛି ଦାଶକାଠିଆରେ ମୋହି ।
ବାଦୀ-ପାଲା ପୁଣି ଗାଇ,
ଯୁଧିଷ୍ଠିର ପଣ୍ଡା - ସାଥୀଏ ଥରାନ୍ତି ଗାଁ'ର ଅଗଣା ଭୂଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଞ୍ଜ ଘଡ଼ି ମାରି ରାତି ହୋଇଲାଣି ଆଲୁଅ ରୋଷଣୀ ସଜା,
ଗାଁ ମଣ୍ଡପରେ ଯାତରା ବଢିବ, ଆସିବା ଅସଲ ମଜା ।
ତୁଳସୀ ଅପେରା ଦଇତାରୀ ପଣ୍ଡା ଅଭିନୟେ ମନ ଛୁଏଁ,
ଯାତରା ଖେଳୁଛି - "ଗଙ୍ଗା ପାପ କଲେ ସେ ପାପ ଧୋଇବ କିଏ" ।
ଆଇ ବୁଢ଼ୀ ଦେଖି କାନ୍ଦେ,
ପାକୁଆ ପାଟିରେ ପାନ ଖାଉଁ ଖାଉଁ ପଣତରେ ଲୁହ ପୋଛେ ।

ଭୂମି ହେଲା ରଜବତୀ,
ମାଟିକୁ ହାଣିଲେ ଫାଟେ ତା ଛାତି ଲୋ
ସେ ତ 'ମା' ବସୁମତୀ ।

ସିନ୍ଦୁର୍ର ଫାଟି ଯେ ଫରଚା ହେଲାଣି ଭାଙ୍ଗିଲା ଯାତରା ଖେଳ,
ଆଜି ପରା ଶେଷ ରଜ ଲୋ ବଉଳ ଭୂଇଁ ଦହନର ବେଳ ।
ରଜସ୍ଵଳା ହେବେ ବସୁମତୀ ମା ଆଷାଢ଼ ବରଷା ପାଇ,
ଟେରା ଓ ଗୋବରା ଚାଷୀ ଭାଇ ଯେତେ ଦେଖନ୍ତି ମେଘକୁ ଚାହିଁ ।
ବରଷା ଢ଼ାଳିଲେ ଥରେ,
ଚାଷ କାମ ଏବେ ଜୋର ଧରିବ ରଜ ସରିଗଲା ପରେ ।

ହରି ସାହୁ ବୁଢ଼ା ବୋହୂକୁ ତାଗିଦେ - "ବାସି ରଜ ହେଲା ଆସି,

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ରନ୍ଧା-ବଢ଼ା ସବୁ ଭୁଲି କି ଗଲୁଣି ରଜ-ମଉଜରେ ଭାସି" ?

"ନିତି ଖାଇ ଖାଇ ବୋଇତାଳୁ ଘାଣ୍ଟ ଅରୁଚିଆ ବଡ ଲାଗେ,

ହାଡ଼ିଆ କାଟୁଛି ମାଉସିଆ ବାରହା ଦେଖି ମୁଁ ଆସିଲି ଏବେ" ।

"ସୁଆଦ କରନ୍ତା ପାଟି,

ଖମ୍ବ-ଆଳୁ ଦିଆ ସାଗୁଆତି ଝୋଳ ମରିଚ ମସଲା ବାଟି" ।

ଆଜି 'ମାଟି' ମା ବିରାମର ଦିନ ବସୁମତୀ ସ୍ନାନ କାଲି,

ଗୃହିଣୀ ହେଲେଣି ଚଳ-ଚଂଚଳ 'ଠାକୁରାଣୀ-ବୁଢ଼' ବୋଲି ।

ମା-ମାଉସିଏ, ବଡ଼ବୋଉ, ଖୁଡ଼ୀ, ଲିପା ପୋଛା କରି ଘର,

ହଳ, ଶିଳପୁଆ, ପୂଜିବେ ଦେଇ ଲୋ ହଳଦୀ, ଚନ୍ଦନ, ଫୁଲ ।

ମାଟିରେ ଫଳିବ ସୁନା,

ଧାନ, ହରଡ଼ରେ କିଆରୀ ପୁରିବ, ଲୋଟିବ ଫସଲ କେନା ।

ଶଙ୍ଖ ମଲମଲ ଗିନା,

ସରି ସରି ଆସେ ରଜ ମଉଜ ଲୋ

ଆଉ ସନ ଭେଟ ସିନା ।

ବାଜିବ ତେଲିଙ୍ଗି ବାଜା,

ରସଭରା ଆମ ରଜ ପରବ ଲୋ


ରସିକ ଜାଣଇ ମଜା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାଳଜୟୀ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

ଆମେ ମହାମିଳନର ଲକ୍ଷ୍ୟ ପଥରେ ସତ୍ୟର ଗୀତ ଗାଇ ଗାଇ,
ଭୁଲି ଯାଉ ଆମ ଜୀବନର ଯେତେ ଶିଳା-ବନ୍ଧୁର ପଥ,
ଆମେ ବିଶ୍ୱ-ବିଷାଦ-ସାଗରୁ ଉତ୍ତୀର୍ଣ୍ଣ ବିଷ ପିଇ,
ଆଗେଇ ନେଉଛୁ ଅମୃତ ପଥେ ଦିବ୍ୟଜୀବନର ବିଶ୍ୱବିଜୟୀ ରଥ ।
ବାଧା ବନ୍ଧନ ଆମେ ମାନୁନାହିଁ,
ହର୍ଷ କ୍ରନ୍ଦନେ ସମ ଭାବ ବହି,
ଜଳି ଜାଳଉଛୁ ଆଶାର ଆଲୋକ ଧୂଳିରେ ମିଶାଇ ଶଙ୍କାର ପରବତ !
ଆମେ ଆଗେଇ ନେଉଛୁ ଅମୃତ ପଥେ ଦିବ୍ୟଜୀବନର ବିଶ୍ୱବିଜୟୀ ରଥ ।

ଆମେ କାଳର କରାଳ ଜିହ୍ୱା ଛେଦିଛୁରେ କୁପିତ ଲେଖନୀ-କରବାଳେ,
ମୁଗ୍ଧ ମଧୁର କରିଛୁରେ ପୁଣି କୁତ୍ସିତ ଯେତେ କଳୁଷିତ,
ବେଦ ବେଦାନ୍ତେ ଗାଇଛୁରେ ଆମେ ଅବିନଶ୍ୱର କାଳେକାଳେ,
କରଣି ଆମର ଧରଣୀରେ ସଦା ପୁଷ୍କଳ ଆଉ ବିଭାସିତ !
ଆମେ ଚୈତନ୍ୟମୟ ଚେତନାରେ,
ସଦା ଉଜ୍ଜ୍ୱଳ ବିଭୁ ଦ୍ୟୋତନାରେ,
ଆମେ ଜୀବନର ନବ ଉନ୍ମେଷ କରୁ ଅନ୍ତରେ ହୋଇ ସୁରଭିତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରଣି ଆମର ଧରଣୀରେ ସଦା ପୁଷ୍କଳ ଆଉ ବିଭାସିତ ।

ଆମେ କରୁଣା ଢାଳିଛୁ କଙ୍ଗାଳ ପାଇଁ ବିଗଳିତ ହୋଇ ପଳେ ପଳେ,
ପୁଣି କୁଳିଶ ଚାଳିଛୁ କୁନୀତିର ଯହିଁ ଚାଲିଥାଏ ସଦା କୀର୍ତ୍ତନ,
ଆମେରେ ଦୀପ୍ତ ଅସି ଚଳାଇଛୁ ଆର୍ତ୍ତ ଆତୁରେ କାଳେକାଳେ,
ନଗ୍ନ କ୍ଷୁଧାର ଶୟତାନ ଯହିଁ ସର୍ବଦା କରେ ନର୍ତନ ।
ଆମେ ହଜିଯିବୁ ପଛେ ହାରିବୁନି,
ଆମେ ମଜ୍ଜିଯିବୁ ପଛେ ମରିବୁନି,
ଆମେ ତଦ୍ଗତ ହେବୁ କରିବାକୁ ଏହି ବିଶ୍ୱର ପରିବର୍ତ୍ତନ,
ନଗ୍ନ କ୍ଷୁଧାର ଶୟତାନ ଯହିଁ ସର୍ବଦା କରେ ନର୍ତନ ।

ଏବେ ଶୁଣିଯାଅ ଆମ ଚେତାବନୀ ଯେତେ ଭଣ୍ଡ ବିଳାସୀ ବିଭୀଷଣ !
ଏହି ଜୀବନ ନୁହଁଇ ନେବା ପାଇଁ ଖାଲି ଦେବା ପାଇଁ ଏବେ ଦେଇଯାଅ,
ଆଣି ନବ ଉନ୍ମେଷ ଚେତନାରେ କରି ସତ୍ୟ ଶାନ୍ତିର ଆଚରଣ,
ଦେଖା ମୃତ୍ୟୁ ଯେଉଁଠି ମାଡି ଆସେ ତହିଁ ଅମୃତ ଗୀତି ଗାଇଯାଅ,
କେବେ ଡର ନାହିଁ ଡରି ମର ନାହିଁ,
ଥରେ ଆଲୋକର ପଥେ ଉଠ ଚେଇଁ,
ତୁମେ ମହାଆହ୍ୱାନର ବାବଦୂକ କିମ୍ବା ମହାନିଦ୍ରାରେ ପଡ ଶୋଇ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୋଝ ଉପରେ ଲଳିତା ବିଡ଼ା



ବାସନ୍ତୀ ଲତା ଜେନା

ବୋଝ ଉପରେ ଲଳିତା ବିଡା ଗୋ
ସହି ହେଉ ନାହିଁ କଷ୍ଟ
ବିପଦ ଉପରେ ବିପଦ ଆସୁଛି
ଶେଷ ହେଉ ନାହିଁ ରିଷ୍ଟ ।୧।

ଜୀବନ ଜଞ୍ଜାଳ ଅସହ୍ୟ ଲାଗୁଛି
ଭାରକ୍ରାନ୍ତ ହୁଏ ମଥା
ତିଳ ତିଳ କରି ଯନ୍ତ୍ରଣା ଜାଳୁଛି
ବଢ଼ି ଯାଉଅଛି ଚିନ୍ତା ।୨।

ସାମାନ୍ୟ ଦୁଃଖରେ ଥକି ପଡେ ମୁହିଁ
ଆଖିରୁ ଝରଇ ଲୁହ
ମୋ କପାଳେ ଲେଖା ଜଳିବା ପାଇଁକି
ଅନ୍ତରରେ ଭରେ କୋହ ।୩।

ହେ କରୁଣାମୟ କରୁଣା ସାଗର
କରୁଣା ଟିକିଏ ଦେବ
ଝଡ଼ ଝଞ୍ଜା ସବୁ ସହିବା ପାଇଁକି
ମନେ ସାହସ ଭରିବ ।୪।

ଜୀବନ ସଂଗ୍ରାମେ ହାରିଯିବି ନାହିଁ
ପରୀକ୍ଷା ମୁଁ ଦେଉଥିବି
ସବୁ ସମସ୍ୟାର ସମାଧାନ କରି
ତୁମ ନାମ ନେଉ ଥିବି ।୫।

ଦୁଃଖ ପରେ ଦୁଃଖ ଲଦି ଦେଉ ଥିଲେ
ସହିବାକୁ ଦିଅ ଶକ୍ତି
ତୁମ ଶ୍ରୀଚରଣେ ଲୟ ରହି ଥାଉ
ଚରଣେ କରେ ପ୍ରଣତି ।୬।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା + ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଜ ମଉଜ



ନିର୍ମଳ ସାହୁ

ଆସୁଛି ରଜ ହୋଇଣ ସଜ
ଆସହେ ଭଉଣୀ ଭାଇ
ଗଣ ପରବ ମିଶି ପାଳିବା
ପିଠା ପଣାକୁ ଖାଇ !!

ମହାନ ଆମ ଜାତି ସଂସ୍କୃତି
ମହାନ ବୀର ଭୂଇଁ
ଆସହେ ମିଶି ଗାଇବା ଆମେ
ମହାପୁରୁଷଙ୍କ ପାଇଁ !!

ପାଚଇ ଆମ୍ବ ପଣସ ଜାମୁ
କେତେ ଜାତିର ଫଳ
ସନ୍ଧ୍ୟାବେଳେ ବହିଯାଉଛି
ପବନ ସୁ-ଶୀତଳ !!

କଳାହାଣ୍ଡିଆ ମେଘଯେ ଭାସେ
ପଡ଼େ ବରଷା ଝିପି
ମୌସୁମୀ ଆସି ଧାରାକୁ ଛୁଇଁ
ଦୁରକୁ ଯାଏ ବ୍ୟାପୀ !!

ବରଷା ପଡି ବୀର ଭୂଇଁରେ
ମହକି ଯାଏ ମାଟି
ଚନ୍ଦନ ପରି ଧରା ବାସଇ
ସୁଗନ୍ଧ ଯାଏ ଛୁଟି !!

ଏହି ପର୍ବରେ ଦୋଳି ଖେଳନ୍ତି
ଝିଅ ବୋହୂମାନେ ମିଶି
ତାସ, ଲୁଡୁ, କ୍ୟାରମକୁ ଧରି
ପୁରୁଷ ବି ଯାଆନ୍ତି ବସି !!

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପିଠା ପଣାରେ ଘରଟି ବାସେ
ଏହାକି ମନ ଲୋଭା
ନୂଆ ପୋଷାକ ପିନ୍ଧି ସଭିଁଏ
ଦିଶନ୍ତି ବହୁ ଶୋଭା !!

ମଜା ମଉଜେ ଛୁଟି କାଟନ୍ତି
ରଜର ଅବସରେ
ଏହି ପର୍ବରେ ପାନ ନିଆରା
ଖାଆନ୍ତି ଧିରେ ଧିରେ !!

ରଜ ଆମର ମହାନ ପର୍ବ
ଝିଅ ପାଳନ୍ତି ମିଶି
ପୃଥିବୀ ଆଜି ଫାଟି ପଡୁଛି
ଦେଖି ଯେ ହସଖୁସି !!

ନିର୍ମଳ ସାହୁ
ବୈଦ୍ୟରାଜପୁର, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସିଛିରେ ବରଷା



ନୀଳମଣି ଚାନ୍ଦ

ବର୍ଷା  ଝରେ ବେଶୀ ଚେରାପୁଞ୍ଜିରେ
ଆସି  ଛୁଇଁଯାଏ କଣ୍ଟାବାଞ୍ଜିରେ
ଆହୁରି ବୁଲିବ ସୀତାବିଞ୍ଜିରେ
ତାରାମାନେ କଲେ ମିଞ୍ଜିମିଞ୍ଜିରେ ।

ସବୁଥର ଆଷାଢରେ ଆସୁଛି
ଓଦାକଲେ ମାଟି ଭାରି ବାସୁଛି
ବିଜୁଳି ମାରିଲେ ସିନା ହସୁଛି
ଉପରୁ ତଳକୁ ସିଏ ଖସୁଛି ।

ସାଧବବୋହୂକୁ ଦିଏ ଉଠେଇ
ଦିଏ ଇନ୍ଦ୍ରଧନୁ ଚିତା କୁଟେଇ
ହୁଙ୍କାମୂଳେ ବାଲିଛତୁ ଫୁଟେଇ
ତାତି, ଟାଣଖରା ବଳ ତୁଟେଇ ।

ଟୁପ୍ ଟୁପ୍ ହୋଇ କହେ କଥାରେ
ବତାଏ  ହାତରେ ଧର ଛତାରେ
ଜୀବନ ଭରାଏ ତରୁଲତାରେ
ନ ମାଡ଼ଇ ମରୁଭୂମି ହତାରେ ।

ଆସିଲେ କାଗଜ ଡଙ୍ଗା ଭାସିବ
ମଥାଟି ଭିଜିଲେ କୁନା କାଶିବ
ସାଧବବୋହୂଟି ବୁଲି ଆସିବ
କଦମ୍ବଫୁଲଟି ଫୁଟି ବାସିବ ।

ଶୁଖିଲା ଗଛଟି ଯିବ କଞ୍ଚେଇ
ଜାମୁ କୋଳିକୁରେ ଦେବ ପଚେଇ
ମୟୂରଙ୍କୁ ଡାକି ଦେବ ନଚେଇ
ଦୁଇ ମାସ ଜଳ ଦେ ଯଚେଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୟ ଶ୍ରୀରାମ



ସାଗରିକା ଲେଙ୍କା

ମର୍ଯ୍ୟାଦା ପୁରୁଷୋତ୍ତମ
ହେ ପ୍ରଭୁ ରଘୁନନ୍ଦନ,
କୋଟି କୋଟି ଭକ୍ତଙ୍କର
ତୁମେ ହୃଦସ୍ପନ୍ଦନ ॥

ତ୍ରେତୟା ଯୁଗରେ ଚୈତ୍ରମାସ
ଶୁକ୍ଳପକ୍ଷ ନବମୀ ତିଥିରେ ଜନମିଲ,
ପିତୃସତ୍ୟ ପାଳନ କରି
ଚଉଦ ବର୍ଷ ବନବାସରେ କାଟିଲ ॥

ଶବରୀ ଭକ୍ତିରେ ତୁମେ
ଅଇଁଠା କୋଳି ଯେ ଖାଇଲ,
ତୁମରି ପାଦସ୍ପର୍ଶ ମହିମାରେ ପାଷାଣ
ଅହଲ୍ୟାକୁ ଅଭିଶାପରୁ ମୁକ୍ତି କଲ ॥

ଧନ୍ୟ ତୁମ ଲୀଳା ପ୍ରଭୁ
ହେ ଅଯୋଧ୍ୟା ନୃପତି,
ଶିବଧନୁ ଭାଙ୍ଗି ହେଲ ତୁମେ
ଜନକ ନନ୍ଦିନୀର ପତି ॥

ରାଷ୍ଟ୍ରୀୟ ସନାତନ ଧର୍ମର
ତୁମେ ଅଟଇ ଯେ ପ୍ରତୀକ,
ରହିଥାଅ ପ୍ରଭୁ ସଦା ଭକ୍ତଙ୍କ
ପାଶେ ହୋଇ ତୁମେ ମାର୍ଗଦର୍ଶକ ॥

ଭଦ୍ରକ, ମୋ -୬୩୭୨୬୧୯୦୨୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାତ କହିବୁରେ...



ଅଲେଖ ମେହେର

ବାତ କହିବୁରେ, ବସ୍ରହାରକୁ, ବୁଝାଇ,
ବାସ ତେଜି ଗଲା ବାସରୁ ମୋହର,
ବିଲୋକଇ କୃଷ୍ଣ ଛାଇ ।

ଇକ୍ଷଣ ପଟଳ   ସଦା ଢଳ ଢଳ
ଗଣ୍ଡଦେଶେ ଯାଏ ବହି,
ଥିଲା ପ୍ରତିଚକ୍ଷୁ   ଜୀବନର ଇକ୍ଷୁ
ଅତର୍କିତେ ଗଲା କାହିଁ ।

ବିହାୟସେ ଶୁନ   ଇନ୍ଦୁ ବିବର୍ତ୍ତନ
ଆବୃତ ଅମାସ୍ୟା ଛାଇ,
ଦଶନବସନ   ରହିଅଛି ମୌନ
ବରଷାର ଦ୍ୱିଜ ହୋଇ ।

ସୁକର ନୋହୁଛି   ସରଣୀ ବାଧୁଛି
ପଦଯାଏ କ୍ଳାନ୍ତ ହୋଇ,
ତପତ ଗ୍ରୀଷମ   ପରାଣ ବିଷମ
ପାଦପ ସମ୍ମୁଖେ ନାଇଁ ।

କରିଛି  କି ଦୋଷ  ନ ଘେନିବ ରୋଷ
କ୍ଷୀର ନୀର ଭାବ ବହି,
ବିହରିତେ ଭାସେ  ତାସ୍ରଲ୍ୟରେ ହସେ
ଚାହିଁ କଣେଇ  କଣେଇ ।

କହେ ଯାଯାବର  ତା'ବିନୁ ଆବର
ହଂସା କିଛି ଲୋଡେ ନାହିଁ,
ଦୋଷାଦୋଷ ସବୁ  ଚିତ୍ତରେ ନ ଭାବୁ
ମମତା ସରୀ  ଝରାଇ ।

ସୋହେଲା ବରଗଡ଼
ମୋ-୬୩୭୦୨୨୦୫୫୯

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପାଗଳ ମୁଁ ହୋଇଛି



ଜୟନ୍ତ କୁମାର ମଲ୍ଲିକ

ଦିନ ରାତି ଭାବୁଥିଲି
    ଦେଖୁଥିଲି ସପନ
ତୁମ କଥା ହୃଦୟରେ
    ରଖି ଅଛି ଗୋପନ ।

ତୁମେ ଏକା ଜୀବନର
    ମୋଓ ପ୍ରୀତି ନାୟିକା
ମୋ ଗୀତରେ ସୁରଦେଇ
    ତୁମେ ହେଲ ଗାୟିକା ।

ତୁମପାଇଁ ସ୍ୱର୍ଗସମ
    ଲାଗେ ଏଇ ମରତ
ବଇଶାଖେ ଆସିଯାଏ
    ଅଦିନିଆଁ ଶରତ ।

ଆକାଶ ବି ଦିଶେ ମତେ
    ପ୍ରିୟତମା ପରିକା
ହସୁଥାଏ ଖେଳେ ବୁଲେ
    ହାତ ଧରି ଧରିକା ।

ତୁମପାଇଁ ସତ ସତ
    ପାଗଳ ମୁଁ ହୋଇଛି
ଗୋଲାପର ଶେଯଭାବି
    କଣ୍ଟାରେ ମୁଁ ଶୋଇଛି ।

ଶୁରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ:-୯୪୩୭୮୭୫୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଶା



ଦେବାର୍ଚ୍ଚନ
ମେହେର

ଆଶା ଦେଇ ତମେ
କରିଲ ନିରାଶା,
ତୁମକୁ ପାଇବାକୁ ମନେ
ବାନ୍ଧିଥିଲି ଆଶା ।।

କହିଥିଲ ଦିନେ ନିଜ ମୁହେଁ
କଷ୍ଟ ଦେବିନି ତୁମ ସବୁ କଥା ଶୁଣିବି,
ଅଛି ମୁଁ ଆଉ ସବୁ ବେଳେ
ତୁମ ସାଙ୍ଗରେ ଥିବି ।।

ଏ ସବୁ କହିଥିବା କଥା
ଗୋ ସୁନ୍ଦରୀ ଭୁଲି କି ଗଲ,
ପ୍ରତି ଦିନ ଗୋଟେ ନୂଆଁ ନୂଆଁ କଥା
କହି ଆଶା ଦେଇଥିଲ ।।

ମୋର ଅସୁମାରୀ ଇଚ୍ଛା
କ୍ଷଣକେ କରିଲ ଶେଷ,
ମୋତେ ଆଶା ଦେଇ ତମେ
ଦେଖେଇଲ ତୁମ ବେଶ ।।

ମନେ ମନେ ତୁମ କଥା ଭାବି
ହେଉଥିଲି କେତେ ଖୁସି,
ତୁମ କଥା ବାର୍ତ୍ତାରୁ କିଛି ନ ବୁଝି
ଗଲି ମୁଁ ସମୁଦ୍ରେ ଭାସି ।।

ଏ ସଂସାରେ ନିରୀହ ଲୋକହିଁ
ବିଶ୍ୱାସେ ପାଆନ୍ତି ବିଷ,
ଅନ୍ୟ ଲୋକ ହସି
ପଚାରନ୍ତି କିସ କିସ ।।

ବାପୁଜୀନଗର ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କବିତାରେ ଯନ୍ତ୍ରଣା ଓ ମଲାଜହ୍ନ



ସୁବ୍ରତ କୁମାର ଜେନା

ସହରଠୁ ଗାଁ ଉପକଣ୍ଠରେ ଘୋ ଘା,
ନୀରବ, ନିସ୍ତେଜ ପୃଥିବୀଟା ହସିବ କେମିତି,
ଅବଶ୍ୟ ଶୁଭୁନି ତ୍ରାହି ତ୍ରାହି ରକ୍ଷମାମର ସ୍ୱର,
ତଥାପି ଏ କେମିତି କ୍ଳେଶ,
କାହିକି କହି ପାରେନି ଏ ଯନ୍ତ୍ରଣାର ଚିତ୍ର ଓ ଚରିତ୍ରକୁ,
ସତରେ କଣ ଏତେ ସହଜରେ ମରିପାରେ ବିଶ୍ୱାସଟିଏ ଓ ମାରିପାରେ ତାକୁ ଅବିଶ୍ୱାସ ?

ଯେବେ ସାମ୍ନା ହୁଏ ପ୍ରତାରଣା ସହ,
ସମୟର ଠିକ ସେଇ ଦୋଛକିରେ ଅଚାନକ,
ନାଁ ଫେରିହୁଏ ନା ପାଦକୁ ଫେରାଇ ହୁଏ ବିପର୍ଯ୍ୟୟ ମୁଖରୁ,
ଲାଗିଯାଏ ହାର ଜିତର ସଟ୍ଟା,
ବିଚରା ଯୌବନ ବାଛିନିଏ କ୍ଷତାକ୍ତ ହେବାର ପଥକୁ,
ଜିତିଲେ ପାଇଯାଏ ସବୁକିଛି ହାତପାହାନ୍ତାରେ,
ଗୋଲାପୀ ଗୋଲାପୀ ପାହାଡ଼କୁ ଡେଇଁ ଡେଇଁ,
ଆଉ ଯଦି ହାରିଯାଏ.... !
କିଏ ଆଖ୍ୟା ଦିଏ ପାଗଳ ପ୍ରେମୀର ପୁଣି କାହା ଭାଷାରେ ଦେବଦାସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖି ବନ୍ଦ ମାତ୍ରେ ଭାସି ଉଠେ ଦୁଃସ୍ୱପ୍ନ,

କୁଢ଼ କୁଢ଼ ଶବ୍ଦ ମାନଙ୍କର ଶବ ଉପରେ ଚଢ଼ି

ମୁଁ ଲେଖୁଛି ଯନ୍ତ୍ରଣାର କଥାକୁ କବିତାରେ,

ଅବଶ୍ୟ କହିପାର ପାଗଳ ବୋଲି ନିଜ ଇଚ୍ଛାରେ,

ତଥାପି କେମିତି ସହିବି ଏସବୁକୁ,

ମୁଁ ଚାହିଁଲେ ବି ଲେଉଟାଇ ପାରିବିନି ଘଣ୍ଟାର କଣ୍ଟାକୁ ବିପରୀତ ଦିଗରେ ।

ଭୁଲ୍ ଥିଲା ଜହ୍ନଟାକୁ ନିଜର ଭାବି ମନ କଥା କହିବାଟା,

ସେ ଯେ ଏମିତିରେ ମଲା ଜହ୍ନ ହେବ,

ଏ କଥା ତ କାହିଁ କେବେ କିଏ କହିନଥିଲା !

କଣ ନେବ ଗୋଟେ ନିଃସ୍ୱ ଓ ନିସ୍ୱାର୍ଥୀ ପାଖରୁ,

ତେବେ ଖାଲି ଯାହା ମନ,

ଯିଏ ପ୍ରତୀକ୍ଷଣ ଭାବୁଥାଏ ମଲାଜହ୍ନ କୁ ପ୍ରେମର ସନ୍ତକ କରିବବୋଲି ।

ଶୂରଜିହ୍, ନନ୍ଦିପୁର, ଯାଜପୁର

ଦୂରଭାଷ : ୯୭୭୬୨୦୮୯୩୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଫଳାଫଳ



ନିରଞ୍ଜନ ସାହୁ

ହାରିଗଲ ବୋଲି ଡରି ଯାଅନାହିଁ
ମନରେ ସାହସ ଆଣ
ଦୁନିଆକୁ ଦେଖି ଭୟ ନ କରିକି
ମନକୁ କରନ୍ତୁ ଟାଣ ।

ହାରିବା ଜିତିବା ଲାଗିଛି ସଂସାରେ
ଏ ତ ଦୁନିଆର ରୀତି
ହାରିଗଲେ କିମ୍ବା ମନରେ କରୁଛ
ଆଶଙ୍କାରେ ବଡ଼ ଭୀତି
ହାରିବା ଅଟଇ ଜିତିବା ସକାଶେ
ପ୍ରଥମ ପାହାଚ ଜାଣ ।

ପରିଶ୍ରମ କର ଅକ୍ଳାନ୍ତ ଭାବରେ
ବିଶ୍ରାମ ଲୋଡନା କେବେ
ସଫଳତା ଶୀର୍ଷ ନିଶ୍ଚିତ ଛୁଇଁବ
ବିଜୟ ହୋଇବ ତେବେ
ଦୁନିଆ କରିବ ଜୟଜୟକାର
ଖୁସିରେ ଫୁଟାଇ ବାଣ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ହାଟ



ଆଶୁତୋଷ
ମେହେର

ଜୀବନ ହାଟକୁ ବାଟ ଲୋଡାହୁଏ ବଞ୍ଚିବା ପାଇଁ କି ରାହା
ବିକାକିଣା ଏଠି କେତେ ଯେ ଦରବ ଆଗେ ବଢ଼ିବାର ସାହା ।
ବନ୍ଧୁବାନ୍ଧବଙ୍କ ଜାୟାପତି ମେଳ ଅଚିହ୍ନା ହୁଏ ତ ଚିହ୍ନା
ପରାଣ ମନ୍ଦିରେ ପୂଜିବାକୁ ହୁଏ ରାମ କୃଷ୍ଣ ଅବା କାହ୍ନା ।।

ହସକାନ୍ଦ ଲୁହ ପସରା ମେଲାନ୍ତି କେତେଯେ ଦରଦୀ ବନ୍ଧୁ
କାହାପାଇଁ ମରୁ ଜୀବନ କା' ପାଇଁ ପ୍ରେମର ସାଗର ସିନ୍ଧୁ ।
ପ୍ରତାରଣା ଭରା ଗୀତ ଗାଇବୁଲେ କିଏ ସେ ପ୍ରେମିକ ଜଣେ
ନିରିମାଖୀ ଆଖି ଖୋଜି ଥକିଯାଏ ଭାବ ଲୁଚିଯାଏ ମନେ ।।

କେତେ ସେ ମିଳନ ବିଚ୍ଛେଦ ଏଇଠି କିଏ ମୋଡେ ଆନ ବାଟ,
କାହା ଭାଗ୍ୟେ ମୁଠେ ମିଳେନା ଦରବ, କାହାର ଭରଣ ଥାଟ ।
ଦେବାନେବା ଏଠି ମୂଳଚାଳ ହୁଏ ଅବିବେକି ସତେ ଜିତେ,
ଥିବା ଲୋକ ପାଏ ଗରିବର ଭାଗ୍ୟେ ଜୀବନ ଶୂନ୍ୟତା ମତେ ।।


ହାଟବାଟ ସରେ ହାଟୁଆ ବାପୁଡା ଲେଉଟଇ ନିଜ ମତେ,
ନିତି ଏଇମିତି ଯିବା ଆସିବାଟା ଜୀବନର ଗପ ସତେ ।।

୫୪, ଆର୍ଯ୍ୟପଲ୍ଲୀ, କିଟଛକ ପଟିଆ ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିମାନୀ ମଉସୂମୀ



ବିନୟ ମହାପାତ୍ର

ନିଦାଘ ଶେଷରେ ଆସିବ ବୋଲି ତ
ମଉସୂମୀ ତୁମେ ଆସି ଗଲ,
ହସି ଦେଇ ଟିକେ, ଏରୁଣ୍ଡି ପାଖରେ
ଅଟକି କାହିଁକି ରହି ଗଲ ।

ଦୁଆର ମୁକୁଳା ତୁମ ପାଇଁ ପ୍ରିୟେ
ଚାତକର ସରି ରହିଛୁ ଚାହିଁ,
ଗ୍ରୀଷମ ନିର୍ଦ୍ଦୟ ଜାଳି ଦେଇଛି ଗୋ
ହୃଦୟ ବ୍ୟାକୁଳ ତୁମରି ପାଇଁ ।

ଯେତେ ଡାକିଲେ ବି ଆସୁନ ଘରକୁ
ଠିଆ ହୋଇ କିବା ଦେଖୁଛ,
ରହି ଯିବ ଅବା ଫେରି ଯିବ ବୋଲି
ମନେ ମନେ ଅବା ଭାବୁଛ ।

ଆଗୋ ମଉସୂମୀ ଡାକ ଶୁଣି ଯଦି
ଆସି ଗଲ ଠିକ୍ ସମୟରେ,
ସୁଖିଲା ଏ ମାଟି ଅନାଇ ରହିଛି
ବରଷି ଯାଅ ଗୋ ଅମୃତ ଧାରେ ।

ମଉସୂମୀ କହେ ଦେଖି ମୁଁ ଭାବୁଛି
ବରଷିବି ଜଳ କାହାର ପାଇଁ
ଯାହା ପ୍ରେମ ଡୋରି ଟାଣି ଆଣେ ମୋତେ
ମୋ ପ୍ରେମିକ ତରୁ କେଉଁଠି ନାହିଁ ।

ଗଛ ଅଛି ବୋଲି ଜଳ ଭରି ଅଛି
ଜଳ ଅଛି ବୋଲି ପ୍ରାଣି ବଞ୍ଚିଛି,
ଜୀବନରେ ସତେ କାଲି ଆସୁଛି ।


ଗଛ ନରହିଲେ
ମେଘ ଆଉ କେବେ ଆସିବ ନାହିଁ
ଆସି ଯିବ ଯଦି,
ଟୋପିଏ ବି ଜଳ ଢାଳିବ ନାହିଁ ।

ମେଘ ନ-ବରଷିଲେ ରହିବନି ପାଣି
ପାଣି ନମିଳିଲେ ହେବ ବିନାଶ,
ମଣିଷ ଜୀବନେ ଆସିବନି କାଲି
ନିଜ ହାତେ ନିଜ ଗଳା ଟିପି ଦେଇ
କାହା ମୁଣ୍ଡେ ଆଉ ବୋଳିବ ଦୋଷ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜିପରା ରଥଯାତ



ଅନନ୍ତ କୁମାର

ତିନି ରଥ ବଡଦାଣ୍ଡେ ଚକମକ ଦିଶିଲାଣି
ଫରଫର ପତିତ ଉଡ଼ାଇ ।
ଭକତଙ୍କ ଗହଳିରେ ନୀଳାଚଳ ଆଜି
ଉଠିଲାଣି ଘୋଘୋ ଶବ୍ଦ ହେଇ ।

ବରଷକ ପରେ ଆସିଛି ରଥଯାତ
ସଭିଙ୍କ ମନେ ଆନନ୍ଦ ନେଇ
ହରସ ମନରେ କାଳିଆ ଯିବଲୋ
ସାଥେ ଭଉଣୀ ଭାଇକୁ ନେଇ ।

ହଲି ହଲି ପହଣ୍ଡିରେ ଆସିବେ ପ୍ରଭୁ
ଭକ୍ତଙ୍କ ଭିଡ଼ରେ ଲୀଳା ଲଗେଇ
ଖିଲି ଖିଲି ହସି ହସି ପୁଣି ଚାହିଁବେ
ଭକତଙ୍କୁ ଟିକେ ଦରଶନ ଦେଇ ।

ଘଣ୍ଟଘଣ୍ଟାରେ ଫାଟିପଡିବ ବଡ ଦାଣ୍ଡ
କାଳିଆ ରଥେ ହେଲେ ବିରାଜିତ
ହରିବୋଲ ହୁଳହୁଳିରେ ବିଶ୍ୱ କମ୍ପିବ
ଗଡିବ ଯେବେ ଆମ ତିନି ରଥ ।

ହସୁଥିବ ଆନନ୍ଦେ ପ୍ରଭୁ ମୁରୁକି ମୁରୁକି
ରଥ ଉପରେ ଭକ୍ତଙ୍କୁ ଦେଖି
ଅଭିମାନ କରି କାନ୍ଦୁଥିବେ ଭାରିଜା ଲକ୍ଷ୍ମୀ
ଏକା ଏକା ସିଂହଦ୍ୱାରେ ବସି ।

ଭକ୍ତଙ୍କ ଭିଡରେ ଗଡୁଥିବ ତିନି ରଥ
ମାଉସୀ ମନ୍ଦିରେ ଆଜେ ।
ସରଗରୁ ଝରି ପଡୁଥିବ ପାରିଜାତ
ତିନି ଦିଅଁଙ୍କରେ ନାମେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭକ୍ତ ଭଗବାନଙ୍କ ଏହି  ମିଳନ

ମନେ ଭରିଦିଏ କେତେ ଆନନ୍ଦ

ରଥ ପଥ ଜଗନ୍ନାଥ  ନାମ ଶୁଣି

ହରିଯାଏ କୋଟି ଜନ୍ମର ପାପ ।

କାର୍ଯ୍ୟକାରୀ ସମ୍ପାଦକ

ଜାତୀୟ କବି ଲେଖକ ସଂଗଠନ

ତିହିଡି, ଭଦ୍ରକ

ଯୋଗାଯୋଗ-୮୩୩୯୯୩୯୯୨୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପରଜାପତି ତରକା ଅତି



ବିକାଶ୍ କୁମାର ହୋତା

ପରଜାପତି ଟି ଉଡ଼ି ଉଡ଼ି ବୁଲେ
ଏ ଫୁଲରୁ ସେ ଫୁଲକୁ
ପରଜାପତି ସେ ତରକା ଅତି ରେ
ମୋହଇ ଆମ ମନକୁ ।।(୧)
ଅତି ସୁନ୍ଦରିଆ ପରଜାପତି ଟି
ଖୁସି ହୋଇ ଗାଏ ଗୀତ
ଫୁଲର କାନରେ କେତେ କଥା କହେ
ଫୁଲ ପରା ତା'ର ମିତ ।।(୨)
ରୂପ ରଙ୍ଗରେ ତା ତୁଳନା ନାହିଁ ଟି
ମନକୁ କିଣଇ ଆମ
ଫୁଲେ ଫୁଲେ ଉଡ଼ି ରସ ଚାଖିବା ଟା
ନିତିଦିନିଆ ତା କାମ ।।(୩)
ବିହି ଗଢ଼ିଛନ୍ତି ଶରୀରକୁ ତା'ର
କେତେ ଯତନ ରେ ସତେ
ନାନା ଦି ରଙ୍ଗରେ ରଙ୍ଗେଇ ହୋଇଛି
ସେ କଉତୁକିଆ ଏତେ ।।(୪)

ପରଜାପତି ଠୁ ସଦା କର ଶିକ୍ଷା
କାମରେ ଯାଅନି ଥକି
ଆଜିର କାମକୁ ଆଜି କର ସଦା
ରଖ ନାହିଁ ତାକୁ ବାକି ।।(୫)
ଭାରି ଖୁସି ଆସେ ମନ ଭିତରେ ଯେ
ଦେଖି ପରଜାପତି କି
ଉଡ଼ିଯାଏ ସିଏ ଗଲେ ତା ପାଖକୁ
ମନରେ ଦୁଃଖ ଦେଇକି ।।(୬)
ପାଦ ଚିପି ଚିପି କେବେ କେବେ ଯଦି
ଧରେ ପରଜାପତି କି
ମାଆ କାନ ମୋଡ଼ି କହିଥାଏ ମତେ
ଛାଡ଼ ତା'ର ମା କତିକି ।।(୭)

ଦକ୍ଷିଣକାଳୀ ରୋଡ଼, ବିଦ୍ୟାନଗର, ଢେଙ୍କାନାଳ
୭୦୦୮୯୨୮୭୯୮

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜଗାର ରଥଯାତ



ବିକାଶ କୁମାର ମହନ୍ତ

ବାଜୁଛି ଘଣ୍ଟା ଶୁଭୁଚି ଶଙ୍ଖ ଆଜିର ଏହି ଦିନରେ
ଭକତଜନ ଏକାଠି ହୁଅନ୍ତି ଜଗାର ବାସସ୍ଥାନେ ।।୧ ।।

ନାନା ଚାନ୍ଦୁଆରେ ସୋଜାଇ ହୋଇଛି ଦାରୁବ୍ରହ୍ମଙ୍କ ରଥ
ଭାଇ ଭଉଣୀଙ୍କୁ ସାଙ୍ଗରେ ଘେନି ବାହାରିବେ ଜଗନ୍ନାଥ ।।୨ ।।

ତିନିପୁରକୁ ଦରଶନ ଦେବେ ରଥ ଉପରେ ବସି
ସୁଖର ବରସା କରିବେ ଆଜି ଦୂରେଇ ଦୁଖରାଶି ।।୩ ।।

ରଥାରୁଢ ହେଲେ ତିନି ଠାକୁର ସାରି ନିଜ ନିଜ କାମ
ନଅ ଦିନ ପାଇଁ ଶ୍ରୀମନ୍ଦିର ଛାଡି ଯିବେ ଗୁଣ୍ଡିଚା ଧାମ ।।୪ ।।

ଆଗେ ଚାଲିଲା ତାଳଧ୍ୱଜ ରଥ ମଝିରେ ଦେବଦଳନ
ଶେଷରେ କାଳିଆ ନନ୍ଦିଘୋଷେ ବସି ଗଲେ ଗୁଣ୍ଡିଚାଧାମ ।।୫ ।।

ଖାଲି ହୋଇଗଲା ଶ୍ରୀ ମନ୍ଦିର ଭକତଜନଙ୍କ ବିନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଷାଦର ଛାୟା ଗ୍ରାସିଲା ମାଙ୍କୁ ଜଗନ୍ନାଥଙ୍କ ବିନା । ।୬ । ।

ନଅ ଦିନ ପରେ କାଳିଆ ସାଆନ୍ତ ବାହାରନ୍ତି ନିଜ ଧାମ ।
ସାଙ୍ଗରେ ଆଣନ୍ତି ଅନେକ ମିଷ୍ଟାନ ହୋରିବେ ଲକ୍ଷ୍ମୀଙ୍କ ମନ । ।୭ ॥

ସୁନାବେଶରେ ଦରଶନ ଦେଇ ହରନ୍ତି ଦୁଖୀଙ୍କ ଦୁଖ
ସବୁ ଧର୍ମଲୋକ ଏକ ହୁଅନ୍ତି ଦେଖିବାକୁ ସେହି ରୂପ । ।୯ । ।

ଜଗତର ନାଥ କାଳିଆ ସାଆନ୍ତ ଘେନ ମୋ ଏହି ବିନତୀ
ସୁଖ ଆନନ୍ଦରେ ପୁରୁ ଏ ଜଗତ ନାଶ ହେଉ ଦୁଖରାଶି । ।୧୦ ।

ବିକାଶ କୁମାର ମହାନ୍ତ, ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଡ଼ଦାଣ୍ଡରେ ଶ୍ରୀ ଜଗନ୍ନାଥ



ନିକୁଞ୍ଜ କୁମାର ଘୋଷ

ବଡ ଦାଣ୍ଡ ଆଜି ଲୋକାରଣ୍ୟ ଦିଶେ
ଦେଖିବାକୁ ଚକା ଆଖି
ଭକ୍ତ କହେ ଜଗା ସୁସ୍ଥ ହୋଇଅଛି
ଫୁଲୁରି ତେଲକୁ ମାଖି ।।

ଚଉଦ ଦିନର ଅଣସର ବାସେ
ପାଇଅଛି କଷ୍ଟ କେତେ
ସ୍ନାହାନ ମଣ୍ଡପେ ସ୍ନାନ କରିଥିଲା
ମନ ଆନନ୍ଦରେ ଯେତେ ।।

ଏତେ କଷ୍ଟ ପାଇ ଆସିଅଛି ଧାଇଁ
ଭକତ ଜନଙ୍କ ପାଇଁ
ବଡ ଦାଣ୍ଡେ ଆସି ମୁରୁକି ହସଇ
ସଭିଙ୍କୁ ସଙ୍ଗରେ ପାଇ ।।

ଭକ୍ତ ଭିଡେ ନାଥ ରଥାରୁଢ ହୋଇ
ବୁଝନ୍ତି ସଭିଙ୍କ ଦୁଃଖ
ଘଣ୍ଟ ଘଣ୍ଟା ଶୁଣି ହରଷ ଦିସଇ
ଭକ୍ତ ଭଗବାନ ମୁଖ ।।

ହରି ବୋଲ ସାଥେ ଶଙ୍ଖ ହୁଳହୁଳି
କମ୍ପାଏ ମେଦିନୀ ପୁରୀ
ସୁସଜ୍ଜିତ ରଥେ ଜନ ଗହଳିରେ
ଡାହୁକ ପକାଏ ହୁରି ।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଗାର ଉତ୍ସୁକ ବଡି ବଡି ଚାଲେ
ଆଗକୁ ଗଡିଲେ ରଥ
ମାଉସୀ ଆଖିରେ ପଲକ ପଡୁନି
ଚାହିଁ କାଳିଆର ପଥ ।।

ବଡ ଦାଣ୍ଡେ ଆଜି ଶ୍ରୀଜଗନ୍ନାଥଙ୍କ
ମୁକ୍ତ ଦରଶନ ପାଇ
ଦେଶ ଦେଶାନ୍ତରୁ ଭକତ ଧାଇଁଛି
ତୁମ୍ଭ ଦରଶନେ ସାଇଁ ।।

ଭକତ ମାଗୁଣି ପୂର୍ଣ୍ଣ କର ବିଭୁ
ଏତିକି ମିନତି ମୋର
ଦୁଃଖ ସନ୍ତାପକୁ ହାରି ନେଇ ପ୍ରଭୁ
ଜଗତ କଲ୍ୟାଣ କର ।।

ନିକୁଞ୍ଜ କୁମାର ଘୋଷ
ସା-ମାଧବପୁର ପୋ-ଲକ୍ଷ୍ମଣନାଥ ଥାନା-ଜଳେଶ୍ୱର ଜିଲ୍ଲା-ବାଲେଶ୍ୱର ଓଡ଼ିଶା
ପିନ୍: ୭୫୬୦୩୨ ମୋ : ୮୧୪୪୮୫୧୦୪୫ WhatsApp : ୮୦୯୩୨୩୦୨୫୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝରକା



ପ୍ରଗନ୍ କୁମାର ପାତ୍ର

ଘରର ଦରଜା ପରେ ବାସ୍
ଝରକା ହିଁ ତ ଖୋଲା,
ଠିକ୍ ପଲକ ପଡୁଥିବା ଆଖି ପରି
ଆଖି ବି ତ ଥରେ ଥରେ ବନ୍ଦ ହୁଏ
ଆଉ ଝରକା ବି,
ସକାଳର ସୁନେଲି ସୂର୍ଯ୍ୟାଲୋକ
ଆଉ ରଜନୀର ରୂପେଲି ଜ୍ୟୋତ୍ସ୍ନା
କାହା ପାଇଁ ମୁଁ ଅନୁଭବ କରେ,
ଝରକାର କାଚ ପରଦା ସେପାଖେ
ସୁନ୍ଦର ଶୋଭାରାଜି ମନମୋହି ନିଏ
ଟୋପା ଟୋପା ବର୍ଷାର ଛିଟା
ଆଉ ମନ୍ଦ ଶୀତଳ ପବନ
ମୋତେ ଯେମିତି ଡାକୁଛନ୍ତି
ସେଇ ଝରକା ପଛରେ ଲୁଚି,
ରାତିର ଗାଢ଼ ଅନ୍ଧକାର
ଝିଙ୍କାରିର ଝିଁ ଝିଁ ଶବ୍ଦକୁ ବି
ଅନୁଭବ କରି ହୁଏ ଝରକା ଦେଇ
ବେଳେ ବେଳେ ଭୟାତୁର ବି ହୁଏ,
ପବନରେ ଦୋହଲୁଥିବା ତରୁରାଜି
ଆଉ ଆକାଶରେ ଉଡୁଥିବା ବିହଙ୍ଗଙ୍କୁ
ଦେଖି ମନ ଆନନ୍ଦିତ ହୁଏ
ଝରକା ଫାଙ୍କରୁ,
ଥରେ ଥରେ ମୁଁ ବି ବସେ
ଝରକାକୁ ଭରା ଦେଇ
ଆଉ ହଜିଯାଏ ଭାବନା ରାଇଜରେ...

ଠିକଣା : ବୌଦ୍ଧ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ଗଲା ପରେ



ବର୍ଷାରାଣୀ
ମହାମଲ୍ଲିକ

ତୁମେ ଗଲା ପରେ ଲାଗେ ସବୁ ଶୂନ୍ୟ
ଲାଗେ ବେରଙ୍ଗ ଏ ରଙ୍ଗିନ ଦୁନିଆ
ତୁମ ଅପେକ୍ଷା ରେ ପ୍ରତିଟି ମୁହୂର୍ତ୍ତ
ଦୁର୍ବିସହ ଭାରି ସବୁ ଅଜଣା ଅଚିହ୍ନା ।

ତୁମେ ଗଲା ପରେ ଲୁହ ମଧ୍ୟ
ସମବେଦନା ଦିଏ ଦେଖି ମୋ ଅବସ୍ଥାକୁ
କୋହ ବି ଭୟ କରେ
ଛାତି ଭିତରେ ସୃଷ୍ଟି ହେବାକୁ ।

ତୁମେ ଗଲା ପରେ ଜହ୍ନ ବି ଫିକା ଫିକା
ମୋର ବସନ୍ତ ଋତୁର ପରିସରରେ
କୋଇଲିର ସୁର ଶୁଭେନା
ତୁମେ ଗଲା ପରେ ମୁଁ ସ୍ଥାଣୁ ।

ପାଲଟି ଯାଇଛି ବିକଳାଙ୍ଗ
ଯଦିଓ ଠିକ୍ ଅଛି ବାହାରକୁ ମୋ ଶରୀର
ଶରୀର ର ପ୍ରତିଟି ଅଙ୍ଗ । ।

ତୁମେ ଗଲା ପରେ ଠିକ୍ ବି ଭୁଲ୍ ଲାଗେ
ହଜାରେ ଦ୍ୱନ୍ଦ ହୁଏ ସମାଗତ
ତୁମେ ଗଲାପରେ ଆଜି ବି
କନ୍ଦାଏ ପୁରୁଣା ଅତୀତ ।

ତୁମେ ଗଲା ପରେ ଯଦିଓ ମରିନି
ବଞ୍ଚିଛି ହୋଇ ଜୀଅନ୍ତା ଶବ
ମୃତ୍ୟୁ ଆସି ଦ୍ୱାରପଥ
ହେଇ ଶୁଣ କରୁଛି ରାବ.......

ଜିଲ୍ଲା :ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲଗ୍ନ ସମ୍ପର୍କ



ଭବାନୀ ଶଙ୍କର ଦାଶ

ମନର ଧ୍ୱନି କମ୍ପନ କରେ,
ଉଲ୍ଲସିତ ହୁଏ ମୋ ଅଧର
କିଏ ସେ ତୁମେ କୋଉଠି ଅଛ,
ଶୁଭୁଛି ତୁମ ମଧୁର ସ୍ୱର ।

ମନ ଚୋରେଇ ଭୁଲାଇଦେଲ,
ମନର କଷଣ ମୋର
ମୂଖର ତୃଷା ଦୁରେଇ ଦେଲ,
ପିଆଇ ଅମୃତ ଧାର ।

ପ୍ରେମର ସ୍ପର୍ଶେ ମନରେ ମୋର,
ପ୍ରିତୀର ନୃତ୍ୟନଇ ଖେଳେ
ମେଘର ବୁନ୍ଦା ସ୍ପର୍ଶେ ଯେମିତି,
ଇନ୍ଦ୍ରଧନୁ ଆକାଶେ ଖେଳେ ।

ମିଛ ସମ୍ପର୍କେ ପାଗଳ ହୁଏ,
ଏ ଶ୍ରେଷ୍ଠ ମଣିଷ ଜାତି
ପବିତ୍ରସମ୍ପର୍କ ଜାଲରେ ନ ଆସି ,
ଖୋଜି ବୁଲୁଥାଇ ଖ୍ୟାତି ।

ଧନ୍ୟ ଆମେ ମଣିଷ ଜାତି ! ! !
ଧନ୍ୟ ଆମେ ମଣିଷ ଜାତି ! ! !

ଠିକଣା-ଗୌରାଦେଇପୁର, କୋଦଳା, ଗଞ୍ଜାମ,
ଓଡ଼ିଶା, ୭୬୧୦୩୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସମାଜ ହାତରେ ସଂସାର ରଥ



ପବିତ୍ରା ଧଳ
ମଲ୍ଲିକ

ଭୀତତ୍ରସ୍ତ ଆଜି ସମାଜ ଚଳଣି ଦ୍ୱନ୍ଦରେ ବୁଡିଛି ବିଧି ବ୍ୟବସ୍ଥା
ତ୍ରାହି ତ୍ରାହି ଆଜି ଡାକେ ଏ ମାନବ କାହିଁ ଦୂରେ ଗଲା ପୂର୍ବ ଅବସ୍ଥା ।।
ସତ୍ୟ ଧର୍ମ ଆଉ ମୈତ୍ରୀର ଧ୍ୱଜାରେ ଭାରତ ଥିଲାତ ରଙ୍ଗାୟିତ,
ନାରୀ ପାଉଥିଲା ସ୍ୱତନ୍ତ୍ର ସମ୍ମାନ ବେଦବାଣୀ ଥିଲା ଅପୂର୍ବ ମନ୍ତ୍ର ।।
କି ଥିଲା ଏ ରାଜ୍ୟ କି ହୋଇଲା ଆଜ  ଝୁରୁଛି ମାନବ ସେ ପୂର୍ବ ସ୍ମୃତି,
କେଉଁ ଉପାଦାନ ହୋଇଲା ଅଭାବ ସମାଜ ଭୋଗୁଛି ଏପରି ସ୍ଥିତି ।।
କେଉଁ ଦୋଷ ଗୁଣ ଖୋଜିବ ମାନବ ବେଶୀ ଭାଗ ଦୋଷ ଜାଣିବ ପୁଣି,
ନାରୀ କି ପୁରୁଷ କିଏ ବେଶୀ ଦୋଷୀ ପଢିବ ମାନବ କେଉଁ କାହାଣୀ ।।
ପୁରୁଷ ଜାତିକୁ ଦେଲେ ବେଶୀ ଭାଗ ସମାଜର ଗତି କି ହେବ ଆଜ,
ନାରୀର ଦୋଷକୁ ଧରିଲେ ସମାଜ ଉଗ୍ର ଆନ୍ଦୋଳନେ ନାରୀ ସମାଜ ।।
ବୃକ୍ଷଟି ହାଣିବା ପାଇଁ ଲୁହା ଲୋଡା କାଠର କାମ ବି ଊଣା ନୁହଁଇ,
ଜାତି ଭାଇ ପ୍ରାଣ କାଠ ବି ନିଅଇ  ଲୁହା ଏକା କାହିଁ ଚିହ୍ନା ପଡଇ ।।
ସମାଜ ଦୃଷ୍ଟିତେ ନାରୀ ଓ ପୁରୁଷ କେହି କାହାଠାରୁ ଊଣା ନୁହଁଇ,
ଚଳଚ୍ଚିତ୍ର ଦିଏ ଭରା ଉପାଦାନ ନଗ୍ନତା ଦିଏ ଆଖି ହଜେଇ ।।
ପୁରୁଷର ଦେହ ପୁରା ଆଭୂଷଣ ନାରୀ ଦେହ ଆଜି ଅଧା ଲଙ୍ଗଳା,
ଓଲଟା ନିତିରେ ସମାଜ ଚାଲିଲେ ଭଲ ଖୋଜି ଭେଲେ ହେବେ ବାଉଳା ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜ ଭଉଣୀକୁ ଯାଏ ନାହିଁ ଆଖି ଅନ୍ୟ ଭଉଣୀକୁ କମେଣ୍ଟ ମାଡ଼ ,

ଭଉଣୀ ତ ଆଉ ଘରେ ବସେ ନାହିଁ ଭାଗ୍ୟେ କେତେବେଳେ ଦୁଃଖ ପାହାଡ ।।

କାହାକୁ କହିବା କିଏ ସେ ଶୁଣିବ କାନ୍ଦନ୍ତି ସଭିଏଁ ନ ଝରେ ଲୁହ,

ନିଜ କମ୍ବଳକୁ ନିଜେ ଶୁଖାଇଲେ ଭାରି କାହାକୁ କି ହୋଇବ କୁହ ।।

ପ୍ରଥମେ ନାରୀକୁ ଜାଣିବାକୁ ହେବ ଶାଳୀନତା ଆଉ ସ୍ୱାଧୀନତା

କେଉଁ ସମୟରେ କାହାକୁ ପ୍ରାଧାନ୍ୟ ଶିଖିବାକୁ ହେବ ଏ ନୈତିକତା ।।

ଜନନୀ ଭଗିନୀ ଅଟେ ଏହି ନାରୀ ଅଟେ ସମାଜର ସ୍ୱଛା ସେବିକା

ପୁରୁଷ ସମାଜ କଲେ କଳୁଷିତ ନିଜ କନ୍ୟା ନେବ କେଉଁ ତାଲିକା ।।

ଦୋଷୀ ପାଇଁ ଦଣ୍ଡ ଉଚିତ ବିଧାନ ପ୍ରଶାସନ କଳ ହୋଇବ କଡା

ଧର୍ମ ଆଉ ଦଣ୍ଡ ଏହି ଦୁଇ ନିତି ସମାଜ ନଇରେ ହୋଇବ ଭେଳା ।।

ସୁସ୍ଥ ସମାଜ ଗଢିବାକୁ ହେଲେ ସମାଜ ମଙ୍ଗଳ କରିବା ପାଇଁ

କର୍ତ୍ତବ୍ୟ ଅସ୍ତ୍ରରେ ଚାଲିବାକୁ ହେବ ସଚ୍ଚା ପଥିକଟି ଆଗରେ ହୋଇ ।।

ହେ ବିଶ୍ୱ ଠାକୁର ରଖ ଏ ସଂସାର କାଳିମାର ରଙ୍ଗ ଦିଅ ଉଭେଇ

ସତ୍ୟ ଶାନ୍ତିର ନିକେତନ ଉଡୁ ପ୍ରୀତିର ପୀଉଷେ ଭିଜୁ ଏ ମହୀ ।।

ଚାନ୍ଦକୁଡା, ଓରାସାହି, ଭଦ୍ରକ, ୭୫୬୧୩୩

ମୋ- ୯୦୯୦୬୩୬୬୦୯

Email- mallick.aruna1980@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀର ପଥେ



ମଧୁସ୍ମିତା ସାହୁ

ଆଜିବି ନାରୀ ସହୁଛି,( ୨)
ଅନ୍ୟାୟ ପଥେ ପଥିକ,
ହସଖୁସି ନୁହେଁ ପାଇବା,
ଜୀବନେ ଭରା କଣ୍ଟକ ।।

ସ୍ୱାଧୀନ ହୋଇ କିଲାଭ ,
ଆଶ୍ରୟ ସହ ବଞ୍ଚିବା,
ଦୁଃଖର ବେଦନା ସହି,
ମିଛମିଛିକା ଜୀଇଁ ବା ।।

ନାରୀ ସଂସାରେ ସାରଥୀ,
ପଥ ପ୍ରଦର୍ଶକ ହୋଇ,
ସମସ୍ତ କଷଣ ଧରି,
ନିନ୍ଦା ଅପବାଦ ପାଇ ।।

ନିଜର ସୁଖକୁ ଜାଳି,
କୋହକୁ ଲୁଚାଇ ପାରି,
ଅନ୍ୟର ଆନନ୍ଦ ଦେଖି,
ଛଳନା ବୁଜୁଳା ଧରି ।।

ନିଃସ୍ୱାର୍ଥପର ହୁଅଇ,
ଧରଣୀ ସହ ସମାନ,
ନିଜ ଇଚ୍ଛାକୁ ଆହୁତି,
ତଥାପି ପାଉଛି ହୀନ ।।

କେତେହେଁ ନାରୀ ମରୁଛି,
ନିର୍ଯ୍ୟାତନାର ଶିକାର,
ଦେଖାଣିଆର ସ୍ୱାଧୀନ,
କପଟ କଟୁ ପ୍ରହାର ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଃଖ ସମୁଦ୍ରେ ବୁଡଇ,

ଯାହାର ନାହିଁ ମହତ,

ଆଘାତ ସହି ବଞ୍ଚିଛି,

ଦେଶ କିହେବ ଉନ୍ନତ ।।

ପ୍ରତି ଘରେ ଆଜିମିଳେ,

ନାରୀର ଆଖିକୁ ଲୁହ,

ସ୍ୱର ଉତ୍ତୋଳନ କରି,

ସ୍ୱାଧୀନ କାହିଁକି କୁହ ?

ବ୍ରହ୍ମା ନଗର ପ୍ରଥମ ଗଳି, ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ ,ଓଡ଼ିଶା

ମୋ -୯୩୪୮୨୮୫୪୧୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେଇଥିପାଇଁ କ'ଣ ସୁଦାମା !



ସଞ୍ଜୀବ କୁମାର ଦାସ

ଉତ୍ତମ ରଜ୍ଜୁରେ ବନ୍ଧା ବୋଲି କାହ୍ନା ସାଙ୍ଗେ, ନାଁ ତା'ର ସୁଦାମା ।

ସତରେ ସେ ବନ୍ଧୁତାର ପଟାନ୍ତର କାହିଁ !

ପିଟି ନ ଥିଲା ଡିଣ୍ଡିମ ସୁଦାମା କେବେ କାହ୍ନୁ ତା'ର ବନ୍ଧୁ ବୋଲି

ବରଂ କହ୍ନେଇ କୋଳେଇ ଥିଲା ମିତକୁ ସବୁରି ଆଗରେ,

ଟାଣି ନେଇ ସଭିଙ୍କ ଭିତରୁ ।

ପାଇଥିଲା କାହ୍ନା କ'ଣ ଜାଣୁ !

ସୁଦାମା ଭିତରେ ସେଇ ସ୍ନେହବୋଳା ଡୋରିଟା ,

ଯା ' ତାକୁ ଭୁଲାଇ ଦେଲା ' ରାଜା ' ହେଲେ ବି ସେ ବନ୍ଧୁତା'ର ନିଃସ୍ୱ ନୁହଁ !

ଅଜାଡି ଦେଇଥିଲା କାଇଁ କେତେ ଦଉଲତ କେଜାଣି ।

ଖୋସି ହୋଇ ଯାଇଥିଲା ନୟନ ସମୂହ ବନ୍ଧୁ ପତ୍ନୀଙ୍କର, କହ୍ନେଇ ଦାନରେ ।

ସେହିପରି ସୁଦାମା ଟିଏ ନୁହେଁ ମୁଁ !!

ବରଂ ଡିଣ୍ଡିମ ପିଟୁଛି ଆଜି ସବୁରି ଆଗରେ ।

ନିଃସ୍ୱ ହୋଇ ଯାଇଛି, ସାଜିଛି ଦାଣ୍ଡର ଭିକାରି ।

ହେ କହ୍ନେଇ ମୋର, ଯେ ସ୍ଥାନେ ଅଛୁ, ଆଡ ନୟନରେ ଦେଏଖ ଭଲା ଥରେ ।

ଯାଚନା ନୁହେଁ ମୋ ବେଶୀ ଅବା ଚାହୁଁନି ଅଧିକ କିଛି ।

କହୁନି କୁଡିଆକୁ ମୋର କରିଦେ ପ୍ରାସାଦ, ଭରି ଦେ ସେଇଠି ହୀରା, ଲୀଳା, ମୋତି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଅମାପ ସମ୍ପତ୍ତି ।

ପଚାରି ଦେ ଥରେ ଅଛି ମୁଁ କେମିତି, ଏତିକି ବିନତୀ ।

ଦୁଃଖ ମୋର ଚାଲିଯିବ ଦେଖି ତୋତେ ଥରୁଟି ।

ହେ ମୋର କହ୍ନେଇ ! ତୁ ତ ଜଗତଜିତା, ପହଞ୍ଚିଛୁ ସମ୍ମାନର ଶିଖରରେ

କେତେ ପ୍ରାଚୁର୍ଯ୍ୟର ଅଧିକାରୀ ।

ତୋ କୃପାରୁ କାଣିଚାଏ ଦେବୁନି ମୋତେ !

ନତୁବା, ସୁଦାମାର ବନ୍ଧୁତାର ଡୋରି ରହିଯିବ ଅବନ୍ଧା ହୋଇ ।

ପ୍ରାଣର କାହ୍ନା ମୋର, ଚାଲି ଆ ଥରୁଟିଏ ଖାଲି ,

ଆଉ ଭିଡି ଦେ ସେଇ ରଜ୍ଜୁଟାକୁ, ଯେବେ କେବେ ଛିଡି ନ ଯିବ ଆଉ ।

କଟକ - ୭୫୩୦୧୪

sanjibdas1356 @gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାନଭଞ୍ଜନ୍



ପଙ୍କଜ କୁମାର ମଙ୍ଗଳ

ଅଧିକାର ଥିଲା ଏକା କରିଗଲ ଭାଇ ଭଉଣୀଙ୍କୁ ସାଥେ ନେଇଁ,
କାହିଁକି ଆସିଲ ପ୍ରବେଶ କରନି ମୋର ଦେଉଳରେ ସ୍ଥାନ ନାହିଁ ।

ଭାଇ ଭଉଣୀଙ୍କୁ କଣ କହିବି ତମେ ଏକା ଦଣ୍ଡ ପାଅ,
ପତ୍ନୀ ଅଧିକାର ଛଡ଼ାଇଲ କାହିଁ ଏତିକି ଉତ୍ତର ଦିଅ ।

ଆହେ ପ୍ରାଣ ପ୍ରିୟେ ଦେଇଥିଲି କଥା ମାଉସୀ ମାଆଙ୍କୁ ସେଦିନ...
ନେଇ ଭ୍ରାତା ଭଗିନୀ ବୁଲିବାକୁ ଯିବି ସେ ପରା ମୋ ଜନ୍ମ ସ୍ଥାନ ।

ଆଣିଛି ସାଥିରେ ରସଗୋଲା ମାନଭଞ୍ଜ ପାଇଁ ଆଉ ଅବୁଝା ହୁଅନି...
ଅନୁମତି ମିଳୁ ପ୍ରବେଶ କରିବି ତ୍ୟାଗ ଅଭିମାନ ସେ ଚନ୍ଦ୍ର ମୁଁହେ ଶୋଭା ପାଉନି ।"

ବଡ଼ପାହି, ଭୋଗରାଇ, ବାଲେଶ୍ୱର ।
ଫୋନ-୭୭୪୯୯୩୭୬୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ବାର୍ତ୍ତା



ମନୋରଞ୍ଜନ
ସୁରୁଜାଳ

ସଂସାରରେ ଟିକି ଚଢେଇ
ବାନ୍ଧେ ସୁନ୍ଦର ବସା ।
ଟିକି ମୁଖେ ଘାସ ପତର
ଉଡେ ତେଜି ସହସା ॥
ଟିକି ଚଞ୍ଚୁ ମଧ୍ୟେ ରଚଇ
ସିନା ତା ଟିକି ନୀଡ଼ ।
ଟିକି ଡିମ୍ବ ଟିକି ଶାବକ
ଚୁଁ ଚୁଁ ଶବଦେ ଝଡ଼ ॥
ବଣ ପରବତ ଝରଣା
ଶୂନ୍ୟେ କରେ ବିହାର ।
ଟିକି ପେଟ ପାଇଁ ଲଢେଇ
ଲକ୍ଷ୍ୟ ଜୀବନେ ସାର ॥
ଟିକି ଉଈ ଦେହେ ଶକତି
ଗଢେ ଗିରି ଶୃଙ୍ଗ କି ?
ହିମାଳୟ ଭଳି ବିରାଟ
ଟିକି ଦେହେ ସତେକି ??

ସମୂହ ଶକତି ବଳରେ
କିବା ନୁହେଁ ସମ୍ଭବ ।
ପରିଶ୍ରମେ ଲକ୍ଷ୍ୟ ସାଧିତ
ନୁହଇ ଅସମ୍ଭବ ॥
ଟିକି ପିମ୍ପୁଡିଟି ବତାଏ
ଜୀବନର ଚଳଣି ।
ଟିକି ମୁହେଁ ଦାନା ସଞ୍ଚଇ
ପୋଷି ପାଞ୍ଚ ପରାଣୀ ॥
ଅଳସକୁ ତେଜି ଆମକୁ
ଶିଖାଏ ବଞ୍ଚିବା ରୀତି ।
ସଂଘର୍ଷ ସଫଳ ଜୀବନ
ଲଭେ ଅମୃତ ଗତି ॥

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଟିକି ପୋକଟିଏ ଗୋଡ଼ରେ

ଠେଲି ନିଏ ଖାଇବା ।

ଶତ ଢିପ ଖାଲ ଖମାଣ

ଶିଖି ନାହିଁ ଥକିବା ॥

ପଡି ଉଠି ପଡି ଉଠଇ

ବାନ୍ଧି ମନେ ସାହସ ।

ଲକ୍ଷ୍ୟରେ ପହଞ୍ଚେ ଅବଶ୍ୟ

ତୋଳି ମୁଖରେ ହସ ॥

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ଲବଦାନ ନାଏକ

ମାଆଁଙ୍କୁ ନେଇ ପୁଣି କବିତା ଲେଖିବି !
ସେତିକି ସାମର୍ଥ୍ୟ କାହିଁ ଅବା ମୋ ପାଖରେ
ଯିଏ ନିଜେ ଏହି ଦୁନିଆକୁ ଲେଖିଛି
ତାକୁ ପୁଣି ମୁଁ ଲେଖିବି କେମନ୍ତ ଭାବରେ ।।
ଧରାଧାମ ରେ ନାହିଁ ଏମିତି କୌଣସି ଏକ କଲମ
ଯେଉଁ କଲମ ମାଆଁଙ୍କୁ
ଲେଖିବାକୁ ହୋଇ ପାରିଅଛି କେବେ ସକ୍ଷମ
ମୁଁ ତ ଗୋଟିଏ ଅଜ୍ଞାନୀ ତୁଚ୍ଛ ମାନବ
ତାଙ୍କରି ଆଗରେ ଧୂଳିକଣା ସମ ।।
ମୁଁ କିଏ ? ଏହି ମାଆଙ୍କ ପରିଭାଷା ଲେଖିବାକୁ
ଯେବେ ଏ ସାରା ବିଶ୍ୱର ଶବ୍ଦକୋଷ ଅଭାବ ପଡିଛି
ବର୍ଣ୍ଣନା କରିବାକୁ ଯାଇ ତାଙ୍କରି ଗୁଣକୁ ।।
ତଥାପିଵି ଲେଖିଅଛି କିଛି
ଯାହା ଆସିଅଛି ମୋର ମନକୁ ।।
ମାଆଙ୍କର କେବଳ, ଗୋଟିଏ ପରିଭାଷା
ସନ୍ତାନ ସନ୍ତତି ତାଙ୍କ ସଦା ସୁଖିରେ ରୁହନ୍ତୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏତିକି ଟିକିଏ ଆଶା
ଏହି ମାୟାର ନଗରେ କୌଣସି କାରଣେ
ନହୋଇ କେବେ ନିରାଶା ।।
ଦୁଇ ପୋଟ ରୁଟି ଆଉ ପଶାଏ ଚାଉଳର ଭାତରେ
ଗୋଟିଏ ପରିବାର ର ସମସ୍ତ ସଦସ୍ୟଙ୍କ ପେଟ
ଭରି ଦେଉଥିବା ସାମର୍ଥ୍ୟ ରହିଅଛି ଯାହା ପାଖରେ
ମାଆଁ ନାମେ ପରିଚିତ ପରା ସିଏ ଏହି ସଂସାରରେ ।।
ସଂସାରର ଦୁଃଖ,କଷ୍ଟ, ଝଡ଼,ଝଞ୍ଜା ଯେତେ
ମୁଣ୍ଡେଇ କି ନିଜ ମୁଣ୍ଡରେ
ଅନ୍ୟଙ୍କର ସେବାରେ ଲାଗିପଡିଥାଏ ଯିଏ
ହସ ହସ ମୁହଁରେ
ମାଆ ନାମେ ପରିଚିତ ପରା ସିଏ ଏହି ସଂସାରରେ ।।
ହାତ ନ ଲଗେଇ ୯ମାସ ଧରି ଭାର ଉଠେଇ ବାର
ସାମର୍ଥ୍ୟ ରହି ଅଛି ଯାହା ପାଖରେ
ମାଆ ରୂପେ ପୂଜିତ ସିଏ ଏହି ସଂସାରେ ।।
ସଂଗୀତ ବିଦ୍ୟାରେ ଅଜ୍ଞାନୀ ରହି
ଅତି ଚମତ୍କାର ଭାବେ ଲହରୀ ଗାଇ
ସେ ଲହରୀର ଧୁନରେ ଶିଶୁଙ୍କ ଆଖିରେ
ନିଦ ଭରିଦେଇ ପାରୁଥିବା ସାମର୍ଥ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରହିଅଛି ଯାହା ପାଖରେ

ମାଆ ନାମେ ଖ୍ୟାତ ସିଏ ଏହି ଦୁନିଆଁରେ ।।

ନିଜେ ମନ ତତ୍ୱବିତ ନ ହୋଇ ମଧ୍ୟ

ସନ୍ତାନଙ୍କ ମନକୁ ପଢି ତାଙ୍କ ମନ କଥାକୁ ବୁଝିଯିବାର

ସାମର୍ଥ୍ୟ ରହି ଅଛି ଯାହା ପାଖରେ

ମାଆ ରୂପରେ ପରିଚିତ ସିଏ

ଏହି ଜଗତରେ ।।

+୩ ଦ୍ୱିତୀୟ ବର୍ଷର ଛାତ୍ର

ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଜୟପୁର

ମୋ : ୮୨୬୦୬୪୧୨୧୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଜ୍ୟେ କବିତା



ସଞ୍ଜୟ ଖେମୁଣ୍ଡୁ

ମୁଁ କବି ନୁହେଁ
ମୁଁ ଲେଖି ପାରେନି କବିତା
ପୋଷା ମନେଇ ପାରେନି ଶବ୍ଦମାନଙ୍କୁ
ଭାବନା ରାଜ୍ୟରେ ହଜି ମଜିଯିବା
ସ୍ୱପ୍ନରେ ତାଜମହଲ ତିଆରିବା
ମୋ ଦ୍ୱାରା ସମ୍ଭବ ନୁହେଁ ।

ମୁଁ ସ୍ୱପ୍ନରେ ଭାସିବୁଲେନା
ବାସ୍ତବତାର ନିଆଁରେ ଜଳେ
ଅଙ୍ଗାର ହୁଏ
ପୁଣି ଶେଷରେ ମୁଠାଏ ପାଉଁଶ ପାଲଟେ,
କଳ୍ପନାର ଶିଢ଼ି ଚଢ଼ି
ମୁଁ ଆକାଶର ଜହ୍ନ ତୋଳିପାରେନା
ମୁଁ ଆଜୀବନ ବାମନ, ପଙ୍ଗୁ
ମୋର ମେଣ୍ଟୁନଥିବା ଶୋଷ ଓ ଭୋକକୁ ନେଇ ଜୀବନ କାଟେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ କବି ନୁହେଁ ଯେ
ତୁମ ମୁହଁର କଳାଯାଇକୁ ନେଇ କବିତା ଲେଖିବି
ଛନ୍ଦ ଓ ଅଳଙ୍କାର ଦେଇ ତାର ସୌନ୍ଦର୍ଯ୍ୟ ବଢାଇବି
ମୁଁ ସେହି ପାମର ଯିଏ ତୁମ ମୁହଁରେ ଅଙ୍କୁରି ଉଠୁଥିବା
ବ୍ରଣମାନଙ୍କର କାହାଣୀ ବିଷୟରେ ଢେଙ୍ଗୁରା ପିଟିବି ।

ତୁମେ ମୋତେ ନିମ୍ନ କିମ୍ବା ଗୌଣ ଚରିତ୍ର କହିପାର
କାରଣ ମୁଁ ଅଭରବ୍ରିଜ ତଳେ ଗୁମୁରି କାନ୍ଦୁଥିବା
ଶଗଡ଼ିଆ ବା ରିକ୍ସାବାଲାକୁ ନୁହେଁ
ବ୍ରିଜ ଉପରେ ଯାଉଥିବା ରଙ୍ଗୀନ
ମେଟ୍ରୋଟ୍ରେନକୁ ଅଣଦେଖା କରେ
ଦୋକାନ ଦୋକାନ ବୁଲି ହାତ ପାତୁଥିବା
ମଳିମୁଣ୍ଡିଆ ଝିଅକୁ ନୁହେଁ
ଲିପିସ୍‌ଟିକ ଆଉ ମେକଅପ କରିଥିବା
ଫଟା ଜିନ୍‌ସ ପିନ୍ଧି ନିଜକୁ ବିଶ୍ୱ ସୁନ୍ଦରୀ ବୋଲାଉଥିବା
ଲିଜା ମିଶ୍ରକୁ ଅଣଦେଖା କରେ ।

ତୁମେ ଅଜାଗା ଘା'କୁ ଅଳଙ୍କାର ଦେଇ
ଢାଙ୍କି ପାର ତୁମ କବିତ୍ୱ ବଳରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ କିନ୍ତୁ ଚୂନ ଲେପନ କରିବାକୁ ଭଲପାଏ,

ଛନ୍ଦ, ତାଳ, ଲୟ ଓ ସ୍ୱର ଦେଇ ତୁମେ ଶବ୍ଦମାନଙ୍କୁ

ଗାନ କରିପାର ସଂଗୀତ ଭାବରେ

ମୁଁ କିନ୍ତୁ ସେମାନଙ୍କୁ କୃଷବିଦ୍ଧ କରି

ଗାଧୁଆ ଘରେ ଟାଙ୍ଗିଦିଏ ।

ତୁମେ ମୋତେ ନାପସନ୍ଦ କରିପାର

ଏହାକୁ ପଢ଼ିବା ପରେ

କହି ପାର ଏହା ଏକ ବାଜେ୍ୟ କବିତା

କାରଣ ଏହାକୁ ଲେଖିଥିବା ମଣିଷ ପାଖରେ

ନା ଅଛି କବିତ୍ୱର କଳା

ନା ଏଥିରେ ଅଛି ମୌଳିକତା ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ, ଓଡ଼ିଆ

ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ, ଜୟପୁର, କୋରାପୁଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ମୁଁ ମଲା ପରେ



ଶିଶିର କୁମାର ପଣ୍ଡା

ଯୋଗାଡ଼ କରିଛି ମାନପତର
ବୋଲିଛି ତହିଁରେ ଦାମୀ ଅତର
ଟଙ୍ଗେଇ ଦେଇଛି ଘରେ
ଆଶା କରିଅଛି ମାଳା ପିନ୍ଧେଇବ
ମୁଁ ମରିଗଲା ପରେ ।

କବିଙ୍କୁ ଡାକିକି କରିବ ସଭା
ହାତେ ଧରିଥିବ ରକତ ଜବା
ଆଖିରୁ ଝରେଇ ଲୁହ
ଆଶା ମୁଁ କରିଛି କହିବ ନିଶ୍ଚିତ
ବାଗେଇ ଯେମିତି କୁହ ।

ଖବରକାଗଜେ ଫଟୋଟେ ଦେଇ
ଝଗଡ଼ା ନକରି ଏମିତି କେହି
ଜାଣିଛ ଯିଏ ମୋ କଥା
ପଦେ ପଦେ କରି ସଭିଏଁ କହିବ
ଶ୍ରଦ୍ଧାରେ ନୁଆଁଇ ମଥା ।

ପୁଅ ବାଢ଼ିଦେବ ଖାଇବା ଥାଳି
ଖାଇଦେବ କେହି ନଦେଇ ଗାଳି
ଯାହା ଥିବ ସିଏ କରି
ଟଣାଟଣି କେହି ନଲାଗି ଖାଇବ
କାଗଜ ଥାଳିକୁ ଧରି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମନର ସ୍ଥିରତା



ରୋହିତ
ପଟ୍ଟନାୟକ

କୃଷକ ଜାଣେ ମାଟିର ଗନ୍ଧ
ପ୍ରେମିକ ଜାଣେ ପ୍ରେମିକାର ସୁଗନ୍ଧ
ପ୍ରେମ ଏବଂ ଚିନ୍ତନରେ ମଣିଷ ଆବଦ୍ଧ ।
ସୃଷ୍ଟିରେ ଜନ୍ମ ଯେ ଅନ୍ଧ
ଜନ୍ମରୁ ବୃତ୍ତାନ୍ତ ମୃତ୍ୟୁର ନିର୍ବନ୍ଧ
ରୀତି ନୀତିକୁ କରେ ବାଛନ୍ଦ ।
ଜନ୍ମ ଦିନେ ନୃତ୍ୟ କରି ହୁଏ ମୃତ୍ୟୁ
ଲାଳସା ଅଳସ ଚାହାଣୀରେ ନ ରହେ ସତ୍ୟ
ନର ବ୍ରହ୍ମ ରୂପେ ମଣିଷ ଶେଷରେ ଅଭିଷିକ୍ତ ।
ମର୍ମ ସ୍ପଷ୍ଟ କରେ ଆସକ୍ତିର ଭାବ
ଲଢେଇ ବଢାଇ ସମ୍ପତ୍ତିର ଅଭାବ
ଜୀବ ଥାଇ ଅଧ୍ୟ କର୍ମରେ ନୀରବ ।
ବଞ୍ଚିବା କଷ୍ଟକର ଦଗ୍ଧ ହୋଇ ଗରିବ
ପାଉଁଶ ମଧ୍ୟରୁ ଖୋଜିବସେ ଗରବ
କର୍ମର ଫଳ ଭୋଗ କରି ବସିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱ ନିୟନ୍ତା



ଦିବାକର ନାୟକ

ସୁବାସକୁ ଦେଖିନାହିଁ ଅନୁଭବ କରୁଛି
ସମୀରକୁ ଛୁଇଁ ନାହିଁ ଅଛି ବୋଲି ଜାଣୁଛି
ତୁମେ ପ୍ରଭୁ ସେମିତିକା
ଆଜି ମୁଁ ବୁଝିଲି ଏକା
ତୁମେ ସର୍ବ ଅନ୍ତର୍ଯାମୀ ଅନ୍ତର ମୋ କହୁଛି (୦)

ଟିକି ଆଖି ଭିତରେ ମୋ ବିଶାଳ ଦୁନିଆ
ଯାହା ଦେଖୁଛି ମୁଁ ତହିଁ ତୁମରି କିମିଆଁ;
ଅଣୁ ପରମାଣୁ ସବୁ ତୁମ ସରଜନା
କୀଟରୁ ବ୍ରହ୍ମ ଓଠରେ ତୁମ ଆରାଧନା;

ମୋ ଭିତର ମୋ ବାହାର ଏକା ଭଳି ଲାଗୁଛି..
ତୁମେ ସର୍ବ ଅନ୍ତର୍ଯାମୀ ଅନ୍ତର ମୋ କହୁଛି (୧)

ସରସୀ ଅବା ସାଗରେ ଉଠେ ଯେଉଁ ଢେଉ
କିଏ ବଡ଼ ସାନ ବୋଲି କହିବିନି ଆଉ;

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯେଉଁଠାରେ ତୁମେ ଅଛ ସବୁ ମହିୟାନ

ଯାହା ତୁମ ଅବଦାନ ସବୁ ଗରିୟାନ;

ତୁମେ ସୃଷ୍ଟି ତୁମେ ସ୍ରଷ୍ଟା ତୁମେ ତ ସବୁକିଛି..

ତୁମେ ସର୍ବ ଅନ୍ତର୍ଯ୍ୟାମୀ ଅନ୍ତର ମୋ କହୁଛି (୨)

ପାଟପୁର, କନିସି, ଗଞ୍ଜାମ

ମୋ- ୯୯୩୮୭୧୯୯୮୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରେମିକା ଓଠର ହସ



ବାଲାଜୀ ସେଠୀ

ସକାଳ ଗରମ ଚାହା ପିଆଲା ଠୁଁ
ଗରମ ପ୍ରେମିକା ହସ
ଚାହା ଠୁଁ ମଧୁର ପ୍ରେମିକା ଅଧର
ବାସୁଥିଲେ ପ୍ରୀତି ବାସ ।।

ସରୁ ଓଠ କଣେ ଭଉଁରୀ ଖେଳଇ
ଯେମନ୍ତେ ଉଛୁଳା ନଈ
ରକ୍ତଜବା ରଙ୍ଗ ତରଙ୍ଗ ଆଙ୍କଇ
ପ୍ରଭାତ ପତଙ୍ଗ ଛାଇ ।।

ଲକ୍ଷେ ତାରାଫୁଲ ଏକାଠି ଫୁଟିଲେ
ତା ଓଠରେ ଯିବେ ହଜି
ମୋ ଶୁଭ ପ୍ରଭାତ ସୁଖେ ହୁଏ ଗତ
ତା ଓଠ କିରଣ ବାଜି ।।

ଭାବିବା ଆଗରୁ କହି ସାରିଥାଏ
ମନର ଭାବନା ଯାହା
କହିବା ଆଗରୁ ପଢ଼ିନିଏ ବୋଲି
ସିଏ ମୋ ଗେହ୍ଲେଇ ପ୍ରିୟା ।।

ସଜ ମଲ୍ଲୀଫୁଲ ନୁହେଁ ସମତୁଲ
ମୁରୁକି ହସକୁ ତାର
କଥା କୁହା ଓଠ ଓଠରେ ନକହି
ଆଖିରେ ମାରଇ ଠାର ।।

ସିଏ ମୋ ପ୍ରେମିକା ହୃଦୟ ନାୟିକା
କୋଟିରେ ଗୋଟିଏ ହୀରା
କବିର କଳ୍ପନା ଉପମା ବର୍ଣ୍ଣନା
ତା ରୂପକୁ ଊଣା ପରା ।।

ସହସ୍ର ଯୋଜନେ ଦୂର ଗିରି ବନେ
ସ୍ମୃତିକୁ ଏକାନ୍ତେ ହେଜି
ତା ଓଠ ମଦିରା ପାନେ କରି ଆଶା
ବିରହେ ହେଉଛି ଭାଜି ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମ ସତ୍ତା



ଆଦରମଣି ପ୍ରଧାନ

ତୁମରି ପ୍ରେମକୁ ଭଲପାଏ ବୋଲି
ନିଜ ସତ୍ତା ଭୁଲିଯାଏ
ସବୁଠାରୁ ତୁମେ ଅନ୍ତରଙ୍ଗ ବୋଲି
ସଦା ମୁଁ ଯେ ଝୁରୁଥାଏ,,,,

ଜୋଛନା ପରସେ ହସିଉଠେ ଯେବେ
ସରୋବର ମଧ୍ୟେ କଇଁ
ମନ ଆନନ୍ଦରେ ତୁମ କଥା ଭାବେ
ଏ କଥା କି ବୁଝନାହିଁ,,,,

ନବ ମୁକଳିତ ଚୁତ ଡାଳ ମଧ୍ୟେ
କୋକିଳର ମୃଦୁ ତାନେ
ସ୍ନେହ ସରାଗର ରାଗିଣୀ ତୋଳି
ତୁମେ ଉଭାହୁଅ ମନେ ,,,,

ଶରତ ସନ୍ଧ୍ୟାର ସେଫାଳି ଫୁଲଟି
ସଙ୍ଗୀତ ମୁଖର ହୁଏ
ମୋ ଅନ୍ତର ମଧ୍ୟେ ତୁମ ପାଇଁ ମୁଁ ଯେ
ପ୍ରେମର ସୌଧ ତୋଳି ଥାଏ,,,,

ପବନ ପରସେ ପୁଷ୍ପରାଜି ଯେବେ
ମୃଦୁ ମୃଦୁ ଝୁଲି ହସେ
କୁସୁମ ସୌରଭ ମଧ୍ୟରୁ ମୁଁ ଅବା
ତୁମ ସତ୍ତା ଖୋଜି ବସେ ,,,,

ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନୁଭୂତିର ଅନ୍ତଃସ୍ୱର



ଦୀନବଂଧୁ ବେଜ

କିପରି କାହାକୁ ସନ୍ତୁଷ୍ଟ କରିବା
କାହାର ହେବା ନିଜର,
କାହା ପାଇଁ ପୁଣି ପର ହେବା
ଆଶା ବଢି ପାଣି
ତଥାପି ରହିବ ଡ଼ର ।

କଳିମଞ୍ଜି ପରା ବ୍ୟାପକ ହୋଇଛି
ଭଲ କିଏ ମନ୍ଦ କିଏ,
ଅକାତ ପାଣିରେ ଆହୁଲା ପରାୟ
ସବୁ ବୁଝିବା ଆଗରୁ
ଚକ୍ଷୁ ଝଲସି ଯାଏ ।

ଭଲକୁ ଆଦରି ମନ୍ଦକୁ ବିଚାରି
ଚାଲିବାକୁ ହେବ ପଥ,
ପଥ ବହୁଦୂର ଅନେକ ବନ୍ଧୁର
ଫଳ ପ୍ରାପ୍ତି ଲକ୍ଷରେ
ଚାଲୁଥିବା ଅବିଶ୍ରାନ୍ତ ।

ଅଟକି ଯାଏ ନିଶ୍ୱାସର ବାୟୁ
ଅଟକେନା ଅମଡ଼ା ବାଟ,
ସାରଥି ଛାଡ଼ିଲେ ରଥର ଦଉଡ଼ି
ବିନା ଶୋଚନାରେ
ରଥ ହୁଏ ଲକ୍ଷ୍ୟ ଭ୍ରଷ୍ଟ ।

ଶରୀର ରଥର ସାରଥି ସାଜିକି
ସର୍ବହରା କର ମତେ,
ସାରା ସଂସାର ହେବ ଦିବ୍ୟମୟ
ଅନ୍ତସ୍ୱର ଅନୁଭୁତି ହୋଇ
ଥିବି ସଭିଙ୍କ ସହିତେ ।

ସଂପାଦକ, ଜାତୀୟ କବି ଲେଖକ ସଂଗଠନ
ବାସୁଦେବପୁର, ଭଦ୍ରକ-୭୫୬୧୨୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରାବଣ



ରାକେଶ ଷଡ଼ଙ୍ଗୀ

ଦେଖ, ଆଜି ଶ୍ରାବଣ ପୁଣି ଫେରିଆସିଛି
ପାହାଡ଼ରେ ପିଟି ପାଟି ହୋଇ ଚିତ୍ରକୁଟ ର ଦଣ୍ଡକାରଣ୍ୟରୁ ।
ସାଥିରେ ଆଣିଅଛି ଅତୀତର ବୁଜୁଳି
ଫିଙ୍ଗୁଅଛି ମୋର ବନ୍ଦ୍ ଘର ଆଜବେଷ୍ଟସରେ
ମତେ ଡାକି ଡାକି ଥକି ଯାଇ ଗରଜୁଅଛି
ନିଆଁ ଜାଳୁଅଛି, ମତେ ଡରାଉଛି ଆଉ ପୁଣି
ପ୍ରଚଣ୍ଡ ବେଗରେ ପଶିଆସି ମତେ ଟାଣି ନେଇ
ଭିଜେଇ ଦେବାକୁ ଚାହୁଁଅଛି । କିନ୍ତୁ ବିଫଳ ହୋଇ
ନୀରବି ଯାଉଛି । ଫେରି ଯାଉଛି କେଉଁ ଆଡେ
କଳାର ଚାଦର ଢାଙ୍କି ।।

ମୁଁ କିନ୍ତୁ ଦେଖୁନାହିଁ ତାର ସୌନ୍ଦର୍ଯ୍ୟର ପରିଧାନକୁ
ଭିଜୁ ନାହିଁ ତାର ସଂଗୀତର ମୂର୍ଚ୍ଛନାରେ
ହାତର ପାପୁଲି ମେଲି ତୋଳୁ ନାହିଁ ମୁକ୍ତାର ବିନ୍ଦୁ ।
ଯାହାର ଆଗମନେ କାଗଜରେ ଶବ୍ଦ ସବୁ ନାଚି ଉଠୁଥିଲେ
କଲମରୁ ଝରିପଡୁଥିଲେ, କବିତାର ରୂପ ନେଉଥିଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ସେ ସବୁ ନିରବ ନିସ୍ତେଜ ଓ ବିରକ୍ତିକର

ବିରକ୍ତିକର ଏ ଶ୍ରାବଣ ଆଉ ତାର ସ୍ନିଗଧ କଜ୍ଜଳ କାନ୍ତି

ଦିନେ ଯେଉଁ ବାରିଦର ଜଳଧାରା ଭାଙ୍ଗୁଥିଲେ ସୁଖର ଲହରୀ

ବୁଣୁଥିଲେ ଅଜସ୍ର ସ୍ୱପ୍ନ ଆଙ୍କୁଥିଲେ ଛବି ଜଳପରୀ

ଆଜି ତାର ସ୍ପର୍ଶ କଷ୍ଟ ଦିଏ, ଶର ପରି ଛାତିରେ ଭେଦ କରେ

ଦିଶିଯାଏ ପ୍ରତାରିତ ସ୍ୱପ୍ନ ଅତୀତର ବାକ୍ସରୁ ବାହାରି

ଉଖାରି ଦିଏ ସୁଖି ଆସୁଥିବା କ୍ଷତକୁ

ବାରମ୍ବାର ଯନ୍ତ୍ରଣା ହୁଏ ଝରିଯାଏ ରୁଧିର

ସେଥିପାଇଁ ନିଜକୁ ଲୁଚାଇ ରଖେ ଏ ଶ୍ରାବଣ ଠାରୁ

କ୍ଷତକୁ ସୁଖାଇବା ପାଇଁ ମଲମ ମାରେ, ଝଡ଼ାଫୁଙ୍କା କରେ

ପଡ଼ି ରୁହେ ସ୍ୟାହିହୀନ କଲମ

ଶବ୍ଦମାନେ ଉଡ଼ି ଯାଆନ୍ତି ପୃଷ୍ଠା ଛାଡ଼ି

ଯାହା ପାଇଁ ଶ୍ରାବଣକୁ ଭଲ ପାଏ ତା ପାଇଁ ଘୃଣା କରେ । ।

କହି ଉଠେ ଶ୍ରାବଣ ମୁଁ କାଳେ ବଦଳି ଯାଇଛି

ମୁକୁନ୍ଦଦାଶପୁର, ବାଲିପାଟଣା, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବେଲୁନ୍



ଗୁପ୍ତେଶ୍ୱର ଚାନ୍ଦ

ପବନକୁ କରି ଜୀବନ ଆଧାର
ଜୀଇଁବାର ଅଭିନୟ ।
କେଉଁ ମୂହୁର୍ତ୍ତରେ ମିଳାଇ ଯିବ ସେ
ରହିବ ନାହିଁ ତା' ଥୟ । ।୧

ଏ କଥା ଜାଣି ବି ଅହଂକାର ମୋର
ପ୍ରତି ଶିରା ପ୍ରଶିରାରେ ।
ଜାଣେନା ବଞ୍ଚିବି କେତେ କାଳ ମୁହିଁ
ମାୟା ମୋହ ର ସଂସାରେ । ।୨

ଛାତି ଫୁଲାଇ ମୁଁ ବାଟ ଚାଲେ ଏଠି
ବୃଥା କରି ଅଭିମାନ ।
ଧନ ଯଉବନ ଅନିତ୍ୟ ଏଇଠି
ଗଛର ଛାଇ ସମାନ । ।୩

ସତ୍ୟକୁ ସ୍ୱୀକାର କରିବା ବଦଳେ
ମିଥ୍ୟାକୁ କରେ ଆଦର ।
ଆସନ୍ନ ମୃତ୍ୟୁର ଆଶଙ୍କାରେ ମୋର
ଛାତି ହୁଏ ଥର ହର । ।୪

ଆକସ୍ମିକ ଭାବେ ବିସ୍ଫୋରଣ ହୋଇ
ପଡ଼ି ଯିବ ଯବନିକା ।
ହରି ନାମ ଉଚ୍ଚାରିବି ଶେଷ ନୋହୁଁ
ଏ ମୋ' ଜୀବନ ନାଟିକା । ।୫

ଗ୍ରାମ/ପୋ: ସମାସିଂହା ;
ଜିଲ୍ଲା:- ଝାରସୁଗୁଡ଼ା;
ମୋ.୭୬୮୩୮୪୧୦୬୪.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ପଞ୍ଚାମୃତ



ରାମଚନ୍ଦ୍ର ପ୍ରଧାନ

ମିଳନ, ବିଚ୍ଛେଦ ପ୍ରେମ, ପ୍ରତାରଣା
ବିରହର କଥା ଭାବି
ସାଜିଛି ମୁଁ ଆଜି ଦରଦୀ କବିଟେ
ଦେଖି ତୁମ ପ୍ରତିଛବି ।

ପ୍ରେମ ପଞ୍ଚାମୃତ ପାନ କରି ତୁମ
ଧରିଛି ଲେଖନୀଟିଏ
ଲେଖୁଛି ଅଳପ ଭାବୁଛି ମୁଁ ବେଶି
ଚେତନାର ସୁତାଖିଏ ।

ଯିଏ ଯାହା କହୁ ମନସ୍ଥ କରିଛି
ଛାଡ଼ିବିନି ତୁମ ପିଛା
ଆସୁ ଯେତେ ଝଡ଼ ପ୍ରେମ ପଥେ ଆମ
ପୁରା କରିବି ମୋ ଇଚ୍ଛା ।

ଆଶା, ଆକାଂକ୍ଷାକୁ ଜଳାଞ୍ଜଳି ଦେଇ
ଚାଲିବି ତୁମରି ସାଥେ
ନିନ୍ଦା, ଅପବାଦ କଳଙ୍କକୁ ପୋଛି
ଫୁଲ ବିଛାଇବି ପଥେ ।

ତୁମ ଜୀବନର ପ୍ରତି ଅଧ୍ୟାୟରେ
ଭରିଦେବି ପ୍ରେମରଙ୍ଗ
ଭଲ ପାଇବାର ସମ୍ପର୍କ ଡୋରିରେ
ଧରିବି ସଂସାର ମଙ୍ଗ ।

ରାମ ଚନ୍ଦ୍ର ପ୍ରଧାନ, ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୦୬୩୮୬୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେଠି ନ ଥାଉ



କୀର୍ତ୍ତନ ସାହୁ

ସେଠି ନ ଥାଉ
କଳା ରାତିର
ମିଛ ତାତି
ଥାଉ
ଜହ୍ନ ରାତିର
ମିଠା ପ୍ରୀତି

ନ ଥାଉ
ତିରସ୍କାର
କଣ୍ଟା ବଣର
ଥାଉ ଆକର୍ଷଣ
ଫୁଲ ବନର

କ୍ଲିଷ୍ଟ ପଠନ
ନ ଥାଉ
ଜୀବନ ପୁସ୍ତିକାର
ମଧୁମୟ ପଥ ଥାଉ
ସାଥୀ ହୋଇ
ଚାଲିବାର

ଆମେ ଯୋଉଠି
ରହିବାକୁ ଚାହାନ୍ତି
ସେଠି ନ ଥାଉ
ବିଭାସ୍ୱତା
ସଂକୀର୍ଣ୍ଣ ମନର
ଥାଉ ପ୍ରେମ ମନ୍ଦାକିନୀ
ବିଶାଳ ହୃଦୟର ।

ମିଶ୍ର କଲୋନୀ, ଶାଳ ପଡ଼ା, କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ଶବ୍ଦର ଲୁଚକାଳି



ଅମୃତନାରାୟଣ ଶତପଥୀ

ଶବ୍ଦର ଲୁଚକାଳି ଖେଳ,
ଇପ୍‌ସିତ କିଛି ଶବ୍ଦ ହୁଏ ନାହିଁ କହି,
କାରଣ ଜିହ୍ୱାଗ୍ରେ ବସତେ ଲକ୍ଷ୍ମୀ
ଜିହ୍ୱାରୁ ନିର୍ଗତ ଶବ୍ଦ ଧନୁ ତୀର ସମ ହୃଦୟକୁ
କରଇ ବିଚ୍ଛେଦ ।
ଶବ୍ଦାଘାତ ମୃତବତ୍ କରେ
ସତରେ ଯେ ମନୁଷ୍ୟର ଶବ ବ୍ୟବଚ୍ଛେଦ ।
ଅନ୍ୟ କିଛି ଶବ୍ଦ ପୁଣି ଆସଇ ମନ ମଧ୍ୟରେ
ଅନ୍ୟକୁ କରିବାକୁ ସାବଧାନ ପ୍ରାୟ,
କିନ୍ତୁ ଧିକ୍ ଏ ସଂସାର ଭଲ ଏଠି ଭେଲ,
ଚଳିବାକୁ ହେବ ଏଠି ସର୍ବଜ୍ଞ ସହଦେବ ହୋଇ,
ଯେତେ ଜ୍ଞାନ ବିବେକ ଥିଲେ ବି
ଉଚ୍ଚାରଣ କର ନାହିଁ ନପଚାରିବା ପର୍ଯ୍ୟନ୍ତ ।
ଗୁରୁ ଜ୍ଞାନ ଉଚ୍ଚାରଣ ଆଚରଣ ମଧ୍ୟେ ସମନ୍ୱୟ
ନହେଲେ ଅନେକ କିଛି କ୍ଷୟ ଧ୍ୱଂସ ଓ ବିଲୟ
ପୁଣି ଲୁଚକାଳି ଶବ୍ଦ ମଧ୍ୟ
ରକ୍ଷା କରେ ପ୍ରାଣ ଓ ପରିଚୟ
ମୌନ ରହିବା ଶକ୍ତି
ନିର୍ବିକାର ନିରାମୟ ପୁଣି ଜିତେନ୍ଦ୍ରିୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ପରିବେଶ ଆମ ଜୀବନ



ସାଇପ୍ରସାଦ ସାହୁ

ଆମ ପରିବେଶ ଆମ ଜୀବନ
ତା' ସୁରକ୍ଷା ଆମେ କରିବା ଆଗ ,
କେବେ ହେଲେ ଗଛ କାଟିବା ନାହିଁ
ସମସ୍ତଙ୍କୁ ଏକଥା ଦେବା ବୁଝେଇ ।

ବୃକ୍ଷ ଦେବତାଙ୍କୁ କରିବା ପୂଜା
ନ ମାନିବ ଯିଏ ଦେବାରେ ସଜା
ବୃକ୍ଷ ତ ଆମର ପରମ ମିତ୍ର
ତା' ସହିତ ଆମେ ସଦା ଜଡିତ ।

ବନମହୋତ୍ସବ ଆମେ ପାଳିବା
ଗଛଟିଏ ଆଣି ଲଗେଇ ଦେବା,
ଘର ଓ ବାହାରେ ଗଛ ଲଗାଇ
ପ୍ରକୃତିର ଶୋଭା ଦେବା ବଢାଇ ।

ସେ ଶୋଭାରେ ଆମ ମନ ଭରିବ
ସବୁ ଅବସାଦ ଦୂରେଇ ଯିବ,
ନିରୋଗ ଜୀବନ କରି ଯାପନ
ସୁଖରେ କାଟିବା ଆମରି ଦିନ ।

ସିନ୍ଧେକେଲା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସହଜ ନୁହେଁ...



ରାଧାମୋହନ ପୂଜାହାରୀ

ସହଜ ନୁହେଁ...

ଜଣେ ପ୍ରତିଭାଶାଳୀ ସ୍ତ୍ରୀକୁ ପ୍ରେମ କରିବା,

ସେ ପସନ୍ଦ କରେନି

ଅନ୍ୟର ହଁ ରେ ହଁ ମାରିବା,

ସେ କେବେ ମୁଣ୍ଡ ନୁଆଁଏନି

ଯେତେଦିନ ଯାଏଁ ସମ୍ପର୍କରେ ନ ଥାଏ

ବିଶ୍ୱାସ ଓ ଭଲ ପାଇବା,

ସେ ଜାଣେନି

ମିଛ ଅଭିନୟକୁ ଢାଲ କରି

ନିଜ କଥାରେ ଅନ୍ୟକୁ ମନାଇବା,

ସେ କେବଳ ଜାଣିଥାଏ

ନିର୍ଭୟ ହୋଇ ସାହସର ସହିତ ସତ କହିବା,

ଅର୍ଥହୀନ ଯୁକ୍ତିତର୍କରେ ସାମିଲ୍ ହେବା

ତା' ଚରିତ୍ରର ବାହାରେ,

ସେ ଜାଣେ

ଉପଯୁକ୍ତ ପ୍ରମାଣ ଓ ଉଚିତ୍ ତର୍କ ଦ୍ୱାରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜର ମତ ଉପସ୍ଥାପନ କରିବା,

ପାରିବାପଣିଆର ଡିଣ୍ଡିମ ପିଟୁଥିବା କାପୁରୁଷଙ୍କ ଆଗରେ

କେବେ ମୁଣ୍ଡ ନୁଆଁଏନି ସେ,

ସେ ମୁଣ୍ଡ ନୁଆଁଏ ତ କେବଳ

ନିଃସ୍ୱାର୍ଥପର ପ୍ରେମର ଆଗରେ,

ସତ୍‌ସାହସ ଅଛି ସମ୍ପର୍କ ଗଢ଼ିବାର

ତ ଏଭଳି ସ୍ତ୍ରୀଙ୍କୁ ପ୍ରେମ କର,

କାହିଁକି ନା... ସେ ଭାଙ୍ଗିପଡ଼େ

ବିଶ୍ୱାସଘାତକତାରେ,

ଛଳନାରେ,

ପ୍ରତାରଣାରେ,

ପୁରୁଷର ମିଥ୍ୟା ଅହଂକାରରେ,

ପୁନର୍ବାର ଜୋଡ଼ି ହୋଇ ପାରେନି ସେ

କେବେ କୌଣସି ପ୍ରେମର ବନ୍ଧନରେ ❁

ଶିକ୍ଷକ

ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ତାଳଚେର)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ଏକ ରଙ୍ଗମଞ୍ଚ



ସାଗର ନାୟକ

ଏ ଜୀବନ ଏକ ରଙ୍ଗମଞ୍ଚ
ଆଉ ଆମେ ସବୁ ଅଭିନେତା, ଅଭିନେତ୍ରୀ
ଜୀବନ ନାଟକ ଏକ ଅଚାନକ
କିଏ କାହା ଅଭିନୟେ
ଅଦୃଶ୍ୟ ଦର୍ଶକ ଓ ନିରିଦେଶକ
କିଏ ରଚେ କିଏ ଗାଏ .........(୧)

ଏ ରଙ୍ଗ ଭୂମିତ ହୁଏରେ ସଜିତ
ନାଟକ ପ୍ରକଟ ପାଇଁ
ଚାନ୍ଦ ଓ ସୁରୁଯ ଆଲୋକରେ ସଜ
ସମୟ ସଙ୍ଗୀତ ନେଇ ..........(୨)

ସମୟ ଚକରେ ସୁଖ ସଂଳାପରେ
ଚରିତ୍ରଟି ତୋଷ ହୁଏ
ଦରଦ ରଜ୍ଜୁରେ କେତେ ବିଳାପରେ
କାଳ ଚକ୍ର ଗଡ଼ି ଯାଏ .......(୩)

ପ୍ରଶଂସା କାଳରେ ଅଦୃଶ୍ୟ ତାଳିରେ
ପାତ୍ର ମନ ଉଠେ ହସି
ନିନ୍ଦାର ବେଳରେ ଅନ୍ଧାର ଗାଳିରେ
ଚିତ୍ତ ଥକି ପଡ଼େ ବସି .........(୪)

ସତ୍ୟ, ଧର୍ମ ନ୍ୟାୟ ନେଇ ଅଭିନୟ
ଏଠି ହୋଇଥାଏ ସ୍ଥିର
ଶୁଦ୍ଧ ଚିତ୍ତେ ଯିଏ ସତ୍ୟ ପଥ ପାଏ
ସିଏ ଅଭିନେତା ବୀର ......(୫)

ପାତ୍ର ପ୍ରତିବିମ୍ବ ନାଟକ ପ୍ରାରମ୍ଭ
ଜନମ କ୍ଷଣରୁ ରହେ
ନଥାଏ ବିରତି ଆହେ ମୁଢ଼ ମତି
ମରଣ ସବାରୀ ଯାଏ.......(୬)

ଜଗତସିଂହପୁର, ଓଡ଼ିଶା
୯୬୯୨୮୯୪୩୭୯
୯୧୩୭୩୧୬୧୬୮

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରଥଯାତ୍ରା ଓ ବେଦାନ୍ତୀ ଦର୍ଶନ



ଦଣ୍ଡାସି ପ୍ରଧାନ

୧

ଜଗନ୍ନାଥ ପ୍ରଭୁ ସଙ୍ଗେ ବଳରାମ
ଭଉଣୀ ସୁଭଦ୍ରା ରଥରେ
ଜନମ ଭୂମିକୁ ଗମନ୍ତି ଆଷାଢେ
ଶୁକଳ ଦ୍ୱିତୀୟା ତିଥିରେ ।
ଉଭା ଅମା ଦିନ ନବ ଯଉବନେ
ନେତ୍ର ଉତ୍ସବ ସୁନ୍ଦର
ମହାଲକ୍ଷ୍ମୀ ଛାଡି ବଡ ଦେଉଳରେ
ଚଳିବେ ଗୁଣ୍ଡିଚା ମନ୍ଦିର ।
ଆଗେ ବଳଭଦ୍ର ତାଳଧ୍ୱଜ ରଥେ
ସୁଭଦ୍ରା ଦେବଦଳନେ
ଶେଷେ ଜଗନ୍ନାଥ ନନ୍ଦିଘୋଷେ ବିଜେ
ପହଣ୍ଡି ବିଚିତ୍ର ବିଧାନେ ।
ଶଙ୍ଖ ମହୁରୀକୁ ଘଣ୍ଟ ତାଳ ଧ୍ୱନି
ହରିବୋଲ କିରିତନ
ନାଟ ଖଟଣୀରେ କମ୍ପେ ବଡଦାଣ୍ଡ
କମ୍ପଇ ଚଉଦ ଭୁବନ ।
ପାଲିଙ୍କି ସଜ୍ଜାରେ ଗଜପତି ବିଜେ
ସେବାର ଛେରାପହଁରା
ପତୀତ ପାବନ ରଙ୍ଗ ଅଧରରେ
ଶୋଭାର ଭଣ୍ଡାରେ ଭରା ।
ବଡଦାଣ୍ଡେ ଜନ - ସମୁଦ୍ର ସରଜି
ନଉକା ନାଉରୀ ସାଜି
ବରଷକୁ ଥରେ ବିଜେ କରିଥାନ୍ତି
ତାରିବିକୁ ଭକ୍ତରାଜି ।
ରଥରେ ବାମନ କରିଲେ ଦର୍ଶନ
ପୁନର୍ବାର ଜନ୍ମ ନାହିଁ
ଗମୋ କପାଳେ କେବେ ଲାଗିବ ତା’ ଡୋର
କ୍ରିୟା ଯୋଗେ ଅଛି ଚାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୧

ମୋ ଶରୀର ରଥେ ବିଜେ ଜଗନ୍ନାଥ
ବେଦାନ୍ତ ଦର୍ଶନ ଜ୍ଞାନ
ଜୀବ ପରମାତ୍ମା ସମ୍ମିଳନ ସୁଖ
ନିରବଧି ଆକର୍ଷଣ ।
ଏକ ରୁ ଅନେକ ପୂର୍ଣ୍ଣ ବ୍ରହ୍ମ ସତ୍ତା
ସଚ୍ଚିଦାନନ୍ଦ ଚେତନ
ସର୍ବ ଭୂତାଶ୍ରୟ ଅନାସକ୍ତ ନ ମ୍ରିୟ-
ସଂସାର ମାୟା ବନ୍ଧନ ।
ଆତ୍ମୋପଲବ୍ଧି ସୂତ୍ର ଯୋଗ ପ୍ରାଣାୟମ
ଗୁରୁ ସେବା ପ୍ରଣିଧାନ ,
ଯଜ୍ଞ ଅର୍ଥେ କର୍ମ ନ୍ୟାସେ ନିୟୋଜନ
ସାଂଖ୍ୟଯୋଗ ସମ୍ପାଦନ ।
ନିରନ୍ତର ସେବ ଶ୍ରବଣ କୀର୍ତ୍ତିନ
ନବଧା ଭକ୍ତି କାରଣ
ମଳ ଆବରଣ ସ୍ନାନେ ନର୍ମୋଚନ
ସାକ୍ଷାତକାର ବିଧାନ ।

ଶରୀର ନୁହଁଇ ତୁମେ ହୋ ଭକତ !
ମନ, ଅହଙ୍କାର, ଶତ୍ରୁ -
ନୁହେଁ ପଞ୍ଚ ବାୟୁ, ନ ବା ସପ୍ତ ଧାତୁ
ପଞ୍ଚ କୋଷ , ଘ୍ରାଣ ନେତ୍ର ।।
ନୁହେଁ ପିତା, ମାତା – ଗୁରୁ ଅବା ଶିଷ୍ୟ
ପାପ, ପୁଣ୍ୟ, ନୁହେଁ ତୀର୍ଥ -
ନ ବା ସୁଖ, ଦୁଃଖ- ମୃତ୍ୟୁ ଶଙ୍କା, ମୋକ୍ଷ ;
ସେ'ଯେ ନିରାକାର ନିର୍ବିକଳ୍ପ ।

ସାହିତ୍ୟ ସମ୍ପାଦକ, ଉପାନ୍ତ ସାହିତ୍ୟ ସଂସ୍କୃତିକ
ସେବା ସଂସଦ, ପାତ୍ରପୁର ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହୃଦୟ ବା ରୂପ



ମମତା ଦାଶ ମିଶ୍ର

ଲୋଡ଼ା ନାହିଁ ପ୍ରଭୁ ଅପୂର୍ବ ମାନବ
ଆଖିକୁ ସୁନ୍ଦର ଯିଏ ।
ସୁନ୍ଦର ମନଟେ ଖୋଜେ ସ୍ନେହୀ ମନ
ଏତିକି ପ୍ରଭୁ ମୁଁ ଚାହେଁ ।।
ସୁନ୍ଦର ମୂର୍ତ୍ତିରେ ଅଛି ଅବା କିସ
ହୃଦୟେ ଯଦି ବସାଅ ।
ମୁହଁକୁ ନ ଦେଖି ହୃଦୟ ପରଖ
ଏହି ଶିକ୍ଷା ତୁମେ ଦିଅ ।।
ମତ୍ସ୍ୟ ବା କଚ୍ଛପ ଅବା ନରସିଂହ
ସବୁ ରୂପେ ତୁମେ ଧ୍ୟେୟ ।
ପାପ ଭାରା ତୁମେ ହରି ନିଅ ବୋଲି
ସବୁବେଳେ କମନୀୟ ।।
ଛାର ମୁଁ ମଣିଷ କିସ ବା ଶିଖିବି
କରୁଛି ଏତିକି ଆଶ ।
ପାଦ ତଳେ ନୁହେଁ କହନ୍ତା କି କିଏ
ହୃଦୟରେ ମୋର ବସ ।।

ସେହି ସିନା ହେବ ମନର ମଣିଷ
ହୃଦୟରେ ଦେଲେ ବାସ ।
ହୃଦୟଟି ଯଦି କଳୁଷିତ ହେବ
ସୁନ୍ଦରମୁହେଁ କି ତୋଷ !!!!

ତୁମ ନରସିଂହ ମୂର୍ତ୍ତି ଦେଖି ଅବା
କେବେ କିଏ ଭୟ ପାଏ ।
ମାତ୍ର ମା'ଲକ୍ଷ୍ମୀଙ୍କୁ ହୃଦୟରେ ଦେଖି
ମନଟି ବହଳି ଯାଏ ।।
କମନୀୟ ରୂପ ଧରି ତୁମେ ପ୍ରଭୁ
ଅନନ୍ତଶୟନେ ଥାଅ ।
ହେଲେ ମା'ଲକ୍ଷ୍ମୀଙ୍କୁ ପାଦ ତଳେ କାହିଁ
ସର୍ବଦା ବସାଇ ଥାଅ ?

ମମତା ଦାଶ ମିଶ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ



ଡଃ ମନୋରଞ୍ଜନ ବିଷୋୟୀ

ଗୋଟିଏ ଦୁଃଖରୁ ଅନ୍ୟ ଏକ ଦୁଃଖକୁ
ଆଦରି ନେବା
ଯନ୍ତ୍ରଣାର ମେଘନାଦ ପାଚେରୀ
ଡେଇଁବା ଆଶା ନେଇ
ମୁହୁର୍ମୁହୁଃ ଲହୁଲୁହାଣ ହେବା
ଆତ୍ମୀୟତାରେ ଆବୋରି ନେଲାବେଳକୁ
ତୀକ୍ଷ୍ଣ ଅସ୍ତ୍ରରେ ଖିନ୍‌ଭିନ୍ ହୋଇଯିବା
ତ ଜୀବନ ।
ତଥାପି ନା ମୋହ ଭାଂଗେ
ନା ଭାଂଗେ ବଞ୍ଚିବାର ଆଶା ।
ବଖାଣିବାକୁ ପଡ଼େ ଉଜୁଡ଼ି ପଡ଼ୁଥିବା
ଯେତେ ସବୁ ଆପଣାର କଥା
ମୋହରେ ମୋହରେ ବହି ଚାଲିଥାଏ
ଯେତେସବୁ ଅମାନିଆ ଲୁହ
ତା' ଭିତରେ ଗଜୁରୁଥାଏ ମୋହ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୨୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋକଭାଷା

# ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲକ୍ଷ୍ମୀ ପୁରାନ୍



ସତ୍ୟ ନାରାୟଣ ମିଶ୍ର

କୋଶଲି/ସମଲପୁରୀ – ଲକ୍ଷ୍ମୀ ପୁରାନ୍

ବିଶ୍ୱରୂପସ୍ୟ ଭାର୍ଯ୍ୟାସିପଦ୍ମେପଦ୍ମଲୟେ ଶୁଭେ

ସର୍ବତଃ ତ୍ରାହିମାଂ ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ

( ଜଏ ମା ମହାଲଇଁଖୀ)

( ୬)

କହେଲେ ହରି ନାଇଁ ଦାଦା ନାଇଁ ନ କିଛି ଦରବ୍

କାଁଏ କର୍ମା କାଣା ଖାଏମା ମୁଣ୍ଡେ ପଡଲା ଚଡକ୍ ।

ଯଉଁ ବୋଲି ଗଲେ ଦୁହେଁ ଇନ୍ଦ୍ରଦ୍ୟୁମ୍ନ ବନ୍ଧ କେ

ଦେଖଲେ ସେନେ ମୁହୁଁଧୁଆକେ ପାନିନାଇଁରଚେ ,

ଫିରିଗଲେ ବଡ୍ ଦେଉଲେ ଦିନେ ରହେଲେ ଭୁକେ

ଆର ଦିନେ ଭିକାରୀ ବେଶେ ବାହାରିଲେ ଦୁଃଖେ ।

ଖନ୍ଦେ ପକାଲେ ଚିରା ଅମଛି ହାତେ ଭଙ୍ଗା ଛତା

ପାନି ମାଗି ବାହାରିଲେ ମାଖବେ ବୋଲି ଟୀକା ।

ଯାକେ ମାଗଲେ ପାନି ଟିକେ ସେ ବଲୁଚେ ନାଇଁ

ଚୋର୍ ବୋଲି ଖେଦି ଆଏଲେ ଠେଙ୍ଗା ବାଡ଼ି ନେଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ୍ ଡରେ ଦୁଇଭାଇ ସେନୁ ଅସଲେ ନର୍ ଦି
ହରି କହେଲେ ଦାଦା ଆମେ କର୍ମା କାଁଏ ବୁଦ୍ଧି ।
ଯଉଁ ବଡ଼ପଁଡା ଘର୍କେ ଖାଏମା ମୁଠେ ଅରନ୍
ଯଉଁ କହେଲେ ବଲରାମ ଭୁକେ ଛଟକେ ଜୀବନ୍ ।
ଦେଖି କରି ପଁଡା ବୁଢ଼ୀ ପାରୁଛେ ଚିନ୍‌ହି ନାଇଁ
ବହ କେ ତାର୍ ଡାକିଦେଲା ଆ ଗୋ ବହ ଧାଇଁ ।
ଆନ୍ ତ ମୋର୍ ଠେଙ୍ଗା ବଏଲା ଦୁହେଁ ଡରିଗଲେ
ସାମ ବେଦ ଜଜ୍ଞୁବେଦ୍ ରଡି ଗାଇଦେଲେ ।
ଭିକାରୀ ବାମହନ୍ ବୋଲି ଇଟା ବୁଢ଼ୀ ଜାନି ଗଲା
ଆସ ବୋଲି ପଟି ପାରି ଘରେ ବସେଇଲା ।
ରନ୍ଧା ଘର୍କେ ଆନି ଗଲା ଖୁରି ଧରି ଅରନ୍
ଦେଖଲା ସେନ ଅରନ୍ ସଂଗେ ହାଣି ଗଲା ଉଭାନ୍ ।
ଲଖି ଛଡା ଲୋକେ ଇଟା ଜାନି କରି ରିସେ
ପହଁଚିଲା ନିଲାମର ପିତାମର ପାଶେ ।
ଗାଲି ଦେଇ ଡେନା ଧରି ଖିଡି ଖିଡେଇ ନେଲା
ବାଟ୍ ଦୁଆରେ ଠିଆ କରି ତାଟି କିଲିଦେଲା ।
ଗୁଲ୍ ଗୁଲା ହେଇ ଦୁଇଭାଇ ଗଲେ କବିର ଘର୍କେ
ଭୁକା ବାମନ୍ ବୋଲି କବିର ଦେଲା ଲିଆ ଭୁର୍କେ ।
ଜାନି କରି କମଳିନୀ ପବନ୍ ଦେବ୍ କେ ପଠେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଲିଆ କେ କାହିଁ କାହିଁ ଧୁରିଆନେଲେ ଉଡେଇ ।
ଭୁକେ ହେଇ ଦୁର୍ବଲିଆ ପାହା ପକେଇ ଧୀରେ
ଯଉଁ ଯଉଁ ବାଟେ ଜନେ ଯୁଗୀ କେ ଭେଟିଲେ ।
ତାକେ ମାଗଲେ ଭାତ୍ ମୁଠେ ଥାଲି ଦେଖିକରି
ଯୁଗୀ କହେଲା ତମେ ଦୁହେଁ ଲଖି ଛଡା ବୋଲି ।
ଘି ଗୁରସ୍ ଭାତେ ଯେ ମୋର୍ ଥାଲି ଭରିଥିଲା
ତମେ ମାଗୁନ୍ ମାଗୁନ୍ ଦେଖ କାହିଁ ଉଭିଗଲା ।
ନାଇଁ ମିଲେ ଅରନ୍ ପାନି ତମ୍ କେ ଆରୁ କାହିଁ
ଯ ଯ ସାଗର୍ କୁଲେ ଦେଖବ ଦୁଇ ଭାଇ ।
ହେନେ ମିଲିଯିବା କେତେନିକେତେ ପେଟ୍ ପୁରାଭାତ୍
ଉସତ୍ ହେଲେ ଦୁହେଁ ଯାକ ଚାଲ୍ ଲେ ଭଟ୍ ଭାଟ୍ ।

କ୍ରମଶଃ...

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋର୍ ମାଁ



ବର୍ଷାରାଣୀ
ମହାମଲ୍ଲିକ

ଝୁଲଝୁଲୁ ସକାଲ୍ ପହପହ ନୁ ଘର୍ ଦୁଆରର୍
ଖର୍ସି ଲିପା ନୁ ସୁରୁ ହେସି ମୋର୍ ମାଁ ର୍ ଫିଦିନ୍
ସୁରୁଜ୍ ତ କେତନିକେତେ ପଛେ
ସତେ ଯେନ୍ତା ମୋର୍ ମାଁ ହର୍ମିସା ଜିତସି
ଆର୍ ସୁରୁଜ୍ ସବୁବେଳେ ମୋର୍ ମାଁ ର୍ ପଛେ ।
କୁହୁଲା ସର୍ ସର୍ ଘର୍ ଭିତରେ
ଆମର୍ ପେଟ୍ ର ଲାଗି ତାର୍ ଘାଟିସାନି ।
ନିଜର୍ ସୁଖ୍ କେ ମାରି ମାରି
ସଚୁଁଥିସି ସବୁ ଖୁସି
ଆମକୁ ବସେଇ ନିଜେ ଦିନ୍ ରାଏତ୍ ଖଟୁଥିସି ।
ମହାପ୍ରୁ ନୁ ସମକିରିର୍ ଲାଗି ମାଗି ମାଗି
ନିଜର୍ ଲାଗି ମାଗବାର୍ କେ ଭୁଲି ଯାଏସି ।
ନିଜେ ଭୁକେ ରହି ଆମକୁ କେଭେ
ଖାଏବାର୍ ଥି ନାଇଁ କରେ ଊନା ।
ତାର୍ ଚିରା ପନତ୍ ଥି କୁଟୁମ୍ କେ ଢାପି ରଖିଥିସି ।
ନିଜର୍ ଦୁଖ୍ ଲୁକେଇ ଆମକୁ ହସଉଁ ଥିସି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହଁ ସେ ମୋର୍ ମାଁ

ସେ ମୋର୍ ଦେବୀ ସେ ମୋର୍ ପୂଜା ।

ଜିଲ୍ଲା : ବରଗଡ଼

ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା (ଜ୍ୟୋତିବିହାର)

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିକ୍ଷା "ଅ..ଆ..କଥାନୀ ନି" ସେ



ସୁନୀଲ କୁମାର ଅଗସ୍ତି

'ଶିକ୍ଷା', ବନେ ବଡ୍ ଗଖା ଆର୍ ଯବର୍ ଶବଦ୍ ଟେ ଆଏ । ଇତାର୍ ନିଦାନ୍ ବାବଦେ ଇତାର୍ ଅର୍ଥ ବାବଦେ ଜ୍ଞାନ୍ ଘାଁଟୁ ମାନେ ବନେ ଯବର୍ ଯବର୍ କଥା କହିଯାଇଛନ୍ ଆର୍ ଇହାଛିନ ଗଲେ କହୁଛନ୍ ତାଏଲ୍ । 'ଶିକ୍ଷା' ମୁନୁଷ୍ କେ ମୁନୁଷ୍ ବାଗିର କରସି,ଅନ୍ଧାର ଉକିଆ ଭିତରେ ଫରକ୍ କାଏଁଟା ଜନେଇ ଦେସି,କେନଟା ଖାଲ୍ କେନଟା ଢିପ୍ ପରଘେଇ ନେସି,ଜୀବନର୍ ଅସଲି ନିଦାନେ ଖେଟବାର୍ ପାହା ଫୁଲେ ସଜେଇ ଦେସି । ଶିକ୍ଷା ଦେଶ୍ ପେରେମ୍ ଶିଖାସି,ଶିକ୍ଷା ମାଁ' ବୁଆ କେ ବେଭାର୍ ଦେବାର୍ ବେଁଟିଆ ଧରିଛେ,ଦେଶ୍ ରାଏଜ୍ କେ ମାଁ' ମାଏଟ୍ କେ ତଲେ ନି' ପକାବାର୍ ସବୁ ଡାହି ପଖରା କେ ଆବରି କରି ଧରିଛେ । 'ଶିକ୍ଷା'ର୍ ଚେର୍ ବନେ ଯବର୍ ଆଏ, ଇତାର୍ ବୁନ୍'ଧ କେନ୍ ଉଖଡି ନି'ପାରେ । ମୁନୁଷ୍ ମରେ ନି' ମରେ ହେବାର୍ ତକ୍ ଯେହେନସି କିସମେ ଯାଏଁଟା ଫୁନି ଶିଖୁଥିସି ବଲି ଗୁନୀଜ୍ଞାନୀ ମାନେ କହିଯାଇଛନ୍ ।

ଅସଲ୍ କଥା କହିଛନ୍ ଗୁନୀଜ୍ଞାନୀ ମାନେ । ଆ'ଦେ ମୁଁଇଁ ମରନ୍ କେ ଟାକିଛେଁ, ମତେ ହେଲା ବଛର୍ ଚାଏର୍ କୁଏର୍ । ଇହାଛିନିର୍ ଆର୍ ଛନେକର୍ ଆଏ । କେତେବେଲେ ସଟକି ଦେମି କହି ନି' ହେବାର୍ । ମୋର୍ ବଡଖା ପିଲା ଆଏତା ବେଲେ ଘରକେ ତାକେ ଛନେ ଦେଖିକରି ଆଁଏଁଖ୍ ଲୁମି ଦେତିଁ ବଲୁଛେଁ । ବାବୁର୍ ମାଁ' କେ କେନ୍ କେନ୍ କହୁଥିବାର୍ ଶୁନି ପାଏଲିଁ, "ତମର୍ ପିଲା ଆର୍ କେ'ନ ଆଏବା ଗୋ ? ଆସି ନି' ପାରେ ନ' ବାଗିର୍ ଲାଗୁଛେ । ଏତେ ଗୁରା ପାଠ୍ ପଢା ଠାନ୍ ଖୁଲିଛେ ଗୋ,ଇହାଦେ ତ' ଟଁକା କମାବାର୍ ସିଜନ୍ ଆଏ ଭରଦର୍ । ଲୋକ୍ କେ ବନେ ବେଡା ବନେଇ ଦଉଛେ ତମର୍ ପିଲା ଗୋ, ଲାଖ୍ ଲାଖ୍ ଟଁକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଠ୍ ପଢା ଭଡା ନଉଛେ ତମର୍ ପିଲା ଗୋ । ତମର୍ ପିଲାର୍ ପାଠ୍ ପଢା ଠାନ୍ ବାବଦେ ଆର୍ ଗୁନ୍ ବାବଦେ ସକାଲ୍ ପାଏଲେ ହର୍ ଏକ୍ ପେପର୍ ଥିଁ ବାହାରୁଛେ ପରେ ଗୋ । ତମର୍ ପିଲା ନି' ଆସିପାରେ ଗୋ,ଟଁକାକେ ଦେଖବା କି' ତମକେ ଦେଖବା ?

ସତ୍ ଆଏ, ମରନର୍ ଅଘଲି ନୁ'ଯବର୍ ଶିକ୍ଷା ଟେ ପାଏଲିଁ, ଇହାଛିନ୍ 'ଶିକ୍ଷା' ତ' ଗୁଟେ ଟଁକା ଘିଚବାର୍ ବରକସ୍ ବେପାର୍ ଟେ ଆଏ । ପିଲା ଛୁଆ କେ 'ଅ,ଆ,କ,ଖ,A,B,C,D ୧,୨,୩,୪,1,2,3,4 ଶିଖାବାର୍ ଲାଗତି ମାଁ' ବୁଆ ବସ୍ତାର୍ ମାଡେ ଟଁକା ରୁକି ଦଉଛନ୍ । 'ଶିକ୍ଷା' ଏନତା କିସମର୍ ବେପାର୍ ଆଏ ଯେ ଇ' ବେପାର୍ ଥିଁ ବେପାରର୍ ସାଁକାର୍ ଯହକରି କଁଚା ମୁରୁଖ୍ ଥିସନ୍ ଆର୍ ଉଁଚା ଦରଜାର୍ ପଢାଲିଖା ଗଲେ ଥିସନ୍ ଯାହାକି ଶିକ୍ଷା କେ କିଛି ଫରକ୍ ନି' ପଡେ । ଗୁଟେ କଥା ଜାନିକରି ଶୁନିକରି ଘବରେଇ ଯିବାର୍ କେ ହେସି ଯେ ଇ' ପରକାର୍ ବେପାରୀ ମାନକଁର୍ ହଲିଆ ହେବାର୍ ଲାଗତି ଏଭର୍ ଜୁଆନ୍ ପଢାଲିଖା ପିଲାମାନେ ଗୋଡ୍ ଟେକିଛନ୍ ନ' । ଇ' ଗୋଡ୍ ଟେକବାର୍ ଥିଁ ଜୁଆନ୍ ପଢାଲିଖା ପିଲାମାନକଁର୍ କାଏଁ ଦୋଷ୍ ? କେଚକେଚା ଦରବାରୀ ଶିକ୍ଷାନିତି ଆର୍ ନିତିନିଏର୍ ଲାଗତି ଦରବାରୀ ପାଠ୍ ପଢା ଠାନେ ଯେନ୍ ଗାଡି କେ ହାତୀ ଘିଚବାର୍ ଚାହି ସେ ଗାଡି କେ ମାକର୍ ଘିଚୁଛେ ଆର୍ ମାକର୍ ଘିଚବାର୍ ଗାଡ଼ି କେ ମନ୍ ନି' ଥାଇକରି ହାତୀ ପେଟର୍ ଲାଗତି ଘିଚୁଛେ । ଏନତା ଥିଁ ଦରବାରୀ ପାଠପଢା ନରକ୍ କେ ଧାଉଁଛେ ଯେନଟା କି'ଶିକ୍ଷାର୍ କୁଖ୍ୟାତ୍ ବେପାରୀ ମାନକୁଁ ଟଁକା ଘିଚବାର୍ ଲାଗତି ବତର୍ ହି'ଛେ । ଆ'ଦେ ଗଲା ଦଶ୍ କିଲାସ୍ ଅସଲ୍ ପରୀକ୍ଷା କେନ୍ କିସମର୍ ହେଇଛି ସଭେଁ ଜାନିଛନ୍ । ହେଲେ ରାଏଜ୍ ଗୁଲାର୍ ଗୁନୀଜ୍ଞାନୀ ଇ' ବାବଦେ କାଁ'ଯେ ତୁମ୍ ପରିଛନ୍, ତାଁକର୍ ଟୁଁଡ୍ କେ ସିଲେଇ ମାରିଛନ୍ କିଛି ବୁଝି ନି' ହେବାର୍ । ସଭେଁ ଜାନୁଛନ୍ ଦରବାରୀ ପାଠପଢାର୍ କେଚକେଚା ଆର୍ ବିଟାଲ୍ ନିତିନିଏ ଲାଗତି ଦରବାରୀ ପାଠପଢା ଇହାଛିନ୍ ନରକ୍ ଫାଲେ ଧାଁଉଛେ । ହେଲେ ଇଟା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେ କେନ୍ ସୁଧରାବା ? ଯେନମାନେ ସୁଧରେଇ ପାରତେ ସେମାନକଁର୍ ପିଲାଛୁଆ ତ' ଗଖା ଗଖା ଶିକ୍ଷାର୍ ବେପାରୀ ମାନକଁର୍ ହାବଡେ ଆର୍ ସେମାନେ ନିଜେ ଗଲେ ଶିକ୍ଷାର୍ ମହା ବେପାରୀ ପାଲଟିଛନ୍ ।

ଏଗାର ବାଆର କିଲାସ ପାଠ୍ ପଢ଼ବାର୍ ଲାଗତି ଶିକ୍ଷାର୍ ବେପାରୀ ମାନେ ପାଁଚ୍ ଛ' ଲାଖ୍ ନଉଛନ୍ ପରେ । କେନ୍ କେନ୍ ବେପାରୀ ତିନ୍ ଚାଏର୍ ଲାଖ୍ ଗଲେ ନଉଛନ୍ । ପିଲାଛୁଆ ମାନକଁର୍ ପାଠପଢ଼ା ଥିଁ ଜୀବନ୍ ଗୁଲାର୍ କମାନୀ ଖତମ୍ । ଇଫାଲେ ପିଲା ଜୀବନର୍ ଖଁଏଡ୍ ଧରି ପାରବା କି, ନି' ଖେଟି ପାରେ ଯେ କେନ୍ ନି' କହି ପାରନ୍ । ଖଁଏଡ୍ ନି' ଧରି ପାରଲେ ଆର୍ ବଢେ ଅଚାବୁହା । ଲୋକର୍ ଦରବାରେ ହର୍ ଏକ୍ ପିଲା 'ମାହାଲିଆ' ପାଠ୍ ପଢୁଛେ ସତ୍ ଆଏ । ହେଲେ ଇ' ମାହାଲିଆ କାରବାର୍ ଦରବାରୀ ପାଠପଢ଼ା କେ କେନ୍ ଫାଲେ ଘିଚୁଛେ ଇଟାକେ ନିଘା କରବାର୍ ଲାଗତି କାହାରନେ ଆର୍ ସମିଆଁ କାଇଛେ ? ଇ' ରାଏଜ୍ ଗୁଲାର୍ ଦେଶ୍ ଗୁଲାର୍ ଶିକ୍ଷାର୍ ଯେନ୍ ମହା ବେପାର୍ ଚାଲିଛେ ଆଏବାର୍ ଦିନେ କାଏଁଟା ହେବା ଯେ କହି ନି' ହୁଏ । କେନ୍ ଦରବାର୍ କେ ଗୁହେର୍ କରିଯିମା ? ଦରବାର୍ ଗଲେ ତ' ଆମେ ବନେଇଛୁଁ । ଗୋଡ୍ ଗଲେ ଆମର୍ ଟାଙ୍ଗିଆ ଗଲେ ଆମର୍ । ଇ'ଲୋକ୍ ତୁମପରି ସେରପେଟି କରି ଥିବାର୍ ସାର୍ ଆଏ । "ହଏ ହୋ, ତମେ ଯେନ୍ ବଡ୍ ବଡ୍ ବାଏଗନ୍ ବାଛୁ'ଛ ତମର୍ ପିଲାକେ ଦରବାରୀ ପାଠପଢ଼ା ଠାନେ ଛାଡି ଦିଅ",ଶିକ୍ଷାର୍ ମହା ବେପାରୀ ମାନକଁର୍ ଇ' ଗୁଟେ ଡାଏଲଗ୍ ଇହାଛିନ୍ ଚାରହି କୁତି ଚହଲ୍ ପକଉଛେ । ହୁସିଆର୍ ।

ଟିଟିଲାଗଡ଼, ବଲାଙ୍ଗୀର
ମୋ/୭୭୩୫୮୭୬୭୪୯

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅଚିହ୍ନା ବନ୍ଧୁ



ଶୋଭାରାଣୀ ମାଝୀ

ଲତା ଗୁଟେ ବଗଚା ର ବେଞ୍ଚ୍ ନେ ବସିଛେ ଗୁଟେ ଗଛ୍ ତଳେ । ଆଠୁଁ ନେ ହାତ୍ ଖୁତେଇ ମୁହୁଁ ଛାପକି କରି । ମାଛି ଅନ୍ଧରିଆ ବେଲ । ସେ ସମିଆ ନେ ସୁଜନ ଲୋକ୍ ଝନେ ତାର ଆଡକେ ଚାଲି ଆସଲେ, ଡେଙ୍ଗା ହେଇ କରି ଗହମ୍ ରଙ୍ଗିଆ ସୁନ୍ଦର୍ ଯୁଆନ୍ ଟେ ସେ ବେଞ୍ଚ୍ ନେ ବସଲେ ସେ ଟିକେ ଚିନ୍ତାରେ ଥିଲେଁ ଥୁଡେ କାଗଜ୍ ଆର୍ ଉଷୋ ଧରି ଥିଲେ ହାତେ ଆର୍ ଫୋନ୍ କେ ଥରେ ଥରେ ଦେଖୁ ଥିଲେ । କିଛି ସମିଆ ଉତାରୁ ସୁଁ ସୁଁ ଶବଦ୍ ପଡଲା ସେ ଭଦ୍ର ସୁଜନ ଲୋକ ର କାନେ ପଡଲା । ଲତା ର ଆଡକେ ଠକେଁଇ ଦେଖଲେ ,ତାର ମୁହୁଁ ନି ଦିଶବାର୍ ସେଲଢ଼ାର୍ ସାରେ ପିନ୍ଧିଛେ । ଲମାହା ବାଲ୍ ଯେ କାନ୍ ଉପରୁ ନେଇଛେ ଆର୍ ଉଲଫୁସିଆ ଖୁପା ଟେ ବାନ୍ଧିଛେ କେରେ ବାଲ୍ ଗାଲ୍ ପାସୁ ଲହଁସି ଯେଇଛେ ତଳକେ ।ତାର କାନ୍ ର ଦୁଲ୍ ପଟେ ଝଟକି ଯାଉଛେ । ସୁଜନ ଲୋକ ଝନକ ଦୁଲ୍ ନୁ ନଜର ହଟେଇ କରି କହେଲେ କେଁ ହେଲା କେଁ, କେଁ ହେଲା ଯେ କାନ୍ଦୁଛ । ଲତା ଚମକି କରି ଦେଖଲା ତାକର୍ ଆଡେ ଆଶରିଜ୍ ହେଇ କରି । ମୁହୁଁ ଯେ ତାର ଲହ ଥିଁ ଭିଜି ଯେଇଛେ, ଲହର ଧାର ବୁହିକରି ଥିପି ଯାଉଛେ ଆଁଖିର କାଜଲ୍ ମୁହେଁ ଲେପି ହେଇ ଯାଇଛେ । ଭଦ୍ର ଲୋକ୍ ଝନକ୍ ରୁମାଲ୍ ବଢେଇ କହେଲେ କେଁ ହେଲା ଯେ କାନ୍ଦୁଛ ଝଗଡ଼ା ହେଲ କେଁ, କାଣା ହଜେଇ ଦେଲ କେଁ କି କିଏ କାଣା କହେଲା । ସେ ଲୋକ୍ ର କଥା ଶୁଣି କରି ଲତା ଛନେ ଦେଖଲା ତାକର୍ ଆଡେ ନିଁ ଭାବି ଯେ ଇଟା ଗୁଟେ ଅଚିହ୍ନା ଲୋକ୍ ଆର୍ କହେଲା ମୁଇଁ ହାରି ଯାଇଛେଁ ସବୁ ସରିଗଲା ସବୁ ରାସ୍ତା ବନ୍ଦ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


ହେଇ ଗଲା ମୁଇଁ ଲକ୍ଷ୍ୟ ଶୁନ୍ୟ ହେଇଗଲି, ସବୁ ହଜେଇ ଦେଲି ଜୀବନ୍ ଅସଫଲ ହେଇଗଲା,ଜୀବନ୍ ସରିଗଲା ଲତା ର କଥା ସୁନିକରି ସେ ଭଲ ଲୋକ୍ ଝନକ୍ କହେଲେ ଇ ସମିଆ ସବୁଦିନ୍ ସମାନ୍ ନି ରହେ ସବୁ ଠିକ୍ ହେଇ ଯିବା । ମୁନୁଷ୍ ଜୀବନ୍ ଟା ପରେ ସୁଖ୍ ପରେ ଦୁଃଖ ଆଉ ଦୁଃଖ୍ ପରେ ସୁଖ୍ ତମର୍ ମନ୍ ବି ବଦଲି ଯିବା ପାଠ୍ ସାଠ୍ ପଢ଼ଲା ଲେଖେନ୍ ଲାଗୁଛ ହାର୍ ମାନବାର୍ ଟା ତ କେନ୍ ବହି ବି ଶିଖେ ଯୁଆଁନ୍ ଅଛ ଇଟା ତ ତମର ଜୀବନ ର ଆରମ୍ଭ ଏ ସମିଆ ର ସାଙ୍ଗେ ଚାଲ ସବକର୍ ଜୀବନ ନେ କିଛି ନା କିଛି ଅସୁବିଧା ଥିସି । ଲତା ବି ସବୁ ଦୁଃଖ ସୁଖ୍ ପକେଇ ଦେଇ କରି ତାକର୍ କଥା ସୁନୁଥେ ଇ ସମିଆ ଥି ଦୁହିଁ ଝନକର୍ ଫୋନ୍ ଏକା ସାଙ୍ଗେ ବାଜି ଉଠଲା । ଲତା ଫୋନ୍ ଉଠେଇ କରି କହେଲା, ହଁ ବାପା ସେ ବସ୍ ଛାଡ଼ି ଦେଲା ଯେ ଆର୍ ବସ୍ ରେ ଆସମି ହଁ ଭଲ୍ ଅଛେଁ କିଛି ଅସୁବିଧା ନି ହେଇ ଖାଲି ଟିକେ ଡେରି ରେ ପୁହଁଛିଲି ଆର ବସ୍ ରେ ଯିମି ପୁହଁଛିଲେ ଫୋନ୍ କରମି ନେଇ ଆସବ ଆର୍ ଫୋନ୍ ରଖଲା । ଇ ଆଡେ ସେ ଭଦ୍ର ଲୋକ୍ ଫୋନ୍ ରେ କହୁଥନ୍ ହଁ ତୋର ମା ଜଲଦି ଘର୍ କେ ଆସବା ଡାକ୍ତର କହିଛନ୍ ଜଲଦି ଛାଡ଼ି ଦେବେ କହି କହି ସେନୁ ଉଠିକି ପଲେଇ ଯାଇ ଥିଲେ ନ ଲତା ଛନେ ଦେଖଲା ମନେ ମନେ ଭାବଲା କେଡେ ସଫା ହୁରୁଦ୍ ବାଲା ମୁନୁଷ ଟେ ନିଜେ କେଡେ ଅସୁବିଧାରେ ପଡ଼ିଛନ୍ । ବୋଧେ ତାକର୍ ସ୍ତ୍ରୀ ଡାକ୍ତରଖାନା ରେ ଅଛନ୍ । ହେଲେ ଚିହ୍ନାର୍ ନାଇ କି ଜନାର୍ ନାଇ କେତେ ସାହାସ୍ ଦେଇ ଗଲେ ମତେ ଇ ଛନେ ସମିଆ ଥି । ସତେ ମୋର୍ ଗୁଟେ ଅନ୍ତରଙ୍ଗ ବନ୍ଧୁ ଭଳିଆ । ଭଗବାନ୍ ତାକର୍ ସ୍ତ୍ରୀ କେ ଜଲଦି ଭଲ କରି ଦଉନ୍ ମନେ ମନେ ଧନ୍ୟବାଦ୍ ଦେଲା ଲତା ସେ ଅଚିହ୍ନା ଲୋକ୍ କେ ସେ ଅଚିହ୍ନା ବନ୍ଧୁ କେ ।

ଶୋଭରାଣୀ ମାଝୀ, ତୁଷୁରା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷ୍ ପରବ୍



ଶୋଭାରାଣୀ ମାଝୀ

ଚଏତ୍ ର ଶନିବାର୍ ବେଲ୍ ବୁଡବାକେ ଆର୍ ବନେ ସମିଆ ଅଛେ ତିନ୍ ବାଜି ଥିବା ହେଲେ ଖରା ନୁହେଁ ହେବାର ଶରାବନ୍ ମାସ୍ ଲେଖେଁ ମେଘ ଘୁଟି ଆନିଛେ ପବନ୍ ମାରୁଛେ ବରଷା ମାସ୍ ଏନତା । ଛନେ ଉତାରୁ ବରଷା ଆରମ୍ଭ ହେଇ ଗଲା ଝିପିର୍ ଝିପିର୍, ଅନ୍ଧାର ବି ବତରି ଆସୁଛେ । ସୀତା ଘରେ ବଡ଼ ଚୁଏଲ ଟେ ଅଛେ ପାଏନ ଧୁକି ଧୁକି ଆନୁଛେ ଯେ ସଭେ ସେନେ ଗଦା ହେଇଛନ୍ ସୀତା ର ବାପା, ମାଁ, ଭାଇ ବୁହେନ୍ ଆର୍ ସୀତା ପୁରା ତରାକେ କାଥିଁ ଆଡେ ମୁହଁ କରି ବସିଛେ ଘର୍ ବାହାରେ ଖଳା ଟେ ଅଛେ ଆର୍ ପାଟକି ଘର୍ ଗୁଡାକୁ । ଝିପିର୍ ଝିପିର୍ ବରଷା ଥି ଭିଲ ଲୋକ୍ ମାନେ ଖଳା ର ଚାରିହି ତରା ଠିଆ ଠିଆ ହେଇଛନ୍ । ଲୋକ୍ କହେଲେ ଗାଡ଼ି ଆସି ଗଲା । ସୁନାଲା କେ ସୀତା ର୍ ଆଏଖଁ ନୁଁ ଦୁଇ ଧାର୍ ଲହ ବୁହିଗଲା । ଗାଡ଼ି ନୁଁ ଦୁଇଝନ୍ ଉତରିଲେ ଆର୍ ତାକର୍ ଘର୍ କେ ଢୁକଲେ । ଗାଡ଼ି ସେନେ ଠିଆ ହେଇଛେ କିଛି ସମିଆ ଉତାରୁ ପ୍ଲାଷ୍ଟିକ ରେ ଗୁଡା ହେଇଥିବାର ର୍ ମଲା ଦିହିଁ କେ ଗାଡ଼ି ନୁଁ ଉତାର ହେଲା ସାମନା ନେ ଥିବାର୍ ବାଏଲ୍ ଗଦା ଥି ଶୁଏଇ ଦିଆ ହେଲା ଯେନ୍ ତା ରଖଲେ ତାର୍ ପରିବାର ର୍ ସମସ୍ତେ ରଡ଼ି ଛାଡ ଲେ । କାନ୍ଦି ବୁବେଇ ପକାଲେ । ଆଖର୍ ପାଖର୍ ମାଏଝି ମାନେ ଭିଲ ଲହ ଗଡ଼େଇ ଦେଲେ । ଇଟା ତାର୍ ଯିବାର ସମିଆ ନି ସେ ।ବଛର୍ ଚାଲସେ ଭିତରେ ହେଇ ଥିବା ମଦନ୍ କେ । ଇ ସବୁ ଭିତରେ ସୀତା ଭିଲ୍ ଖଳା କେ ପଲେଇ ଆସିଛେ ଟିକେ ଉଛା ପିଢା ଗୁଟେ କେ ଠିଆ ହେଇକରି ଦେଖୁଛେ ପାସକେ ଯିବା କେ ସାହାସ୍ ଭି ନି କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାରବାର ଇ ସମିଆ ନେ ଚାଏର ଚକିଆ ଗାଡ଼ି ଟେ ଆସଲା ସେ ଭିତରୁ ଦୁଇ ଝନ୍ ମାଏଝି ଉତରିଲେ ଝନେଁ କାନ୍ଦି କାନ୍ଦି ଧାଇଁ ଗଲା ଆମ୍ବୁଲେନ୍ସ ଆଡକେ । ଦୁଇ ଝନ୍ ସେତାକେ ଧରି ଆନଲେ । ଯେନତା ସେତାର୍ ନଜର ପଡଲା ବାଏଲ୍ ଗଦା ନେ ଥୁଆ ହେଇଥିବା ମୂର୍ଦ୍ଧା ର ଉପରେ ସେନେ ବସି ପଡଲା ମୁଡ ଆଡେ ଆଏଖେଁ ପତା ନି ପଡବାର ଆଖେଁଲ ବୁହି ଯାଉଛେ । ନିଶଛଳ କାଠଖୁଟ ଏନତା ହଲଚଲ ଭି ନି ହେବାର୍ । ଯେତେ ଘିଚା ଉଲଚା କଲେ ଭିଲ ସେତାକେ ଖସରେଇ ନି ପାରବର୍ ସେନୁ । ସେ ମାଏଝି ଝନ୍ କ ଥିଲା ସେ ମରିଯାଏଇଥିବାର୍ ଲୋକ ର ସୀଆନୀ । ତାର ବିହା ହେଲା ମାଏଝି । କେଁ ଯାନି ତାର ମନେ କାଣା ଚାଲିଛେ କାଠ ହେଇଯାଇଛେ ସେନେ ସବିତା ଦୁଇ ଟା ଛୋଟ ଛୁଆର ମାଁ । ଛୁଆଁ ମାନକେ ଧରି ଆନଲେ ତାର ଲାଗର ଲେସର୍ ଲୋକେ ବୁଆ ର ମୁହୁଁ କେ ଦେଖିଥିବେ ବଲି । ଛୁଆଁ ମାନେ ବୁଝି ନି ପାରବାର କାଣା ହଉଛେ । କାଏଁ ହେଲା ଯେ ଏତେ ଲୋକ ଗଦା ହେଇଛନ ।କାଏଁ ହେଲା ଯେ କାନ୍ଦୁଛନ୍ ସେ ପରିବାର ର ତିନ ଟା ଜୀବନ ଲାଗି ସମିଆ ଅଟକି ଯେଇଛେ କାଏଁ ଯେ । ହେଲେ ଲୋକ୍ ବାକ୍, ଲାଗର୍ ଲେସର, ଜାତି ଭାଇ ଆରମ୍ଭ କରି ଦେଲେ ଶେଷ ପରବ୍ ସତେ ଯେନତା କି ଗୁଟେ ଯାତରା । ଖଟ ଗୁଟେ ନେଇ ଆସଲେ ଉଲଟେଇ ଦେଲେ ଖଟକେ ସଜେଇ ଦେଲେ କଦଳୀ ପତରେ ଚାରହି ମଚୁଆ ଥି ସତେ ଯେନତା ଗୁଟେ ସବାରୀ ବିଛେଇ ଦେଇ ନୂଆଁ ଚାଦର୍ । ମରି ଯେଇ ଥିବାର୍ ଲୋକ ର ଆତ୍ମା ଭିଲ ଭାବୁ ଥିବା କାଣା ହଉଛେ ଇନେ ତାର ମଲା ଶରୀର ର କେ ସେନେ ସରାଗେ ଗଧେଇ ଦେଲେ ନୂଆ ବସତର ପିନ୍ଧେଇ ଦେଲେ ହଳଦୀ ଦିହେଁ ରଚେଇ ଦେଲେ , ଫୁଲ୍ ମାଲ୍ ଟେ ଚଢେଇ ଦେଲେ ସଜାଲା ଖଟେଁ ଯତନେ ଟେକି କରି ସୁଏଇ ଦେଲେ । ଘର ର୍ ଚାଏର ଟା ବରକଷ୍ ପିଲା ଖଟ ରେ ଚାରିହି ଖୁଟି କେ ଟେକି ଧରଲେ । ଘରୁ ବାହାର କଲେ ଫୁଲା ଲିଆ ଛିଟି ପାଏସା ସରେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାତୁଲ କୁଲା ଇ ସବୁ କେ ଧରି ଆଘେ ଆଘେ ଚାଲ୍ ଲା ତାର ଜାତି ଭାଇ ଟେ ଖଟ୍ କେ ଟେକି ଚାଏର ଝନ ପଛେ ସଙ୍ଗେ ଗଲେ ସାଙ୍ଗ ସାଥି ବନ୍ଧୁ ବାନ୍ଧବ୍ ଲୋକ ବାକ୍ । ଶେଷ ପରବ୍, ଶେଷ ଯାତରା କେ ସରବାର ଲାଗି ସାଙ୍ଗେ ସାଙ୍ଗେ କହି ଚାଲଲେ ରାମନାମ ସତ୍ୟ । ବିଛି ଚାଲ୍ ଲେ ବାଟ୍ ସାରା ଲିଆ ଆର୍ ଛିଟି ପଏସା ସତେ ଯେନତା କି ଗୁଟେ ଶୋଭା ଯାତରା । ତାର ଛୋଟ ପିଲା କେ ଭିଲ ଚଲେଇ ନେଲେ । ଆଘେ ତିନ ବଟିଆ ନେ ରଖି ଦେଲେ ସରେଇ ପାତୁଲ କୁଲା । ଭିଡ ବଢାଲା ଯାତରା ର ଶେଷ ପାହାଚ କେ ସିଧା ମଶାନ୍ ପଦା କେ ସଜା ହେଲା କାଠ ଶେଜ୍ ମୂର୍ଦ୍ଧାର ର ଦିହୁଁ ଖୁଲି ଦିଆ ଗଲା ସବୁ ବନ୍ଧନ ଗଏଁଠ । ସୁଏଇଦିଆଗଲା କାଠ ର ଶେଜ୍ ନେ । ଦିଆ ଗଲା ଚନ୍ଦନ କାଠ୍ ତୁଳସୀ କାଠ୍ ଘଧୂପକାଠି କିନ୍ଦେରେଇ ଦିଆ ହେଲା କାଠ ଶେଜ୍ ର୍ ସାଥ ଭାଉଁର ସୁଏଇ ଦିଆ ହେଲା ତାର କାଠ ର ଶେଜେ ।ଆରମ୍ଭ ହେଲା ଜୀବନ ର୍ ଶେଷ୍ ଯଏଁଗ । ଯଏଁଗ କୁଣ୍ଡ ନେ ଲଗେଇ ଦେଲେ ନିଆ ଜଳି ଗଲା ତାର ଶରୀର ଜଳିଗଲା ତାର ସଂସାର ସରିଗଲା ତାର୍ ଜୀବନ୍ ଜଳିଗଲା ସବୁ ଜାନି ଯାତରା ଅଧା ରହିଗଲା ସପନ ଭାସି ଗଲା ସଂସାର୍ । ସରି ଗଲା ତାର୍ ଜୀବନ୍ ର୍ ପରବ୍, ଶେଷ ପରବ୍ ।

ଶୋଭାରାଣୀ ମାଝୀ ତୁଷୁରା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବ୍ୟାସକବି ଫକୀରମୋହନ



ଅସିତ ମହାନ୍ତି

ଭାଷା-ସାହିତ୍ୟର ତାରକା ବ୍ୟାସକବି ଫକୀରମୋହନ

୧୪ ଜୁନ ୧୯୧୮ରେ ଓଡ଼ିଆ ସାହିତ୍ୟର ସମ୍ରାଟ ବ୍ୟାସକବି ଫକୀରମିହନ ସେନାପତିଙ୍କର ୭୫ ବର୍ଷ ବୟସରେ ଦେହାବସାନ ହୋଇଥିଲା । ଏହା ମଧ୍ୟରେ ଦେହାବସାନର ୧୦୫ ବର୍ଷ ବିତିଯାଇଛି କିନ୍ତୁ ପ୍ରତ୍ୟକ ବର୍ଷ ତାଙ୍କର ସ୍ମୃତି ଆମ ମନକୁ ବିଚଳିତ କରେ । ଓଡ଼ିଆ ଭାଷାର ସମଗ୍ର ବିକାଶ ପାଇଁ ତାଙ୍କର ସଂଘର୍ଷମୟ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ । ଆଜି ଇଂରେଜ ନାହାନ୍ତି, କିନ୍ତୁ ମାତୃଭାଷା ଓଡ଼ିଆ ବିପଦରେ ପଡିଛି । ଏହି ବିପଦ ସମୟରେ ଫକୀରମୋହନ ସେନାପତିଙ୍କର ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ଯେଉଁ ପଦକ୍ଷେପ ଗୁଡିକ ସେସମୟରେ ନେଇଥିଲେ, ସେସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ଆଜିର ସମୟର ଡାକରା । ଫକିର ମୋହନ ସେନାପତି ଓଡିଆ ରାଷ୍ଟ୍ରବାଦର ଜନକ ଭାବରେ ଜଣାଶୁଣା । ଓଡ଼ିଆ ଭାଷାକୁ ଏକ ଆକାର ଦେବାରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ଥିଲା, ବିଶେଷକରି ଯେତେବେଳେ ଓଡ଼ିଆ ଭାଷା ବିପଦ ମଧ୍ୟରେ ଗତି କରୁଥିଲା । ଜଣେ ପ୍ରବୀଣ ଲେଖକ, ଉତ୍ସାହୀ ଭାଷାପ୍ରେମୀ, ଭାଷାର ଜଣେ ସଂସ୍କାରକ କ୍ରମାଗତ ପ୍ରତିକୂଳତା ମଧ୍ୟରେ ସେ ଓଡ଼ିଆ ଭାଷାକୁ ଜୀବନ୍ତ ରଖିବାରେ ତାଙ୍କର ଅତୁଳନୀୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଯୋଗଦାନକୁ ଓଡିଶା ଇତିହାସ ତାଙ୍କୁ ସବୁବେଳେ ମନେ ପକାଇବଢତାଙ୍କର ପ୍ରତ୍ୟକ ସାହିତ୍ୟ କୃତି, ଗଳ୍ପ ଓ ଉପନ୍ୟାସରେ ସାମାଜିକ ପରିବର୍ତ୍ତନ ଧାରା ପ୍ରବାହିତ । ରେବତୀ ନାରୀ ଶିକ୍ଷାର ଜାଗରଣ, ଡାକମୁନସି ଗଳ୍ପରେ ପାଶ୍ଚାତ୍ୟ ସଂସ୍କୃତିର କୁପ୍ରଭାବ, ବାପ ପୁଅର ସମ୍ପର୍କରେ ସ୍ଖଳନର ଚିତ୍ର । ପେଟେଣ୍ଟ ମେଡ଼ିସିନ ଗଳ୍ପରେ ନିଶାନିବାରଣର ବାର୍ତ୍ତା । ପାଠକୀୟ ଆଦୃତି ଲାଭ ସହିତ ସମାଜକୁ ସଠିକ ମାର୍ଗ ଦର୍ଶନ କରିବା, କୁସଂସ୍କରମୁକ୍ତ କରିବା ହେଉଛି ମୂଳ ଲକ୍ଷ୍ୟ । ସେନାପତି ତାଙ୍କ ଜୀବନକୁ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଏବଂ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡିଆ ଭାଷାର ପ୍ରଗତିରେ ଉତ୍ସର୍ଗ କରିଥିଲେ । ମାୟାଧର ମାନସିଂହ ସେନାପତିଙ୍କୁ ଓଡିଶାର ଥୋମାସ ହାର୍ଡି ବୋଲି ବର୍ଣ୍ଣନା କରିଥିଲେ । ଯଦିଓ ସେ ସଂସ୍କୃତରୁ ଅନୁବାଦ କରିଥିଲେ, କବିତା ଲେଖିଥିଲେ ଏବଂ ସାହିତ୍ୟର ଅନେକ ପ୍ରକାର ଚେଷ୍ଟା କରିଥିଲେ, ସେ ବର୍ତ୍ତମାନ ଆଧୁନିକ ଓଡିଆ ଗଳ୍ପର ପିତା ଭାବରେ ଜଣାଶୁଣା । ୧୮୯୭ ରୁ ୧୯୧୫ ମଧ୍ୟରେ ଲେଖାଯାଇଥିବା ତାଙ୍କର ଚାରୋଟି ଉପନ୍ୟାସ, ଅଷ୍ଟାଦଶ ଶତାବ୍ଦୀରେ ଓଡିଶାର ସାମାଜିକ-ସାଂସ୍କୃତିକ ସ୍ଥିତିକୁ ପ୍ରତିଫଳିତ କରିଥିଲା । ଏହି ତିନୋଟି ଉପନ୍ୟାସ, ଛ ମାଣ ଆଠ ଗୁଣ୍ଠ, ମାମୁଁ ଏବଂ 'ପ୍ରାୟଶ୍ଚିତ' ସାମାଜିକ ଜୀବନର ବାସ୍ତବତାକୁ ଏହାର ଏକାଧିକ ଆକାରରେ ଅନୁସନ୍ଧାନ କରୁଥିବାବେଳେ ଅଷ୍ଟାଦଶ ଶତାବ୍ଦୀରେ ମରାଠା ଆକ୍ରମଣ ପରେ ଓଡ଼ିଶାର ଅରାଜକତା ପରିସ୍ଥିତିକୁ ନେଇ 'ଲଛମା' ଏକ ଐତିହାସିକ ରୋମାନ୍ସ ଅଟେ । 'ଛ ମାଣ ଆଠ ଗୁଣ୍ଠ' ହେଉଛି ପ୍ରଥମ ଭାରତୀୟ ଉପନ୍ୟାସ ଯାହାକି ସାମ୍ରାଜ୍ୟ ପ୍ରଭୁଙ୍କ ଦ୍ୱାରା ଭୂମିହୀନ କୃଷକଙ୍କ ଶୋଷଣର ମୁକାବିଲା କରିଥିଲା । ଋଷର ଅକ୍ଟୋବର ବିପ୍ଳବ ପୂର୍ବରୁ କିମ୍ବା ଭାରତରେ ମାର୍କ୍ସବାଦୀ ଚିନ୍ତାଧାରାର ଆବିର୍ଭାବ ପୂର୍ବରୁ ଏହା ଲେଖାଯାଇଥିଲା । ଫକିର ମୋହନ ମଧ୍ୟ ଓଡିଆର ପ୍ରଥମ ଆତ୍ମଜୀବନୀ "ଆତ୍ମ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ ଚରିତ୍ର" ର ଲେଖକ ଅଟନ୍ତି । ତାଙ୍କର "ରେବତୀ" (୧୮୯୮) ପ୍ରଥମ ଓଡିଆ କ୍ଷୁଦ୍ରଗଳ୍ପ ଭାବରେ ବହୁଳ ଭାବରେ ମାନ୍ୟତା ପାଇଥିଲା । ଏହା ହେଉଛି ଜଣେ ନିରୀହ ଝିଅର କାହାଣୀ, ଯାହାର ଶିକ୍ଷା ପାଇଁ ଇଚ୍ଛା ଏକ ପଛୁଆ ଓଡିଶା ଗ୍ରାମରେ ରକ୍ଷଣଶୀଳ ସମାଜ ପ୍ରସଙ୍ଗରେ ସ୍ଥାନିତ ହୋଇଛି । କାହାଣୀଟି ନିଜେ ଏକ ତୃତୀୟ ଦିଗ ମଧ୍ୟ ଖୋଲିଥାଏ ଯେତେବେଳେ ଏହା ରେବତୀ ଏବଂ ଜଣେ ସ୍କୁଲ ଶିକ୍ଷକଙ୍କ ମଧ୍ୟରେ ଏକ ଅତ୍ୟନ୍ତ ବନ୍ଧନ ସମ୍ପର୍କ ସହିତ କାର୍ଯ୍ୟ କରେ । ତାଙ୍କର ଅନ୍ୟ କାହାଣୀଗୁଡ଼ିକ ହେଉଛି "ପେଟେଣ୍ଟ ମେଡିସିନ୍", "ଡାକ ମୁନ୍‌ସି", "ଅଧର୍ମ ବିତ୍ତ" ଇତ୍ୟାଦି । ତାଙ୍କର କ୍ଷୁଦ୍ର ଗଳ୍ପଗୁଡିକ "ଗଳ୍ପ - ସ୍ୱଳ୍ପ ନାମରେ -୧ ଏବଂ ୨ " ପୁସ୍ତକଗୁଡ଼ିକରେ ସଂକଳିତ ହୋଇଛି । ସେ ଏକ ଲମ୍ବା କବିତା ଲେଖିଥିଲେ, ଉତ୍କଳ ଭ୍ରମଣ, ଯାହା ପ୍ରଥମେ ୧୮୯୨ ମସିହାରେ ଦେଖା ଦେଇଥିଲା । ଏହି କବିତା ବାସ୍ତବରେ ଏକ ଭ୍ରମଣକାରୀ ନୁହେଁ ବରଂ ସେହି ସମୟର ଓଡିଶାର ସ୍ଥିତି ଉପରେ ଏକ ମନ୍ତବ୍ୟ, ଯାହା ଏକ ବ୍ୟଙ୍ଗାତ୍ମକ ଭାଷାରେ ଲିଖିତ ପଦ୍ଧତି । ଫକିର ମୋହନଙ୍କ ସମୟ, ଯାହା ଇତିହାସର ଅନ୍ଧକାର ଯୁଗ ଭାବରେ ପରିଗଣିତ ହୋଇଥିଲା । ୧୮୬୬ ମସିହାରେ ସେହି ସମୟ ମଧ୍ୟରେ ସବୁଠାରୁ କୁଖ୍ୟାତ 'ନ ଅଙ୍କ ଦୁର୍ଭିକ୍ଷ' ଘଟିଥିଲା, ଯାହା ଓଡିଶାର ଅର୍ଥନୈତିକ ତଥା ସାମାଜିକ ମେରୁଦଣ୍ଡକୁ ବିକୃତ କରିଥିଲା । ଏଭଳି କଠିନ ସମୟରେ ସାହିତ୍ୟକୁ ଅନୁସରଣ କରିବା ଏତେ ସହଜ ନଥିଲା, ଯେତେବେଳେ ଜୀବନର ରୋଜଗାର ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏହି ସମୟର ଘୋର ପରିସ୍ଥିତି ବିଭିନ୍ନ କ୍ଷୁଦ୍ରଗଳ୍ପ ଏବଂ ଗଳ୍ପରେ ବିଶେଷ ଭାବରେ 'ଡାକ ମୁନ୍‌ସି' ଏବଂ ଛ ମାଣ ଆଠଗୁଣ୍ଠ ପ୍ରତିଫଳିତ ହୋଇଥିଲା । ଫକିର ମୋହନଙ୍କ କାଳ୍ପନିକ ଏବଂ କ୍ଷୁଦ୍ରଗଳ୍ପ ପାଠକମାନଙ୍କର ସମସ୍ତ ଦିଗକୁ ସ୍ପର୍ଶ କରିବା ପାଇଁ ଥିମ୍ ଏବଂ ବିଷୟଗୁଡିକର ଏକ ବ୍ୟାପକ ଧାରା ଧାରଣ କରେ ... ସେ ହେଉଛନ୍ତି ପ୍ରଥମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାରତୀୟ ଲେଖକ ଯିଏ କି ରୁଷ୍ଟିକ୍ ଚରିତ୍ର ଏବଂ ପାଳକ ଥିମ୍ ଉପସ୍ଥାପନ କରି ସାମାଜିକ ବାସ୍ତବତାକୁ ସାମ୍ନା କରିଥିଲେ । ଶୁଦ୍ଧ ବ୍ୟଙ୍ଗ ଏବଂ ତୀକ୍ଷ୍ଣ ବିଡ଼ମ୍ବନା ହେଉଛି ତାଙ୍କ ଲେଖାର ହଲମାର୍କ, ଯାହା ହେଉଛି ତାଙ୍କର ଅନନ୍ୟ ସାଧନ କୌଶଳ; ଏହା ବ୍ୟତୀତ, ତାଙ୍କର ଭାବପ୍ରବଣ ଶୈଳୀ ଲୋକମାନଙ୍କୁ ହୃଦୟକୁ ହସାଇଥାଏ, ବିଷୟବସ୍ତୁ ଦ୍ୱାରା ବିସ୍ମିତ ମଧ୍ୟ କରିଥାଏ, ତଥାପି, ବିଡ଼ମ୍ବନା ମଧ୍ୟରେ, ସର୍ବଦା ଏକ ସମ୍ବେଦନଶୀଳ ସହାନୁଭୂତି ରହିଥାଏ, ଏବଂ ଆକ୍ରମଣ ପୃଷ୍ଠରେ ସମ୍ପୃକ୍ତ ଗମ୍ଭୀରତାର ଏକ ସ୍ୱର । ଏହାର କାରଣ, ତାଙ୍କର କଳ୍ପନା ସମୃଦ୍ଧ ମାନବ ବିଷୟବସ୍ତୁ ସହିତ ସବୁଦିନ ପାଇଁ ସତେଜ ରହିବାକୁ ସମୟର ଆକ୍ରମଣରେ ଛିଡା ହୋଇଛି । ବର୍ତ୍ତମାନର ନଥିଟି ସେ ବଞ୍ଚିଥିବା ବୟସର ପ୍ରତିବନ୍ଧକ ସତ୍ତ୍ୱେ ତାଙ୍କ କାଳ୍ପନିକ ଲେଖାର ପ୍ରଭାବ ବିଶ୍ଳେଷଣ କରିବାକୁ ଲକ୍ଷ୍ୟ ରଖିଛି । ପ୍ରେମଚାନ୍ଦଙ୍କ "ଗୋଦାନ" (ଏକ ଗାଇର ଉପହାର) ଚିତ୍ରକୁ ଆସିଥିଲା, ଯାହା ଏକ ପ୍ରଗତିଶୀଳ ଉପନ୍ୟାସର ନମୁନା ଭାବରେ ପରିଗଣିତ । ଏହି ଦୃଷ୍ଟିକୋଣରୁ, ଫକିରମୋହନ ଭାରତର ପ୍ରଥମ ପ୍ରଗତିଶୀଳ ଲେଖକ ଭାବରେ ପରିଗଣିତ ହୋଇପାରନ୍ତି, କାରଣ ତାଙ୍କର କାହାଣୀ ପ୍ରେମଚାନ୍ଦଙ୍କ ଗୋଦାନ ଠାରୁ ଚାଳିଶ ବର୍ଷ ଆଗରେ ଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ଯାହା ଏଠାରେ ଉଲ୍ଲେଖ କରିବା ଆବଶ୍ୟକ କରେ; ଫକିର ମୋହନଙ୍କ ପ୍ରତିଭା କ୍ଷେତ୍ର କେବଳ ସାହିତ୍ୟିକ କାର୍ଯ୍ୟରେ ସୀମିତ ନଥିଲା । ସେ ଓଡିଆ ଭାଷାର ତ୍ରାଣକର୍ତ୍ତା ତଥା ଓଡିଆ ସାହିତ୍ୟକୁ ଏକ ନୂତନ ଦିଗ ଦେଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଛି । ଓଡିଆ ଭାଷାର ସମାପ୍ତି ପାଇଁ ଏକ ଷଡଯନ୍ତ୍ର ଏବଂ ଏକ ପରିକଳ୍ପନା ପରିପ୍ରେକ୍ଷୀରେ ଫକିର ମୋହନ ଆଗକୁ ଆସି ଗଙ୍ଗାଧର ମେହେର, ରାଧନାଥ ରୟ, ଭକ୍ତକବୀ ମଧୁ ସୁଦନ ରାଓ, ଏବଂ ଗୌରୀ ଶଙ୍କରଙ୍କ ସହ ମିଶି ଓଡିଆ ଭାଷା ପାଇଁ ସଂଗ୍ରାମ କରିଥିଲେ ଏବଂ ସାହିତ୍ୟ ଉତ୍କର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜେ.ଭି. ବୋଲଟନ୍ ଙ୍କ କଥାରେ ଫକିର ମୋହନ ହେଉଛନ୍ତି ଓଡିଶାର ଗୋର୍କି । ଦାମପଡା ରାଜ୍ୟର ଦରବାର ତାଙ୍କୁ ସରସ୍ୱତୀ ଆଖ୍ୟା ଦେଇଥିଲେ । ଡକ୍ଟର ମାୟାଧର ମାନସିଂ ତାଙ୍କୁ ଓଡିଶାର ଥୋମାସ ହାର୍ଡି ବୋଲି କହିଛନ୍ତି । ଲୋକମାନେ ତାଙ୍କୁ ପ୍ରେମଚାନ୍ଦଙ୍କର ଅଗ୍ରଦୂତ ତଥା ପ୍ରଥମ ଭାରତୀୟ ଲେଖକ ବୋଲି କହିଛନ୍ତି ଯାହାକି ରଷ୍ଟିକ୍ ଏବଂ ପାଳକ ଥିମ୍ ମାଧ୍ୟମରେ ସାମାଜିକ ବାସ୍ତବତାକୁ ସାମ୍ନା କରିଥିଲା । ଫକିର ମୋହନ କେବଳ ଚାରୋଟି ଉପନ୍ୟାସ ଏବଂ ପଚିଶଟି କାହାଣୀରେ ଅବଦାନ ରଖିଛନ୍ତି, ଯାହା ତାଙ୍କୁ ସାହିତ୍ୟର କଥା ସମ୍ରାଟ (କଳ୍ପନା ସମ୍ରାଟ) ଆଖ୍ୟା ଦେଇଛି. ତାଙ୍କର "ପେଟେଣ୍ଟ ମେଡିସିନ୍" ଏକ ନିଷ୍କ୍ରିୟ ଉପସ୍ଥାପନା ଏବଂ ଏହାକୁ ଏକ ଆରୋଗ୍ୟକାରୀ ପଦକ୍ଷେପ ଭାବରେ କୁହାଯାଇପାରେ, ଜଣେ ନିଶା ସ୍ୱାମୀକୁ ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ଶୃଙ୍ଖଳାକୁ ଅନୁସରଣ କରୁଥିବା ସଭ୍ୟତାର ଟ୍ରାକକୁ ଫେରାଇ ଆଣିବାକୁ ଏକ ପ୍ରୟାସ ଢ଼"ଫକିର ମୋହନ ଜଣେ ମହାନ ପ୍ରତିଭା, ବହୁମୁଖୀ ବ୍ୟକ୍ତିତ୍ୱ ଏବଂ ଶବ୍ଦର ପ୍ରକୃତ ଅର୍ଥରେ ଜଣେ ଉତ୍କୃଷ୍ଟ ସାହିତ୍ୟିକ । କୁହାଯାଏ ଯେଉଁ ଦେଶର ମାତୃଭାଷାଯେତେ ଶକ୍ତିଶାଳୀ, ସେହି ଦେଶ ପ୍ରତ୍ୟେକ କ୍ଷେତ୍ରରେ ସେତେ ବିକଶିତ । ଏହି ପରିସ୍ଥିତିରେ ଫକୀରମୋହନ ସେନାପତିଙ୍କ ଓଡ଼ିଆ ଭାଷାକୁ ଦେଇଯାଇଥିବା ସେହି ଉଚ୍ଚ ସ୍ଥାନକୁ ପୁଣି ଆମକୁ ଫେରାଇ ଆଣିବାକୁ ହେବ । ସେଥିପାଇଁ ରାଜ୍ୟର ସମସ୍ତ ମାତୃଭାଷା ପ୍ରେମୀ ଲୋକମାନଙ୍କୁ ଆଗେଇଆସିବାକୁ ପଡିବ ଏବଂ ମାତୃଭାଷା ଓଡ଼ିଆକୁ ତାର ସମ୍ମାନ ଦେବାକୁ ହେବ । ଯଦି ଏହା ଆମେ କରିପାରନ୍ତି ତେବେ ଫକୀରମୋହନ ସେନାପତିଙ୍କୁ ଆମେ ଉପଯୁକ୍ତ ସମ୍ମାନ ଏବଂ ଶ୍ରଦ୍ଧା ଅର୍ପଣ କରିପାରିବା ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ , ସୁଜନପୁର, ଯାଜପୁର

୯୩୪୮୭୬୮୮୧୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାହିତ୍ୟ ସାରଥୀ : ଗୌରୀଶଙ୍କର



ଅକ୍ଷୟ କୁମାର ରାଉତ

ଓଡିଆ ଜାତି ଦାରୁଣ ସଙ୍କଟର ସମ୍ମୁଖିନ ହୋଇ ଅତ୍ୟାଚାର, ଅନ୍ୟାୟ, ଅନୀତି, ପରାଧୀନତାରେ ସଢୁଥିବା ବେଳେ ଉତ୍କଳର ପ୍ରାଣ, ପ୍ରଜ୍ଞାପୁରୁଷ ସାହିତ୍ୟ ସାରଥୀ ପ୍ରବୀଣ ସାମ୍ବାଦିକ କର୍ମବୀର ଗୌରୀଶଙ୍କର କଟକ ଜିଲ୍ଲାର ଦୀକ୍ଷିତ ପଡାରେ ୧୮୩୮ମସିହା ଜୁଲାଇ ୧୩ ତାରିଖ ଆଷାଢ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ପିତା ସଦାଶିବ ରାୟ ଓ ମାତା ଅନ୍ନପୂର୍ଣ୍ଣା ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ତାଙ୍କର ପୂର୍ବ ପୁରୁଷ ମାନେ ଷୋଡଶ ଶତାବ୍ଦୀରେ ବର୍ଦ୍ଧମାନ ଜିଲ୍ଲାସ୍ଥ ଚମ୍ପାପୁରରୁ ଆସି ଓଡିଶାର ଦୀକ୍ଷିତ ପଡାରେ ବାସ କରୁଥିଲେ । ତାଙ୍କ ସାଙ୍ଗିଆ ଥିଲା ବସୁ ବା ବୋଷ ପରେ ସେ ରାୟ ଭାବରେ ପରିଚିତ ହେଲେ । ଶିବ ପାର୍ବତୀଙ୍କ ଆଶୀର୍ବାଦରେ ଜନ୍ମ ହୋଇଥିବାରୁ ତାଙ୍କର ନାମ ଗୌରୀଶଙ୍କର ରଖାଯାଇଥିଲା ।

ପିଲାଦିନେ ଗୌରୀଶଙ୍କର ଗାଁ ଚାଟଶାଳିରେ ଓଡିଆ ଭାଷା ଶିକ୍ଷା ଆରମ୍ଭ କରିଥିଲେ, ପରେ ସେ ସରକାରୀ ଭାଷା ର୍ଫାସୀକୁ ଗୁରୁ ମକ୍ତବର ଅଖୁନଜ୍ଜୀ ଠାରୁ ଶିକ୍ଷା କରିଥିଲେ । ରେଭେନ୍ସା କଲେଜିଏଟ୍ ବିଦ୍ୟାଳୟରୁ ଏଣ୍ଟ୍ରାଂସ ପରୀକ୍ଷାରେ କୃତିତ୍ୱ ପଦର୍ଶନ କରି ବୃତ୍ତି ପାଇ ଉଚ୍ଚଶିକ୍ଷା ନିମନ୍ତେ କଟକରୁ ହୁଗୁଳି ଯାତ୍ରା କରିଥିଲେ । ବାପାଙ୍କ ଆଦେଶରେ ଗୌରୀଶଙ୍କର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୁଗୁଳିରୁ କଟକ ଫେରି କକା ଭବାନୀ ପ୍ରସାଦଙ୍କ ପରାମର୍ଶ କ୍ରମେ ବାଲେଶ୍ୱର ସ୍କୁଲରେ ତୃତୀୟ ଶିକ୍ଷକ ଭାବେ ମାସିକ ୨୦ ଟଙ୍କା ଦରମାରେ ନିଯୁକ୍ତ ହେଲେ । ସେହି ସମୟରେ ସେ ସ୍କୁଲରେ ରାଧାନାଥ ରାୟ ଓ ବୈକୁଣ୍ଠ ନାଥ ଦେ ପାଠ ପଢୁଥିଲେ । ୧୮୫୯ ମସିହାରେ କମିସନରଙ୍କ ଅଫିସରେ ଜଣେ ଅମଲା ଭାବେ ନିଯୁକ୍ତ ହେଲେ । କମିଶନର ମିଜି.ଏଫ୍ କକବର୍ଣ ତାଙ୍କ କାର୍ଯ୍ୟ ଦକ୍ଷତାରେ ସନ୍ତୁଷ୍ଟ ହୋଇ ସ୍ଥାୟୀ କିରାଣି ପଦରେ ନିଯୁକ୍ତି କରିଥିଲେ । ଗୌରୀଶଙ୍କର ମନି ଅର୍ଡର ଏଜେଣ୍ଟ ଓ ଟ୍ରେଜେରୀ କିରାଣି ଷ୍ଟାଫ୍ ଭାବରେ କାମ କରୁଥିବା ସମୟରେ  ଜଏଣଟ ମାଜିଷ୍ଟ୍ରଟ ଆମଷ୍ଟ୍ରଙ୍ଗ୍ ସାହେବଙ୍କ ମନିଅର୍ଡରକୁ ସମୟ ଗଡିଯାଇଥିବାରୁ ଫେରାଇ ଦେଇଥିଲେ । ଏହି କଥାରେ ଆମଷ୍ଟ୍ରଙ୍ଗ୍ ରାଗିଥିଲେ ମଧ୍ୟ ପରେ ଗୌରୀଶଙ୍କର-ଙ୍କର ମହାନତା ପାଖରେ ହାର ମାନିଥିଲେ । ୧୨ ବର୍ଷ କିରାଣି ପଦବୀରେ କାର୍ଯ୍ୟ କରିବା ପରେ କଟକ ଅଦାଲତରେ ଟ୍ରାନ୍ସଲେଟର ପୋଷ୍ଟରେ ମି ମାକ୍ ଫରସନ୍ ମାସିକ ୧୦୦ଟଙ୍କା ଦରମାରେ ନିଯୁକ୍ତି ଦେଲେ । ଉକ୍ତ  ଚାକିରିରେ ପ୍ରାୟ ୨୦ ବର୍ଷ ସେ କାମ କରିଥିଲେ । ଗୌରୀଶଙ୍କର ରଘୁନାଥପୁର ମାଣିକ ରାମ ମିତ୍ରଙ୍କ କନ୍ୟାଙ୍କୁ ବୈଦିକ ରିତିରେ ବିବାହ କରିଥିଲେ । ତାଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ଥିଲେ, ମଧ୍ୟ ତାଙ୍କ ଔରଶରୁ ଜନ୍ମିତ ପୁଅମାନଙ୍କର ଅକାଳ ବିୟୋଗ ଘଟିଥିଲା କେବଳ ତିନୋଟି କନ୍ୟା ସନ୍ତାନ ଜୀବିତ ଥିଲେ । ୧୮୭୫ ମସିହାରେ ତାଙ୍କ ପତ୍ନିଙ୍କର ବିୟୋଗ ଘଟିଲା । ସେ ପୁନଃ ବିବାହ ନକରି ବ୍ରହ୍ମଚାରୀ ଜୀବନ ଅତିବାହିତ କଲେ  ।

ନଅଙ୍କ ଦୁର୍ଭିକ୍ଷ ସମୟରେ ଗୌରୀଶଙ୍କର ଦେବଦୂତ ପରି ଓଡ଼ିଆ ମାନଙ୍କୁ ଜୀଇଁବାକୁ ରାହା ଦେଖାଇଥିବାରୁ ତାଙ୍କର ଲିଖିତ ଅଭୀଯୋଗ ମି.ଜର୍ଜ.କାଂପେଲ ଖଜଣା ଛାଡ଼ କରିବା ଓ ବନ୍ଦୋବସ୍ତର ମିଆଦ ୩୦ବର୍ଷକୁ ବଢାଇ ଦେଇଥିଲେ । ନଅଙ୍କ ଦୁର୍ଭିକ୍ଷର ଭୟାବହତାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନୁଭବ ଗୌରୀଶଙ୍କରଙ୍କୁ ବ୍ୟଥିତ କଲା । ଗୌରୀଶଙ୍କର, ବିଚିତ୍ରନନ୍ଦ ଦାସ, ଜଗମୋହନ ରାୟ୍ ୩ଜଣ ମିଳିତ ହୋଇ ୭୫୦୦ ଟଙ୍କାରେ କଟକ ପ୍ରିଣ୍ଟିଂ ପ୍ରେସ୍ ପ୍ରତିଷ୍ଠା କରିଥିଲେ । ଏହା ପୂର୍ବରୁ ଖ୍ରୀଷ୍ଟଧର୍ମ ସମ୍ପର୍କିତ ପୁସ୍ତକ ଛାପା ପାଇଁ ମିଶନ ପ୍ରେସ୍ ନାମକ ଏକ ପ୍ରେସ୍ ଓଡ଼ିଶାରେ ଥାଏ । କଟକ ପ୍ରିଣ୍ଟିଂ କମ୍ପାନୀର ଗୌରୀଶଙ୍କର ସେ ସେକ୍ରେଟେରି ଓ ପରିଚାଳକ ଥିଲେ । ଓଡ଼ିଆ ପାଞ୍ଜିକୁ ପ୍ରଥମ ଥର ପାଇଁ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରକାଶ କଲା । ତା ପରେ ସିଦ୍ଧାନ୍ତ ଦର୍ପଣ । ଗୌରୀଶଙ୍କରଙ୍କ ପ୍ରଚେଷ୍ଟାରେ କଟକ ପ୍ରିଣ୍ଟିଂ ପ୍ରେସ୍ ସମଗ୍ର ଓଡ଼ିଶାର ସାଂସ୍କୃତିକ, ସାହିତୀକ, କଳା, ଭାସ୍କର୍ଯ୍ୟ ଓ ରାଜନୈତିକ ଅଲୋଚନା ଓ କ୍ରିୟାକଳାପର କେନ୍ଦ୍ର ସ୍ଥଳି ପାଲଟିଗଲା । ୧୮୬୬ ମସିହା ଅଗଷ୍ଟ ମାସରୁ  ଉତ୍କଳ ଦୀପିକା ପ୍ରକାଶ ପାଇଲା । 'ଉତ୍କଳ ଦୀପିକା' ଉତ୍କଳ ଭାଷାର ସୁରକ୍ଷା, ରାଜା ପ୍ରଜାଙ୍କର ମତ ଓ ସାମାଜିକ ସ୍ଥିତି ଉପରେ ଗୁରୁତ୍ୱ ଆରୋପ କରି ଉତ୍କଳର ମୁଖପତ୍ରରୂପେ ରାଜ ଦ୍ୱାରରେ ଗୃହୀତ ହେଉଥିଲା । ଦୀର୍ଘ ୫୦ବର୍ଷ ଧରି ଗୌରୀଶଙ୍କରଙ୍କର ଉତ୍କଳ ଦୀପିକାର ପ୍ରତିଷ୍ଠାତା ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ । 'ଦୀପିକାରେ' ଗଳ୍ପ, କବିତା, ପ୍ରବନ୍ଧ, ଇତିହାସ, ରାଜନୈତିକ କାର୍ଯ୍ୟ କଳାପ ଆଦି ବିଭିନ୍ନ ଦିଗ ଉପରେ ସାରଗର୍ଭକ ଆଲୋଚନା ମୂଳକ ଲେଖାମାନ ପ୍ରକାଶ ପାଉଥିଲା । ପଣ୍ଡିତ ଗୋବିନ୍ଦ ରଥ ଗୌରୀଶଙ୍କରଙ୍କ ସହାୟତାରେ ଅନେକ ଲେଖକ ମାନଙ୍କୁ ନେଇ ପାଠ୍ୟ ପୁସ୍ତକ ରଚନା କରିଥିଲେ  ।

'ଓଡ଼ିଶା ଆସୋସିଏସନ୍' ବା ଉତ୍କଳ ସଭାର ଗୌରୀଶଙ୍କରଙ୍କର  ଥିଲେ ସମ୍ପାଦକ । ଏହିସଭା ମାଧ୍ୟମରେ ଓଡ଼ିଶା ଓ କଟକର ହିତକଳ୍ପେ ବିଭିନ୍ନ ବିଷୟମାନ ଉପରେ ଧ୍ୟାନ ଦିଆଯାଉଥିଲା । ଗୌରୀଶଙ୍କର ୧୯୦୫ ମସିହାରେ ଏହି ସଭା କର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ । ଗୌରୀଶଙ୍କର ରାୟବାହାଦୁର, ଗୋକୁଳା ନନ୍ଦ ଚୌଧୁରି ଓ କେତେଜଣ ବିଶିଷ୍ଟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟକ୍ତି ମିଶି 'ଓଡ଼ିଆ ଲୋକସଭା' ନାମକ ଏକ ନୂତନ ଦଳ ଗଠନ କରିଥିଲେ । ଜାତୀୟ ମହାସଭା ବା କଂଗ୍ରେସ ସହିତ ଉତ୍କଳର ସମ୍ବନ୍ଧ ଦୃଢ ରଖିବା ପାଇଁ ସେ ପ୍ରତି ବର୍ଷ ଉକ୍ତ ମହାସଭାକୁ ଉତ୍କଳ ସଭାରୁ ପ୍ରତିନିଧି ପ୍ରେରଣାର ପକ୍ଷପାତି ଥିଲେ । ସେ ଜାତୀୟ ମହାସଭାରେ ଯୋଗଦାନକୁ ମହାନ ପୂଣ୍ୟ କାର୍ଯ୍ୟ ମନେକରୁଥିଲେ । ୧୯୧୫ ମସିହାରେ ସୁଦୂର କରାଚିଅଧିବେଶନକୁ ଯାତ୍ରା କରିଥିଲେ ଜରାଜୀର୍ଣ୍ଣ ଦେହରେ ।

ସଙ୍ଗୀତ ଓ ଲୋକ ସାହିତ୍ୟକୁ ଦୀର୍ଘ ସ୍ଥାୟୀ କରିବା ପାଇଁ ଗୌରୀଶଙ୍କର ଧନ ମନ ନିୟୋଜିତ କରିଥିଲେ । ସେ ପ୍ରାଚୀନ କାବ୍ୟ ଓ ସୁନ୍ଦର ଛାନ୍ଦମାନ ରଚନା କରି ସୁମଧୁର କଣ୍ଠରେ ବୋଲି ପାରୁଥିଲେ । ସେ ପ୍ରତି ସପ୍ତାହର ମଙ୍ଗଳ ବାର ଓ ଶନିବାରରେ ପ୍ରିଣ୍ଟିଂ କମ୍ପାନୀର ଦ୍ୱିତଳ ଗୃହରେ ପାଲା ଗାୟକ, ସଙ୍ଗୀତଜ୍ଞ, ବାଦକ ଓ ମିତ୍ର ମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟ କରୁଥିଲେ । ଆମନ୍ତ୍ରିତ ବନ୍ଧୁମାନଙ୍କୁ ସେ ସମ୍ମାନର ସହିତ ଉପାଦେୟ ଭୋଜ୍ୟାଦି ପୂର୍ବକ ଉତରୀୟ ପ୍ରଦାନ କରୁଥିଲେ । ଏହି ସଭାରେ ଆସୁକବି ମାନଙ୍କୁ ଉଚ୍ଚ ପ୍ରଶଂସା କରୁଥଲେ । ସଙ୍ଗୀତ ଶିକ୍ଷା ଓ ଶ୍ରବଣ ଦ୍ୱାରା ଆତ୍ମା ପରମ ସୁଖ ଓ ଶାନ୍ତି ପ୍ରାପ୍ତ ହେବ ବୋଲି ତାଙ୍କର ଦୃଢ ବିଶ୍ୱାସ ଥିଲା ।

ନାରୀ ସୃଷ୍ଟି କର୍ତା ଓ ସନ୍ତାନର ପ୍ରଥମ ଗୁରୁ । ତେଣୁ ଗୌରୀଶଙ୍କର ନାରୀ ଶିକ୍ଷାକୁ ଗୁରୁତ୍ୱ ଦେବାପାଇଁ ୧୮୭୮ ମସିହାରେ ଏକ ଚାଳ ଘରେ ଛଅ ସାତ ଜଣ ବାଳିକାଙ୍କୁ ନେଇ, କଟକ ହିନ୍ଦୁ ବାଳିକା ବିଦ୍ୟାଳୟ ସ୍ଥାପିତ କରିଥିଲେ । ପରବର୍ତୀ ମୂହୁର୍ତରେ ତାହା ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟରେ ନାମିତ ହେଲା । କୁମାରୀ ସରଳା ଦେବୀ ଝିଅ ମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଶିକ୍ଷା ପ୍ରଣାଳୀ ପରିବର୍ତନର ପରାମର୍ଶ ଗୌରୀଶଙ୍କରଙ୍କୁ ଦେଇଥିଲେ । ସେହି ନିୟମ ଅନୁସାରେ ପ୍ରଥମ ବର୍ଷ ଅକ୍ଷର, ଦ୍ୱିତୀୟ ବର୍ଷ ଅଙ୍କ, ସଙ୍ଗୀତ ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ରୀଡ଼ା ଶିକ୍ଷା ଦିଆଯିବ । ତୃତୀୟ ବର୍ଷ ଘରକରଣାର ହିସାବ ପତ୍ର, ହିନ୍ଦୀ କହିବା ଓ ବୁଝିବା, ସିଲାଇ ଆଦି ଶିକ୍ଷା ଦିଆଗଲା । ଚତୁର୍ଥ ବର୍ଷରେ ବ୍ୟାକରଣ, ଭୂଗୋଳ, ହିନ୍ଦୀ ପାଠ, ଚିତ୍ର, ନକ୍ସା, ରନ୍ଧନ, ସ୍ୱାସ୍ଥ୍ୟ ବିଜ୍ଞାନ ଉପରେ ଗୁରୁତ୍ୱ ଦିଆଗଲା । ପଂଚମ ବର୍ଷରେ ଇଂରେଜୀ ସଂଯୋଜନା ଉପରେ ନକ୍ସା ଦିଆଗଲା । ଷଷ୍ଠ ବର୍ଷରେ ସଂସ୍କୃତ ଜ୍ଞାନରେ ତାଲିମ ଦିଆଗଲା । ସପ୍ତମ ବର୍ଷରେ ମୌଳିକ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଗଲା । ଗୌରୀଶଙ୍କର ପୌରାଣିକ ଉପାଖ୍ୟାନ, ଐତିହାସିକ ବୀତତ୍ୱ, ସାମାଜିକ ମୂଲ୍ୟବୋଧକୁ ନେଇ ସେ ପାଠ୍ୟକ୍ରମ ମାଧ୍ୟମରେ ନାରୀମାନଙ୍କୁ ଶିକ୍ଷା ଦେବା ପାଇଁ ପ୍ରଚେଷ୍ଟା କରିଥିଲେ । ୧୮୭୦ ମସିହାରେ ଗୌରୀଶଙ୍କର ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ଜୀବନର ଶେଷ ପର୍ଯ୍ୟନ୍ତ ସେ କଟକ ବ୍ରହ୍ମ ମନ୍ଦିରର ଅନ୍ୟତମ ଟ୍ରଷ୍ଟି ଥାଇ ଏହାର ରକ୍ଷା ଓ ଉନ୍ନତି ପାଇଁ ଚିନ୍ତା ଓ ଯତ୍ନ କରୁଥିଲେ । ବସ୍ତୁତଃ ଗୌରୀଶଙ୍କର ବ୍ରାହ୍ମଧର୍ମ ଓ ବ୍ରହ୍ମୋପାସନାକୁ ସନାତନ ଧର୍ମର ସାର ଓ ଶ୍ରେଷ୍ଠ ଅଙ୍ଗ ବୋଲି ମନେ କରୁଥିଲେ । ଜନସାଧାରଙ୍କ ଉପକାର ସକାଶେ ସେ କଟକରେ ଟାଉନ ହଲ୍ ନିର୍ମାଣ କରିଥିଲେ ।

୧୯୦୫ ମସିହାରେ କାୟସ୍ଥମାନଙ୍କ କ୍ଷତ୍ରିୟତ୍ୱ ପ୍ରତିପାଦନ ନିମନ୍ତେ ବଙ୍ଗ ଦେଶରେ ଆନ୍ଦୋଳନ ଆରମ୍ଭ ହେଲା । ସେ ସମୟରେ ଗୌରୀଶଙ୍କର କଟକରେ କାୟସ୍ଥ ସଭାର ସଭାପତି ଥିଲେ । କାୟସ୍ଥ ମାନେ ଗୌରୀଶଙ୍କରଙ୍କ ନେତୃତ୍ୱରେ ଉପବୀତ ଧାରଣ କଲେ । ସେଥିପାଇଁ କାୟସ୍ଥ ସମାଜ ତାଙ୍କୁ ସମାଜଚ୍ୟୁତ କରିଥିଲା । ଏକ ବର୍ଷ ପରେ କାୟସ୍ଥ ସଭା ପୁଣି ସ୍ୱେଚ୍ଛାକ୍ରମେ ସାଧାରଣସଭା ଆହ୍ୱାନ କରି ଗୌରୀଶଙ୍କରଙ୍କୁ ଆପ୍ୟାୟିତ କରିଥିଲେ ଓ ସମାଜଚ୍ୟୁତ ରଦ୍ଦ କରିଥିଲେ । ଗୌରୀଶଙ୍କରଙ୍କ ନାତୁଣୀ ଶ୍ରୀମତୀ ଶୈଳବାଳା ଅଳ୍ପ ବୟସରେ ବିଧବା ହୋଇଥିଲେ । ଗୌରୀଶଙ୍କର ଶୈଳବାଳାକୁ ସ୍ୱଗୃହକୁ ଆଣି ବାଳିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଦ୍ୟାଳୟରେ ତାହାର ପଢାପଢିର ବ୍ୟବସ୍ଥା କରିଥିଲେ । ଗୌରୀଶଙ୍କରଙ୍କୁ ସାମାଜିକ ନିର୍ଯାତନାର ଭୟ ଦେଖାଇ ଉକ୍ତ କାର୍ଯ୍ୟରୁ ବିରତ ପାଇଁ କାୟସ୍ଥମାନେ ଚେଷ୍ଟା କରିଥିଲେ । ଗୌରୀଶଙ୍କର ତାଙ୍କ ନୀତିରେ ଅଟଳ ରହିଥିଲେ ।୧୯୧୬ ମସିହାରେ ଗୌରୀଶଙ୍କର ରାୟ ବାହାଦ୍ଦୁର ଉପାଧି ପାଇଥିଲେ ।

୧୯୧୭ ମସିହା ମାର୍ଚ୍ଚ ମାସ ୫ ତାରିଖ ପ୍ରେସ୍ ଘରେ ହଠାତ୍ ସଂଜ୍ଞାହୀନ ହୋଇପଡ଼ିଲେ, ମାର୍ଚ୍ଚ ୭ ତାରିଖ ରାତ୍ର ୯.୩୦ ମିନିଟ୍ ରେ ଓଡ଼ିଆ ଜାତିର କର୍ମ ପୁରୁଷ, ଓଡ଼ିଆ ଭାଷାର ପ୍ରାଣ କେନ୍ଦ୍ର, ବାଗ୍ମୀ ପୁରୁଷ ସବୁଦିନ ପାଇଁ ଆଖି ବୁଜି ଦେଲେ । ଗୌରୀଶଙ୍କରଙ୍କ ଅମ୍ଲାନ ପ୍ରତିଭା ତଥା କୀର୍ତି ତାକୁ ଚିର ଅମର କରି ରଖିବ । ଏ ଜାତି ଏ ଭାଷା ବଂଚିଥିବା ପର୍ଯ୍ୟନ୍ତ ତାଙ୍କର ଗୁଣଗାନ ଜୟ ଜୟକାର କରୁଥିବ ।

ପାରାଦ୍ୱୀପ ଗଡ଼, କୁଜଙ୍ଗ
ଜଗତସିଂହପୁର
ମୋ-୯୯୩୭୨୯୧୪୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରେଳ ସୁରକ୍ଷା ପ୍ରାଥମିକତା



ସଞ୍ଜୀବ କୁମାର ଦାସ

ଭାରତୀୟ ରେଳ ବିଭାଗରେ ସବୁ କିଛି ଠିକ ଚାଲିଛି ବୋଲି କହି ହେବ ନାହିଁ । କେତେବେଳେ ଗତିମାନ ରେଳ ଭିତରେ ଅଗ୍ନିକାଣ୍ଡ ତ କେତେବେଳେ ଦ୍ରୁତଗାମୀ ଟ୍ରେନ ଲାଇନଚ୍ୟୁତ । ସେହି କାରଣରୁ ଭୟାବହ ଦୁର୍ଘଟଣା ଘଟି ନିରୀହ ଯାତ୍ରୀଙ୍କ ମୃତ୍ୟୁ ଓ ଆହତଙ୍କ ଦୁର୍ଘଟଣା ପରବର୍ତ୍ତୀ ଶାରୀରିକ ତଥା ମାନସିକ ଅବସ୍ଥା ସମସ୍ତଙ୍କୁ ବିଚଳିତ କରୁଛି । ଏହି କ୍ରମରେ ଓଡ଼ିଶାରେ ଘଟିଥିବା ଏବର ରେଳ ଦୁର୍ଘଟଣା ସମ୍ବନ୍ଧରେ କିଛି କହିବାର ପ୍ରୟାସ ଏହି ପ୍ରବନ୍ଧ ମାଧ୍ୟମରେ ।

ନିକଟରେ ଓଡ଼ିଶାରେ ଘଟିଥିବା ଭୟାବହ ରେଳ ଦୁର୍ଘଟଣା କେବଳ ବାଲେଶ୍ୱରର ବାହାନଗା କାହିଁକି ସମଗ୍ର ରାଜ୍ୟ, ଦେଶ ତଥା ବିଦେଶର ପ୍ରତ୍ୟେକଟି ବ୍ୟକ୍ତିବିଶେଷଙ୍କୁ ମର୍ମାହତ କରିଛି । ବିଭିନ୍ନ ବର୍ଗରୁ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନାର ସୁଅ ଛୁଟୁଥିବା ବେଳେ ସ୍ୱତଃପ୍ରବୃତ୍ତ ହୋଇ ନିଜ ଜୀବନକୁ ପାଣି ଛଡେଇ ସ୍ଥାନୀୟ ସ୍ୱେଚ୍ଛାସେବୀ ଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଅନେକ ଜୀବନ ବଞ୍ଚାଇ ପାରିଥିବାରୁ ସେମାନେ ଭୁରି ଭୁରି ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ସେମାନଙ୍କ ଏହି ଅକୁଣ୍ଠ ସାହାଯ୍ୟ ଓ ଲମ୍ବା ଧାଡିରେ ଠିଆ ହୋଇ ଆହତଙ୍କ ନିମିତ୍ତ ରକ୍ତଦାନ ସବୁଦିନ ମନେରଖିବେ ବାହାନଗଵାସୀ ଓ ଅନ୍ୟତ୍ର ଶୋକାର୍ତ୍ତ ଜନତା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୨୦୨୩ ଜୁନ ୨ ତାରିଖର ସେହି କଳା ଶୁକ୍ରବାର ରାତ୍ରି ବାହାନଗା ବଜାର ଷ୍ଟେସନ ପାଖରେ ଦେଖିଥିଲା ଏକ ଅବିଶ୍ୱସନୀୟ ଲୋମଟାଙ୍କୁରା ଦୁର୍ଘଟଣା । ପଶ୍ଚିମବଙ୍ଗର ଶାଲିମର ଷ୍ଟେସନରୁ ଗାଡି ନମ୍ବର ୧୨୮୪୧ ସୁପରଫାଷ୍ଟ କରମଣ୍ଡଳ ଏକ୍ସପ୍ରେସ ଅପରାହ୍ଣରେ ଚେନ୍ନାଇ ଅଭିମୁଖେ ବାହାରିଥିଲା । ଘଣ୍ଟାକୁ ୧୨୮ କିଲୋମିଟର ବେଗରେ ଗତି କରୁଥିବା ଟ୍ରେନଟି ବାହାନଗା ବଜାର ଷ୍ଟେସନ ନିକଟରେ ଏକ ବିଚିତ୍ର ପରିସ୍ଥିତିର ସମ୍ମୁଖୀନ ହେଲା । ସେଦିନ ସନ୍ଧ୍ୟା ପ୍ରାୟ ସାତଟା ସମୟରେ ଏହାକୁ ମୁଖ୍ୟ ଲାଇନରେ ଯିବା ପାଇଁ ସବୁଜ ସଂକେତ ଦିଆଯାଇଥିଲା, ମାତ୍ର ତତକ୍ଷଣାତ ସେହି ସଙ୍କେତକୁ ହଟାଇଦିଆଯାଇଥିଲା । ଫଳସ୍ୱରୂପ, ଟ୍ରେନଟି ଲୁପ ବା ସନ୍ନିକଟ ଲାଇନକୁ ମାଡିଯାଇ ସେଠାରେ ରହିଥିବା ଗୋଟିଏ ମାଲ ଗାଡିକୁ ଧକ୍କା ଦେଇଥିଲା । ଅଧିକ ବେଗରେ ଚାଲୁଥିବା ଏକ୍ସପ୍ରେସ ଟିର ଏକାଧିକ ବଗି ଲାଇନ ରୁ ବାହାରି ଯାଇ ନିକଟସ୍ଥ ଟ୍ରାକରେ ପଡିଯାଇଥିଲା । ବିଳମ୍ବରେ ଡାଉନ ଲାଇନରେ ଘଣ୍ଟାକୁ ୧୧୬ କି.ମି. ବେଗରେ ଚାଲୁଥିବା ୧୨୮୬୪ ଯଶବନ୍ତପୁର - ହାୱଡା ଏକ୍ସପ୍ରେସ କରମଣ୍ଡଳର ବିକ୍ଷିପ୍ତ ବଗି ଗୁଡିକୁ ଧକ୍କା ଦେବା ଫଳରେ ଏହାର କିଛି ବଗି ରେଳ ଧାରଣାରୁ ଖସି ପଡିଥିଲା । ବିକଟାଳ ଶବ୍ଦ ସହିତ ଆଖି ପିଛୁଳାକେ ସଂଘଠିତ ଏହି ତାଣ୍ଡବ ଲୀଳା ଆଖପାଖର ଲୋକଙ୍କୁ ଅବିଳମ୍ବ ସଂକେତ ଦେବାପରେ ଆରମ୍ଭ ହୋଇଥିଲା ଉଦ୍ଧାର କାର୍ଯ୍ୟ । ଦୁର୍ଘଟଣାରେ ତିନି ତିନିଟି ଟ୍ରେନ୍‌ର ଏକତ୍ରୀକରଣ ଏପରି ଦୁର୍ଭାଗ୍ୟଜନକ ପରିସ୍ତିତିକୁ ଆମନ୍ତ୍ରଣ କରିଥିଲା । କେତେ କେତେ ପରିବାରର ଆତ୍ମୀୟ ସ୍ୱଜନ ଅକାଳରେ ଆଖି ବୁଜିଦେଲେ । ଏତେ ସଂଖ୍ୟାରେ ନିରୀହ ଓ ନିର୍ଦ୍ଦୋଷ ଅମୁଲ୍ୟ ଜୀବନର ଅବସାନ ରେଳ ସୁରକ୍ଷା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିବା ସ୍ୱାଭାବିକ । ଅବଶ୍ୟ ଘଟଣା ସ୍ଥଳରେ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ଓଡିଶାରୁ ଦୁଇ କେନ୍ଦ୍ରମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଥା ଓଡିଶା ତଥା ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ପହଂଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟର ମୁଖ୍ୟ ଶାସନ ସଚିବ, ପୁଲିସ ଡିଜିଙ୍କ ଠାରୁ ଆରମ୍ଭ କରି ବାଲେଶ୍ୱର ଜିଲ୍ଲାପାଳଙ୍କ ସମସ୍ତ ଅଧସ୍ତନ ଅଧିକାରୀ ଓ କର୍ମଚାରୀ, ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ରେଳ ମନ୍ତ୍ରୀ ତାଙ୍କ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଉପସ୍ଥିତ ରହି ଯଥାଶୀଘ୍ର ଉଦ୍ଧାର କାର୍ଯ୍ୟ ଶେଷ କରିବାକୁ ସମସ୍ତ ବ୍ୟବସ୍ଥା କରିଥିଲେ ଏବଂ ରେଳ ଚଳାଚଳ ଚାରି ପାଞ୍ଚ ଦିନ ମଧ୍ୟରେ ସ୍ୱାଭାବିକ କରାଇବାକୁ ପୁର୍ଣ୍ଣ ପ୍ରାଣରେ କାର୍ଯ୍ୟ କରି ସଫଳ ହୋଇଥିଲେ । ଉଭୟ କେନ୍ଦ୍ର ଏବଂ ସମ୍ବନ୍ଧିତ ରାଜ୍ୟ ସରକାରମାନେ ମୃତାହତଙ୍କ ନିମନ୍ତେ ଅନୁକମ୍ପା ରାଶି ମଧ୍ୟ ଘାଷଣା କରିଛନ୍ତି । ସରକାରୀ ରିପୋର୍ଟ ଅନୁଯାୟୀ ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଏଯାବତ ମୃତ୍ୟୁ ସଂଖ୍ୟା ୨୮୯ ରେ ପହଁଚିଥିବା ବେଳେ ବିଭିନ୍ନ ହାସପାତାଳରେ ଏକହଜାରରୁ ଉର୍ଦ୍ଧ୍ୱ ଯାତ୍ରୀ ଚିକିତ୍ସିତ ହେଉଛନ୍ତି ।

ତେବେ ଅସଲ କଥା ହେଉଛି ଦୁର୍ଘଟଣା ପଛରେ ରହିଥିବା କାରଣ ଖୋଜିବାକୁ କେନ୍ଦ୍ର ସରକାର ସିବିଆଇକୁ ତଦନ୍ତ ଭାର ଦେଇଛନ୍ତି । ରେଳ ମନ୍ତ୍ରୀଙ୍କ କହିବାକଥା ହେଲା ସେ ଏହା ପଛରେ କୌଣସି ଅପରାଧିକ ଷଡଯନ୍ତ୍ର ଥିବା ସନ୍ଦେହ କରୁଛନ୍ତି । ଏଇଠି ରେଳ ସଂକେତ ବା ରେଳ ସିଗ୍ନାଲ ବ୍ୟବସ୍ଥା କଥା ଆଲୋଚନା ହେବା ଆବଶ୍ୟକ । ପ୍ରଥମତଃ, ଇଲେକ୍ଟ୍ରୋନିକ ଇଣ୍ଟରଲକିଂ ସିଷ୍ଟମ ସ୍ୱନିୟନ୍ତ୍ରିତ । ଏହି ବ୍ୟବସ୍ଥା ଗତାଗତ କରୁଥିବା ଟ୍ରେନର ଅବସ୍ଥିତିକୁ ସୁନିଶ୍ଚିତ କରିଥାଏ । ଏହା ଏତେ ଦୃଢ ଯେ କେହି କ୍ଷତି ନ ପହୁଞ୍ଚାଇଲେ ବ୍ୟବସ୍ଥାର ବିଫଳ ହେବ କଦାପି ସମ୍ଭବ ନୁହେଁ । ଏହି ବ୍ୟବସ୍ଥା ସହିତ ସଂଲଗ୍ନ ତାରକୁ କେହି ଜାଣିଶୁଣି କାଟିଥିଲେ ବା କୌଣସି ପରିବର୍ତ୍ତନ କରାଯାଇଥିଲେ ତାହା ସଠିକ ସଂକେତ ଦେବ ନାହିଁ । ଦ୍ୱିତୀୟରେ, ସିଗ୍ନାଲ ବ୍ୟବସ୍ଥା ସହିତ ସଂଯୁକ୍ତ ପଏଣ୍ଟ ମେସିନକୁ ମଧ୍ୟ ବଦଳା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଇଥିବାର ସନ୍ଦେହ ଘନୀଭୂତ ହୋଇଛି । ତୃତୀୟରେ, ଦୁଇଟି ମୁଖ୍ୟ ବିଷୟ ଉପରେ ସନ୍ଦେହ ଘନୀଭୂତ ହେଉଛି । ଶେଷ ମୁହୂର୍ତ୍ତରେ କରମଣ୍ଡଳ ଏକ୍ସପ୍ରେସ କିପରି ତା ନିର୍ଦ୍ଧାରିତ ଟ୍ରାକ ଛାଡି ଲୁପ ଲାଇନକୁ ବୁଲିଲା ଏବଂ ଲୁପ ଲାଇନ ରେ ପୂର୍ବରୁ ମାଲ ଗାଡ଼ିଟିଏ ଠିଆ ହୋଇଥିବା ସତ୍ତ୍ୱେ ଏହାକୁ ସେହି ଲାଇନରେ ଯିବାକୁ ନିର୍ଦ୍ଦେଶ ପ୍ରଦାନ କରାଗଲା ତାହା ଏବେ ଯାଞ୍ଚର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ । କୌଣସି ଲୁପ ଲାଇନରେ ଗାଡି ଛିଡା ହୋଇଥିଲେ ଲାଲ ସଂକେତ ଦିଆଯାଇଥାଏ । ବାହାନଗା ଠାରେ ଏହାର ବ୍ୟତିକ୍ରମ ସ୍ୱରୂପ ସବୁଜ ବତୀ ଜଳୁଥିଲା ଯାହା ଏପରି ହୃଦୟ ବିଦାରକ ଘଟଣାର କାରଣ ହେଲା । ସାଧାରଣତଃ, ଲୁପ ଲାଇନର ଦୈର୍ଘ୍ୟ ୭୫୦ ମିଟର ଏବଂ ଏଠାରେ ମୁଖ୍ୟତଃ ମାଲ ଗାଡ଼ିଗୁଡ଼ିକୁ ରହିବାକୁ ଅନୁମତି ମିଳିଥାଏ । ଷ୍ଟେସନ ଦାୟିତ୍ୱରେ ଥିବା ଅଧିକାରୀ ଦ୍ରୁତଗାମୀ ରେଳ ଚଳାଚଳ କରୁଥିବା ବେଳେ ଅଧିକ ସାବଧାନତା ସହ ଟ୍ରେନ ର ଚଳାଚଳ କୁ ସେହିଭାବେ ନିୟନ୍ତ୍ରଣ କରିଥାନ୍ତି । ଦୁର୍ଭାଗ୍ୟ ବଶତଃ ସେହି ଦିନ ଏହାର ଚରମ ଅବହେଳା ପରିଲକ୍ଷିତ ହୋଇଥିଲା । ଆଉ ଏକ ଗୁରୁତର ଅଭିଯୋଗ ହେଉଛି, ଏହି ରେଳ ମାର୍ଗରେ 'କବଚ' ବ୍ୟବସ୍ଥା ନ ଥିଲା । ଏହି ବ୍ୟବସ୍ଥାଟି ହେଲା ଅଟୋମେଟିକ ଟ୍ରେନ ପ୍ରୋଟେକ୍ସନ ବା ଏଟିପି । ଦେଶରେ ଟ୍ରେନ ଚଳାଚଳର ସୁରକ୍ଷାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ରିସର୍ଚ୍ଚ ଆଣ୍ଡ ଷ୍ଟାଣ୍ଡାର୍ଡସ ଅର୍ଗାନାଇଜେସନ ନେତୃତ୍ୱରେ ଏଟିପି ବିକଶିତ ହୋଇଥିଲା । କେନ୍ଦ୍ର ସରକାର ତାଙ୍କ ୨୦୨୨ ବାର୍ଷିକ ବଜେଟରେ ଆତ୍ମନିର୍ଭର ଭାରତ ଯୋଜନାରେ ରେଳ ଦୁର୍ଘଟଣାକୁ ଏଡେଇବା ଲକ୍ଷ୍ୟରେ କବଚ ବ୍ୟବସ୍ଥା ଘୋଷଣା କରିଥିଲେ । ସିଗ୍ନାଲ ପାସିଙ୍ଗ ଆଟ ଡେଂଜର (ଏସ ପି ଏ ଡି ) ଭଳି ସମସ୍ୟାକୁ ମୁକାବିଲା କରିବାକୁ ଯାଇ ଏହା ଟ୍ରେନ ଚାଳକ ବା ଲୋକୋ ପାଇଲଟଙ୍କୁ ସତର୍କ ସୂଚନା ଦେବା ସହିତ ଅତ୍ୟଧିକ କୁହୁଡି ଜନିତ ପ୍ରତିକୂଳ ପାଗରେ ରେଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚଳାଚଳକୁ ସ୍ୱାଭାବିକ କରିବା ନିମିତ୍ତ ଉଦିଷ୍ଟ । ଏହାବାଦ, ଯଦି କେବେ ସମାନ ଟ୍ରାକରେ ଦୁଇଟି ଟ୍ରେନ ଗତି କରୁଥାନ୍ତି, କବଚ ବ୍ୟବସ୍ଥା ଟ୍ରେନର ବ୍ରେକକୁ ସ୍ୱୟଂ ଚାଳିତ ଭାବେ ନିୟନ୍ତ୍ରଣ କରି ଆସନ୍ନ ଦୁର୍ଘଟଣାରୁ ବର୍ତ୍ତି ଯାଇପାରିବ । ଏଥିପାଇଁ କୋଟି କୋଟି ଟଙ୍କାର ବ୍ୟୟ ବରାଦ ମଧ୍ୟ ହୋଇଛି । ଏହି ବ୍ୟବସ୍ଥା ଥିଲେ ହୁଏତ ଏପରି ମାର୍ମିକ ଦୁର୍ଘଟଣାରୁ ଟ୍ରେନ ଚାଳକ ଯାତ୍ରୀମାନଙ୍କୁ ବଞ୍ଚାଇ ପାରିଥାନ୍ତେ ବୋଲି ପୂର୍ବତନ ରେଳ ମନ୍ତ୍ରୀଗଣ ଏବଂ କିଛି ରେଳ ସୁରକ୍ଷା ବିଶେଷଜ୍ଞ ମତ ରଖିଛନ୍ତି । ତଦନ୍ତ ସଂସ୍ଥା ଭିନ୍ନ ଭିନ୍ନ ଦିଗରୁ ଯାଞ୍ଚ କରି ରିପୋର୍ଟ ଦେବେ, ଦୋଷୀ କର୍ମଚାରୀ ମାନଙ୍କୁ ଦଣ୍ଡ ବିଧାନ କରାଯିବ ଏବଂ ଏଭଳି ଭୁଲର ପୁନରାବୃତ୍ତି ନ ହେବାକୁ ମାର୍ଗଦର୍ଶିକା ଜାରି ହେବ । ହେଲେ ମୃତାହତଙ୍କ ପରିବାରର ଦୁଃଖ ଲାଘବ ହେବ କି ? ଉଜୁଡ଼ିଥିବା ସଂସାର ଆଉ ହସି ଉଠିବ କି ? ଅନୁକମ୍ପା ରାଶି ପୁଣି ଥରେ ସେହି ଆତ୍ମୀୟ ସ୍ୱଜନଙ୍କୁ ଫେରାଇ ଦେବ କି ?

ଉଙ୍କି ମାରୁଥିବା ଅନେକ ଅସମାହିତ ପ୍ରଶ୍ନର ଉତ୍ତର ନା ପ୍ରଶାସନ ପାଖରେ ଅଛି ନା ଅଛି ରାଜନେତାଙ୍କ ଠାରେ । ଅମୁଲ୍ୟ ଜୀବନ ବଦଳରେ ଅନୁକମ୍ପା ରାଶି ଅଥବା ପରିବାରର ସଦସ୍ୟମାନଙ୍କୁ ଥଇଥାନ ଏକ ସାମୟିକ ସମାଧାନ ।

ତେବେ ଏସବୁ ଅବ୍ୟବସ୍ଥା ମଧ୍ୟରେ ରେଳ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ହେବ । ପୂର୍ବରୁ ଘଟିଥିବା ରେଳ ଦୁର୍ଘଟଣାରେ ଉଚ୍ଚ ସ୍ତରୀୟ ଯାଞ୍ଚ ହୋଇ ମଧ୍ୟ ସେମିତି ଆଖିଦୃଶିଆ ସଫଳତା ମିଳିନାହିଁ । ଏହାର ବାସ୍ତବ କାରଣ ହେଲା ଆବଶ୍ୟକୀୟ ସୁଦୃଢ ଭିତ୍ତିଭୂମିର ଅଭାବ । ସମଗ୍ର ବିଶ୍ୱରେ ୪ର୍ଥ ବୃହତ ବିବେଚିତ ଭାରତୀୟ ରେଳର ସାରା ଭାରତ ବର୍ଷରେ ୬୮,୧୦୩ କି.ମି. ଦୈର୍ଘ୍ୟ ବିଶିଷ୍ଟ ରେଳ ଲାଇନ ରହିଛି । ସେଗୁଡିକର ସମୟ ସମୟରେ ଆବଶ୍ୟକ ପଡୁଥିବା ମରାମତି ଓ ରକ୍ଷଣା ବେକ୍ଷଣ ସୁଚାରୁରୂପେ ହେଉଥିବା ମନେ ହୁଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ । ଘରୋଇ କାରଣ ନାମରେ ଉପରୋକ୍ତ ଦାୟିତ୍ୱ ଅନ୍ୟ ସଂସ୍ଥାକୁ ଦେବା ଯୋଗୁଁ ଅପେକ୍ଷାକୃତ କମ ଅଭିଜ୍ଞ କର୍ମଚାରୀ ଏହି କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଅନ୍ୟ ଭାଷାରେ ରେଳ ବିଭାଗ ଦ୍ୱାରା ତାଲିମପ୍ରାପ୍ତ କୁଶଳୀ ଡକନିକି କର୍ମଚାରୀଙ୍କ ସେବାରୁ ଖୋଦ ରେଳବିଭାଗ ବଂଚିତ ହେଉଛି । ବହୁ ପୁରୁଣା ଟ୍ରାକର ମରାମତି ଏବଂ ଦରକାର ପଡିଲେ ବଦଳ କରିବାର ପ୍ରକ୍ରିୟା ଠିକ ସମୟରେ ହେଉନାହିଁ । ନୂଆ ଏବଂ ଅଧିକ ବେଗ ସମ୍ପନ୍ନ ଟ୍ରେନ ଚଲାଇଦେଲେ ଯେ ରେଳ ଯାତ୍ରାର ମାନ ଉନ୍ନତ ହେବ, ଏହି ଧାରଣା କଦାପି ଗ୍ରହଣୀୟ ନୁହେଁ । ଏବେ ଚଳାଚଳ କରୁଥିବା ସମସ୍ତ ଟ୍ରେନର ରକ୍ଷଣା ବେକ୍ଷଣ ସର୍ବୋପରି ଶୀତତାପ ନିୟନ୍ତ୍ରିତ କୋଚ ଗୁଡିକରେ ସମୟ ସମୟରେ ଘଟୁଥିବା ଅଗ୍ନିକାଣ୍ଡ ସମେତ କିଛି ବଗି ମୁଖ୍ୟ ରେଳ ଠାରୁ ହଠାତ ଅଲଗା ହୋଇଯିବା ଘଟଣା ଲୋକଲୋଚନକୁ ଆସୁଛି ।

ସମୟଥିଲା, ବ୍ୟୟ ବହୁଳ ବିମାନ ଯାତ୍ରାକୁ ଅଗ୍ରାଧିକାର ନଦେଇ ଯାତ୍ରୀମାନେ ରେଳ ଯାତ୍ରାକୁ ପ୍ରାଥମିକତା ଦେଉଥିଲେ ଏବଂ ଏହି ଯାତ୍ରା ସମୟରେ ସେମାନେ ଭାରତ ବର୍ଷର ଭିନ୍ନ ଭିନ୍ନ ସ୍ଥାନର ଦର୍ଶନ କରିବାର ସୁଯୋଗ ପାଉଥିଲେ । ଏହି ଟ୍ରେନ ସଫର ବା ଯାତ୍ରା ଖୁବ ଉପଭୋଗ୍ୟ ଓ ଆନନ୍ଦ ଦାୟକ ହେଉଥିଲା ପରିବାରର ଅନ୍ୟ ସଦସ୍ୟଙ୍କ ସହିତ । ସେତେବେଳେ ଯେ ଦୁର୍ଘଟଣା ହେଉ ନ ଥିଲା ସେ କଥା ନୁହେଁ, ଟ୍ରେନ ସଂଖ୍ୟା କମ ଥିବାରୁ ଦୁର୍ଘଟଣା ସଂଖ୍ୟା ସୀମିତ ଥିଲା । ଆଉ ଏକ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇପାରେ । ଅତୀତରେ ରେଳ ବଜେଟକୁ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରି ରେଳ ମନ୍ତ୍ରୀ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ବିଶେଷତଃ ରକ୍ଷଣାବେକ୍ଷଣ ପ୍ରତି ବିଶେଷ ଦୃଷ୍ଟି ଦେଉଥିଲେ । ଏବେ କିଛି ବର୍ଷ ଧରି ରେଳ ବଜେଟ ଟି କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କୁ ଦ୍ୱାରା ସାଧାରଣ ବଜେଟ ସହିତ ଉପସ୍ଥାପିତ ହୋଇ ସଂସଦରେ ପାରିତ ହେଉଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତେବେ ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ଓ କଂଗ୍ରେସ ସଭାପତି ମାଲିକାର୍ଜୁନ ଖଡ଼ଗେ ସିବିଆଇ ପାଖରେ ଦୁର୍ଘଟଣାର ତଦନ୍ତ କରିବାକୁ ସାଧନ ନାହିଁ ବୋଲି ମତ ଦେଇଥିବା ବେଳେ ଜନୈକ ପୂର୍ବତନ ରେଳ ମନ୍ତ୍ରୀ ଦୀନେଶ ତ୍ରିବେଦୀ ଏହି ଦୁର୍ଘଟଣା ପଛରେ ନିଖୁଣ ଷଡଯନ୍ତ୍ର ହୋଇଛି ବୋଲି ଆଶଙ୍କା ପ୍ରକାଶ କରିଛନ୍ତି । ସେମାନଙ୍କ ମତରେ ଅପରାଧିକ ମାମଲାର ତଦନ୍ତ କରୁଥିବା ସଂସ୍ଥା ରେଳ ଦୁର୍ଘଟଣାର ତଦନ୍ତ କରିବା ସମୀଚିନ ନୁହେଁ । ତା ଛଡ଼ା ପୂର୍ବରୁ ସିବିଆଇ ଓ ଏନଆଇଏ କରିଥିବା ତଦନ୍ତ ଫଳ ଶୂନ ପ୍ରମାଣିତ ହୋଇଛି ।

ଏହିପରି ଅନେକ ତ୍ରୁଟି ବିଚ୍ୟୁତି ମଧ୍ୟରେ ଗତି କରୁଥିବା ଭାରତୀୟ ରେଳ ବିଭାଗକୁ ସମସ୍ତ ସମ୍ବେଦନଶୀଳ ବିଷୟ ଉପରେ ଅଧିକ ତର୍ଜମା କରି ସୁରକ୍ଷାକୁ ଅଗ୍ରାଧିକାର ଦେବାକୁ ହେବ । ତେବେ ଯାଇ ରେଳଯାତ୍ରା ସୁଗମ ହେବା ସଂଗେ ସଂଗେ ଯାତ୍ରୀମାନଙ୍କ ଭିତରେ ଘୁରି ବୁଲୁଥିବା ଭୟର ଅହେତୁକ ଛାୟା ଦୁରେଇ ଯିବ । ସମୟର ଆହ୍ୱାନ : ରେଳ ବିଭାଗ ସହିତ ଜଡିତ ସମସ୍ତେ ପ୍ରତିଶୃତିବଦ୍ଧ ହୋଇ ନିଜ ନିଜର କର୍ତ୍ତବ୍ୟ କରନ୍ତୁ ।

ସଞ୍ଜୀବ କୁମାର ଦାସ, କଟକ - ୭୫୩୦୧୪

ମୋ :୬୩୭୧୬୧୯୦୦୫

sanjibdas1356 @gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଏକମୁଣ୍ଡିଆ ରାବଣ



କିରନ୍ ସ୍ୱାଇଁ

ରାବଣ – ଯାହାକୁ ରାକ୍ଷସମାନଙ୍କ ସମ୍ରାଟ ବୋଲି ଦର୍ଶାଯାଇଛି, ସେ ଦଶଟି ମୁଣ୍ଡ ଓ କୋଡ଼ିଏଟି ହାତର ଅଧିପତି । ଏ ସଂପର୍କରେ ଅନେକାଂଶ ଅବଗତ । ଏଣୁ ସେ ଦଶାନନ, ଦଶମୁଖ, ଦଶଗ୍ରୀବ ପ୍ରଭୃତି ନାମରେ ପ୍ରସିଦ୍ଧ । ରାବଣର ଦଶଟି ମୁଣ୍ଡ ଛଅଟି ଶାସ୍ତ୍ର ଓ ଚାରିଟି ବେଦର ପ୍ରତୀକ – ଯାହା ତାହାକୁ ଏକ ମହାନ୍ ବିଦ୍ୱାନ, ତତ୍କାଳୀନ ସମୟର ସବୁଠୁ ବୁଦ୍ଧିମାନ ବ୍ୟକ୍ତି ବୋଲି ପରିଚିତ କରେ । ପୁନଶ୍ଚ ସେ ପଞ୍ଚଷଠି ପ୍ରକାରର ଜ୍ଞାନ ଓ ଅସ୍ତ୍ରଶସ୍ତ୍ରାଦିର ସମସ୍ତ କଳାର ଅଧିପତି ଥିଲା । ରାବଣକୁ ନେଇ ଅନେକ ପ୍ରକାରର କାହାଣୀ ପ୍ରଚଳିତ । ଗୋଟିଏ ପକ୍ଷେ ରାବଣର ଦଶ ମୁଣ୍ଡକୁ ଜ୍ଞାନ, ବୁଦ୍ଧି, ବିଦ୍ୟା ପ୍ରଭୃତିର ପ୍ରତୀକ ରୂପେ ଧରା ଯାଇଥାଏ ଆଉ ଅପରପକ୍ଷେ ରାବଣର ଦଶଶିରକୁ ନକାରାତ୍ମକତାର ପ୍ରତୀକ ରୂପେ ମଧ୍ୟ ଗ୍ରହଣ କରାଯାଇଛି । କାମ, କ୍ରୋଧ, ଲୋଭ, ମୋହ, ଦ୍ୱେଷ, ଘୃଣା, ପକ୍ଷପାତ, ଅହଙ୍କାର, ବ୍ୟଭିଚାର ଆଉ ବିଶ୍ୱାସଘାତକତା – ଏ ସବୁ ରାବଣର ଦଶମୁଣ୍ଡର ଅର୍ଥ ।

ରାମ ଓ ରାବଣ – ଏ ଦୁଇ ବ୍ୟକ୍ତିତ୍ୱ ଦ୍ୱାରା ସମସ୍ତେ ପରିଚିତ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କୁ ତାଙ୍କ ଗୁଣାବଳୀ ପାଇଁ ସମସ୍ତେ ପୂଜା କରୁ, କାରଣ ସେ ଏଥିର ଯୋଗ୍ୟ । ଅନ୍ୟପଟେ ରାବଣର ଦଶଟି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଣ୍ଡକୁ ଆମେ ଅନେକ ନକାରାତ୍ମକ ଉପମା ଅଳଙ୍କାରାଦିରେ ଭୂଷିତ କରୁ ଓ ଉପଯୁକ୍ତ ତିଥି ବାରରେ ରାବଣ ଦହନ କରୁ; କିନ୍ତୁ କିଏ କେବେ ଭାବିଛନ୍ତି ସାଂପ୍ରତିକ ସମୟରେ ପ୍ରକୃତ ରାବଣ କିଏ ? ଯାହାର ଗୋଟିଏ ମୁଣ୍ଡ ଓ ଦୁଇଟି ହାତ, ଅର୍ଥାତ୍ ମଣିଷ । ତତ୍କାଳୀନ ରାବଣର ଦଶଟି ମୁଣ୍ଡର ଉପାଦାନକୁ ନେଇ ଏକ ନୂତନ ରାବଣ ପ୍ରଜାତି ନିର୍ମିତ ଆଉ ସଂପ୍ରତି ସେମାନ ଏକମୁଣ୍ଡିଆ ରାବଣ ରୂପେ ପରିଚିତ । ମଣିଷର ଗୋଟିଏ ମୁଣ୍ଡରେ କାମ, କ୍ରୋଧ, ଲୋଭ, ମୋହ, ଦ୍ୱେଷ, ହିଂସା ପ୍ରଭୃତି ଅନେକ ଖରାପ ଉପାଦାନ ପ୍ରଚୁର ପରିମାଣରେ ଭରି ରହିଛି । ଆଉ ସେ ଏହାର ପରିଚାଳନା ମଧ୍ୟ ସୁଚାରୁ ରୂପେ କରୁଛି ।

ନିଜସ୍ୱ ପଦ-ପଦବୀ, ଯୋଗ୍ୟତା, କ୍ଷମତା ପ୍ରତି ଅହଙ୍କାର ପୋଷଣ କରି ନାନା ପ୍ରକାର ବ୍ୟଭିଚାର କରେ ମଣିଷ । ନିଜ ପରିବାର, ଧନ ସମ୍ପତ୍ତି ତଥା ଅନ୍ୟର ସମ୍ପତ୍ତି ପ୍ରତି ଲୋଭ ମୋହ, ଅନେକ ପ୍ରକାରର ବିଷୟ ବାସନାରେ ମଣିଷ ଜଡ଼ିତ ହୋଇ ନାନା କୁକର୍ମ କରିବସେ । ବେଳେ ବେଳେ ମଣିଷ ନିଜସ୍ୱ ଆଦର୍ଶ, ଯୋଗ୍ୟତା ପ୍ରତି ମଧ୍ୟ ଏତେ ଅନ୍ଧ ହୋଇଯାଏ ସେ ଅହଙ୍କାର ବଶତଃ ଅନ୍ୟକୁ ହେୟ ମନେ କରେ । କ୍ରୋଧବଶତଃ ନାନା ହିଂସା, ଦ୍ୱେଷ, ଭ୍ରଷ୍ଟାଚାର ଦ୍ୱାରା ସେ ସଂଲଗ୍ନ ହୁଏ । ପରିବାର ମଧ୍ୟରେ ହିଂସା, ମରାମରି, ହତ୍ୟା, ଭାଇ ଭାଇ ମଧ୍ୟରେ କଳହ, ଶତ୍ରୁତା ପ୍ରଭୃତି କୁଆଚରଣ କରିବାରେ ମଣିଷ ଦକ୍ଷ । କାମ, କ୍ରୋଧ, ଲୋଭ, ମୋହ, ମାୟା ପ୍ରଭୃତିର ବିସ୍ତାର ଦ୍ୱାରା ନାନା ଅତ୍ୟାଚାର, ହିଂସା, ହତ୍ୟା, ବଳାତ୍କାର, ଆତଙ୍କବବାଦ ଆଦି କୁକର୍ମ ସଦା ସର୍ବଦା ବିଶ୍ୱରେ ଲାଗି ରହୁଛି । ମଣିଷ ପୃଥିବୀର ମାନବ, ଜୀବଜନ୍ତୁ ସହିତ ପ୍ରକୃତିକୁ ମଧ୍ୟ ଧ୍ୱଂସ କରୁଛି । ଏଭଳି ଅନେକ ଅସଦାଚରଣରେ ମଣିଷ ନିଜ ବୁଦ୍ଧି ବିବେକ ହରାଇ ଲିପ୍ତ ରହୁଛି । ବର୍ତ୍ତମାନ ମଣିଷ ଏତେ ବୁଦ୍ଧି ସମ୍ପନ୍ନ ଯେ, ଗୋଟିଏ ମୁଣ୍ଡରେ ସମଗ୍ର ବିଶ୍ୱକୁ ଧ୍ୱଂସ କରିବାର ଶକ୍ତି ସାମର୍ଥ୍ୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଖିପାରେ । ଅନ୍ୟାର୍ଥରେ ଦଶାନନ ରାବଣର ଦଶଟି ମୁଣ୍ଡ ତୁଳନାରେ ବର୍ତ୍ତମାନ ପରିସ୍ଥିତିରେ ଏକମୁଣ୍ଡିଆ ରାବଣମାନଙ୍କର ଗୋଟିଏ ମୁଣ୍ଡ ବେଶ୍ ଶକ୍ତିଶାଳୀ । ତେଣୁ ପ୍ରାବନ୍ଧିକ ଶରତ କୁମାର ମହାନ୍ତି "ନୂଆ ମଣିଷ" ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି – "ଆକ୍ଷରିକ ଅର୍ଥରେ ମଣିଷ ଆଡ଼ବାଇଆ । କେତେବେଳେ କେଉଁ କଥାରେ ଆଡ଼ବାଇଆଙ୍କ ମୁଣ୍ଡରେ ପିତ୍ତ ଚଢ଼ିଯିବ ଓ ସେମାନେ ହଣାମରା ହୋଇ ସବୁ ଭାଙ୍ଗିରୁଜି ଲଙ୍କାକାଣ୍ଡ ଘଟାଇବେ, ତା'ର ଠିକଣା ନାହିଁ । କ୍ରୋଧ, ଖିଆଲ ଓ ଲଙ୍କାକାଣ୍ଡ ସମୁଦାୟ ମାନବ ଇତିହାସରେ ମୁଖ୍ୟ ରଙ୍ଗ ।"

ଅତି କଠୋର ସାଧନା ବଳରେ ପ୍ରାଚୀନ କାଳରେ ଅନେକ ମୁନି ଋଷି ନିଜସ୍ୱ ପ୍ରବୃତ୍ତିକୁ ନିୟନ୍ତ୍ରଣ ରଖିବାର ଶକ୍ତି ରଖୁଥିଲେ । ଫଳରେ ସେମାନେ ନିଜର ଅନ୍ତର୍ଦୃଷ୍ଟିକୁ ବେଶ୍ ତୀକ୍ଷ୍ଣ କରିପାରୁଥିଲେ, ତପସ୍ୱୀ, ଯୋଗୀ ହୋଇ ପାରୁଥିଲେ । ବୁଦ୍ଧ ମଧ୍ୟ ସମଗ୍ର ପ୍ରବୃତ୍ତିଠାରୁ ନିବୃତ୍ତ ହୋଇ ନୂତନ ଜ୍ଞାନ ଲାଭ କରିଥିଲେ ଓ ଜୀବନ ତଥା ଜଗତ ପ୍ରତି ଏକ ସକାରାତ୍ମକ ଦୃଷ୍ଟିକୋଣ ପ୍ରଦାନ କରିଥିଲେ; କିନ୍ତୁ ସଂପ୍ରତି ମଣିଷ ପାଖରେ ସେହି ବିଷୟ ବାସନା ହିଁ ସର୍ବୋତ୍ତମ ସୁଖ ରୂପେ ପରିବର୍ତ୍ତନ ହୋଇଯାଇଛି । ବୁଦ୍ଧ, ଗାନ୍ଧୀ ଆଦି ମନିଷୀଙ୍କ ବିଚାର, ଦର୍ଶନ, ଚିନ୍ତନ ପ୍ରତି ମଧ୍ୟ ମଣିଷ ବର୍ତ୍ତମାନ ଆଙ୍ଗୁଠି ଉଠାଇବାକୁ ତିଳେ ମାତ୍ର ପଛଘୁଞ୍ଚା ଦେଉ ନାହିଁ । ସତ୍ ଦର୍ଶନ ପ୍ରତି ସର୍ବଦା ପ୍ରଶ୍ନ, ଚର୍ଚ୍ଚା, ବିଚାର, ଆଲୋଚନା ଚଲାଇ ଚାଲିଛି । ବ୍ୟକ୍ତିବାଦକୁ ସେ ଯେତେ ପ୍ରତିଷ୍ଠିତ କଲେ ମଧ୍ୟ ମଣିଷ ନିଜସ୍ୱ ମନକୁ ନିୟନ୍ତ୍ରଣ ସଂଯତ ରଖିବାରେ ଅସମର୍ଥ । ଯାହା ଫଳରେ ସମସ୍ତେ ବିନାଶ ପଥରେ ଅଗ୍ରସର ହୋଇ ଚାଲିଛନ୍ତି । ବାହ୍ୟ ପ୍ରକୃତି ସହିତ ଅନ୍ତଃ ପ୍ରକୃତିର ସଠିକ୍ ଓ ସତ୍ ସମନ୍ୱୟ ଘଟିଲେ ମଣିଷ ବଞ୍ଚିବା ସମ୍ଭବ ହେବ । ସମସ୍ତ କୁଆଚରଣର ପରିଣାମ ମଣିଷକୁ ହିଁ ଭୋଗିବାକୁ ପଡ଼ିବ । ଆଧୁନିକ, ଅତ୍ୟାଧୁନିକ ହୋଇ ସର୍ବଦା ସମୟ ସାଥିରେ ଚାଲିବାରେ କୌଣସି ଅସୁବିଧା ତଥା କ୍ଷତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ । କେବଳ ସମସ୍ତ କୁପ୍ରବୃତ୍ତି ଓ ପ୍ରକୃତିର ବିନାଶରେ ମଣିଷର ବିକାଶ ସମ୍ଭବପର । ତେଣୁ ଏହି ଏକମୁଣ୍ଡିଆ ରାବଣ ରୂପୀ ଇଛାର ଦହନ ହେଲେ ପ୍ରକୃତ ରୂପେ ସେ ଦଶମୁଣ୍ଡିଆ ରାବଣର ଦହନ ହେବ । ପୃଥିବୀରେ ଶାନ୍ତି ରୂପକ ବୃକ୍ଷ ପଲ୍ଲବିତ ହେବ ।

ରାମଙ୍କୁ ମଣିଷର ଦେବତା ବା ସୁପ୍ରବୃତ୍ତି ଓ ରାବଣକୁ ମଣିଷର ରାକ୍ଷସୀୟ କୁପ୍ରବୃତ୍ତିର ପ୍ରତୀକ ଭାବରେ ଗ୍ରହଣ କରାଯାଇପାରେ । ସବୁ ମଣିଷ ମଧ୍ୟରେ ରାମ ଓ ରାବଣ ଅବସ୍ଥିତ; ମଣିଷ କାହାର ଭୂମିକା ନିର୍ବାହ କରିବ ଏହା ତା'ର ନିଜସ୍ୱ ଉପରେ ନିର୍ଭର କରେ । ମଣିଷ ପୃଥିବୀ ପୃଷ୍ଠରେ ଶାନ୍ତିର ବୃକ୍ଷ ରୋପଣ କରିବ ନା ପୃଥିବୀକୁ ଧ୍ୱଂସମୁଖର କରିବ ଏହା କେବଳ ମଣିଷ ଉପରେ ନିର୍ଭରଶୀଳ । ନିଜର ବୁଦ୍ଧି, ବିଚାର, ବିବେକକୁ ସତ୍ ପଥରେ ଅନୁସରଣ କରାଇ ପାରିଲେ ମଣିଷ ସେହି ଏକମୁଣ୍ଡିଆ ରାବଣ ରୂପୀ ମନକୁ ନିୟନ୍ତ୍ରଣ କରିପାରିବ । ରାବଣ ମଧ୍ୟ ଏହି ସମସ୍ତ କ୍ରିୟା କଳାପ ଓ ନକାରାତ୍ମକ ଭାବନା ଦ୍ୱାରା ଗ୍ରସ୍ତ ଥିଲା ଓ ଏହି କାରଣରୁ ସେ ଯେତେ ଜ୍ଞାନ ଓ ଶ୍ରୀସମ୍ପନ୍ନ ହେବା ସତ୍ତ୍ୱେ ତା'ର ବିନାଶ ଘଟିଲା । ଅନ୍ତତଃ ଏହା କହିବା ଭୁଲ୍ ହେବନାହିଁ ଯେ ଯଦି ନିଜ ପାଖରେ ଆବଶ୍ୟକତାଠାରୁ ଅଧିକ ଯାହାକିଛି ଥାଉ ନା କାହିଁକି – ଏ ସବୁ ମୂଲ୍ୟହୀନ, ଏହାର କୌଣସି ଉଦ୍ଦେଶ୍ୟ ନାହିଁ । ମଣିଷର ସ୍ୱଭାବଗତ ପରିବର୍ତ୍ତନ ନ ଘଟିଲେ କୌଣସିମତେ ତା'ର ଆଉ ରକ୍ଷା ନାହିଁ । ଅର୍ଥାତ୍ ମନରେ ସର୍ବଦା ଦଶମୁଣ୍ଡିଆ ରାବଣ ସଦୃଶ ଇଛା ଥିଲେ ଏହି ଏକମୁଣ୍ଡିଆ ରାବଣ ନିଶ୍ଚୟ ବିନାଶ ଆଡ଼କୁ ଅଗ୍ରସର ହେବ ।

ବହିଆପଦର, ବରପାଲି, ଜିଲ୍ଲା - ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀ



ମୋନାଲିସା
ପାଣିଗ୍ରାହୀ

ନାରୀ ! ନାରୀ କ'ଣ ସତରେ ଅବଳା ଦୁର୍ବଳା ନାରୀ କଣ ସତରେ ନିଜ ସୁରକ୍ଷା ପାଇଁ ପୁରୁଷ ଉପରେ ନିର୍ଭର କରେ ? ନାରୀ ପାଇଁ ନର ର ଜନ୍ମ ତାହେଲେ ନାରୀ କାହିଁକି ପୁରୁଷର ଉପରେ ନିର୍ଭର କରିବ । ଆଜିର ନାରୀ ଅବଳା ନୁହେଁ କି ଦୁର୍ବଳା ନୁହେଁ । ଆଜିର ନାରୀ ନିଜ ପରିବାର ଚଳାଇବା ସହ ନିଜ ଦେଶ, ମାଟି ମାଁର ବି ଯତ୍ନ ନେଇ ପାରୁଛି । ନାରୀଟିଏ ଜହ୍ନ ରାଇଜକୁ ଯାଇ ପାରୁଛି ତ କେତେ ବେଳେ ନିଜ ସନ୍ତାନକୁ ସେହି ଜହ୍ନ ମାମୁଁର କାହାଣୀ କହି ଶୁଆଇ ଦିଏ । ନାରୀ ଜଣେ ଜନନୀ ହୋଇ ପାରେ, ତାହେଲେ ନିଜର ସୁରକ୍ଷା ପାଇଁ ସେ କାଳୀ ମଧ୍ୟ ହୋଇ ପାରେ ତାହେଲେ ନାରୀ ଦୁର୍ବଳ କାହିଁକି । ଏ ସମାଜ କାହିଁକି ନାରୀକୁ ଖୋଲା ଆକାଶରେ ଉଡ଼ିବାକୁ ଦଉନି ସବୁ ବେଳେ ତାକୁ ଗୋଟିଏ ପଞ୍ଜୁରୀରେ ବାନ୍ଧି ରଖିବାକୁ ଚାହୁଁଛି । କେତେ ବେଳେ ବିବାହ ବନ୍ଧନରେ ତ ଆଉ କେତେବେଳେ ସମାଜର ଡରରେ ନାରୀ କଣ କେବେ ମୁକ୍ତ ଆକାଶରେ ଉଡିପାରିବ ନାହିଁ । ଜଣେ ଚାକିରୀ କରୁଥିବା ନାରୀକୁ କାହିଁକି ପସନ୍ଦ କରୁନାହାଁନ୍ତି । ଯଦି ନାରୀଟିଏ ବିବାହ ପରେ ବିବାହର ପ୍ରତୀକ ରୂପେ ଶଙ୍ଖା ସିନ୍ଦୂର ପିନ୍ଧି ପାରୁଛି, ତା'ହେଲେ ପୁରୁଷଟିଏ ପାଖରେ କାହିଁକି ବିବାହର ପ୍ରତୀକ ନାହିଁ । ନାରୀଟିଏ ଅନ୍ୟର ଖୁସି ପାଇଁ ନିଜର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ ଆଶା ସବୁ ଆକାଂକ୍ଷାକୁ ବଳି ଦେଇ ଦଉଛି । ନିଜର ସବୁ ସ୍ୱପ୍ନକୁ ଜଳାଞ୍ଜଳି ଦେଇ ଦେଉଛି । ତାହେଲେ ସେ ନାରୀ ଦୁର୍ବଳ ନୁହେଁ । ଜଣେ ନାରୀକୁ ସାଥୀଟିଏ ଦରକାର ପଡେ କିନ୍ତୁ ନିଜର ସୁରକ୍ଷା ପାଇଁ ନୁହେଁ ନିଜର ସୁଖଦୁଃଖ ଜଣାଇବା ପାଇଁ ସେ ସାଥୀ କିନ୍ତୁ ଅନଳ ପରି ନୁହେଁ ଅନୀଳ ପରି ହେବା ଦରକାର । କାରଣ ଅନୀଳ ଯେପରି ମନ ପ୍ରାଣକୁ ପୁଲକିତ କରିଦିଏ ସେହିପରି ସାଥୀଟିଏ ନାରୀ ମନପ୍ରାଣକୁ ପୁଲକିତ କରିବା କଥା । ନାରୀ କାହାର ଜାୟା ତ କାହାର ଭଗିନୀ ତ ପୁଣି କାହାର ଜନନୀ ହୋଇ ପରେ ତାହେଲେ ନାରୀ ଦୁର୍ବଳ ନୁହେଁ ସେ ହେଇଛି ଜଣେ ଶାନ୍ତିମୟୀ, ପ୍ରେମମୟୀ, ଆନନ୍ଦଦାୟିନୀ ନାରୀ ଅଟେ । ପୁଣି କେତେବେଳେ ଦରକାର ପଡିଲେ ସେ ସାଜେ କାଳୀ ତ କେବେ ମହିଷାମର୍ଦ୍ଦିନୀ ସାଜିପାରେ ତାହେଲେ ନାରୀ ଦୁର୍ବଳ ନୁହେଁ ସେ ସବଳା । ନାରୀ ଓ ପୁରୁଷ ଏ ସମାଜରେ ସମାନ ଅଧିକାର ପାଇବା ଆବଶ୍ୟକ ଯଦି ନାରୀ ଓ ପୁରୁଷ ସମକକ୍ଷ ହୋଇ ଚାଲିଲେ । କୌଣସି ଲୋକ କାହାକୁ ବଡ଼ ଓ କାହାକୁ ଛୋଟ ନକଲେ ସମାଜରୁ ଅଧାରୁ ଅଧିକ ସମସ୍ୟା ଆଉ ରହିବ ନାହିଁ । ଆମ ସମାଜରେ ନାରୀ ଓ ପୁରୁଷ ଦୁହେଁ ସମାନ । ନାରୀ ବିନା ନର ଅଧା ଓ ନର ବିନା ନାରୀ ଅଧା । ନାରୀ ଓ ନର ଦୁହେଁ ସମାନ ।

ନାମ -ମୋନାଲିସା ପାଣିଗ୍ରାହୀ ଠିକଣା _ ନନ୍ଦପଡ଼ା, ସମ୍ବଲପୁର ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସବୁଜ ରକ୍ଷକ "ସାଇପ୍ରସାଦ"



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

କମୁଛି ଜଙ୍ଗଲ, ବଢୁଛି କଂକ୍ରିଟ୍ ଜଙ୍ଗଲ ପରିସୀମା । ଆଧୁନିକୀକରଣ ନାଁରେ ପ୍ରତିଦିନ ଶହ ଶହ ଗଛ କଟୁଛି । ତଥାପି ଛାଇ ଟିକକ ପାଇବା ପାଇଁ ମଣିଷ ଖୋଜୁଛି ଗଛ । ଦୁର୍ଲଭ ହେଲାଣି ମୂଲ୍ୟବାନ ଗଛ । ତଥାପି ନିଆଯାଉଛି ଜଙ୍ଗଲ ଓ ବୃକ୍ଷରୋପଣ ପାଇଁ ସୁରକ୍ଷାର ଶପଥ । ଏ ଭଳି ବିଷମ ପରିସ୍ଥିତିରେ ସମାଜରେ ଏମିତି କିଛି ମଣିଷ ଅଛନ୍ତି ଯେଉଁମାନଙ୍କ ପାଇଁ ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷା ସାଜିଛି ପରମ କର୍ତ୍ତବ୍ୟ । କୌଣସି ପ୍ରଶଂସା କି ସରକାରୀ ସହାୟତା ନୁହେଁ, କେବଳ ମାନବିକତାର ପରିଚୟ ଦେବା ପାଇଁ ସେମାନେ ସାଜିଛନ୍ତି ଭିନ୍ନ ଜଣେ ସବୁଜ ରକ୍ଷକ । ପରିବେଶ ସୁରକ୍ଷା ପାଇଁ ଆଗେଇ ଚାଲିଛନ୍ତି । ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷା, ଗ୍ରାମାଞ୍ଚଳରେ ସବୁଜ ବଳୟ ସୃଷ୍ଟି କରିବା ସହିତ ଦୁର୍ଲଭ ପ୍ରଜାତିର ଔଷଧୀୟ ଗଛ ଏବଂ ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ପାଇଁ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ପରିବେଶ ପ୍ରେମୀ । ସମାଜସେବା କରିବା ସହ ଏକ ସବୁଜ ସୁନ୍ଦର ପରିବେଶ ଗଢି ତୋଳିବାକୁ ପ୍ରତିଜ୍ଞାବଦ୍ଧ ପ୍ରକୃତି ବନ୍ଧୁ



Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାଇପ୍ରସାଦ । ଜଣେ ପ୍ରକୃତି ପ୍ରେମୀ ଭାବରେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ । ବୃକ୍ଷରୋପଣ ଓ ଲୋକମାନଙ୍କୁ ପରିବେଶ ସମ୍ପର୍କିତ ସଚେତନ କରାଇବା ତାଙ୍କର ନିତିଦିନିଆ କାମ । ଛୋଟ ବେଳୁ ସେ ଗଛ ଲଗାଉଛନ୍ତି । ତାଙ୍କ ଉଦ୍ୟମରେ ଅନେକ ବିଦ୍ୟାଳୟ, ମଠ, ଆଶ୍ରମ ପରିସରରେ ଏବଂ ବନ୍ଧ ହିଡ ମାନଙ୍କରେ ଅନେକ ବୃକ୍ଷ ଲଗାଇଛନ୍ତି । ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଅନ୍ତର୍ଗତ ସିନ୍ଧେକେଲା ଗ୍ରାମରେ ସାଇପ୍ରସାଦ ବାସ କରନ୍ତି । ବୟସ ୨୫ ବର୍ଷ । ତାଙ୍କ କହିବା ଅନୁସାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ବାଣିଜ୍ୟ ପାଠ୍ୟକ୍ରମରେ ସ୍ନାତକୋତ୍ତର ଅଧ୍ୟୟନ କରିବା ପରେ ବର୍ତ୍ତମାନ ନିଜ ଗାଁରେ କୃଷି କାର୍ଯ୍ୟ ଓ ବ୍ୟବସାୟ କରନ୍ତି । ଏହା ବ୍ୟତୀତ ବୃକ୍ଷରୋପଣ , ପରିବେଶ ସୁରକ୍ଷା, ପରିବେଶ ସମ୍ପର୍କିତ ଜନ ସଚେତନତା ବାର୍ତ୍ତା, ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ, ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ଜୀବଜନ୍ତୁ ମାନଙ୍କ ଶୋଷ ମେଣ୍ଟାଇବା ପାଇଁ ପାଣି ବ୍ୟବସ୍ଥା ତାଙ୍କର ନିଶା ଅଟେ । ବିଦ୍ୟାଳୟରେ ଅଧ୍ୟୟନ କରିବା ସମୟରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଆସୁଛନ୍ତି । ସରସ୍ୱତୀ ଶିଶୁ ମନ୍ଦିର ପାଠ ପଢୁଥିବା ସମୟରେ ସ୍କୁଲ ପରିସରରେ ବୃକ୍ଷରୋପଣ କରି ପ୍ରଶାନ୍ତି ବଗିଚା ନାମକ ଏକ ସୁନ୍ଦର ବଗିଚାଟିଏ ସୃଷ୍ଟି କରିଥିଲେ । ନିଜ ଗାଁର ଆଖପାଖ ଅଞ୍ଚଳରେ ଥିବା ବିଦ୍ୟାଳୟ, ମଠ, ଆଶ୍ରମ ପରିସରରେ ଅନେକ ପ୍ରକାରର ଫଳଗଛ ଓ ଔଷଧିୟ ବୃକ୍ଷ ଲଗାଇଛନ୍ତି । ଏମିତିକି ରାସ୍ତାକଡ଼ରେ, ବାଡି, ବଗିଚା, ହିଡ ମାନଙ୍କରେ ଏବଂ ଛକ ମାନଙ୍କରେ ବୃକ୍ଷ ରୋପଣ କରିଛନ୍ତି । ପ୍ରକାଶ ଯେ; କାର୍ଯ୍ୟରୁ ବିରତି ପାଇବା ପରେ ବିଭିନ୍ନ ଗାଁ ଗାଁ ବୁଲି ପରିବେଶ ସୁରକ୍ଷା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥାନ୍ତି । ତାଙ୍କର ସଚେତନତା ବାର୍ତ୍ତା ଋତୁ ଅନୁସାରେ ରହିଥାଏ । ଯେଭଳି ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ନିଆଁ ନ ଲଗାଇବା, ବର୍ଷା ଋତୁ ଆରମ୍ଭ ପୂର୍ବରୁ ଜଙ୍ଗଲରେ ବିଭିନ୍ନ ଫଳ ମଞ୍ଜି ଲଗେଇବାକୁ କହିଥାନ୍ତି । ବନ ବିଭାଗ କିମ୍ବା ଅନ୍ୟ କୌଣସି ସଙ୍ଗଠନ ଦ୍ୱାରା ଲଗାଯାଇଥିବା ଗଛ ଗୁଡିକୁ ରକ୍ଷଣାବେକ୍ଷଣା ଅଭାବରୁ ପଡ଼ିଯାଇଥିବାର ଦେଖିବାକୁ ପାଇଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେହି ଗଛ ଗୁଡିକୁ କିପରି ବଞ୍ଚାଯାଇପାରିବ ସେ ଦିଗରେ ସାଇପ୍ରସାଦ ଆଗେଇ ଆସନ୍ତି । ପ୍ରତିବର୍ଷ ସାଇପ୍ରସାଦ ୫୦୦ରୁ ଉର୍ଦ୍ଧ୍ଵବୃକ୍ଷ ବିଭିନ୍ନ ସ୍ଥାନରେ ଲଗାଉଛନ୍ତି । ତେବେ ଏହି କାମ ପାଇଁ ସେ କାହାରି ଠାରୁ କିଛି କୌଣସି ପାରିଶ୍ରମିକ ନିଅନ୍ତି ନାହିଁ । ଆତ୍ମସନ୍ତୋଷ ପାଇଁ ଏହି ବୃକ୍ଷରୋପଣ କାର୍ଯ୍ୟ କରୁଥିବାର କହିଛନ୍ତି । ବର୍ଷା ଦିନରେ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ଲୋକମାନଙ୍କୁ ପ୍ରେରଣା ଯୋଗାଉଛନ୍ତି ।

ଖାଲିସ୍ଥାନ ମାନଙ୍କରେ ବୃକ୍ଷରୋପଣ, ପରିବେଶ ସଚେତନତା ବାର୍ତ୍ତା, ପାହାଡିଆ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ଜଙ୍ଗଲ ସମ୍ପର୍କିତ ସଚେତନତା, ରକ୍ତଦାନ ଶିବିର ଓ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ବନ୍ୟ ଜୀବଜନ୍ତୁମାନଙ୍କୁ ପାଣି ଦେବା ଆଉ ଏକ ନିଦର୍ଶନ । ତାଙ୍କ ମହତ ଲେଖନୀରୁ ଝରିପଡେ ପରିବେଶ ସୁରକ୍ଷା, ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ ସମ୍ପର୍କିତ ଅନେକ ପ୍ରବନ୍ଧ, ସମ୍ପାଦକୀୟ, ଗଳ୍ପ ଓ କବିତା ରଚନା କରିଛନ୍ତି ଯାହା ପାଠକୀୟ ମାନଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିଛି ଓ ଯୁବପିଢି ମାନଙ୍କ ପାଇଁ ସୃଷ୍ଟି କରିଛି ଅନେକ ପ୍ରେରଣା । ବର୍ତ୍ତମାନ ପର୍ଯ୍ୟନ୍ତ ପରିବେଶ ସମ୍ପର୍କିତ ପାଞ୍ଚଟି ସମ୍ପାଦକୀୟ, ଆଠଟି ଗଳ୍ପ ଓ ୨୫ ଟି କବିତା ରଚନା କରିଛନ୍ତି । ଏଥି ସହ ବର୍ଜ୍ୟବସ୍ତୁ ପରିଚାଳନା, ପ୍ଲାଷ୍ଟିକ୍ ସମସ୍ୟା, ଜୈବ ବିବିଧତା ଓ ମୃତ୍ତିକା ସଂରକ୍ଷଣ କରିବା ଦିଗରେ ଅନେକ ପରିବେଶ ସଚେତନତା ପ୍ରବନ୍ଧ ମଧ୍ୟ ରଚନା କରିଛନ୍ତି । ବର୍ତ୍ତମାନ ଯୁଗରେ ପରିବେଶ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମଧ୍ୟ କୌଣସି ଫଳାଫଳ ମିଳିପାରୁ ନାହିଁ । ସାଇପ୍ରସାଦଙ୍କ ଭଳି ପ୍ରକୃତି ବନ୍ଧୁ ତଥା ପରିବେଶ ପ୍ରେମୀଙ୍କ ପାଇଁ ପରିବେଶ ସୁରକ୍ଷିତ ରହି ପାରୁଛି । ବୃକ୍ଷରୋପଣ ପାଇଁ କାହାରି ପାଖରେ ସମୟ ନାହିଁ । ଜଣେ ସବୁଜ ରକ୍ଷକ ଭାବରେ ସାଇପ୍ରସାଦ ଅନ୍ୟମାନଙ୍କ ପାଇଁ ସ୍ଥାନୀୟ ଅଞ୍ଚଳରେ ଉଦାହରଣ ପାଲଟିଛନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅଗଷ୍ଟ ୨୦୨୩

ଲେଖା ପଠାଇବାର ଶେଷ ତାରିଖ : ୩ ଅଗଷ୍ଟ ୨୦୨୩

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


# aahwaan@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan